# ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ରବିବାର, ଜୁନ୍ ୩୦/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 30/2024 | Page 16 | ₹ 7.00 | SAMBALPUR
୫୦ଶ ଭାଗ ୨୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 216 | ମୂଲ୍ୟ ₹୭/-





**ଭିନିସିୟସଙ୍କ ଡବଲ ଗୋଲ୍**
ଭିନିସିୟସ ଜୁନିୟରଙ୍କ ଡବଲ ଗୋଲରେ କୋପା ଆମେରିକା ୨୦୨୪ରେ ବ୍ରାଜିଲ ଏହାର ପ୍ରଥମ ବିଜୟ ହାସଲ କରିଛି। **୧୬**

**୦୫** **'କଲ୍କୀ ୨୮୯୮ ଏଡି' ଫିଲ୍ମକୁ ରଜନୀକାନ୍ତଙ୍କ ପ୍ରଶଂସା**
ଗତ ୨୭ ତାରିଖରେ ରିଲିଜ୍ ହୋଇଥିବା 'କଲ୍କୀ ୨୮୯୮ ଏଡି' ଚଳଚ୍ଚିତ୍ରକୁ ସାଉଥ ସୁପରଷ୍ଟାର ରଜନୀକାନ୍ତ ପ୍ରଶଂସା କରିଛନ୍ତି।




# ଭାରତ ଜିତିଲା ଟି୨୦ ବିଶ୍ୱକପ୍



ବିଜୟ ପରେ ଖୁସି ମନାଉଛନ୍ତି ଭାରତୀୟ ଦଳ।

- ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇଲା
- ବିରାଟ କୋହଲି ପ୍ଲେୟର ଅଫ୍ ଦି ମ୍ୟାଚ୍
- ଯଶ୍‌ପ୍ରୀତ୍ ବୁମ୍‌ରା ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ

**ବାର୍ବାଡୋସ, ୨୯।୬**

ଠିକ୍ ସମୟରେ କୋହଲି ଖେଳିଲେ ବିରାଟ ଇନିଂସ। ପରେ ବୋଲରମାନେ ଡେଥ୍ ଓଭରରେ ଦେଖାଇଲେ ଚମତ୍କାରିତା। ବାସ୍, ଏହାପରେ ଯାହା ଘଟିଲା ତାହା ହୋଇଗଲା ଇତିହାସ। ଭାରତ ପିନ୍ଧିଲା ବିଶ୍ୱକପ ବିଜୟ ମୁକୁଟ। ଶନିବାର ଅନୁଷ୍ଠିତ ଟି୨୦ କ୍ରିକେଟ କପ୍‌ର ରୋମାଞ୍ଚକାରୀ ମେଗା ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଚାମ୍ପିୟନ ହେଲା। ୨୦୦୭ ପରେ ଭାରତ ଦ୍ୱିତୀୟ ଥରପାଇଁ ହାସଲକଲା ଟି୨୦ ବିଶ୍ୱକପ୍ ଟ୍ରଫି। ଟୁର୍ନାମେଣ୍ଟରେ ଭାରତ ରହିଲା ଅପରାଜେୟ। ଏଥିସହ ୨୦୧୩ ପରଠାରୁ ଆଇସିସି ଟ୍ରଫି ଜିତିବାର ଶୂନ୍ୟତାକୁ ପୂରଣ କରିଛି ରୋହିତ ଶର୍ମାଙ୍କ ଦଳ। ୧୧ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଲା। ସ୍ମରଣୀୟ ଇନିଂସ ପାଇଁ କୋହଲି ପାଇଲେ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର। ପୂରା ଟୁର୍ନାମେଣ୍ଟରେ ଚମତ୍କାର ବୋଲିଂ କରିଥିବା ଯଶ୍‌ପ୍ରୀତ୍ ବୁମ୍‌ରା ହୋଇଥିଲେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ। ଅନ୍ତିମ ଓଭର ବୋଲିଂ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ☞ପୃଷ୍ଠା-୧୫

# ଆରମ୍ଭ କଲେ ନୀତୀଶ

**ନୂଆଦିଲ୍ଲୀ, ୨୯।୬**

ପୂର୍ବରୁ ୨ ଥର ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି କେନ୍ଦ୍ରରେ ସରକାର ଗଢ଼ିଥିବା ଭାଜପା ଏଥର ଲୋକ ସଭାରେ ମାତ୍ର ୨୪୦ ଆସନରେ ସୀମିତ ରହିଯାଇଛି। ଓଡ଼ିଶାରୁ ୨୦ ଭାଜପା ଏମ୍‌ପି ନିର୍ବାଚିତ ହୋଇଥିଲେ ମଧ୍ୟ ଦଳ ନିଜ ଦମ୍‌ରେ ସରକାର ଗଠନ ପାଇଁ ସମର୍ଥ ହୋଇପାରିନାହିଁ। ଫଳରେ ଭାଜପାକୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି(ଟିଡିପି)ର ୧୬, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ୧୨ ଏବଂ ଅନ୍ୟ ଛୋଟ ଦଳଗୁଡ଼ିକର ଏମ୍‌ପିଙ୍କ ଉପରେ ନିର୍ଭର କରିବାକୁ ପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ମେଣ୍ଟ ସରକାର ଗଠନ ହେବାପରେ ଚନ୍ଦ୍ରବାବୁ ଏବଂ



ନୂଆଦିଲ୍ଲୀରେ ଶନିବାର ଜେଡିୟୁ ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଦଳର ଅଧ୍ୟକ୍ଷ ନୀତୀଶ କୁମାର (ମଝି)ଙ୍କ ସହ ନେତା ରାଜୀବ ରଞ୍ଜନ ସିଂ ଏବଂ କେ.ସି. ତ୍ୟାଗୀ।

ନୀତୀଶ ଲୋକ ସଭା ବାଚସ୍ପତି ପଦରେ ନିଜ ଦଳର ଜଣଙ୍କୁ ଅବସ୍ଥାପିତ କରିବା ପାଇଁ ଆଶା ବାନ୍ଧିଥିଲେ। କିନ୍ତୁ ଭାଜପା ନିଜ ଏମ୍‌ପି ଓମ୍ ବିର୍ଲାଙ୍କୁ ୨ଥର ପାଇଁ ବାଚସ୍ପତି କରିବା ପରେ ଉପବାଚସ୍ପତି ପଦ ଉପରେ ଟିଡିପି ଏବଂ ଜେଡିୟୁର ନଜର ରହିଥିଲା। ମାତ୍ର ସେହି ଆଶା ମଧ୍ୟ ମଉଳିଯାଉଥିବାରୁ ଚନ୍ଦ୍ରବାବୁ ଏବଂ ନୀତୀଶଙ୍କ ମନରେ ଅସନ୍ତୋଷ କୁହୁଳୁଥିବା ଚର୍ଚ୍ଚା ହେଉଛି। ଏଭଳିସ୍ଥଳେ ଦୁଇ ସହଯୋଗୀ ଦଳ ବିଦ୍ରୋହୀ ସାଜି ମୋଦିଙ୍କୁ ଅଡୁଆରେ ପକାଇବା ଆଶଙ୍କା ଉପୁଜିଲାଣି। ଏହି ଧାରାରେ ନୀତୀଶ ଶନିବାର ବିହାରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି କରି ତାଙ୍କ ଖେଳ ଆରମ୍ଭ କରିଦେଇଛନ୍ତି। କେବଳ ସେତିକି ନୁହେଁ, ନୀତୀଶଙ୍କ ଦଳ ଏନ୍‌ଇଇଟି ପ୍ରସଙ୍ଗ ମଧ୍ୟ ଉଠାଇଛି। ପ୍ରଶ୍ନପତ୍ର ପ୍ରଘଟ ଏବଂ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଅଧିକାରୀଙ୍କ ଦୁର୍ନୀତି ପ୍ରତିବାଦରେ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ବିରୋଧୀ ଦଳଗୁଡ଼ିକ ଏହାକୁ ବଡ଼ ପ୍ରସଙ୍ଗ କରି ମୋଦିଙ୍କୁ ଘେରୁଛନ୍ତି। ସହଯୋଗୀ ଜେଡିୟୁ ମଧ୍ୟ ବିରୋଧୀଙ୍କ ସହ ସ୍ୱର ମିଳାଇ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିଛି। ନୀତିଶଙ୍କ ଏଭଳି ଆଭିମୁଖ୍ୟକୁ ଅନେକେ ସରକାର ପତନର ମୂଳଦୁଆ ବୋଲି କହିଲେଣି।

ନୂଆଦିଲ୍ଲୀରେ ଶନିବାର ଆୟୋଜିତ ଜେଡିୟୁର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି ନେଇ ପ୍ରସ୍ତାବ ଗୃହୀତ ହୋଇଛି। ଅର୍ଥନୀତି ☞ପୃଷ୍ଠା-୪

# ଧାନମଣ୍ଡିରେ ଲାଗିବ ସିସିଟିଭି

## ଦେଖିବ କିଏ

**ଭୁବନେଶ୍ୱର, ୨୯।୬ (ଅନିଲ ଦାସ)**

ରାଜ୍ୟର ସମସ୍ତ ଧାନମଣ୍ଡିରେ ସିସିଟିଭି(କ୍ଲୋଜ ସର୍କିଟ ଟେଲିଭିଜନ) ଲାଗିବ। ଏଥିସହିତ ମଣ୍ଡିରୁ ଧାନ ନେଇ ମିଲର ପାଖକୁ ଯାଉଥିବା ଗାଡ଼ିରେ ମଧ୍ୟ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍(ଜିପିଏସ୍) ଲାଗିବ। ଆସନ୍ତା ମାସକ ମଧ୍ୟରେ ଏହା କାର୍ଯ୍ୟକାରୀ ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଦୁର୍ନୀତି ରୋକିବା ପାଇଁ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ବ୍ୟବହାର କରାଯିବ। ମଣ୍ଡିରୁ ଧାନ ଯେତେବେଳେ ମିଲର ପାଖକୁ ଯାଉଛି ସେହି ସମୟରେ ଗାଡ଼ିରେ ଜିପିଏସ୍ ଲଗାଇବାକୁ ନିଷ୍ପତ୍ତି ନିଆଯାଇଛି। ☞ପୃଷ୍ଠା-୪






# ବଦଳିବ ହାଇସ୍କୁଲ ୟୁନିଫର୍ମ

## ଖର୍ଚ୍ଚ ବହନ କରିବ କିଏ

**ଭୁବନେଶ୍ୱର, ୨୯।୬ (ଅନିଲ ଦାସ)**

ଆଗାମୀ ଦିନରେ ହାଇସ୍କୁଲ ପିଲାଙ୍କ ୟୁନିଫର୍ମର ରଙ୍ଗ ବଦଳିପାରେ। ଏ ନେଇ ସଙ୍କେତ ଦେଇଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ତେବେ ପ୍ରାଥମିକ ସ୍କୁଲ ପିଲାଙ୍କ ପୋଷାକର ରଙ୍ଗ କୌଣସି ପରିବର୍ତ୍ତନ ହେବ ନାହିଁ। ସେହି ପୋଷାକ ଯେପରି ଅଛି, ସେହିପରି ରହିବ। ମାତ୍ର ହାଇସ୍କୁଲ ପିଲାଙ୍କ ପୋଷାକ ରଙ୍ଗ ପରିବର୍ତ୍ତନ କରାଯାଇପାରେ। ଏନେଇ ଆଲୋଚନା କରାଯାଉଥିବା ସେ ସୂଚନା ଦେଇଛନ୍ତି। କିଛିଦିନ ପୂର୍ବରୁ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ସ୍କୁଲ ୟୁନିଫର୍ମର ରଙ୍ଗ ପରିବର୍ତ୍ତନ କରାଯାଇଥିଲା। ପୋଷାକର ରଙ୍ଗ ଧଳା ସହ ସବୁଜ ରଙ୍ଗ ଥିଲା। ହେଲେ ଏବେ ଏହାକୁ ପରିବର୍ତ୍ତନ କରାଯିବା ନେଇ ଆଲୋଚନା ଚାଲିଥିବା ମନ୍ତ୍ରୀ କହିଛନ୍ତି। ତେବେ ୟୁନିଫର୍ମ ରଙ୍ଗ ପରିବର୍ତ୍ତନ ପରେ ଏ ବାବଦରେ ହେବାକୁ ଥିବା ଖର୍ଚ୍ଚ କିଏ ବହନ କରିବ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ଅନାବଶ୍ୟକ ବିବୃତି




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୨ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଶନିବାର ନୂଆଦିଲ୍ଲୀର ରାଜଘାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

# ୧ରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଜନଶୁଣାଣି

**ଭୁବନେଶ୍ୱର, ୨୯।୬ (ଅନିଲ ଦାସ)**

ଆସନ୍ତା ଜୁଲାଇ ପହିଲାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଆରମ୍ଭ ହେବ। ଶନିବାର ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଜୁଲାଇ ୧ ତାରିଖ ପୂର୍ବାହ୍ନ ୧୧ଟାରୁ ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ସେହିଦିନ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ପଞ୍ଜୀକରଣ କରାଯିବ। ଆଗ୍ରହୀ ବ୍ୟକ୍ତିମାନେ ଏହି ସମୟ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହି ପଞ୍ଜୀକରଣ କରିପାରିବେ ଓ ସେମାନଙ୍କ ଅଭିଯୋଗ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଜିଲାପାଳମାନେ ମଧ୍ୟ ଜିଲା ସ୍ତରରେ ପ୍ରତ୍ୟେକ ସୋମବାର ଲୋକଙ୍କ ଅଭିଯୋଗ ଶୁଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଅଭିଯୋଗକୁ ରାଜ୍ୟ ☞ପୃଷ୍ଠା-୪






# ଏନ୍‌ଇଇଟି: ଛୋଟମାଛ ଧରୁଛି ସିବିଆଇ

**ନୂଆଦିଲ୍ଲୀ, ୨୯।୬**

ଏନ୍‌ଇଇଟି-ୟୁଜି ପରୀକ୍ଷା ଦୁର୍ନୀତି ଓ ପ୍ରଶ୍ନପତ୍ର ପ୍ରଘଟ ଷଡ଼ଯନ୍ତ୍ର ଗୁଜରାଟ ସମେତ ବିହାର, ରାଜସ୍ଥାନ, ଦିଲ୍ଲୀ ଏବଂ ଝାଡ଼ଖଣ୍ଡରେ ହୋଇଥିଲା। ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହି ରାଜ୍ୟଗୁଡ଼ିକରେ ତନାଘନା ଚଳାଇଛି। ସିବିଆଇ ଏପର୍ଯ୍ୟନ୍ତ ୧୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସେମାନଙ୍କ ମଧ୍ୟରେ କୌଣସି ବଡ଼ ଅଧିକାରୀ ନାହାନ୍ତି। ତେଣୁ ତଦନ୍ତକାରୀ ସଂସ୍ଥା ବଡ଼ହସ୍ତୀଙ୍କୁ ଖସାଇଦେବା ପାଇଁ ଛୋଟ ମାଛଙ୍କୁ ☞ପୃଷ୍ଠା-୪




# ଜନାଦେଶକୁ କେବେ ଚୋରି କରାଯାଇପାରିବ ନାହିଁ

**୨୦୨୪ ସାଧାରଣ ନିର୍ବାଚନରେ ଖୁବ୍ କମ୍ ସମୟ ଲାଗି ଓଡ଼ିଶା ଭାଜପାର ଦାୟିତ୍ୱ ନେଇ ରାଜ୍ୟରେ ଦଳକୁ ସରକାର ଗଠନ କରିବା ଦିଗରେ କାର୍ଯ୍ୟ କରିଥିଲେ ରାଜସ୍ଥାନ ଅଲ୍‌ୱାର ଲୋକ ସଭା ଏମ୍‌ପି ଭୂପେନ୍ଦ୍ର ଯାଦବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ଯାଦବ ଏବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଦାୟିତ୍ୱ ପାଇଛନ୍ତି। ମାତ୍ର ୪୦ ଦିନ ଲାଗି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଓଡ଼ିଶା ଆସିବାପରେ ଭୂପେନ୍ଦ୍ର ଯାଦବ ଅନ୍ୟମାନଙ୍କଠାରୁ ଭିନ୍ନ ଶୈଳୀରେ ନିଜର କାର୍ଯ୍ୟକ୍ରମ ଆରମ୍ଭ କରିଦେଇଥିଲେ। ତାଙ୍କର ବିଶେଷତା ହେଲା ତାଙ୍କ ସହିତ ଏକ ବଡ଼ ଟିମ୍‌କୁ ଆଣି ଓଡ଼ିଶା ଭାଜପାର ଛୋଟ ବଡ ସବୁ ନିର୍ବାଚନୀ ଦାୟିତ୍ୱ ସଫଳତାର ସହ ଅତିକମ୍ ସମୟରେ କରିପାରିଥିଲେ। ବିଜେଡିର ଦୁର୍ଗ ଭାଙ୍ଗିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଭୂପେନ୍ଦ୍ର ନିଜର ଆଧିପତିତ୍ୱ ଉପସ୍ଥାପନା କରିବା ପାଇଁ ଚେଷ୍ଟା କରି ନ ଥିଲେ। ସେଥିପାଇଁ ଭାଜପାର ନେତା ଏବଂ ବିଶେଷ କର୍ମୀଙ୍କ ବ୍ୟତୀତ ସାଧାରଣରେ ତାଙ୍କର ମୁହଁ ଲୋକଲୋଚନକୁ ଆସି ନ ଥିଲା। ଭୂପେନ୍ଦ୍ର ଯାଦବଙ୍କ ନିର୍ବାଚନୀ କୌଶଳ ଏବଂ ଭବିଷ୍ୟତର ଚିନ୍ତା ବିଷୟରେ ଧରିତ୍ରୀର ସୁନିତ୍ ମିଶ୍ର ଗତ ୨୫ ତାରିଖରେ ନୂଆଦିଲ୍ଲୀଠାରେ ତାଙ୍କୁ ଭେଟି କେତୋଟି ପ୍ରଶ୍ନର ସାକ୍ଷାତ୍‌କାର ଆଣିଛନ୍ତି।**

**ପ୍ରଶ୍ନ: ଆପଣ ଝାଡ଼ଖଣ୍ଡ,ରାଜସ୍ଥାନ, ଗୁଜରାଟ ଏବଂ ଉତ୍ତର ପ୍ରଦେଶ ରାଜ୍ୟରେ ପୂର୍ବରୁ ନିର୍ବାଚନ ସଫଳତା ଆପଣଙ୍କ ଦଳ ପାଇଁ ଆଣିପାରିଥିଲେ। ଯେତେବେଳେ ଦଳ ଆପଣଙ୍କୁ ଓଡ଼ିଶାର ଦାୟିତ୍ୱ ଦେଲା ସେତେବେଳେ ଆପଣଙ୍କ ମନରେ କେଉଁ ପ୍ରକାରର ଭାବନା ଆସିଥିଲା?**

**ଉତ୍ତର:** ସବୁ ନିର୍ବାଚନରେ ଆମେ ଦଳର କାର୍ଯ୍ୟକର୍ତ୍ତା ହିସାବରେ କାମ କରିଥାଉ। ଓଡ଼ିଶାରେ ଲୋକମାନେ ସରକାର ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଲୋକଙ୍କର ବହୁତ ବିଶ୍ୱାସ ଥିଲା। ଓଡ଼ିଶା ଲୋକଙ୍କୁ ଲାଗୁଥିଲା ଗତ ୨୫ ବର୍ଷରେ ବିଜେଡି ଶାସନରେ ରାଜ୍ୟରେ ଦାଦନ ବଢ଼ିଛି, ଲୋକମାନେ ଘର ଛାଡ଼ିକି ବାହାରକୁ ଚାଲିଯାଇଛନ୍ତି, ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ିଲା, ପିଲା ଚୋରି ବହୁତ ହେଲା ଏବଂ ଅଫିସରମାନଙ୍କ ଗୋଟିଏ ଗୋଷ୍ଠୀ ଗଣତନ୍ତ୍ରିକ ମୂଲ୍ୟବୋଧକୁ (ଡେମୋକ୍ରାଟିକ ଭାଲ୍ୟୁ) ସମ୍ପୂର୍ଣ୍ଣ ନଷ୍ଟ କରିବାର କାମ କଲେ। ତେଣୁ ଓଡ଼ିଶାରେ ଲୋକଙ୍କ ସମ୍ମାନ, ବିଶ୍ୱାସ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ମୋଦି ସରକାର ବଡ କାମ କରୁଛନ୍ତି ବୋଲି ଲୋକମାନେ ଭାବିଲେ। ନିର୍ବାଚନୀ କାମ କଲାବେଳେ ଚିନ୍ତାକଲୁ ଏକଥା ଲୋକଙ୍କ ପାଖକୁ ଭଲ ଭାବେ ଯିବା ଦରକାର, ସେହି କ୍ରମରେ କାମ କଲୁ।

**ପ୍ରଶ୍ନ: ଅନ୍ୟ ରାଜ୍ୟଗୁଡିକଠାରୁ ଓଡ଼ିଶା ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଏଠାରେ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ବହୁତ ବେଶି ଥିଲା। ଆପଣ ଓଡ଼ିଆ ଅସ୍ମିତା କଥା ଆରମ୍ଭ କଲେ ଏବଂ ଓଡ଼ିଶାରେ ଓଡ଼ିଆ ଶାସନ କରିବେ କହିଲେ। ଏହି ଚିନ୍ତା କେମିତି ଆପଣଙ୍କ ମନକୁ ଆସିଥିଲା?**

**ଉତ୍ତର:** ଓଡ଼ିଶା ହେଉଛି ଏକ ଭାବ ପ୍ରଦାନର ପ୍ରଦେଶ। ମୁଁ ବହୁ ରାଜ୍ୟରେ କାମ କରିଛି, ହେଲେ ଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଆରାଧ୍ୟ ଦେବତା। ୨୦୧୮ରୁ ଲଗାତର ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା କଥା ହେଉ, ରତ୍ନଭଣ୍ଡାର ଖୋଲାଯିବା ବିଷୟ ଉଠି ଆସୁଥିଲା। ସବୁଠାରୁ ବଡ କଥା ହେଉଛି କୌଣସି ରାଜ୍ୟର ଜନାଦେଶକୁ କେବେହେଲେ ଚୋରି କରାଯାଇପାରିବ ନାହିଁ। ଓଡିଶାର ଯେଉଁ ସାଂସ୍କୃତିକ ପରମ୍ପରା, ଭାଷା ଅଛି ତାହା ଆଗକୁ ବଢ଼ୁ ଏକଥା ଉପରେ ଭାଜପାର ବହୁତ ବିଶ୍ୱାସ ରହିଛି। ତେଣୁ ଆମେ ଏ ବିଷୟକୁ ଦୃଢ଼ତାର ସହିତ ଉଠାଇଲୁ ଏବଂ ମୋଦିଙ୍କ କଥାକୁ ଲୋକମାନେ ବିଶ୍ୱାସ କଲେ।

**ପ୍ରଶ୍ନ: ନିର୍ବାଚନ ପୂର୍ବରୁ ଆପଣ କ'ଣ ଭାବିଥିଲେ ଓଡ଼ିଶାରେ ଭାଜପା ସରକାର ଗଢ଼ିପାରିବ ନା ଆଉ ଶକ୍ତିଶାଳୀ ବିରୋଧୀ ଦଳ ହେବ?**

**ଉତ୍ତର:** ଗତ ୧୦ ବର୍ଷ ହେଲା ଆମ ଦଳର ସାଙ୍ଗଠନିକ ଲୋକମାନେ ବହୁତ ବିସ୍ତାରର ସହ କାମ କରି ଆସୁଥିଲେ। ବୁଥ୍‌ସ୍ତର ପର୍ଯ୍ୟନ୍ତ ଦଳର ଏକ ସଙ୍ଗଠନ ଥିଲା। ଦଳରେ ବରିଷ୍ଠ ନେତାମାନଙ୍କର ଏକ ଅନୁଶାସନ ଥିଲା। କିଛି ବରିଷ୍ଠ ଏବଂ ରାଜ୍ୟର ଅନେକ ସମ୍ମାନିତ ବ୍ୟକ୍ତିମାନେ ଦଳ ସହିତ ଯୋଡି ହୋଇଥିଲେ। ଦଳ ୧୦ ବର୍ଷରେ ଯେପରି ଏକ ସାଙ୍ଗଠନିକ ଢାଞ୍ଚା ପ୍ରସ୍ତୁତ କରିଥିଲା ତାହା କାମ ଦେଲା। ଯଦି ଦେଖିବେ, ୨୦୧୪ ଏବଂ ୨୦୧୯ରେ ଭାଜପାର ଭୋଟ ପ୍ରତିଶତରେ ମଧ୍ୟ ବୃଦ୍ଧି ଘଟିଥିଲା। ତେଣୁ ଯୋଉ ଲଗାତର ଭାବେ ଦଳର ଗ୍ରାଫ୍ ବଢୁଥିଲା, ତାହା ଦଳର କାର୍ଯ୍ୟକର୍ତ୍ତାମାନଙ୍କ ବହୁ ପରିଶ୍ରମ ଥିଲା। ଯେଉଁମାନେ ବହୁ ପରିଶ୍ରମ କରି ଓଡ଼ିଶାର ସଙ୍ଗଠନ ଠିଆ କରିଛନ୍ତି।

**ପ୍ରଶ୍ନ. ନିର୍ବାଚନ ପୂର୍ବରୁ ଆପଣଙ୍କ ଦଳର ସବୁ ବଡ ନେତା ଏବଂ ମନ୍ତ୍ରୀ ଓଡ଼ି.ଶାର ତତ୍କାଳୀନ ବିଜେଡି ସରକାରକୁ ଅନେକ ପ୍ରଶଂସା କରୁଥିଲେ। ଆପଣ ନେତୃତ୍ୱ ନେଇ ସେହି ଦିଶାର ପରିବର୍ତ୍ତନ ଆଣିଲେ। ଏହା କେତେ କଷ୍ଟକର ଥିଲା ବୋଲି ଆପଣ କହିବେ ?**

**ଉତ୍ତର:** ଦେଖନ୍ତୁ, ମୋର କରିବା ଅପେକ୍ଷା ସେଠାର କାର୍ଯ୍ୟକର୍ତ୍ତାମାନଙ୍କ ପରିଶ୍ରମ ବହୁତ ଅଧିକ ଥିଲା। ତୃଣମୂଳସ୍ତର ପର୍ଯ୍ୟନ୍ତ ଦଳର କାର୍ଯ୍ୟକର୍ତ୍ତାମାନେ ଯାଇକି କାମ କଲେ। ମୁଁ ତ ମାତ୍ର ୪୦ ଦିନ ପାଇଁ ସମସ୍ତଙ୍କ ସହିତ କାମ କରିବାକୁ ଯାଇଥିଲି। କିନ୍ତୁ ଆମ ଦଳର ଯେତେଜଣ ବି ବରିଷ୍ଠ ନେତା ଥିଲେ ଯେପରି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ସଙ୍ଗଠନ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି, ବରିଷ୍ଠ ନେତା ସୁରେଶ ପୂଜାରୀ, ଜୟନାରାୟଣ ମିଶ୍ର, ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ହୋଇଥିବା ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି ସିଂ ଦେଓ, ଏମ୍‌ପି ସଙ୍ଗୀତା ସିଂଦେଓ, ଅଟଳ ବିହାରୀ ବାଜପେୟୀଙ୍କ ସମୟରୁ ଜିତି ଆସୁଥିବା ଜୁଏଲ ଓରାମ ପ୍ରମୁଖ କାମରେ ଲାଗିଥିଲେ। ତେଣୁ ଓଡ଼ିଶାର ସବୁ ପ୍ରାନ୍ତରେ ମଜଭୂତ ନେତାଙ୍କ ଉପସ୍ଥିତି ହିଁ ଦଳୀୟ କାମକୁ ଆଗକୁ ବଢାଇବାର ସାହାଯ୍ୟ କଲା। ଯାହାର ଲାଭ ଆମକୁ ଏହି ନିର୍ବାଚନରେ ମିଳିଲା।



**ପ୍ରଶ୍ନ. ଓଡ଼ିଶାରେ ଖଣିଜ ପଦାର୍ଥ ବ୍ୟତୀତ ଚାଷର ଅନେକ ସୁଯୋଗ ରହିଛି, ଯେହେତୁ ଆପଣ ଓଡ଼ିଶା ରାଜ୍ୟକୁ ଭଲ ଭାବେ ଭ୍ରମଣ କରିକି ଦେଖିଲେ ଆପଣଙ୍କ ଚିନ୍ତାରେ ରାଜ୍ୟର ଉନ୍ନତି ପାଇଁ କେଉଁ ପ୍ରକାର ପଦକ୍ଷେପ ଦରକାର?**

**ଉତ୍ତର:** ଓଡ଼ିଶାର ଉନ୍ନତି ରାଜ୍ୟର ସଂସ୍କୃତି ହିସାବରେ ହିଁ ହେବା ଦରକାର। ସେଥିରେ ସବୁ ବର୍ଗର ଲୋକଙ୍କ ସହଭାଗିତା ରହିବା ଦରକାର। ଓଡ଼ିଶାରେ ପୋର୍ଟ, ଯେଉଁସବୁ ନଦୀ ରହିଛି, କୃଷି ସିଞ୍ଚାଇ, ଉତ୍ପାଦନ ହେଉଥିବା ଚାଉଳ, ଉଦ୍ୟାନ କୃଷି ଏବଂ ମାଇନିଂ ଆଦି ସବୁ ଭଲ ଅଛି। ଏଠାରେ ମାଇନିଂ ପାଇଁ ମୂଲ୍ୟ ଯୁକ୍ତ(ଭାଲ୍ୟୁ ଆଡିଶନ) ବି ହେଇପାରିବ। ମୁଁ ଏହି ବିଷୟରେ ବିଶ୍ୱାସ କରୁଛି ଯେ, ଭାଜପା ସରକାର ଓଡ଼ିଶାରେ ଏସବୁ ଜିନିଷର ଭାଲ୍ୟୁ ଆଡିଶନ କରିକି ଏହାକୁ ଆଗକୁ ବଢାଇବାର କାମ ବି କରିବ।

**ପ୍ରଶ୍ନ: ଓଡ଼ିଶାର ସାଧାରଣ ନାଗରିକ ବିଶ୍ୱାସ କରୁଛନ୍ତି ଯେ, ଆପଣଙ୍କ ସୁପାରିସ ଯୋଗୁ ମୋହନ ଚରଣ ମାଝୀ ଓଡ଼ିଶାର ପ୍ରଥମ ଭାଜପା ମୁଖ୍ୟମନ୍ତ୍ରୀ ହେଲେ। ତାଙ୍କୁ ବାଛିବା ପଛରେ ଭାଜପାର କ'ଣ ସବୁ ରାଜନୈତିକ ଦୃଷ୍ଟି ରହିଛି?**

**ଉତ୍ତର:** ମୁଁ ତ ଆପଣଙ୍କୁ ପ୍ରଥମେ ସ୍ପଷ୍ଟ କରିଦେଉଛି ଯେ, ଭାଜପାରେ କାହା ସୁପାରିସରେ କେହି ମୁଖ୍ୟମନ୍ତ୍ରୀ ହୁଅନ୍ତି ନାହିଁ। ଭାଜପାରେ ଏକ ପରାମର୍ଶର ପ୍ରକ୍ରିୟା ଥାଏ ଏବଂ ଦଳର ପାର୍ଲାମେଣ୍ଟାରି ବୋର୍ଡର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ହୋଇଥାଏ। ମୁଖ୍ୟ ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଏବଂ ସହ ପର୍ଯ୍ୟବେକ୍ଷକ ଭାବେ ମୁଁ ତାଙ୍କ ସହିତ ଯାଇଥିଲି। ସେଠାରେ ସମସ୍ତଙ୍କ ମତାମତ ନେବାପରେ ଦଳର ପାର୍ଲାମେଣ୍ଟାରି ବୋର୍ଡ ସହିତ କଥାବାର୍ତ୍ତା କରି ସବୁକିଛି ହୋଇଥିଲା। ଭାଜପାର ସବୁ ନିଷ୍ପତ୍ତି ଲୋକତାନ୍ତ୍ରିକ ପ୍ରକ୍ରିୟାରେ ହୋଇଥାଏ। ଭାଜପା ଏକ ଭିନ୍ନ ପ୍ରକାରର ଦଳ। ଏହି ଦଳରେ ସମସ୍ତଙ୍କ ମତାମତ ନିଆଯାଇ କେନ୍ଦ୍ରର ଶୀର୍ଷ ନେତୃତ୍ୱଙ୍କ ପରାମର୍ଶକ୍ରମେ ସବୁକିଛି ହୋଇଥାଏ। ତେଣୁ ଏହା ହେଉଛି ପ୍ରକ୍ରିୟା। ମୋର କୌଣସି ବ୍ୟକ୍ତିଗତ ସୁପାରିସ ଏଥିପାଇଁ ନ ଥିଲା। ଦଳର ଲୋକତାନ୍ତ୍ରିକ ପ୍ରକ୍ରିୟାରେ ସବୁ ହୋଇଛି।

## ସାକ୍ଷାତ୍‌କାର
## ଭୂପେନ୍ଦ୍ର ଯାଦବ
### କେନ୍ଦ୍ରମନ୍ତ୍ରୀ

**ପ୍ରଶ୍ନ: ଓଡ଼ିଶା ହେଉଛି ଏଭଳି ଏକ ରାଜ୍ୟ ଯେଉଁଠାରେ ପରିବେଶ ସୁରକ୍ଷା ବିପର୍ଯ୍ୟସ୍ତ। ଜଳବାୟୁ ପରିବର୍ତ୍ତନ (କ୍ଲାଇମେଟ୍ ଚେଞ୍ଜ)ର କୁପ୍ରଭାବ ଆମେ ସବୁଦିନ ଭୋଗୁଛୁ, ଆପଣଙ୍କ ମନ୍ତ୍ରଣାଳୟ ତରଫରୁ ଏଥିପାଇଁ ଓଡ଼ିଶା ପ୍ରତି କିଛି ଅଧିକ ଦୃଷ୍ଟି ଦେବେ କି?**

**ଉତ୍ତର:** ଓଡ଼ିଶାରେ ଶିମିଳିପାଳ ଭଳି ଏକ ମହତ୍ତ୍ୱପୂର୍ଣ୍ଣ ବନକ୍ଷେତ୍ର ରହିଛି, ସାତକୋଶିଆ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଭିତରକନିକା ଭଳି ଏକ ରିଜର୍ଭ ଏରିଆ ଅଛି, ଗୋପାଳପୁରକୁ ଦୁନିଆର ସବୁଆଡୁ କଇଁଛମାନ ଆସୁଛନ୍ତି। ଏସବୁ ପ୍ରାକୃତିକ ସ୍ଥାନ। ରାଜ୍ୟରେ ବହୁ ସଂଖ୍ୟାରେ ହାତୀ ଥିବା ଯୋଗୁ ଚ୍ୟାଲେଞ୍ଜ ମଧ୍ୟ ଅଛି। ପ୍ରଧାନମନ୍ତ୍ରୀ ବୃକ୍ଷରୋପଣ କରିବା ଲାଗି ମଧ୍ୟ ଲୋକଙ୍କୁ ଆମନ୍ତ୍ରିତ କରିଛନ୍ତି। ଆମେମାନେ ଗୋଟେ ଗଛ ମା'ଙ୍କ ନାଁରେ ଅଭିଯାନ ବି ଆରମ୍ଭ କରିଛୁ। ଏ ଅଭିଯାନକୁ ମଧ୍ୟ ଆମେ ଆଗକୁ ନେଇକି ଯିବୁ। ଏସବୁ ବିଷୟକୁ ଆମେ ସମଗ୍ର ଓଡ଼ିଶାରେ ଆଗକୁ ନେବାର କାମ କରିବାର ଲକ୍ଷ୍ୟ ରଖିଛୁ।

**ପ୍ରଶ୍ନ: ଆପଣ ରାଜନୀତି ପ୍ରତି କେମିତି ଆକର୍ଷିତ ହେଲେ ?**

**ଉତ୍ତର:** ମୋ ପରିବାରରେ କେହି ରାଜନୀତିରେ ନ ଥିଲେ। ପିଲାବେଳେ ମୁଁ ସଂଘରେ କାର୍ଯ୍ୟ କରୁଥିଲି। ଛାତ୍ର ଜୀବନରେ ମୁଁ ବିଦ୍ୟାର୍ଥୀ ପରିଷଦ ସହିତ ଯୋଡ଼ିହେଲି। କଲେଜର ଛାତ୍ର ରାଜନୀତିରେ ମୁଁ ଆଗକୁ ବଢ଼ିଲି। ବୋଧହୁଏ, ବିଦ୍ୟାର୍ଥୀ ଜୀବନରେ ଯୋଉ ଛାତ୍ର ରାଜନୀତିରେ ଆସିଲି ସେହି ଆଗ୍ରହ ମୋ ଭିତରେ ଏକ ବଡ ବୃକ୍ଷ ରୂପରେ ବାହାରିଲା, ଯେଉଁଥିଲାଗି ମୁଁ ରାଜନୀତି ପ୍ରତି ଆକୃଷ୍ଟ ହେଇଗଲି।

**ପ୍ରଶ୍ନ: ଯିଏ ଆପଣଙ୍କ ସାଙ୍ଗରେ କିଛି ସମୟ ବିତାଇଛି ସେ ଜାଣିଛି ଆପଣ ଜଣେ ବିଦ୍ୱାନ ବ୍ୟକ୍ତି, ଯିଏକି ବେଦଠାରୁ ଆରମ୍ଭକରି ବିଜ୍ଞାନ ଓ ବହିର୍ବ୍ୟାପାର ବିଷୟରେ କଥା ହୋଇପାରିବେ। ଏତେ ବିଷୟରେ ପଢି ଜାଣିବାର ରୁଚି କେମିତି ସୃଷ୍ଟି କଲେ।**

**ଉତ୍ତର:** ଗୋଟିଏ ବାକ୍ୟରେ କହିବି କି, ଜଗନ୍ନାଥଙ୍କ କୃପାରୁ ଏହା ସମ୍ଭବ ହୋଇଛି।

**ପ୍ରଶ୍ନ: ଓଡ଼ିଶାରେ ଆପଣ ଭାଜପା ସରକାର ଆଣିପାରିବେ ବୋଲି କେବେ ଜାଣିଲେ। ଓଡ଼ିଶାକୁ ଆସିବା ପରେ ଏ ବିଷୟରେ ଜାଣିଲେ ନା ପୂର୍ବରୁ କିଛି ଜାଣିଥିଲେ।**

**ଉତ୍ତର:** ମୁଁ ଯେବେ ୨୧ ଏପ୍ରିଲରେ ଓଡ଼ିଶାରେ ପହଞ୍ଚିଲି, ଏହାର ୨ରୁ ୩ ଦିନ ଭିତରେ ଆପଣଙ୍କ ଗଣମାଧ୍ୟମ ସଂସ୍ଥାକୁ ଯାଇଥିଲି। ଆପଣଙ୍କ ଧ୍ୟାନ ଥିବ ସେତେବେଳେ ହିଁ ମୁଁ କହି ଦେଇଥିଲି ଯେ, ଓଡ଼ିଶାରେ ଭାଜପାର ସରକାର ହେବ। ଓଡ଼ିଶା ମାଟିରେ ପରିବର୍ତ୍ତନର ଯେଉଁ ଆଶା ଦେଖିଲି, ଲୋକଙ୍କ ମନରେ ଯେଉଁ ପରିବର୍ତ୍ତନ କଥା ଲକ୍ଷ୍ୟ କଲି ସେଥିରୁ ଜଣାପଡିଯାଇଥିଲା। ଓଡ଼ିଶା ଯିବାପରେ ସେକଥା ଜାଣିପାରିଲି।

**ପ୍ରଶ୍ନ: ଓଡ଼ିଶାରେ ଭାଜପା ଦାୟିତ୍ୱ ବହୁ ବଡ ନେତା ଆଗରୁ ନେଇଥିଲେ ହେଲେ ତା'ର କିଛି ପ୍ରଭାବ ପରିଲକ୍ଷିତ ହେଉ ନ ଥିଲା। କିନ୍ତୁ ଆପଣ ଏମିତି କ'ଣ କଲେ ଯେ, ଦଳର ନିର୍ବାଚନୀ ସୁପରିଚାଳନାରେ ସଫଳତା ଆସିଗଲା।**

**ଉତ୍ତର:** ଏପ୍ରିଲ ୧୬, ୧୭ ତାରିଖରେ ମତେ ଜଣାଗଲା ଯେ, ମୋର ୨୧ ଏପ୍ରିଲରେ ଓଡ଼ିଶା ପହଞ୍ଚିବାର ଅଛି। ତେଣୁ ୧୯ ଏପ୍ରିଲରେ ନିଜର ନିର୍ବାଚନ କାମ ଶେଷ କରି ୨୧ ତାରିଖରେ ଓଡ଼ିଶାରେ ପହଞ୍ଚିଗଲି। ସେଠାରେ ପହଞ୍ଚିବାର ୨ରୁ ୩ ଦିନରେ ମତେ ଜଣାପଡିଲା ଯେ, ଏଠି ପରିବର୍ତ୍ତନର ବଡ ସମ୍ଭାବନା ରହିଛି। ଆମେ ଦଳରେ ଗୋଟେ ଟିମ୍ ହୋଇ କାମ କରୁ। ଏହା ଏକ ଟିମ୍‌ର କାମ ଥିଲା। ଉକ୍ତ ଟିମ୍‌ର କାର୍ଯ୍ୟ ପାଇଁ ସବୁକିଛି ସମ୍ଭବ ହୋଇପାରିଲା। ଏସବୁର ଶ୍ରେୟ ପ୍ରଧାନମନ୍ତ୍ରୀଙ୍କୁ ହିଁ ଯିବ।

**ପ୍ରଶ୍ନ: ଓଡ଼ିଶା ଭୋଟର ୨୦୧୪ ଏବଂ ୨୦୧୯ରେ ଭାଜପା ସପକ୍ଷରେ ପ୍ରବଳ ହାୱା ସତ୍ତ୍ୱେ ନବୀନଙ୍କୁ ଜିତାଇଥିଲେ। ଏଥର ଆପଣ କେମିତି ସେଥିରେ ପରିବର୍ତ୍ତନ ଆଣିପାରିଲେ ବୋଲି ଭାବୁଛନ୍ତି।**

**ଉତ୍ତର:** ବିଜେଡି ସରକାର ବହୁମାତ୍ରାରେ ଭ୍ରଷ୍ଟାଚାର କରିଥିଲା। ଜିଲା ଖଣିଜ ପାଣ୍ଠିର ଦୁରୁପଯୋଗ ସେହି ସରକାର ଅମଳରେ ବହୁ ମାତ୍ରାରେ ହୋଇଛି। ମହିଳାଙ୍କ ଉପରେ ଅତ୍ୟାଚାର ନେଇ ଏନ୍‌ସିଆର୍‌ବି ସଂଖ୍ୟାରେ ବୃଦ୍ଧି ଘଟିଲା, ପିଲା ବହୁତ ହଜିଲେ, ସବୁଠାରୁ ବଡ କଥା ହେଉଛି ଓଡ଼ିଶା ପ୍ରଶାସନରେ ଏମିତି ଏକ ତନ୍ତ୍ର ଥିଲା ଯେଉଁଥି ଲାଗି ରାଜ୍ୟ ଶାସନରେ ଏକ ଅହଙ୍କାର ଭରି ହୋଇ ରହିଥିଲା। ତେଣୁ ଓଡ଼ିଶାରେ ପରିବର୍ତ୍ତନର ଯୋଉ ବି ମାହୋଲ ଥିଲା ସେଠାରେ ଭାଜପା ସବୁଠୁ ବଡ ବିକଳ୍ପ ଦଳ ହୋଇ ରହିଥିଲା, ଲୋକମାନେ ତାକୁ ହିଁ ବାଛିଲେ।



କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ନୂଆଦିଲ୍ଲୀରେ ସାକ୍ଷାତ୍‌କାର ନେଉଛନ୍ତି ଧରିତ୍ରୀ ଖବରଦାତା ସୁନିତ୍ ମିଶ୍ର। (ଫଟୋ: ଚମନ ଗୌତମ)

# ଲଦାଖରେ ସେନା ଟ୍ୟାଙ୍କ ବୁଡ଼ି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨୯।୬(ଅନିଲ ଦାସ)

ଲଦାଖରେ ଯୁଦ୍ଧ ଅଭ୍ୟାସ ଚାଲିଥିବା ବେଳେ ଶୁକ୍ରବାର ରାତିରେ ଏକ ନଦୀରେ ସେନା ଟ୍ୟାଙ୍କ ଭାସିଯିବାରୁ ୫ଜଣ ଯବାନ ଶହୀଦ ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶର ସୁରକ୍ଷା ପାଇଁ ପ୍ରତିରକ୍ଷା ବାହିନୀ ସର୍ବଦା ପ୍ରସ୍ତୁତି ଅଭ୍ୟାସ କରିଥାଏ। ଶହୀଦ ଯବାନମାନଙ୍କ ବଳିଦାନ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ଦେଶବାସୀ ସେମାନଙ୍କ ବଳିଦାନକୁ କେବେ ଭୁଲିବେ ନାହିଁ। ମୁଖ୍ୟମନ୍ତ୍ରୀ ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

# ବିଧାନସଭାର ସମସ୍ତ କାର୍ଯ୍ୟ କାଗଜମୁକ୍ତ ହେବ: ବାଚସ୍ପତି

ଭୁବନେଶ୍ୱର,୨୯।୬(ଅନିଲ ଦାସ)

ଓଡ଼ିଶା ବିଧାନସଭାର ସ୍ୱରୂପ ବଦଳିବା ସହ କାର୍ଯ୍ୟଧାରାରେ ବ୍ୟାପକ ପରିବର୍ତ୍ତନ ହୋଇପାରିଛି। ସମସ୍ତ କାର୍ଯ୍ୟର ଡିଜିଟାଇଜେଶନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଧାନସଭାର କାର୍ଯ୍ୟକୁ କାଗଜବିହୀନ(ପେପରଲେସ୍) କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହା ଫଳ ସ୍ୱରୂପ ଜାତୀୟ ଇନ୍‌ଫର୍‌ମେଟିକ୍ ସେଣ୍ଟର (ଏନ୍‌ଆଇସି) ପକ୍ଷରୁ ରାଜ୍ୟ ବିଧାନସଭାରେ ନେଭା ନାମରେ ଇ-ବିଧାନ ପ୍ରକଳ୍ପ ଆରମ୍ଭ ହୋଇଛି। ଓଡ଼ିଶା ବିଧାନସଭା ସିଏସ୍ଆଇ-ଇ-ଗଭର୍ଣ୍ଣାନ୍ସ ଉତ୍କର୍ଷ ସମ୍ମାନରେ ସମ୍ମାନିତ ହୋଇଛି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି।

ଓଡ଼ିଶା ବିଧାନସଭା ପରିସରରେ ଶନିବାର ରାଜ୍ୟସ୍ତରୀୟ ଇ-ବିଧାନ ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବାଚସ୍ପତି ବାଚସ୍ପତି କହିଛନ୍ତି ଯେ ବିଧାନସଭାର ସମସ୍ତକାର୍ଯ୍ୟ କାଗଜମୁକ୍ତ ହେବା ଦ୍ୱାରା ପରିବେଶ ସନ୍ତୁଳନ ରକ୍ଷାରେ ଏହା ସହାୟକ ହେବ। ପୂର୍ବ ବିଧାନସଭାରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଚଳିତ ବିଧାନସଭାରେ ଏହା ସମ୍ପୂର୍ଣ୍ଣ ହେବ। ବିଧାନସଭାର ସମସ୍ତ କାର୍ଯ୍ୟଧାରା, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ସମସ୍ତ ବିଲ୍ ଓ ଆନୁଷଙ୍ଗିକ କାର୍ଯ୍ୟାକଳାପ ନେଭା ମାଧ୍ୟମରେ ସହଜ ଓ ସରଳ ହୋଇପାରିବ। କୃତ୍ରିମ ବୁଦ୍ଧିମତ୍ତାର ପରିସର ଯେପରି ବ୍ୟାପକ ହେବାରେ ଲାଗିଛି। ଏହି ପ୍ରକଳ୍ପକୁ ଆମକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ପଡ଼ିବ, ନ ହେଲେ ବୈଷୟିକ ଦୃଷ୍ଟିରୁ ଆମେ ପଛରେ ପଡ଼ିଯିବା। ଆଗାମୀ ଦିନରେ ନେଭା କାର୍ଯ୍ୟକ୍ରମକୁ କାଗଜମୁକ୍ତ କରାଯିବା ଫଳରେ ଜୀବନ୍ତ ସଦନ, ଜୀବନ୍ତ ପ୍ରଜାତନ୍ତ୍ରର ଆଭିମୁଖ୍ୟ ହାସଲ ହୋଇପାରିବ ବୋଲି ବାଚସ୍ପତି କହିଛନ୍ତି। ଏହି ଅବସରରେ ବିଧାନସଭାର ସଚିବ ଦାଶରଥି ଶତପଥୀ କହିଛନ୍ତି ଯେ ଗଣତାନ୍ତ୍ରିକ ପଦ୍ଧତିରେ ଚାଲୁଥିବା ବିଧାନସଭାର କାର୍ଯ୍ୟଧାରା କାଗଜମୁକ୍ତ ହୋଇପାରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଫଳରେ ସମସ୍ତ କାର୍ଯ୍ୟ ସମୟସାପେକ୍ଷ ଓ ସ୍ୱଚ୍ଛ ହୋଇପାରିବ। ଏହି ଅବସରରେ ବାଚସ୍ପତି ସମାପ୍ତ ହୋଇଥିବା ନିର୍ବାଚନ କାର୍ଯ୍ୟରେ ସଫଳତାର ସହ ଦାୟିତ୍ୱ ତୁଲାଇଥିବା ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀମାନଙ୍କ ସମ୍ବର୍ଦ୍ଧିତ କରିଥିଲେ। ବିଧାନସଭା ଦାୟିତ୍ୱରେ ଥିବା ଏନ୍‌ଆଇସିର ବରିଷ୍ଠ ବୈଷୟିକ ନିର୍ଦ୍ଦେଶିକା ସରିତା ସାହୁ ଧନ୍ୟବାଦ ଦେଇଥିଲେ।

**ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ସମସ୍ତ ବିଲ୍ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ନେଭା ମାଧ୍ୟମରେ ସହଜ ଓ ସରଳ ହୋଇପାରିବ**




# ମାଇନିଂ ଅଧିକାରୀଙ୍କୁ ଅଟକ ରଖିଲେ ବାଲି ବ୍ୟବସାୟୀ

**ଉଦଳା,୨୯।୬(ସନ୍ତୋଷ କୁମାର ବାଛିନୀ)**

ବେଆଇନ ଭାବେ ବାଲିଚାଲାଣ ଖବର ପାଇ ଚଢାଉ କରିବାକୁ ଯାଇଥିବା ମାଇନିଂ ଅଧିକାରୀ ହଟହଟା ହୋଇଛନ୍ତି। ୩ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଅଟକ ରଖି ଜରିମାନା କରୁଥିବା ବେଳେ ବାଲି ବ୍ୟବସାୟୀ ମାଇନିଂ ବିଭାଗର ଡେପୁଟି ଡାଇରେକ୍ଟର ଏବଂ ମାଇନିଂ ଅଧିକାରୀଙ୍କୁ ଗାଁ ଛକରେ ଗାଡି ସହ ଅଟକ ରଖିଥିଲେ। ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ବଡବିଶୋଳ ଛକରେ।

ସୂଚନା ଅନୁଯାୟୀ, ମାଇନିଂ ବିଭାଗର ଡେପୁଟି ଡାଇରେକ୍ଟର ସନ୍ତୋଷ କୁମାର ଦଳେଇ, ମାଇନିଂ ଅଧିକାରୀ ଦିଲୀପ କୁମାର ମାହାନା ବଡବିଶୋଳ ଛକରେ ଚଢ଼ାଉ କରି ୩ ବାଲି ବୋଝେଇ ଟ୍ରାକ୍ଟର(ଓଡି ୦୧ ଜି ୫୫୩୨, ଓଡି ୧୧ ଏକ୍ସ ୩୬୦୫ ଏବଂ ଓଡି ୧୧ ଏଚ ୫୧୮୯)କୁ ଅଟକାଇଥିଲେ। ପରମିଟ୍ ନ ଥିବା ଜାଣିବା ପରେ ମାଇନିଂ ଅଧିକାରୀ ୩ଟି ଟ୍ରାକ୍ଟରକୁ ଜରିମାନା କରିଥିଲେ। ଜରିମାନାକୁ ନେଇ ବାଲି ବ୍ୟବସାୟୀ ଓ ଟ୍ରାକ୍ଟର ମାଲିକମାନେ ମାଇନିଂ ବିଭାଗ ଗାଡ଼ିକୁ ବଡବିଶୋଳ ଛକ ନିକଟରେ ଅଟକାଇଥିଲେ। ଏହା ସହିତ ୨ ଅଧିକାରୀଙ୍କ ସମେତ ବିଭାଗୀୟ କର୍ମଚାରୀଙ୍କୁ ପାଖାପାଖି ଦେଢ଼ ଘଣ୍ଟା ଅଟକ ରଖିଥିଲେ। କ'ଣ ପାଇଁ ଗୋଟିଏ ଟ୍ରାକ୍ଟରକୁ ୫୦ହଜାର ଟଙ୍କାର ଜରିମାନା କରାଯିବ ବୋଲି କହି ଯୁକ୍ତି କରିଥିଲେ। ଖବର ପାଇ କପ୍ତିପଦା ପୋଲିସ, କପ୍ତିପଦା ତହସିଲଦାର ପହଞ୍ଚିଥିଲେ। ବାଲି ବ୍ୟବସାୟୀ ପୋଲିସ ଓ ତହସିଲଦାରଙ୍କ ସହ ମଧ୍ୟ ଯୁକ୍ତି କରିବାରୁ ଘଟଣାସ୍ଥଳରେ ଚାପା


ମାଇନିଂ ଅଧିକାରୀ ଓ ବାଲିମାଫିଆ କଥା କଟାକଟି ହେଉଛନ୍ତି।

## ଚଢ଼ାଉ ବେଳେ ହଟହଟା

ଉତ୍ତେଜନା ଲାଗି ରହିଥିଲା। ପରେ ପୋଲିସ ମାଇନିଂବିଭାଗ ଅଧିକାରୀଙ୍କୁ ଉଦ୍ଧାରକରି ଥାନାକୁ ନେଇଥିଲା। ବିଭାଗୀୟ ଡେପୁଟି ଡାଇରେକ୍ଟର ସନ୍ତୋଷ କୁମାର ଦଳେଇ କହିଛନ୍ତି, ବାରିପଦା କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅଧିକାରୀଙ୍କ ସହ ଆଲୋଚନା କରିବେ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ, ଜିଲାପାଳ, ଏସ୍‌ଡିପିଓ ଉଦଳା, କପ୍ତିପଦା ଥାନା ଅଧିକାରୀ, ତହସିଲଦାର କପ୍ତିପଦାଙ୍କୁ ଲିଖିତ ଭାବେ ଅଭିଯୋଗ ଜଣାଇବେ। ଏହା ସହିତ ସରକାରୀ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ ସମୟରେ ତାଙ୍କୁ ଅଟକ ରଖିଥିବା ଅଭିଯୁକ୍ତଙ୍କ ବିରୋଧରେ ଏତଲା ଦେବେ ବୋଲି କହିଛନ୍ତି।

# ଇଚ୍ଛାମୃତ୍ୟୁ ପାଇଁ ନିବେଦନ କଲେ ନିରାଶ୍ରୟ ମହିଳା

**ଜଳେଶ୍ୱର,୨୯।୬(ନବୀନ ସାହୁ)**

ପଙ୍ଗୁ ଅବସ୍ଥାରେ ଜୀବନ ବିତାଉଥିବା ବାଲେଶ୍ୱର ଜିଲା ଜଳେଶ୍ୱର ପୌରାଞ୍ଚଳ ୯ନଂ. ୱାର୍ଡର ନିରାଶ୍ରୟ ମହିଳା କାଞ୍ଚନ ନାୟକ ଇଚ୍ଛା ମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଟୁଇଟ୍ ମାଧ୍ୟମରେ ନିବେଦନ କରିଛନ୍ତି। ତାଙ୍କର ପ୍ରକୃତ ଘର ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ ଗିଳାଗୁଡି ଗ୍ରାମରେ। ୩୫ବର୍ଷ ପୂର୍ବେ ସେ ପରିତ୍ୟକ୍ତା ହେବା ପରେ ଜଳେଶ୍ୱର ଅଞ୍ଚଳରେ ଭଡା ନେଇ ରହୁଥିଲେ। ସହରର ବ୍ଲକ ବଜାରସ୍ଥିତ ସୀମା ପ୍ରିଣ୍ଟିଂ ପ୍ରେସରେ କାମ କରି ଚଳୁଥିଲେ। ପରେ ନିଜେ ବାସୁ ପ୍ରିଣ୍ଟସ୍ ନାମକ ଏକ ସଂସ୍ଥା ଖୋଲି ବିଭିନ୍ନ ପ୍ରକାର କାର୍ଡ଼ ଓ ରସିଦ ଆଦି ସ୍କ୍ରିନ ପ୍ରିଣ୍ଟିଂ କାର୍ଯ୍ୟ କରି ଗୁଜୁରାଣ ମେଣ୍ଟାଉଥିଲେ। ଗତ ୧୭ତାରିଖରେ ସେ ରହୁଥିବା ଏକ ଦୁଇମହଲା ଭଡ଼ା ଘରୁ ଓହ୍ଲାଉଥିବା ବେଳେ ଲୁହା ସିଡ଼ିରୁ ଗୋଡ଼ ଖସିଯାଇ ପଡ଼ିଯାଇଥିଲେ। ସେ ଗୁରୁତର ହେବା ସହିତ ଗୋଡ଼ ଓ ଅଣ୍ଟାହାଡ଼ ଭାଙ୍ଗିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ହସ୍‌ପିଟାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ମନା କରିବା ପରେ ସ୍ଥାନୀୟ ଲୋକେ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ମଧ୍ୟ ତାଙ୍କର ଚିକିତ୍ସା ହୋଇପାରିବ ନାହିଁ ବୋଲି ଡାକ୍ତର କହିବା ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ୍ୟ ବହୁ ଚେଷ୍ଟା ପରେ ତାଙ୍କର ଅସ୍ତ୍ରୋପ୍ରଚାର କରାଯାଇଥିଲା। କିନ୍ତୁ ଦୁଇଦିନ ପରେ ତାଙ୍କୁ ହସପିଟାଲରୁ ଡିସଚାର୍ଜ କରି ଦିଆଯାଇ ପୁଣି ଭଡ଼ାଘରେ ଆଣି ଛାଡ଼ିଦିଆଯାଇଥିଲା। ନିଜର ହାତ ଗୋଡ଼ ଚାଲୁ ନ ଥିବା ବେଳେ ତାଙ୍କର ପରିବାର ଲୋକେ ସେବା କରିବା ତ ଦୂରର କଥା ତାଙ୍କୁ ଦେଖିବା ପାଇଁ ମଧ୍ୟ ପାଖକୁ କେହି ଆସୁନାହାନ୍ତି। ତେଣୁ ଏହି କଷ୍ଟରୁ ମୁକ୍ତି ପାଇବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ ଯୋଗେ ଇଚ୍ଛା ମୃତ୍ୟୁ ପାଇଁ ନିବେଦନ କରିଛନ୍ତି।


4:38

Post

Kanchan Nayak @KanchanNayak17 Follow

@CModhisa
ମୁଁ ବାଲେଶ୍ୱର ଜିଲ୍ଲାରଜଳେଶ୍ୱର ନିର୍ବାଚନମଣ୍ଡଳୀର ୨ ନମ୍ବର oward ରେ ଭଡାଘରେ ରହୁଥିବାଏକ ଅଶାହାୟ ମହିଳା।ପନ୍ଦରଦିନତଲୁଶିଡିରୁ ପଡ଼ିମୋ ଅଣ୍ଟା ଗୋଡ଼ ଭାଙ୍ଗିଯାଇଥିଲା।କଟକରେ ଚିକିତ୍ସା ହେଉଥିଲି, ମୋ ପୂର୍ବ ପୁଷ୍ଟକୁନଜର ଦେବେ ପ୍ଲିଜ।ସାର ମୁଁ ବଞ୍ଚିବା ଅବସ୍ଥାରେ ନାହିଁ, ମୋତେଇଚ୍ଛାମୃତ୍ୟୁ ଆବଶ୍ୟକ,ଏଆଭାଗିନୀକୁ ଦୟାରିବେ 🙏

7:40 am · 28 Jun 24 · 30.1K Views

30 Reposts 20 Quotes 173 Likes

5 Bookmarks

## ଅସ୍ୱାସ୍ଥ୍ୟକର ପରିବେଶରେ ପାଠପଢ଼ା

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇଲେ ଗ୍ରାମବାସୀ

**ନୀଳଗିରି,୨୯।୬(ପ୍ରଶାନ୍ତ ବିଶ୍ୱାଳ)**

ଗ୍ରୀଷ୍ମ ଛୁଟି ଅବକାଶ ପରେ ବିଦ୍ୟାଳୟ ପରିସରକୁ ସଫା କରା ନ ଯାଇ ଅସ୍ୱାସ୍ଥ୍ୟକର ପରିବେଶରେ ପିଲାମାନଙ୍କୁ ପଢାଯାଉଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ଶନିବାର ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତାଲା ମାରି ଅଟକ ରଖିଥିଲେ। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଔପଦା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ରାଉଳଖୁଣ୍ଟା ପ୍ରାଥମିକ ବିଦ୍ୟାଳୟରେ। ସିଆର୍‌ସିସି ପହଞ୍ଚି ଅଭିଭାବକଙ୍କ ସହିତ ଆପୋଷ ଆଲୋଚନା ପରେ ସମାଧାନ ହୋଇଛି।

ଅଭିଭାବକଙ୍କ କହିବା ଅନୁଯାୟୀ, ବିଦ୍ୟାଳୟ ହତା ଭିତରେ ବାଲି ଠୁଳ ହେବା ସହ ବିଭିନ୍ନ ସ୍ଥାନରେ ଲୁହା ରଡ ବାହାରିଥିବା, ବିଦ୍ୟାଳୟ ପାଣି ଟାଙ୍କି ସଫା ନ ହୋଇ ଦୁର୍ଗନ୍ଧ ବାହାରୁଛି। ଯାହାକି ପିଲାମାନଙ୍କ ପ୍ରତି ସୁରକ୍ଷିତ ନୁହେଁ। ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଅଭିଭାବକମାନେ ଅଡି ବସିଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ପ୍ରତିକ୍ରିୟାରେ କହିଛନ୍ତି ଯେ, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗତ ସପ୍ତାହରେ ଗ୍ରୀଷ୍ମ ଛୁଟି ଖୋଲିବା ପୂର୍ବରୁ ସେ ନିଜେ ଆସି ବିଦ୍ୟାଳୟ ପରିସର ଏବଂ ଶ୍ରେଣୀଗୃହ ପରିଷ୍କାର କରାଇଥିଲେ। ତେବେ ତାଙ୍କ ବିନା ଅନୁମତିରେ ବିଦ୍ୟାଳୟ କ୍ୟାମ୍ପସ ଭିତରେ ବାଲି ଠୁଳ କରିଥିବା ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଡାକି ତୁରନ୍ତ ବାଲି ହଟାଇବାକୁ କହିଛନ୍ତି। ବାକି ରହିଯାଇଥିବା ଡାଳପତ୍ର, ନଟାଝଟା ସଫା କରିବାକୁ ୩ଜଣ ଲୋକ ଲଗାଇଥିବା କହିଛନ୍ତି।


ବିଦ୍ୟାଳୟ ପରିସରରେ ଉତ୍ତେଜନା।

# ଲକ୍ଷ୍ମୀ ବସ୍ ନାମ ହେବ ମୁଖ୍ୟମନ୍ତ୍ରୀ ବସ୍ ସେବା

**ଭୁବନେଶ୍ୱର,୨୯।୬(ଅନିଲ ଦାସ)**

ରାଜ୍ୟରେ ପ୍ରତ୍ୟେକ ପଞ୍ଚାୟତରୁ ଜିଲା ମୁଖ୍ୟାଳୟକୁ ଗଡୁଥିବା 'ଲକ୍ଷ୍ମୀ ବସ୍'ର ନାଁ ବଦଳିଯିବ। ଏହାର ନୂଆ ନାମ ମୁଖ୍ୟମନ୍ତ୍ରୀ ବସ୍ ସେବା ହେବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଲୋକମାନେ ଯେପରି ଅଧିକରୁ ଅଧିକ ବସ୍ ସେବା ପାଇପାରିବେ ତାହା ସରକାରଙ୍କ ପ୍ରାଥମିକତା ରହିବ। ଆସନ୍ତା ରଥଯାତ୍ରାରେ ସମସ୍ତ ବ୍ଲକରୁ ବସ୍ ପୁରୀକୁ ଚାଲିବ ବୋଲି ମନ୍ତ୍ରୀ କହିଛନ୍ତି।

୨୦୨୩ରେ ପଞ୍ଚାୟତ ଓ ବ୍ଲକ ସହର ସହ ଯୋଡ଼ିବା ପାଇଁ ବିଜେଡି ସରକାର ଏହି ଯୋଜନା ଆରମ୍ଭ କରିଥିଲେ। ମାଲକାନଗିରି ଜିଲାରୁ ପ୍ରଥମେ ଏହି ବସ୍ ସେବା ଯୋଜନା ଆରମ୍ଭ କରାଯାଇଥିଲା। ସରକାର ବଦଳିବା ପରେ ଏହି ଯୋଜନାର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ଅନେକ ସ୍ଥାନରେ ବସ୍‌ଗୁଡ଼ିକ ପଡ଼ି ରହିଥିବା ବେଳେ ଯାତ୍ରୀ ସଂଖ୍ୟା ମଧ୍ୟ ଆଶାନୁରୂପ ହେଉନାହିଁ। ମନ୍ତ୍ରୀ ସ୍ପଷ୍ଟ କରିଥିଲେ ଯେ ବସ୍ ସେବା ଜାରି ରହିବ, କିନ୍ତୁ ନୂଆ ନାଁରେ ଚାଲିବ। ଏଠାରେ ସୂଚନାଯୋଗ୍ୟ ଯେ ୨୦୨୩ ଫେବୃୟାରୀ ୧ ତାରିଖରୁ ଓଡ଼ିଶାର ସମସ୍ତ ୩୦ ଜିଲାର ୬୦୩୧ଟି ପଞ୍ଚାୟତରେ ୧୩୫୪ ଲକ୍ଷ୍ମୀ ବସ୍ ଚଳାଚଳ କରୁଛି। ଏହାଦ୍ୱାରା ୩.୬୪ କୋଟି ଲୋକ ଉପକୃତ ହେଉଛନ୍ତି।

# ୨୪ ଘଣ୍ଟା ପ୍ରବଳ ବର୍ଷିବ

## ଜୁନ୍‌ରେ ୬୦.୧ ମି.ମି. ନିଅଣ୍ଟିଆ ବର୍ଷା

**ଭୁବନେଶ୍ୱର,୨୯।୬(ଅସମାପିକା ସାହୁ)**

ଉତ୍ତରପଶ୍ଚିମ ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ରାଜ୍ୟରେ ଏବେ ବର୍ଷା ଲାଗି ରହିଛି। ଆସନ୍ତା ୨୪ଘଣ୍ଟା ମଧ୍ୟ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବାକୁ ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅପରପକ୍ଷେ ରାଜ୍ୟରେ ବର୍ଷା ହେଉଥିଲେ ମଧ୍ୟ ଏବେ ବି ରାଜ୍ୟରେ ନିଅଣ୍ଟିଆ ବର୍ଷା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଗତ ୧ରୁ ୨୯ ତାରିଖ ମଧ୍ୟରେ ରାଜ୍ୟରେ ୨୦୧.୪ ମି.ମି. ବର୍ଷା ହେବା କଥା। କିନ୍ତୁ ଏହି ସମୟରେ ୧୪୧.୩ ମି.ମି. ବର୍ଷା ରେକର୍ଡ କରାଯାଇଛି। ଅର୍ଥାତ୍ ୬୦.୧ ମି.ମି. ନିଅଣ୍ଟିଆ ବର୍ଷା ହୋଇଛି। ତେବେ ଗୋଟିଏ ଜିଲା ମାଲକାନଗିରରେ ଅତ୍ୟଧିକ ବର୍ଷା ରେକର୍ଡ କରାଯାଇଥିବାବେଳେ ଦୁଇଟି ଜିଲା ବାଲେଶ୍ୱର ଏବଂ ମୟୂରଭଞ୍ଜରେ ଅଧିକ ନିଅଣ୍ଟିଆ ବର୍ଷା ହୋଇଛି।

# ଶ୍ରମିକଙ୍କୁ ମିଳିଲାନି ବର୍ଦ୍ଧିତ ମଜୁରି

## ଶ୍ରମ ବିଭାଗର ବିଜ୍ଞପ୍ତି ପ୍ରକାଶକୁ ୩ ମାସ ଅତିକ୍ରାନ୍ତ

**ଯାଜପୁର,୨୯।୬ (ହର୍ଷବର୍ଦ୍ଧନ ବେହେରା)**

ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ନିୟୋଜିତ କୁଶଳୀ ଓ ଅଣକୁଶଳୀ ଶ୍ରମିକମାନେ ଶୋଷଣର ଶିକାର ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏନେଇ ଆନ୍ଦୋଳନ, ଦାବି ହେଉଥିଲେ ହେଁ କିଛି ପ୍ରତିକାର ବ୍ୟବସ୍ଥା ହେଉ ନଥିବାରୁ ସେମାନଙ୍କ ଆର୍ଥିକ ସ୍ଥିତି ସୁଧାରିବାରେ ସରକାରଙ୍କ ଲକ୍ଷ୍ୟ ପରାହତ ହେଉଛି। ଏହି କ୍ରମରେ ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ୩ ମାସ ପୂର୍ବରୁ ପାଇଥିବା ବିଜ୍ଞପ୍ତିଅନୁସାରେ ଶ୍ରମିକଙ୍କ ପାଇଁ ଧାର୍ଯ୍ୟ ସର୍ବନିମ୍ନ ମଜୁରି ଏଯାଏ କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକରେ ଲାଗୁ ହୋଇପାରିନାହିଁ। ଏହାକୁ ନେଇ ଶ୍ରମିକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ଜିଲାର ଦାନଗଦି ଓ ସୁକିନ୍ଦା ବ୍ଲକର ଚାନ୍ଦିଆ, ବାଲିଗୋଠ, ଟାଙ୍ଗରସାହି, ବରପାଳ, କୁଡୁମୀସାହି, ଅରାସାହି ସମେତ ଖଣି ଅଞ୍ଚଳର ବହୁ ଗ୍ରାମର ଚାଷଜମି ଶିଳ୍ପ ଓ ଖଣିରେ ବ୍ୟବହାର ହୋଇଛି। ଚାଷବାସ ଯିବା ପରେ ଅଞ୍ଚଳବାସୀ ଠିକାସଂସ୍ଥାଗୁଡିକ ଉପରେ ନିର୍ଭର କରୁଛନ୍ତି। ଏହିକ୍ରମରେ ସରକାରୀ ଭାବେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ୧୧ଟି ପ୍ରମୁଖ ଶିଳ୍ପସଂସ୍ଥାରେ ପରୋକ୍ଷ ଭାବରେ ୪୨,୦୪୪ ସଂଖ୍ୟକ ଠିକା ଶ୍ରମିକ କାର୍ଯ୍ୟ କରୁଛନ୍ତି। ଉକ୍ତ ଠିକାଶ୍ରମିକଙ୍କୁ ଧାର୍ଯ୍ୟ ସର୍ବନିମ୍ନ ମଜୁରିଠାରୁ କମ୍ ମିଳୁଥିବା ଅଭିଯୋଗ ହୋଇଛି। ନିର୍ବାଚନ ପୂର୍ବରୁ ଅର୍ଥାତ ୧୩।୩।୨୦୨୪ରେ ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ବିଜ୍ଞପ୍ତି ସଂଖ୍ୟା ୨୨୭୮ରେ ବିଭିନ୍ନ ଶ୍ରେଣୀର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି କରାଯାଇଥିଲା। ଏଥିରେ ଶିଳ୍ପସଂସ୍ଥା, ଖଣି, କୃଷି, ଅଟୋମୋବାଇଲ, ପାଇପ୍ ମିସ୍ତ୍ରି, ଜଙ୍ଗଲ, ଇଲେକ୍ଟ୍ରିସିଆନ, ହୋଟେଲ ଆଦି ବିଭିନ୍ନ ୮୯ଟି କ୍ଷେତ୍ରରେ କାର୍ଯ୍ୟରତ ଅଣକୁଶଳୀ ଶ୍ରମିକ ୪୫୦, ଅର୍ଦ୍ଧକୁଶଳୀ ୫୦୦, କୁଶଳୀ ୫୫୦, ଉଚ୍ଚକୁଶଳୀ ୬୦୦ ଟଙ୍କା ପାଇବେ ବୋଲି ଦର୍ଶାଯାଇଥିଲା। ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୨ ମାସ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ରହିଥିଲା। ଅନ୍ୟପକ୍ଷେ ବିଭିନ୍ନ ସରକାରୀ ଅନୁଷ୍ଠାନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଉପରୋକ୍ତ ବର୍ଦ୍ଧିତ ଦରରେ ମଜୁରି ପ୍ରଦାନ କରିବାକୁ ଗତ ମାର୍ଚ୍ଚ ୧୫ରୁ କାର୍ଯ୍ୟକାରୀ ହେବ ବୋଲି ବିଭାଗୀୟ ସଚିବ ଆର.ଏସ୍. ଗୋପାଳନ ନିର୍ଦ୍ଦେଶ ଜାରି କରିଥିଲେ। ହେଲେ ନିର୍ଦ୍ଦେଶକୁ ୩ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ବିଭିନ୍ନ କାରଖାନା ଓ ଅନୁଷ୍ଠାନରେ ଏଯାବତ୍ ବର୍ଦ୍ଧିତ ମଜୁରି ଦିଆଯାଇନାହିଁ। ବିଡମ୍ବନା ଯେ, ଏ ସଂକ୍ରାନ୍ତରେ ନିୟୋଜିତ ବିଭିନ୍ନ ଠିକାସଂସ୍ଥା ଓ ଠିକାଦାରମାନଙ୍କୁ ଜିଲା ଶ୍ରମ ବିଭାଗ ଦ୍ୱାରା ନିର୍ଦ୍ଦେଶ ଆସି ନ ଥିବା କୁହାଯାଉଛି। ତେଣୁ କାର୍ଯ୍ୟରତ ଶ୍ରମିକମାନଙ୍କୁ ପିଛିଲା ଭାବେ ବର୍ଦ୍ଧିତ ମଜୁରିପ୍ରଦାନ କରିବାକୁ ଦାବି ହେଉଛି।

କଳିଙ୍ଗନଗରରେ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ବୃହତ୍ କମ୍ପାନୀଗୁଡିକରେ ପ୍ରାୟ ୪୦୦ ଅଣଓଡ଼ିଆ ଠିକାସଂସ୍ଥାକୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ସେହିପରି ପ୍ରାୟ ୨୦୦ ଓଡ଼ିଆ ଠିକାସଂସ୍ଥା ଏଠାରେ କାର୍ଯ୍ୟ କରୁଛନ୍ତି। ହେଲେ ଉଚ୍ଚତର କୁଶଳୀ କର୍ମଚାରୀ ଏବଂ ଶ୍ରମିକଙ୍କୁ ଦୈନିକ ୧୦୦୦ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ କାରଖାନା କର୍ତ୍ତୃପକ୍ଷ ପ୍ରଦାନ କରୁଥିବାବେଳେ ନିୟୋଜିତ ଠିକାସଂସ୍ଥାଗୁଡିକ ତାହାର ପ୍ରାୟ ୪୦ ପ୍ରତିଶତ ଦେଉଥିବା ଅଭିଯୋଗ ହେଉଛି। ଏହାବାଦ୍ ଅଧିକାଂଶ ସମୟରେ ଅବଧି ସରିଲେ ସେମାନଙ୍କୁ ତଡ଼ାଖାଇବାକୁ ପଡୁଛି। ଠିକା ଶ୍ରମିକ ଉଚ୍ଛେଦ ଆଇନକୁ ଉଲ୍ଲଂଘନ କରି ଫୁଲ୍ ଆଣ୍ଡ ଫାଇନାଲ୍ ପ୍ରାପ୍ୟ ପ୍ରଦାନ କରିବା ପୂର୍ବରୁ କେତେକ ଅଣଓଡ଼ିଆ ଠିକାସଂସ୍ଥା ଏଠାରୁ ଫେରାର ହୋଇଥିବା ଘଟଣା କଳିଙ୍ଗନଗର ଶିଳ୍ପାଞ୍ଚଳରେ ନଜିର ରହିଛି। ଶ୍ରମ ଆଇନର ଖୋଲା ଉଲ୍ଲଂଘନ କରି ଲାଭଖୋର କମ୍ପାନୀଗୁଡ଼ିକ ଶ୍ରମିକଙ୍କୁ ଶୋଷଣ କରି ଚାଲିଥିବାବେଳେ ଶ୍ରମ ବିଭାଗ ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ବିଜ୍ଞପ୍ତି ଅନୁସାରେ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ହେଲେ ନିର୍ବାଚନ ଆଚରଣ ବିଧି ଲାଗୁହେବା ପରେ ପରବର୍ତ୍ତୀ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏନିମି ଇଭେଣ୍ଟ, ସ୍ଥାନ: ରେଳ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ, ସ୍ଥାନ: ରିକ୍ରେଶନ କ୍ଲବ ସଭାଗୃହ, ବିଏମ୍‌ସି ପୁରୁଣା ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନର କର୍ମଶାଳା, ସ୍ଥାନ: ଆସ୍ଥା ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ପ୍ଲଟ୍ ନଂ. ୧୦୨୩, ଖାରବେଳ ନଗର, ଭାରତୀୟ ରିଜର୍ଭ ବ୍ୟାଙ୍କ ପଛ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏସ୍‌ଆଇପି ଆବାକସ୍ ଆଣ୍ଡ ମେଣ୍ଟାଲ ଆରିଥମେଟିକ୍ ଷ୍ଟେଟ୍ କମ୍ପିଟିଶନ, ସ୍ଥାନ: ଇଷ୍ଟ କୋଷ୍ଟ ରେଲୱା ଇଣ୍ଡୋର ଷ୍ଟାଡିୟମ୍, ସମୟ: ମଧ୍ୟାହ୍ନ ୧୨ଟା।
- ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାର, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୨ଟା ୩୦।
- ବିଭାବନା ସାରସ୍ୱତ ସମାରୋହ, ସ୍ଥାନ: ବୁଲନ ଭାଇ ସେବା ଭବନ, ସମୟ: ଅପରାହ୍ନ ୩ଟା ୪୫।
- ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ଓ ଅରୁଣ-ତରୁଣ ଶିଶୁ ବିକାଶ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ କବିତା ପାଠୋତ୍ସବ, ଶିଶୁ ସାହିତ୍ୟ କର୍ମଶାଳା, ସ୍ଥାନ: ୭/୧୩, ଟାଇପ 'ବି' (ରିଭାଇଜ୍‌ଡ), ୟୁନିଟ୍-୯, ଆନନ୍ଦ ବଜାର ଛକ ପାଖ, ସମୟ: ଅପରାହ୍ନ ୪ଟା।
- ୨୨ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୧୯୯ତମ ଆଲୋଚନା ଚକ୍ର, ସ୍ଥାନ: ଭାରତୀୟ ବିଦ୍ୟାଭବନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।
- ଏକ ଦିବସୀୟ ଧର୍ମସତ୍ର, ସ୍ଥାନ: ବୁଦ୍ଧ ମନ୍ଦିର, ନୂତନ ପ୍ରକୋଷ୍ଠ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ଜନ୍ମବାର୍ଷିକ ଅବସରରେ ଅଦ୍ୱିତୀୟ ବୈଷ୍ଣବ ସମ୍ମିଳନୀ, ସ୍ଥାନ: କଟକ ସାରଳା ଭବନ, ସମୟ: ସକାଳ ୯ଟା।
- ୩ୟ ଜୁନିଅର୍ (କ୍ୟୁରୋଗୀ ଏବଂ ପୁମ୍‌ସେ) ଓ ସିନିୟର(ପୁମ୍‌ସେ) ନ୍ୟାଶନାଲ ଟାଏକୋଣ୍ଡ ଚାମ୍ପିୟନଶିପ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: କଟକ ଜବାହରଲାଲ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।
- ବାଇମୁଣ୍ଡି ବରିଷ୍ଠ ନାଗରିକ ସଂଘର ୩ୟ ବାର୍ଷିକ ସମ୍ମିଳନୀ, ସ୍ଥାନ: କଟକ ଟ୍ୟାକ୍ସ ବାର୍ ଆସୋସିଏଶନ୍ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା ୩୦।

## ପୁରୀ

- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦।

## ଖୋର୍ଦ୍ଧା

- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର ପରିସର, ବୋଲଗଡ଼, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିୟନଶିପ୍, ସ୍ଥାନ: ରେଲୱେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଣିଓରା, ଜଟଣୀ, ସମୟ: ମଧ୍ୟାହ୍ନ ୧୨ଟା ୩୦।

- ପୁରୀ ଏମ୍‌ପି ଡା.ସମ୍ବିତ ପାତ୍ର ଏବଂ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ମେଧାବୀ ଅଭିନନ୍ଦନ ଓ ସମ୍ବର୍ଦ୍ଧନା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶ୍ରୀରାମ ବିହାର, ବାଲୁଗାଁ, ସମୟ: ଅପରାହ୍ନ ୪ଟା। ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ଉମାମହେଶ୍ୱର ବଣିକ ସଂଘ ସଭାଗୃହ, ଅଶୋକ ନଗର, ବାଲୁଗାଁ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଓଡିଶା ସାହିତ୍ୟ ଏକାଡେମୀ ଓ ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ଭକ୍ତକବି ଦୀନକୃଷ୍ଣ ଦାସ ସ୍ମୃତିସଭା, ସ୍ଥାନ: କବି ପୀଠ ମୁଣ୍ଡୁଡୁଣିଆ, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ ଟା।
- ରକ୍ତଦାନ ଶିବିର,ସ୍ଥାନ: ସତ୍ୟସାଇ ମନ୍ଦିର ପରିସର, ଷ୍ଟେସନ ଛକ, ସୋର,ସମୟ: ପୂର୍ବାହ୍ନ ୯ଟା।
- ବାଲେଶ୍ୱର ଜିଲା ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଭେନ୍ସା ପାରାଡ଼ାଇଜ୍, ଓଟି ରୋଡ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା। ସାଂସ୍କୃତିକ କାର୍ଯ୍ୟକ୍ରମ,ପୂର୍ବାହ୍ନ: ୧୧ଟା।
- ଆମ ଟିଭି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଓଏସିସ୍ କଲେଜ ପରିସର, ଗୋପାଳଗାଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: କନ୍ତିଆ ନୋଡ଼ାଲ ସ୍କୁଲ, ବର୍ତ୍ତନା, ଖଇରା, ସମୟ: ପର୍ବାହ୍ନ ୧୦ଟା।
- ମାଝୀ ପାର ଗାନା ମହଲ ସଙ୍ଗଠନ ପକ୍ଷରୁ ଆଦିବାସୀମାନଙ୍କ ପାରମ୍ପରିକ ଶୋଭା, ସ୍ଥାନ:ଧରମପୁର, କାଳିକ,ସମୟ: ଅପରାହ୍ନ ୪ଟା।
- ରଥଯାତ୍ରା ଓ ବାହୁଡ଼ା ଯାତ୍ରା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ:ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଅନନ୍ତପୁର, ସୋର, ସମୟ: ଅପରାହ୍ନ ୫ଟା।
- 'ହାସ୍ୟରସ, ହାସ୍ୟବିଜ୍ଞାନ, ହସକଥା ଓ ସୁଖର ସନ୍ଧାନ' ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ବ୍ୟାଡମିଣ୍ଟନ୍ ଚାମ୍ପିୟନସିପ୍ ସିଜନ୍-୪ର ଉଦ୍‌ଯାପନୀ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ୍, ଆଇଟିଆଇ ଛକ, ବାଲେଶ୍ୱର,ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ସ୍ୱେ।

## ଭଦ୍ରକ

- ଭାରତ ବିକାଶ ପରିଷଦ ପକ୍ଷରୁ ଚାରାରୋପଣ, ସ୍ଥାନ: ଚରମ୍ପା ଶ୍ମଶାନ ପଡ଼ିଆ, ଭଦ୍ରକ, ସମୟ: ସକାଳ ୭ଟା।
- ଦିବଂଗତ ସାମାଜିକ କର୍ମୀ ଦୁର୍ଯ୍ୟୋଧନ ବଳ ଓ ସତ୍ୟଭାମା ବଳଙ୍କ ସ୍ମୃତିସଭା, ସ୍ଥାନ: ଜୟକୃଷ୍ଣପୁର, ଜଗନ୍ନାଥପ୍ରସାଦ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ପୁସ୍ତକ 'ଛାଇ ଲେଉଟାଣି' ଓ 'ବିବିଧ ବିଷା' ଉନ୍ମୋଚନ, ସ୍ଥାନ: ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।

## ମୟୂରଭଞ୍ଜ

- ସ୍ୱାର୍ଡ଼ାର ବୈଠକ, ସ୍ଥାନ: ଜଗନାଥ ମନ୍ଦିର, ଚିତ୍ରଡା, ମୋରଡା, ସମୟ: ସକାଳ ୯ ଟା।

## କେନ୍ଦୁଝର

- ରବି ନାରାୟଣଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଚାଷୀ ସମାବେଶ, ସ୍ଥାନ: ହଦଗଡ଼, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।

- ମାନବାଧିକାର ସୁରକ୍ଷା ମଞ୍ଚ ବୈଠକ, ସ୍ଥାନ : କେନ୍ଦୁଝର ସହିଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆନନ୍ଦପୁର ବିଧାୟକଙ୍କ ବିଭିନ୍ନ ପଞ୍ଚାୟତରେ ବୈଠକ, ସ୍ଥାନ: ହାଟଡିହୀ ବ୍ଲକ ,ସମୟ: ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ନ ୪ ଟା।

## ବ୍ରହ୍ମପୁର

- ଜିଲା ସ୍ତରୀୟ ସନ୍ତରଣ ପ୍ରତିଯୋଗିତା, ସ୍ଥାନ:ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ:ସକାଳ ୭ଟା।
- ମାସିକା ନାଟକ ଉତ୍ସବ, ସ୍ଥାନ: ପ୍ରକାଶମ ହଲ, ସମୟ: ସନ୍ଧ୍ୟା ୬ଟା ୩୦ମି।

## ଗଞ୍ଜାମ

- ହନୁମାନ ଚାଳିଶା ପାରାୟଣ, ଘୃତଯଜ୍ଞ, ଅନ୍ନଯଜ୍ଞ, ସ୍ଥାନ:ଶ୍ରୀକୃଷ୍ଣଶରଣ ପୁର ଗ୍ରାମ, ଖଲ୍ଲିକୋଟ,ସମୟ:ସକାଳ ୮ଟା।
- ବିଷ୍ଣୁ ମନ୍ଦିର, ସୂର୍ଯ୍ୟ ମନ୍ଦିର ଓ ନିତାଇଗୌର ମଣ୍ଡପର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଆଳିପୁର (ଆସିକା), ସମୟ: ସକାଳ ୮ଟା ୩୦।
- ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼ରେଶନ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପାତ୍ରପୁର ଶିକ୍ଷକ ଭବନ ସମୟ: ପୂର୍ବାହ୍ନ ୧୦ଟା।
- ରେଳ ଲାଇନ ଦାବିରେ ବୈଠକ, ସ୍ଥାନ: ଭଞ୍ଜନଗର କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବିଦାୟ କାଳୀନ ସମ୍ବର୍ଦ୍ଧନା,ସ୍ଥାନ: ପାତ୍ରପୁର ଶିକ୍ଷକ ଭବନ ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ଏସ୍‌ଡିଜେଏମ୍ ଏବଂ ଜେଏମ୍‌ଏଫ୍‌ସିଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା, ସ୍ଥାନ: ଗୁଣପୁର ଓକିଲ ସଂଘ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଅବସରପ୍ରାପ୍ତ ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଝରିଗାଁ ବ୍ଲକ କୋଡ଼ଭାଟା ଉଚ୍ଚ ବିଦ୍ୟାଳୟ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମାଲକାନଗିରି

- ପ୍ରଧାନ ଶିକ୍ଷକଙ୍କ ପାଇଁ ଡିଜିଗୋଭ ତାଲିମ୍ କାର୍ଯ୍ୟକ୍ରମ, ସ୍ଥାନ: ଖଇରପୁଟ ନୂତନ ଉଚ୍ଚ ବିଦ୍ୟାଳୟ, ସମୟ ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- କଳାକାର ପରିବାର ଆୟୋଜିତ କ୍ରିକେଟ ପ୍ରତିଯୋଗିତା, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୬ଟା।
- ସମ୍ବଲପୁରୀ ସାହିତ୍ୟରେ ନାରୀବାଦ, ସମ୍ବଲପୁରୀ ସାହିତ୍ୟରେ ସମାଜବାଦ, ସମ୍ବଲପୁରୀ କଥା ସାହିତ୍ୟ ଏବଂ ସମ୍ବଲପୁରୀ ସାହିତ୍ୟରେ ପ୍ରଗତିବାଦ ଉପରେ ଭିତ୍ତିପ୍ରବନ୍ଧ ପାଠ କାର୍ଯ୍ୟକ୍ରମ , ସ୍ଥାନ : ଜିଏମ୍‌ୟୁ ଉପଯୋଗିତା କେନ୍ଦ୍ର, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ : ଜିଏମ୍‌ୟୁ ଉପଯୋଗିତା କେନ୍ଦ୍ର, ସମୟ : ମଧ୍ୟାହ୍ନ ୧୨ଟା।
- କଲମ ପରିବାର ପକ୍ଷରୁ ସମ୍ବଲପୁରୀ ବହି ହାଟ ଉଦ୍‌ଯାପନୀ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଉପଯୋଗିତା କେନ୍ଦ୍ର, ସମୟ : ଅପରାହ୍ନ ୫ଟା।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ଅପରାହ୍ନ ୫ଟା ୩୦।

## ବଲାଙ୍ଗୀର

- ସମାଜବାଦୀ ଚିନ୍ତକ କିଶନ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବୃକ୍ଷରୋପଣ, ସ୍ଥାନ: ବିଜାଖମନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

## ସୁବର୍ଣ୍ଣପୁର

- ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆରର ବାର୍ଷିକ ସାଧାରଣ ପରିଷଦ ବୈଠକ, ସ୍ଥାନ: ସୋନପୁର ବ୍ଲକ ଧୋବାମୁଣ୍ଡାସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ହୋଟେଲ ସିଦ୍ଧି, ରେଳ ଷ୍ଟେଶନ ରୋଡ୍, ବରଗଡ଼, ସମୟ: ସକାଳ ୮ଟା।
- ମାରୱାଡ଼ି ଯୁବାମଞ୍ଚର ରକ୍ତଦାନ ଶିବିର, ସ୍ଥାନ: ଅଗ୍ରସେନ ଭବନ, ସୋହେଲା, ସମୟ: ସକାଳ ୮ଟା।
- ଜନିଥ ଲାୟନ୍ସ ଗୁରୁକୂଳରେ ରକ୍ତଦାନ ଶିବିର, ସ୍ଥାନ: ଜେନିଥ ସ୍କୁଲ ପରିସର, ଝାଙ୍କରପାଲି, ବରଗଡ, ସମୟ: ସକାଳ ୯ଟା।
- କିଶନ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ସମତା ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(ଜିଜ୍ଞାସା), ସ୍ଥାନ: ବାଳକ ଉଚ୍ଚ ବିଦ୍ୟାଳୟ, ଭଟଲି, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(ଜିଜ୍ଞାସା), ସ୍ଥାନ: ଜାଣ୍ଡୋଲ ଉଚ୍ଚ ବିଦ୍ୟାଳୟ, ଭେଡ଼େନ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଜମଲା ଉଚ୍ଚ ବିଦ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଜର୍ଜ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ବିଜେପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ସୁକୁଡ଼ା ଉଚ୍ଚ ବିଦ୍ୟାଳୟ, ଭଟଲି, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ବରାହଗୋଡ଼ା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ପାଣିମୋରା ସରକାରୀ ଉଚ୍ଚ ବିଦ୍ୟାଳୟ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଅନ୍ୱେଷା ପକ୍ଷରୁ ଲିଟିଲଚାମ୍ପ କାର୍ଯକ୍ରମ,ସ୍ଥାନ: ଡିପିଏସ୍ ସ୍କୁଲ, ସେକ୍ଟର-୧୪,ସମୟ: ସକାଳ ୮ଟା।
- ରାଉରକେଲା ଟ୍ରକ ଓନର୍ସ ନିର୍ବାଚନ,ସ୍ଥାନ: ପାୱାର ହାଉସ ରୋଡ,ସମୟ:ସକାଳ ୮ଟାରୁ ଅପରାହ୍ନ ୧୨ଟା।
- ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଓଏସଏପି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ୟୁନିଟେକ୍ ପକ୍ଷରୁ କୃତି ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା,ସ୍ଥାନ: ରିମ୍ସ ଅଡିଟୋରିୟମ୍ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତାଇରା ମିସ୍ ଆଣ୍ଡ ମିଷ୍ଟର ଇଣ୍ଡିଆ ଇନଭେସନ୍,ସ୍ଥାନ: ଏନଆଇଟି ବିବିଏ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଏକତ୍ର ପକ୍ଷରୁ ନାଟ୍ୟ ପଠନ, ସ୍ଥାନ: ଛେଣ୍ଡ ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା୬ଟା।
- ନୋବେଲ ଆସୋସିଏଶନ ପକ୍ଷରୁ ସାହିତ୍ୟ ସଭା,ସ୍ଥାନ: ନୋବେଲ କ୍ଲବ , ସମୟ: ସନ୍ଧ୍ୟା ୭ଟା ୩୦।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ପ୍ରଧାନ ଶିକ୍ଷୟତ୍ରୀଙ୍କ କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ସରକାରୀ ଉ.ପ୍ରା ବିଦ୍ୟାଳୟ, ତିଲେଇବଣୀ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ପଦ୍ମଶ୍ରୀ ବାବା ବଳିଆଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ନର୍ଲା, ବିକ୍ରମ ଲଜ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଅଷ୍ଟପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ରଜନା ଗାଁ, ସମୟ: ୮ଟା ୩୦।

## ବୌଦ୍ଧ

- କନ୍ଧ ଗଉଡ ଓ ତଅାଁଳା ଗଉଡ ସେବା ସମବାୟ ସମିତି ସଙ୍ଗଠନର ବୈଠକ, ସ୍ଥାନ: ଝାଡରାଜିଙ୍ଗ ହରଭଙ୍ଗା, ସମୟ: ସକାଳ ୮ଟା।
- ଗଡଜାତ ସାଂସ୍କୃତିକ ପରିଷଦ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବୀରନରସିଂହପୁର ବନ ବିଭାଗ ନର୍ସରୀ ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ୪୦ତମ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ, ସ୍ଥାନ: ବିଜୁ ପଟ୍ଟନାୟକ ସନ୍ତରଣାଗାର, ବୌଦ୍ଧ, ସମୟ: ଅପରାହ୍ନ ୪ଟା ।

## ଢେଙ୍କାନାଳ

- ଥିଙ୍କର୍ସ ଫୋରମର ସାହିତ୍ୟ ସଭା, ସ୍ଥାନ: ଯାଉଁଳି ପୋଖରୀ ମଠ, ସମୟ: ସକାଳ ୯ଟା।
- ଢେଙ୍କାନାଳ ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ ସଭାଗୃହ, ସମୟ: ଅପରାହ୍ନ ୪ଟା।
- ଜିଲା ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଶ୍ରୀଶ୍ରୀ ସିଦ୍ଧି ବିନାୟକଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗରୁଆଳ, ବରାଗୋଳ ପଞ୍ଚାୟତ, ରଘୁନାଥପୁର, ସମୟ: ସକାଳ ୬ଟା।
- ଗୋମାତା ସୁରକ୍ଷା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ରତ୍ନବଟ, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଶ୍ରୀ ବଳଦେବଜୀଉ କଳା ସାଂସ୍କୃତିକ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା, ସ୍ଥାନ:ଜିଲା ସଂସ୍କୃତି ଭବନ, ଉଦୟ ନଗର, ସମୟ: ସକାଳ ୮ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।

## ଯାଜପୁର

- ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା, ସ୍ଥାନ: ଯାଜପୁର ସନ୍ତରଣାଗାର, ସମୟ: ସକାଳ ୮ଟା।
- ଧର୍ମଶାଳା ବିଧାୟକଙ୍କୁ ସୂର୍ଯ୍ୟାସ୍ତ ପରିବାର ପକ୍ଷରୁ ସମ୍ବର୍ଦ୍ଧନା, ସ୍ଥାନ: ଜାରକାସ୍ଥିତ କୁମାରୀ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ:ଖଣ୍ଡପଡ଼ା ବ୍ଲକ ଗୋପିନାଥପୁର ପ୍ରାଥମିକ ବିଦ୍ୟାଳୟ, ଖଣ୍ଡପଡ଼ା ବ୍ଲକ ବଳରାମପ୍ରସାଦ କେଜିଏମ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦। ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ରର କର୍ମକ୍ଷେତ୍ରରେ ଅସୁବିଧାର ଆଶଙ୍କା କରି ମନ ଅସ୍ଥିର ରହିବ। ପୂର୍ବ ନିର୍ଦ୍ଧାରିତ ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ ସମୟରେ ମନାନ୍ତର ଘଟିପାରେ। କର୍ମକ୍ଷେତ୍ରରେ ବିଳମ୍ବରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହେବ। ସବୁ ସୁବିଧା ଥିଲେ ମଧ୍ୟ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିବେ।

**ବୃଷ** ଶୁକ୍ରଙ୍କ ସୁପ୍ରଭାବରୁ ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ଓ ଦିନଟି ହର୍ଷୋତ୍‌ଫୁଲ୍ଲ ରହିବ। ସହକର୍ମୀଙ୍କ ଆନୁଗତ୍ୟରୁ କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ। ଆଲୋଚନା କାଳରେ ବିନା କାରଣରେ ଅନ୍ୟମାନଙ୍କ ରୋଷର କାରଣ ହୋଇପାରନ୍ତି।

**ମିଥୁନ** ବୁଧଙ୍କ ଦ୍ୱାରା ବୌଦ୍ଧିକତାର ଅଭ୍ୟୁଦୟ ସାଙ୍ଗକୁ ଅର୍ଥନୈତିକ ଅଭିବୃଦ୍ଧି ଆତ୍ମତୃପ୍ତିର ପରିଚାୟକ ହେବ। ପାରିବାରିକ କ୍ଷେତ୍ରରେ ସ୍ଥିର ମନ ନେଇ କାମ କଲେ ସମସ୍ୟାର ସମାଧାନ ହେବ। ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କର୍କଟ** ଭାଗ୍ୟ ଓ କର୍ମାଧିପଙ୍କ ଶୁଭଦୃ କାରଣରୁ ଅନୁକୂଳ ବାତାବରଣ ମଧ୍ୟରେ ପ୍ରତ୍ୟେକ ସମସ୍ୟା ସୁଧାରି କାମ ହାସଲ କରିବେ। ସାମାଜିକ ସ୍ତରରେ, ସାଙ୍ଗଠନିକ କ୍ଷେତ୍ରରେ, ସାଂସ୍କୃତିକ କାର୍ଯ୍ୟକ୍ରମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ତରବରିଆ ପଦକ୍ଷେପ ନେଲେ ହଇରାଣ ହେବେ। ବ୍ୟବସାୟରେ ଆଶାନୁରୂପ ସୁଫଳ ପାଇବେ।

**ସିଂହ** କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ମାତ୍ର ବାଗ୍ମିତା ବଳରେ ଅର୍ଥ ସମ୍ପର୍କୀୟ କୌଣସି ବିବାଦର ଅବସାନ ଘଟାଇ ପାରନ୍ତି। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ଯାନ୍ତ୍ରିକ ତ୍ରୁଟି ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ କରାଇବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ କେତେକାଂଶରେ ମନ୍ଥର କରିବାର ଆଶଙ୍କା ରହିଛି।

**କନ୍ୟା** ଆଜି ମନ ପ୍ରଫୁଲ୍ଲ ରହିବ, କିନ୍ତୁ ନିକଟରେ ରହି ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତି ପ୍ରତି ସତର୍କ ରହିବା ଭଲ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଅବହେଳା କାରଣରୁ ସ୍ଥଗିତ ରହିଥିବା କାମ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଜମିଜମା ବିବାଦ କ୍ରମଶଃ ତୀବ୍ରତର ହେବାର ସୂଚନା ରହିଛି।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା କିଛି ମାତ୍ରାରେ ବୃଦ୍ଧି ପାଇଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ଯାହା ଓ ଯେମିତି କଲେ ମଧ୍ୟ ଈର୍ଷାଳୁଙ୍କ ଦ୍ୱାରା ସମାଲୋଚିତ ହେବାକୁ ପଡ଼ିବ। ବିବାଦୀୟ ପରିସ୍ଥିତିରେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପାରିବାରିକ ଜୀବନରେ ସମ୍ପର୍କୀୟଙ୍କ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ସୁବିଧା ସୁଯୋଗ ଆପଣାଛାଏଁ ଆସିବ ଓ ଆର୍ଥିକ ଦିଗଟି ଭଲ ରହିବ। ଆଜିର ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଆନୁଷ୍ଠାନିକ କିମ୍ବା ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଅନୁରାଧା ନକ୍ଷତ୍ରର ପରିବାର ସହ ଆଜିର ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ।

**ଧନୁ** ସାମୟିକ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପାରିବାରିକ କ୍ଷେତ୍ରରେ ଅତୀତକୁ ଧରିବସିଲେ ବର୍ତ୍ତମାନକୁ ହରାଇବାକୁ ପଡ଼ିପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଉତ୍ତରାଷାଢ଼ା ନକ୍ଷତ୍ରର ଅର୍ଥ ଅଭାବ ହେତୁ ବନ୍ଧୁଙ୍କ ପାଖରେ ହାତ ପାତିବାକୁ ପଡ଼ିପାରେ।

**ମକର** ସମ୍ପର୍କୀୟଙ୍କ ପ୍ରତି ସୁସମ୍ପର୍କର ଅଭାବଜନିତ ଭାବପ୍ରବଣତା ବୃଦ୍ଧି ପାଇବ। କ୍ରୀଡ଼ା, ସାହିତ୍ୟ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇବେ, କିନ୍ତୁ ତଦନୁଯାୟୀ ପଦକ୍ଷେପ ନେବା କଷ୍ଟକର ହେବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ପିଲାମାନଙ୍କ ପାଇଁ ମନ ଭାରାକ୍ରାନ୍ତ ରହିପାରେ।

**କୁମ୍ଭ** ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ସଫଳତା ହାସଲ କରିବେ। ପରିବାରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅସ୍ଥିରତା ଅନୁଭବ କରିପାରନ୍ତି। ପୂର୍ବଭାଦ୍ର ନକ୍ଷତ୍ର ବନ୍ଧୁ ଗହଣରେ ମିଥ୍ୟା ଭାଷଣରୁ ସମାଲୋଚିତ ହେବେ। ଆତ୍ମୀୟଙ୍କ ସମ୍ବନ୍ଧରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିବାର ଆଶଙ୍କା ରହିଛି।

**ମୀନ** ଆଜି ଆପଣଙ୍କର ଏକାଧାରରେ ଶାରୀରିକ ଓ ମାନସିକ ସ୍ଥିତି ପ୍ରାୟତଃ ଭଲ ରହିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କିମ୍ବା ପ୍ରଶାସନିକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ରେବତୀ ନକ୍ଷତ୍ର ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଦାୟୀ କରି ଅନୁତପ୍ତ ହୋଇପାରନ୍ତି।

ଆଜି ଜୁନ୍ ୩୦ ତାରିଖ, ଆଷାଢ଼ କୃଷ୍ଣ ନବମୀଯୁକ୍ତ ଦଶମୀ ରବିବାର, ସକାଳ ଘ.୦୭।୩୪ମି. ଗତେ, ରାଶିନକ୍ଷତ୍ର- ଅଶ୍ୱିନୀ/ମେଷ, ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୦ ଗତେ ଘ.୦୯।୩୮ ମଧ୍ୟେ, ଘ.୦୧।୨୯ ଗତେ ଘ.୦୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୪୬ ଗତେ ଘ.୦୬।୨୫ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଆରମ୍ଭ କଲେ ...

ଏବଂ ବିକାଶରେ ବିହାର ଅନ୍ୟ ରାଜ୍ୟଗୁଡ଼ିକଠାରୁ ପଛରେ ପଡ଼ିଥିବାରୁ ଦୀର୍ଘଦିନର ଏହି ଦାବିର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜୋର୍ ଦେଇଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ଦଳର ଜଣେ ବରିଷ୍ଠ ନେତା କହିଛନ୍ତି, ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି ନୂଆ ନୁହେଁ। ରାଜ୍ୟର ଅଭିବୃଦ୍ଧି ବଢ଼ାଇବାକୁ ହେଲେ ଏହା ଜରୁରୀ ପଦକ୍ଷେପ ବୋଲି ସେ କହିଛନ୍ତି। ବିହାରରେ ସଂରକ୍ଷଣ କୋଟା ୬୫ ପ୍ରତିଶତକୁ ବୃଦ୍ଧି କରାଯାଇଥିବାବେଳେ ଏହାକୁ ଅପରିବର୍ତ୍ତିତ ରଖିବା ଜରୁରୀ ବୋଲି ପ୍ରସ୍ତାବରେ ଉଲ୍ଲେଖ ରହିଛି। ନ୍ୟାୟିକ ଯାଞ୍ଚରୁ ଦୂରେଇ ରଖିବାକୁ ହେଲେ ଉକ୍ତ କୋଟାକୁ ସମ୍ବିଧାନର ନବମ ଅନୁଚ୍ଛେଦରେ ସାମିଲ କରି ନିରନ୍ତର କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ଜେଡିୟୁ ପ୍ରସ୍ତାବ ଦେଇଛି। ଏନ୍‌ଇଇଟି ପରୀକ୍ଷାରେ ଅନିୟମିତତାକୁ ନେଇ ଜେଡିୟୁ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଆହ୍ୱାନ ଦେଇଛି। ଏହାବ୍ୟତୀତ ଦରଦାମ୍ ବୃଦ୍ଧି ଏବଂ ବେରୋଜଗାରି ଆଦି ପ୍ରସଙ୍ଗରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଜେଡିୟୁ ରାଜ୍ୟ ସଭା ସଦସ୍ୟ ସଞ୍ଜୟ କୁମାର ଝାଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି।

## ଧାନ ମଣ୍ଡିରେ ଲାଗିବ ...

ଏହାଦ୍ୱାରା ପ୍ରକୃତରେ ଧାନ ମଣ୍ଡିରୁ ସିଧାସଳଖ ମିଲର ପାଖକୁ ଯାଉଛି ନା ଅନ୍ୟ କେଉଁଠିକି ଯାଉଛି ଜଣାପଡ଼ିବ। ସେହିପରି ମିଲର ପାଖରୁ ଯେତେବେଳେ ଚାଉଳ ଗୋଦାମକୁ ଆସୁଛି ସେତେବେଳେ ମଧ୍ୟ ଗାଡ଼ିରେ ଜିପିଏସ୍ ଲାଗିବ। ସେଥିପାଇଁ ଟେକ୍ନୋଲୋଜିର ବ୍ୟବହାର କରାଯିବ। ମନ୍ତ୍ରୀ ଗତ କିଛିଦିନ ପୂର୍ବରୁ କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଗସ୍ତରେ ଯାଇଥିଲେ। ସେଠାରେ ବିଭିନ୍ନ ପ୍ରକାର ବିଶୃଙ୍ଖଳା ଓ ବହୁତ କେଳେଙ୍କାରୀ ହୋଇଥିବା ସୂଚନା ମିଳିଛି। ଭବିଷ୍ୟତରେ ଯେପରି ଏଭଳି ନ ହେବ ସେଥିପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମଣ୍ଡିରେ ମାସ ମାସ ଧରି ଚାଷୀମାନେ ଯେପରି ଜଗି ରହିବେ ନାହିଁ, ସେନେଇ ନିର୍ଦ୍ଦେଶ ଦିଆଯାଇଛି। କଟନୀଛଟନୀ ଆଦୌ ହେବ ନାହିଁ। କାଁ ଭାଁ କେଉଁଠି ଧାନର ଗୁଣାତ୍ମକମାନରେ ସମସ୍ୟା ଥିଲେ ସେଠାରେ କିଛି କଟନୀଛଟନୀ ହୋଇପାରେ ବୋଲି ମନ୍ତ୍ରୀ କହିଛନ୍ତି । ଚାଷୀମାନଙ୍କୁ କଟନୀଛଟନୀ ସମସ୍ୟା ସହ ମଣ୍ଡିରେ ଧାନ ବିକ୍ରି କରିବାକୁ ଦୀର୍ଘଦିନ ଧରି ଅପେକ୍ଷା କରିବାକୁ ପଡୁଛି। ଏହାକୁ ନେଇ ବିଧାନସଭାରେ ମଧ୍ୟ ବହୁବାର ବିରୋଧୀ ତମ୍ବିତୋଫାନ କରିଛନ୍ତି। ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ ନୂଆ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ସିସିଟିଭି ଏବଂ ଜିପିଏସ୍ ଆଦି ଟେକ୍ନୋଲୋଜି ବ୍ୟବହାର ହେବା ପରେ ଏହାକୁ କିଏ ତଦାରଖ କରିବ ଏବଂ ଏହାକୁ ଭିତ୍ତିକରି ସରକାର କିଭଳି କାର୍ଯ୍ୟାନୁଷ୍ଠାନ ନେବେ।

ଅନ୍ୟପକ୍ଷରେ ରାଜ୍ୟରେ ଗତ କିଛିଦିନ ହେବ ବୃଦ୍ଧି ପାଇଥିବା ଦରଦାମ ନିୟନ୍ତ୍ରଣକୁ ଆସିଛି ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ପିଆଜ ଦର ୪୦ରୁ ଉପରକୁ ଯାଉନାହିଁ। ଆଳୁ ଦର ମଧ୍ୟ ୩୦/୩୫ ଟଙ୍କା ଭିତରେ ରହିଛି। ନାସିକ ଓ ଆନ୍ଧ୍ରରୁ ରାଜ୍ୟକୁ ପିଆଜ ଆସୁଛି। ସେହିପରି ପଶ୍ଚିମବଙ୍ଗରୁ ଆଳୁ ଆସୁଛି। ସେଠାରେ ରେଟ୍ ଅଧିକ ଅଛି। ଏନେଇ ତଥ୍ୟ ସଂଗ୍ରହ କରାଯାଉଛି। ଯଦି ଖୁଚୁରା ବେପାରୀମାନେ ବହୁତ ଲାଭ ଆଶାରେ ଉଚ୍ଚ ଦରରେ ବିକ୍ରି କରିବେ, ତା'ହେଲେ ଚଢ଼ାଉ ହେବ। ଏନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସରକାର ଶୀତଳଭଣ୍ଡାର ନିର୍ମାଣ କରିବା ପାଇଁ ବଦ୍ଧପରିକର। ନିର୍ବାଚନ ଇସ୍ତାହାର ପ୍ରତିଶ୍ରୁତି ଅନୁଯାୟୀ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଶୀତଳଭଣ୍ଡାର କରାଯିବ। ସେ ନେଇ ଆଲୋଚନା ଚାଲିଛି। ଶୀତଳଭଣ୍ଡାର କୃଷି ବିଭାଗ ଅଧୀନରେ ଆସୁଛି। ରାଜ୍ୟରେ ବହୁ ସଂଖ୍ୟାରେ ଶୀତଳଭଣ୍ଡାର ନିର୍ମାଣ ହେଉ ବୋଲି ମୁଖ୍ୟମନ୍ତ୍ରୀ ଚାହୁଁଥିବା ଯୋଗାଣ ମନ୍ତ୍ରୀ କହିଛନ୍ତି ।

## ବଦଳିବ ହାଇସ୍କୁଲ ...

ବୋଲି ପ୍ରଶ୍ନ ଉଠିଛି। ସାଧାରଣତଃ ମଧ୍ୟବିତ୍ତ ଓ ଗରିବ ପରିବାରରେ ବଡ଼ ଭଉଣୀ ଓ ଭାଇଙ୍କ ସ୍କୁଲ ପୋଷାକ ଏବଂ ବହିପତ୍ରକୁ ସାନ ଭଉଣୀଭାଇମାନେ ବ୍ୟବହାର କରିଥାନ୍ତି। କିଛି ବର୍ଷ ହେଲା ପାଠ୍ୟକ୍ରମ ପରିବର୍ତ୍ତନ ଯୋଗୁ ବଡ଼ଙ୍କ ବହିପତ୍ରକୁ ସାନ ବ୍ୟବହାର କରିପାରୁ ନ ଥିବା ଦେଖିବାକୁ ମିଳୁଛି। ଏବେ ସ୍କୁଲ ପୋଷାକ ମଧ୍ୟ ନୂଆ କିଣିବାକୁ ପଡ଼ିବ। ଏହା ବହୁ ପରିବାର ପାଇଁ ଆର୍ଥିକ ବୋଝ ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଇଛି।

## ୧ରୁ ମୁଖ୍ୟମନ୍ତ୍ରୀଙ୍କ ...

ସରକାରଙ୍କ ଜନଶୁଣାଣି ପୋର୍ଟାଲରେ ପଞ୍ଜୀକୃତ କରିବାକୁ କୁହାଯାଇଛି। ଏଥିସହିତ ଜନଶୁଣାଣି ପରେ ଏହାର ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ନିର୍ବାଚନ ଯୋଗୁ ଜିଲା ଓ ବିଭାଗ ସ୍ତରରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ସୂଚନାଯୋଗ୍ୟ, ବିଜେଡି ସରକାର ଅମଳରେ ପ୍ରତ୍ୟେକ ସୋମବାର ବିଭାଗୀୟ ସଚିବ, ବିଭାଗୀୟ ମୁଖ୍ୟ ଓ ଜିଲା ସ୍ତରରେ ଜିଲାପାଳ-ଏସ୍‌ପିମାନେ ଜନ ଅଭିଯୋଗର ଶୁଣାଣି କରୁଥିଲେ। ଖରାଦିନ ଓ ନିର୍ବାଚନ ସମୟରେ ଏହି ଶୁଣାଣି ବନ୍ଦ ରହୁଥିଲା।

## ଏନ୍‌ଇଇଟି: ଛୋଟମାଛ ...

ଧରୁଥିବା ଗୁଜରାଟ କଂଗ୍ରେସ ସଭାପତି ଶକ୍ତିସିଂ ଗୋହିଲ ଅଭିଯୋଗ କରିଛନ୍ତି। ଶାସକ ଦଳ ସହ ସମ୍ପୃକ୍ତ ବହୁ ଲୋକ ପେପର ଲିକ୍‌ରେ ସାମିଲ ଥିବାର ବହୁ ପ୍ରମାଣ ଥିବାବେଳେ କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ଉକ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଦେଉନାହାନ୍ତି ବୋଲି ସେ କହିଛନ୍ତି। ଶନିବାର ଗୁଜରାଟର ୭ଟି ସ୍ଥାନରେ ସିବିଆଇ ଟିମ୍ ଜୋରଦାର ଚଢ଼ାଉ କରିଛି। ଏହି ମାମଲାରେ ଗିରଫ ହୋଇଥିବା ଜୟ ଜଲାରାମ ସ୍କୁଲ୍‌ର ପ୍ରିନ୍ସିପାଲ ପୁରୁଷୋତ୍ତମ ଶର୍ମା, ଶିକ୍ଷକ ତୁଷାର ଭଟ୍ଟ ଏବଂ ମଧ୍ୟସ୍ଥ ବିଭୋର ଆନନ୍ଦ ଓ ଅରିଫ୍ ଭୋରାଙ୍କୁ ଗୋଧ୍ରାର ସିବିଆଇ କୋର୍ଟ ୪ ଦିନ ରିମାଣ୍ଡରେ ପଠାଇଛି। ଗୋଧ୍ରାର ଏନ୍‌ଇଇଟି-ୟୁଜି ପରୀକ୍ଷା ଅନିୟମିତତାରେ ଏମାନେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଗୁଜରାଟର ଗୋଧ୍ରା ଓ ଖେଡ଼ାରେ ଏନ୍‌ଟିଏ ଚୟନ କରିଥିବା ପରୀକ୍ଷା କେନ୍ଦ୍ରକୁ ଉକ୍ତ ସ୍କୁଲ୍ ପ୍ରଶାସନ ନିୟନ୍ତ୍ରଣ କରୁଥିବା ଜଣାପଡ଼ିଛି। ଗିରଫ ହୋଇଥିବା ସ୍କୁଲ୍ ପ୍ରିନ୍ସିପାଲଙ୍କ ସହ ୫ ଜଣ ଓଡ଼ିଶା, ବିହାର, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଉତ୍ତରପ୍ରଦେଶରୁ ପରୀକ୍ଷାର୍ଥୀଙ୍କୁ ଯୋଗାଡ଼ କରିଥିଲେ। ସେମାନଙ୍କୁ ଗୋଧ୍ରା ପରୀକ୍ଷା କେନ୍ଦ୍ର ଓ ଗୁଜରାଟୀ ଭାଷା ଚୟନ କରିବାକୁ କୁହାଯାଇଥିଲା। ସେମାନଙ୍କୁ ମୋଟା ଅଙ୍କର ଟଙ୍କା ବଦଳରେ ପରୀକ୍ଷାରେ ଭଲ ନମ୍ବର ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏନ୍‌ଇଇଟି ଦୁର୍ନୀତିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସହାୟତା କରିଥିବା ଅଭିଯୋଗରେ ଶନିବାର ସିବିଆଇ ଜମାଲୁଦ୍ଦିନ ଅନସାରୀ ନାମକ ଖବରଦାତା ଝାଡ଼ଖଣ୍ଡର ହଜାରିବାଗରୁ ଗିରଫ କରିଛି। ଶୁକ୍ରବାର ଝାଡ଼ଖଣ୍ଡର ଏକ ସ୍କୁଲ୍‌ର ପ୍ରିନ୍ସିପାଲ ଏବଂ ଭାଇସ୍ ପ୍ରିନ୍ସିପାଲଙ୍କୁ ଗିରଫ କରାଯାଇଥିଲା। ସେମାନେ ପ୍ରଶ୍ନପତ୍ର ଲିକ୍ ସହ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଗତ ୨୭ ତାରିଖରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ବିହାରର ପାଟନାରୁ ମନୀଷ ପ୍ରକାଶ ଏବଂ ଆଶୁତୋଷଙ୍କୁ ଗିରଫ କରିଥିଲା। ଆଶୁତୋଷ ସହାୟତାରେ ମନୀଷ କେତେଜଣ ପରୀକ୍ଷାର୍ଥୀଙ୍କୁ ଏନ୍‌ଇଇଟି ପରୀକ୍ଷା ପୂର୍ବଦିନ ପାଟନାସ୍ଥିତ ଲର୍ନ ପ୍ଲେ ସ୍କୁଲ୍‌ର ଛାତ୍ରାବାସରେ ରଖାଇଥିଲେ। ସେଠାରେ ସେମାନଙ୍କୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଏବଂ ଉତ୍ତର ଯୋଗାଇ ଦିଆଯାଇଥିଲା। ନିଟ୍ ପେପର ଲିକ୍‌କୁ ନେଇ ସିବିଆଇ ମୋଟ ୬ଟି ମାମଲା ହାତକୁ ନେଇଛି। ସେଥିରୁ ବିହାର, ଗୁଜରାଟ ଓ ମହାରାଷ୍ଟ୍ରର ଗୋଟିଏ ଲେଖାଏ ହୋଇଥିବାବେଳେ ରାଜସ୍ଥାନର ୩ଟି ମାମଲା ରହିଛି।

ଗତ ମେ' ୫ ତାରିଖରେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ଦେଶର ୫୭୧ ସହର ଅନ୍ତର୍ଗତ ୪,୭୫୦ ପରୀକ୍ଷା କେନ୍ଦ୍ରରେ ଏନ୍‌ଇଇଟି-ୟୁଜି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜୁନ୍ ୪ ତାରିଖ ଲୋକ ସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ଦିନ ତରବରିଆ ଭାବେ ଏନ୍‌ଇଇଟି ରେଜଲ୍ଟ ଘୋଷଣା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୭ ଜଣ ୧୦୦ ପ୍ରତିଶତ ମାର୍କ ରଖି ର୍‍ୟାଙ୍କ୍ ୱାନ୍‌ରେ ସ୍ଥାନ ପାଇବା ପରେ ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଥିଲା। ଏହାକୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଚାଲିଥିବାବେଳେ ବିହାରରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ଆସିଥିଲା।

## ସଂକ୍ଷେପରେ

### ନେପାଳ ଭୂସ୍ଖଳନରେ ୯ ମୃତ

କାଠମାଣ୍ଡୁ, ୨୯।୬

ଲଗାଣ ବର୍ଷା ଯୋଗୁ ନେପାଳର ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଘଟି ଶନିବାର ୯ ଜଣଙ୍କର ମୃତ୍ୟୁ ହୋଇଛି। ନେପାଳ ରାଜଧାନୀ କାଠମାଣ୍ଡୁଠାରୁ ୨୫୦ କିଲୋମିଟର ପଶ୍ଚିମ ଦିଗରେ ଅବସ୍ଥିତ ପାହାଡ଼ିଆ ଅଞ୍ଚଳରେ ଏହି ଭୂସ୍ଖଳନ ଘଟିଥିବା ଦେଶର ଜାତୀୟ ବିପର୍ଯ୍ୟୟ ଉଦ୍ଧାର ଓ ହ୍ରାସ ପରିଚାଳନା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ନେପାଳର ଗୁଲ୍ମି ଜିଲାର ମଲିକା ଗ୍ରାମରେ ଗୋଟିଏ ଘର ଭୁଶୁଡ଼ିପଡ଼ିବାରୁ ଶୋଇଥିବା ଅବସ୍ଥାରେ ପରିବାରର ୫ ସଦସ୍ୟଙ୍କର ମୃତ୍ୟୁ ଘଟିଛି। ସେହିପରି ପଡ଼ୋଶୀ ବାଗ୍‌ଲୁଙ୍ଗ୍ ଓ ସ୍ୟାଙ୍ଗ୍‌ଜା ଜିଲାରେ ୨ ଜଣ ଲେଖାଏ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସାଧାରଣତଃ ନେପାଳର ପାହାଡ଼ିଆ ଅଞ୍ଚଳରେ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ମୌସୁମୀ ଋତୁରେ ଲଗାଣ ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଥାଏ।

### ବର୍ଷାରେ ରାଜକୋଟ୍ ବିମାନବନ୍ଦର କାନୋପି ଭୁଶୁଡ଼ିଲା

ରାଜକୋଟ,୨୯।୬(ପି.ଟି.)

ପ୍ରବଳ ବର୍ଷା ଯୋଗୁ ଶୁକ୍ରବାର ଦିଲ୍ଲୀ ବିମାନବନ୍ଦର ଛାତ ଭୁଶୁଡ଼ି ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବାବେଳେ ଶନିବାର ଗୁଜରାଟର ରାଜକୋଟ୍ ଏୟାରପୋର୍ଟ ବାହାରେ ଥିବା ଏକ କାନୋପି ଭୁଶୁଡ଼ି ପଡ଼ିଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଦକ୍ଷିଣ ଗୁଜରାଟରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ସ୍ଥିତି ବେହାଲ ହୋଇଛି। ସେଠାରେ ଆଉ ୫ ଦିନ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

### ସିସିଟିଭି ଫୁଟେଜ୍‌କୁ ସରକାରୀ ଅଫିସ୍ ମନା କରିପାରିବନି

ଡେରାଡୁନ୍,୨୯।୬

ସିସିଟିଭି ଫୁଟେଜ୍ ପାଇବା ସୂଚନା ଅଧିକାର ଆଇନ ଅଧୀନରେ ଆସୁଛି। ତେଣୁ ଯଦି କୌଣସି ଫୁଟେଜ୍ ଦେଶର ସୁରକ୍ଷା, ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରୁ ନ ଥାଏ, ତେବେ ତାକୁ ଦେବାରେ ସରକାରୀ ବିଭାଗଗୁଡ଼ିକ ମନା କରିପାରିବେ ନାହିଁ ବୋଲି ଉତ୍ତରାଖଣ୍ଡ ରାଜ୍ୟ ସୂଚନା କମିଶନର ଯୋଗେଶ ଭଟ୍ଟ କହିଛନ୍ତି। ଭଟ୍ଟ ଏକ ମାମଲାରେ ରାୟ ଦେବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ସିସିଟିଭି ଫୁଟେଜ୍ ଦେଇ ନ ଥିବା ହରିଦ୍ୱାରର ଜିଲା ଯୋଗାଣ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କ ଉପରେ ସେ ୨୫,୦୦୦ ଟଙ୍କା ଜରିମାନା ଲଗାଇଛନ୍ତି। ରୁର୍କୀର ଉଦୟବୀର ସିଂ ମେ' ୨୫ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ମଧ୍ୟରେ ହରିଦ୍ୱାର କାର୍ଯ୍ୟାଳୟର ସିସିଟିଭି କ୍ୟାମେରା ରେକର୍ଡିଂ ମାଗିଥିଲେ। ତେବେ ଜନସୂଚନା ଅଧିକାରୀ ପୁନମ୍ ସାଇନି ଆର୍‌ଟିଆଇ ଆଇନର ଧାରା ୮(୧)(ଜି) ଆଳ ଦେଖାଇ ସୂଚନା ପ୍ରଦାନ କରାଯିବା ବାଧ୍ୟତାମୂଳକ ନୁହେଁ ବୋଲି କହିଥିଲେ।

# ଦିଲ୍ଲୀରେ ବର୍ଷା ବିପ୍ୟାତ: ୮ ମୃତ

ନୂଆଦିଲ୍ଲୀ,୨୯।୬



ନୂଆଦିଲ୍ଲୀର ବସନ୍ତବିହାର ଅଞ୍ଚଳରେ ବର୍ଷା ଯୋଗୁ ଏକ ନିର୍ମାଣ ସ୍ଥଳର ପାଚେରି ଭୁଶୁଡ଼ିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସେଠାରୁ ୩ ଶ୍ରମିକଙ୍କ ମୃତଦେହ ମିଳିଛି।

ରାଜଧାନୀ ଦିଲ୍ଲୀରେ ବର୍ଷା ବିପ୍ୟାତ ଜନିତ ମୃତ୍ୟୁସଂଖ୍ୟା ଶନିବାର ୮ରେ ପହଞ୍ଚିଛି। ଦୀର୍ଘ ୨୪ ଘଣ୍ଟାର ରେସ୍କ୍ୟୁ ଅପରେଶନ ପରେ ବସନ୍ତ ବିହାର ଅଞ୍ଚଳରେ ଥିବା ଏକ ନିର୍ମାଣାଧୀନ କୋଠାର ଭଗ୍ନାବଶେଷ ତଳୁ ୩ ଜଣ ଶ୍ରମିକଙ୍କ ମୃତଦେହ ମିଳିଛି। ଉକ୍ତ ନିର୍ମାଣାଧୀନ କୋଠାରେ ଶ୍ରମିକମାନେ ଆଶ୍ରୟ ନେଇଥିବାବେଳେ ବର୍ଷାରେ ଏହାର ତଳୁ ମାଟି ଅତଡ଼ା ଖସିବାରୁ ଭୁଶୁଡ଼ି ପଡ଼ିଥିଲା। ଶ୍ରମିକମାନେ କାଦୁଅ ମଧ୍ୟରେ ଫସିଯାଇଥିଲେ। ଶୁକ୍ରବାର ଦିଲ୍ଲୀ ବିମାନବନ୍ଦର କାନୋପି ଭୁଶୁଡ଼ି ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବାବେଳେ ନ୍ୟୁ ଉସ୍‌ମାନପୁର ଅଞ୍ଚଳରେ ବର୍ଷାଜନିତ ଦୁର୍ଘଟଣାରେ ୮ ଓ ୧୦ ବର୍ଷର ୨ଟି ପିଲା ପ୍ରାଣ ହରାଇଥିଲେ। ସେମାନେ ବର୍ଷାପାଣିରେ ଖେଳୁଥିବାବେଳେ ପୁଷ୍କରିଣୀରେ ବୁଡ଼ିଯାଇଥିଲେ। ସେମାନଙ୍କୁ ଉଦ୍ଧାରକରି ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ମୃତ ଘୋଷଣା କରାଯାଇଥିଲା। ସେହିପରି ରୋହିଣୀ ଅଞ୍ଚଳରେ ପାଣିଭର୍ତ୍ତି ରାସ୍ତାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ୩୯ ବର୍ଷୀୟ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଶାଲିମାରବାଗ୍ ଅଞ୍ଚଳରେ ଜଣେ ଶ୍ରମିକ ପାଣିଭର୍ତ୍ତି ଅଣ୍ଡରପାସ୍‌ରେ ଫସିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ପହଁରିବାକୁ ଉଦ୍ୟମ କରୁଥିବାବେଳେ ଭାରସାମ୍ୟ ହରାଇ ବୁଡ଼ିଯାଇଥିଲେ। ଦିଲ୍ଲୀରେ ଗୋଟିଏ ଦିନରେ ୨୨୮.୧ ମିଲିମିଟର ବର୍ଷା ୮୮ ବର୍ଷର ରେକର୍ଡ ଭାଙ୍ଗିଛି। ଗୁରୁବାର ରାତିରୁ ଭୀଷଣ ବର୍ଷା ଯୋଗୁ ଜାତୀୟ ରାଜଧାନୀର ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ହେବା ସହ ରାସ୍ତାରେ ଆଣ୍ଠୁଏରୁ ଅଧିକ ଉଚ୍ଚରେ ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ସମୟ ଧରି ବିମାନ ଉଡ଼ାଣ ବନ୍ଦ ରହିଥିଲା। ଖାଲୁଆ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଥିବାବେଳେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ୧୪ ଦିନ ଜେଲ ଗଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୨୯।୬ (ପି.ଟି.)



ଅରବିନ୍ଦ କେଜ୍‌ରିୱାଲ

ଅବକାରୀ ନୀତି ସହ ଜଡ଼ିତ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଏକ ଅଦାଲତ ଶନିବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ୩ ଦିନିଆ ସିବିଆଇ ରିମାଣ୍ଡ ଶେଷ ହେବା ପରେ କେଜ୍‌ରିୱାଲଙ୍କୁ ତଦନ୍ତକାରୀ ସଂସ୍ଥା କୋର୍ଟରେ ହାଜର କରିବା ସହ ସେ ତଦନ୍ତରେ ସହଯୋଗ କରୁ ନ ଥିବା ଜଣାଇଥିଲା। ତଦନ୍ତ ଏବଂ ନ୍ୟାୟିକ ସ୍ୱାର୍ଥ ଦୃଷ୍ଟିରୁ ତାଙ୍କୁ ୧୪ ଦିନ ଜେଲ ପଠାଇବାକୁ ସିବିଆଇ ଆବେଦନ କରିଥିଲା। ସ୍ୱତନ୍ତ୍ର ବିଚାରପତି ସୁନେନା ଶର୍ମା ଏଥିପାଇଁ ଅନୁମତି ଦେବା ସହ ଜୁଲାଇ ୧୨ରେ କେଜ୍‌ରିୱାଲଙ୍କୁ କୋର୍ଟରେ ହାଜର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଅବକାରୀ ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ମାର୍ଚ୍ଚ ୨୧ରେ ଗିରଫ କରିବା ପରେ ସେ ତିହାର ଜେଲରେ ଥିଲେ। ତଳକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିବାବେଳେ ଦିଲ୍ଲୀ ହାଇକୋର୍ଟ ଏହା ଉପରେ ରହିତାଦେଶ ଲଗାଇଥିଲେ। ଗତ ୨୬ ତାରିଖରେ ସିବିଆଇ ତାଙ୍କୁ ଅବକାରୀ ଦୁର୍ନୀତି ମାମଲାରେ ଗିରଫ କରିଥିଲା।

## ନଦୀରେ ବୁଡ଼ି ସେନାର ୫ ଯବାନ ମୃତ

ଲେହ, ୨୯।୬

ପୂର୍ବ ଲଦାଖର ଏକ ସୀମାବର୍ତ୍ତୀ ଅଞ୍ଚଳରେ ନଦୀ ପାର କରୁଥିବା ସମୟରେ ଦୁର୍ଘଟଣା ଘଟି ଶନିବାର ଭାରତୀୟ ସେନାର ୫ ଜଣ ଯବାନଙ୍କର ମୃତ୍ୟୁ ଘଟିଛି। ଲେହଠାରୁ ୧୪୮କିମି ଦୂରରେ ଅବସ୍ଥିତ ଦୌଲତ ବେଗ୍ ଓଲଡି ଅଞ୍ଚଳରେ ଲାଇନ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ(ଏଲ୍ଏସି) ନିକଟସ୍ଥ ଶ୍ୟୋକ ନଦୀରେ ଏହି ଦୁର୍ଘଟଣା ଘଟିଛି। ଏକ ମିଲିଟାରି ଏକ୍ସରସାଇଜରେ ଯୋଗଦେଇ ଭାରତୀୟ ସେନାର ଏହି ୫ ଯବାନ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଟି-୭୨ ନାମକ ଏକ ଟ୍ୟାଙ୍କ୍ ଯୋଗେ ଶ୍ୟୋକ ନଦୀ ଦେଇ ଫେରୁଥିଲେ। ଲଗାଣ ବର୍ଷା ହେଉଥିବାରୁ ଉକ୍ତ ନଦୀର ଜଳସ୍ତରରେ ବୃଦ୍ଧି ଘଟିଥିଲା ଓ ରାତିର ଅନ୍ଧକାରରେ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଘଟଣା ସମ୍ପର୍କରେ ସୂଚନା ପାଇ ତୁରନ୍ତ ଉଦ୍ଧାରକାର୍ଯ୍ୟ କରାଯାଇ ବୁଡ଼ିଯାଇଥିବା ୫ ଯବାନଙ୍କ ମୃତଦେହଗୁଡ଼ିକ ଜବତ କରାଯାଇଛି। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନିଜ ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ'ରେ ଘଟଣାକୁ ନେଇ ଶୋକପ୍ରକଟ କରିଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଜୁନିୟର କମିଶନ ଅଫିସର(ଜେସିଓ) ରହିଥିବା ସେ ସୂଚନା ଦେଇଛନ୍ତି।

# ଇରାନରେ ହେବ ରନ୍‌ଅଫ୍ ନିର୍ବାଚନ

ଦୁବାଇ,୨୯।୬



ସଇଦ ଜଲିଲି



ମାସୌଦ ପେଜେସ୍‌କିଆନ୍

ଇରାନରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ କୌଣସି ପ୍ରାର୍ଥୀ ଜିତିପାରି ନାହାନ୍ତି। ଫଳରେ ସେଠାରେ ଏକ ରନ୍‌ଅଫ୍ ପ୍ରେସିଡେନ୍ସିଆଲ ଇଲେକ୍ସନ ଅନୁଷ୍ଠିତ ହେବାକୁ ଯାଉଥିବା ଶନିବାର ଜଣେ ଅଧିକାରୀ କହିଛନ୍ତି। ଆସନ୍ତା ଶୁକ୍ରବାର ସଂସ୍କାରବାଦୀ ପ୍ରାର୍ଥୀ ମାସୌଦ ପେଜେସ୍‌କିଆନ୍ ଏବଂ କଠୋରପନ୍ଥୀ ପୂର୍ବତନ ଆଣବିକ ନେଗୋସିଏଟର ସଇଦ ଜଲିଲିଙ୍କ ମଧ୍ୟରେ ଏହି ରନ୍‌ଅଫ୍ ନିର୍ବାଚନ ଅନୁଷ୍ଠିତ ହେବ। ଇରାନ ସରକାରୀ ଟେଲିଭିଜନ ଦ୍ୱାରା ଆୟୋଜିତ ଖବରଦାତା ସମ୍ମିଳନୀରେ ନିର୍ବାଚନ ମୁଖପାତ୍ର ମୋହସେନ ଇସ୍‌ଲାମି ଫଳାଫଳ ଘୋଷଣା କରିଛନ୍ତି। ମୋଟ ୨.୪୫ କୋଟି ମତଦାନ ହୋଇଥିବାବେଳେ ପେଜେସ୍‌କିଆନ୍ ୧.୦୪ କୋଟି ଏବଂ ଜଲିଲି ୯୪ ଲକ୍ଷ ଭୋଟ ପାଇଛନ୍ତି। ପାର୍ଲାମେଣ୍ଟ ବାଚସ୍ପତି ମହମ୍ମଦ ବଘେର କାଲିବାଫ୍‌ଙ୍କୁ ୩୩ ଲକ୍ଷ ଭୋଟ ମିଳିଥିବାବେଳେ ଶିଆ ମୌଲବୀ ମୋସ୍ତାଫା ପୌରମୋହମ୍ମଦି ୨,୦୬,୦୦୦ ଖଣ୍ଡ ଭୋଟ ପାଇଛନ୍ତି। ଇରାନ ଆଇନ ଅନୁଯାୟୀ ରାଷ୍ଟ୍ରପତି ନିର୍ବାଚନ ଜିତିବାକୁ ହେଲେ ଜଣେ ପ୍ରାର୍ଥୀଙ୍କୁ ୫୦ ପ୍ରତିଶତରୁ ଅଧିକ ଭୋଟ ମିଳିବା ଜରୁରୀ। ଯଦି ତାହା ନ ହୁଏ, ତେବେ ସପ୍ତାହେ ପରେ ୨ ଜଣ ଶୀର୍ଷ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ରନ୍‌ଅଫ୍ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଥରେ ରନ୍‌ଅଫ୍ ରାଷ୍ଟ୍ରପତି ନିର୍ବାଚନ ୨୦୦୫ରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ନିର୍ବାଚନରେ କଠୋରପନ୍ଥୀ ମହମ୍ମଦ ଅହମଦିନେଜାଦ୍ ପୂର୍ବତନ ରାଷ୍ଟ୍ରପତି ଆକବର ହାଶେମି ରାଫସାଞ୍ଜାନିଙ୍କଠାରୁ ବିଜୟୀ ହୋଇଥିଲେ।

## ସୌର ପ୍ରକଳ୍ପରେ ଚାଇନାର ସହାୟତା ନେଉଛି ଆଦାନୀ ଗ୍ରୁପ୍

### ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କଲା କଂଗ୍ରେସ

ନୂଆଦିଲ୍ଲୀ,୨୯।୬(ପି.ଟି.)

ଆଦାନୀ ଗ୍ରୁପ୍ ଏହାର ସୋଲାର ଉତ୍ପାଦନ ପ୍ରକଳ୍ପରେ ସହାୟତା ପାଇଁ ୮ଟି ଚାଇନା କମ୍ପାନୀକୁ ଚୟନ କରିଥିବା ଖବର ପ୍ରକାଶ ପାଇବା ପରେ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛି। ଚାଇନା ଉପରେ ଭାରତର ନିର୍ଭରଶୀଳତା ବଢ଼ାଇବାକୁ ଏହା ଏକ ରଣନୀତି ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ଗଲୱାନ ସଂଘର୍ଷ ପରେ ଆମ ସୀମା ମଧ୍ୟରେ କେହି ପଶିନାହାନ୍ତି କିମ୍ବା କେହି ଆମ ଅଞ୍ଚଳ ଦଖଲ କରିନାହାନ୍ତି ବୋଲି ୨୦୨୦ ଜୁନ୍ ୧୯ରେ ପ୍ରଧାନମନ୍ତ୍ରୀ କହିଥିଲେ। ଜଣେ ମିତ୍ରଙ୍କୁ ସହାୟତା ପାଇଁ ଚାଇନା କର୍ମଚାରୀମାନଙ୍କୁ ଭିଜା ପ୍ରଦାନରେ ପ୍ରଧାନମନ୍ତ୍ରୀ କୁଣ୍ଠାବୋଧ କରୁ ନଥିବା ଜୟରାମ କହିଛନ୍ତି।

## ହରିୟାଣାରେ ଭାଜପା ଏକାକୀ ନିର୍ବାଚନ ଲଢ଼ିବ

ଚଣ୍ଡିଗଡ଼,୨୯।୬

୨୦୧୯ ଲୋକ ସଭା ନିର୍ବାଚନରେ ଭାଜପା ହରିୟାଣାରେ ସମସ୍ତ ୧୦ ଆସନ ପୋଛିନେଇଥିବାବେଳେ ୨୦୨୪ ନିର୍ବାଚନରେ ଏହି ଦଳକୁ ୫ ଆସନ ମିଳିଛି। ଏହା ସତ୍ତ୍ୱେ ଭାଜପା ମୁଖ୍ୟମନ୍ତ୍ରୀ ନାୟବ ସିଂ ସଇନିଙ୍କ ଉପରେ ଭରସା ରଖିଛି ଏବଂ ତାଙ୍କ ନେତୃତ୍ୱରେ ଚଳିତ ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏକାକୀ ଲଢ଼ିବାକୁ ଘୋଷଣା କରିଛି। ୨୦୧୪ରୁ ମନୋହରଲାଲ୍ ଖଟ୍ଟର ମୁଖ୍ୟମନ୍ତ୍ରୀ ଥିବାବେଳେ ଗତ ମାର୍ଚ୍ଚରେ ତାଙ୍କ ସ୍ଥାନରେ ସଇନିଙ୍କୁ ନୂଆ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ୨୦୧୯ ବିଧାନସଭା ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିବାରୁ ଜନନାୟକ ଜନତା ପାର୍ଟି ସହ ମେଣ୍ଟ କରିଥିଲା ଏବଂ ଦୁଷ୍ୟନ୍ତ ଚୌଟାଲାଙ୍କୁ ଉପମୁଖ୍ୟମନ୍ତ୍ରୀ ନିଯୁକ୍ତ କରାଯାଇଥିଲା।

## କୋର୍ଟକୁ ମନ୍ଦିର, ବିଚାରପତିଙ୍କୁ ଭଗବାନ୍‌ଙ୍କ ସହ ତୁଳନା କରିବା ବିପଜ୍ଜନକ: ସିଜେଆଇ

ନୂଆଦିଲ୍ଲୀ,୨୯।୬



ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

ଅଦାଲତଗୁଡ଼ିକୁ 'ନ୍ୟାୟର ମନ୍ଦିର' ଏବଂ ବିଚାରପତିଙ୍କୁ ଭଗବାନ୍‌ଙ୍କ ସହ ତୁଳନା କରିବା ବିପଜ୍ଜନକ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। କୋଲକାତାରେ ଶନିବାର ସମସାମୟିକ ନ୍ୟାୟିକ ଅଗ୍ରଗତି ଉପରେ ଅନୁଷ୍ଠିତ ଆଲୋଚନାରେ ଭାଗନେଇ ସିଜେଆଇ କହିଥିଲେ, ବିଚାରପତିମାନେ ଜନସ୍ୱାର୍ଥ ପାଇଁ କାର୍ଯ୍ୟ କରିଥାନ୍ତି। ସେମାନେ ଭଗବାନ ନୁହନ୍ତି, ଲୋକଙ୍କ ସେବକ। ଯେତେବେଳେ ଲୋକେ କୋର୍ଟକୁ ନ୍ୟାୟର ମନ୍ଦିର କହିଥାନ୍ତି। ଆମେ ଉକ୍ତ ମନ୍ଦିରର ଈଶ୍ୱର ବୋଲି ନିଜକୁ ବିବେଚନା କରିବା ବିପଜ୍ଜନକ। ବିଚାରପତିମାନେ ନିର୍ଣ୍ଣୟକେନ୍ଦ୍ରିକ ହେବା ପରିବର୍ତ୍ତେ ସହାନୁଭୂତି ଓ କରୁଣା ମନୋଭାବର ଉଦାହରଣ ହେବା ଗୁରୁତ୍ୱପୂର୍ଣ୍ଣ। ସାମ୍ବିଧାନିକ ନୈତିକତା ଅଦାଲତ ବ୍ୟବସ୍ଥାର ପ୍ରତିବଦ୍ଧତାକୁ ସମର୍ଥନ କରେ। ବିଚାରପତିମାନେ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସାମାଜିକ ଚ୍ୟାଲେଞ୍ଜ ଜନିତ ପ୍ରତିବନ୍ଧକଠାରୁ ଏହା ଊର୍ଦ୍ଧ୍ୱରେ ବୋଲି ସିଜେଆଇ କହିଛନ୍ତି।

# ଗୋଡ଼ ବଦଳରେ ଗୁପ୍ତାଙ୍ଗ ଅପରେଶନ କଲେ ଡାକ୍ତର

ଠାଣେ, ୨୯।୬



### ଅଭିଯୋଗ କଲେ ୯ ବର୍ଷୀୟ ବାଳକଙ୍କ ମାତାପିତା

ମହାରାଷ୍ଟ୍ରର ଠାଣେ ସହରର ଜଣେ ୯ ବର୍ଷୀୟ ବାଳକଙ୍କ ଗୋଡ଼ ବଦଳରେ ତାଙ୍କ ଗୁପ୍ତାଙ୍ଗକୁ ଅପରେଶନ କରାଯାଇଥିବା ନେଇ ଏକ ଅଭିଯୋଗ ସାମ୍ନାକୁ ଆସିଛି। ଏନେଇ ଉକ୍ତ ବାଳକଙ୍କ ଅଭିଭାବକ ଥାନାରେ ଅଭିଯୋଗ କରିବା ପରେ ଶନିବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଘଟଣାକୁ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବାଳକଙ୍କ ମାତାପିତା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଗତ ମାସରେ ସାଙ୍ଗମାନଙ୍କ ସହ ଖେଳିବା ସମୟରେ ତାଙ୍କ ପୁଅଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ତେଣୁ ସେମାନେ ତାଙ୍କୁ ଶାହାପୁର ଉପ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଗୋଡ଼ର ଆଘାତକୁ ଦେଖି ହସ୍ପିଟାଲର ଡାକ୍ତରଙ୍କ ପକ୍ଷରୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା। ତେବେ ପୁଅଙ୍କ ଗୁପ୍ତାଙ୍ଗରେ ସର୍କୁମସିଜନ ସର୍ଜରି କରାଯାଇଛି ଓ ପରେ ଏହି ଭୁଲ୍‌କୁ ହୃଦୟଙ୍ଗମ କରି ଡାକ୍ତରମାନେ ପୁଣି ଆଘାତ ଥିବା ଗୋଡ଼ରେ ଅପରେଶନ କରିଥିଲେ ବୋଲି ଅଭିଭାବକ ଅଭିଯୋଗ ଆଣିଛନ୍ତି।

ତେବେ ଘଟଣାକୁ ନେଇ ଶାହାପୁର ଉପ ଜିଲା ଚିକିତ୍ସାଳୟର ଗଜେନ୍ଦ୍ର ପାୱାର ନାମକ ଜଣେ ଡାକ୍ତର କହିଛନ୍ତି, ଉକ୍ତ ବାଳକଙ୍କ ଗୋଡ଼ରେ ଆଘାତ ଥିବା ସହ ତାଙ୍କର ଫିମୋସିସ୍ ସମସ୍ୟା ରହିଛି। ଫିମୋସିସ୍ ରୋଗ ଯୋଗୁ ପିଲାଟିର ଗୁପ୍ତାଙ୍ଗ ଉପରେ ଚମଡ଼ା ଲାଗି ରହିବା ସହ ଏହା ଠିକ୍ ଭାବେ ଖୋଲୁ ନ ଥିବା ଜଣାପଡ଼ିଥିଲା। ତେଣୁ ଉକ୍ତ ବାଳକଙ୍କ ୨ଟି ଅପରେଶନ କରାଯାଇଛି। ଦ୍ୱିତୀୟ ଅପରେଶନ ନେଇ ଡାକ୍ତରମାନେ ହୁଏତ ଅଭିଭାବକଙ୍କୁ କହିବା ଭୁଲି ଯାଇଥିବେ କିମ୍ବା ପିଲାଟିର ଅନ୍ୟ ସମ୍ପର୍କୀୟଙ୍କୁ କହିଥିବେ ବୋଲି ଗଜେନ୍ଦ୍ର କହିଛନ୍ତି। ଡାକ୍ତରଙ୍କ ପକ୍ଷରୁ ପିଲାଟିର ଗୋଡ଼ ସହ ଗୁପ୍ତାଙ୍ଗ ଅପରେଶନ କରାଯାଇ କୌଣସି ଭୁଲ କରାଯାଇନାହିଁ ବୋଲି ଗଜେନ୍ଦ୍ର କହିଛନ୍ତି। ତେବେ ହସ୍ପିଟାଲ ପକ୍ଷରୁ ଆସିଥିବା ଏହି ସଫେଇକୁ ବାଳକଙ୍କ ଅଭିଭାବକ ଗ୍ରହଣ କରିନାହାନ୍ତି।

## ଫୁରସତ୍

# ନିର୍ବାଚନ ଲଢ଼ି ପାଇଲେ ଶୂନ ଭୋଟ

### କାନାଡା ଇତିହାସରେ ପ୍ରଥମ

ଟରଣ୍ଟୋ



ଫେଲିକ୍ସ ଆଣ୍ଟୋନି ହେମେଲ

କାନାଡାର ସଂଘୀୟ ନିର୍ବାଚନରେ ଲଢ଼ି ଫେଲିକ୍ସ ଆଣ୍ଟୋନି ହେମେଲ(୪୫) ନାମକ ଜଣେ ସଙ୍ଗୀତଜ୍ଞ ଏକ ନିଆରା ରେକର୍ଡ ସୃଷ୍ଟି କରିଛନ୍ତି। ସେ ନିକଟରେ ଅନୁଷ୍ଠିତ ହୋଇଥିବା 'ଟରଣ୍ଟୋ-ସେଣ୍ଟ ପାଲ' ଉପ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ଫଳାଫଳ ଆସିବା ପରେ ତାଙ୍କୁ ଗୋଟିଏ ମଧ୍ୟ ଭୋଟ ମିଳି ନ ଥିବା ଜଣା ପଡ଼ିଛି। ଏହାସହ କାନାଡା ଇତିହାସରେ ପ୍ରଥମଥର ପାଇଁ କୌଣସି ପ୍ରାର୍ଥୀ ଏକ ଫେଡେରାଲ୍ ନିର୍ବାଚନରେ ଲଢ଼ି ଶୂନ ଭୋଟ୍ ପାଇଥିବାର ରେକର୍ଡ ସୃଷ୍ଟି ହୋଇଛି।

ତେବେ ଏନେଇ ହେମେଲ ନିଜ ପ୍ରତିକ୍ରିୟା ରଖିଛନ୍ତି। କାନାଡା ନିର୍ବାଚନୀ ସଂସ୍କାର କମିଟିରେ କାର୍ଯ୍ୟରତ ଜଣେ ବନ୍ଧୁଙ୍କ ପରାମର୍ଶରେ ସେ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରେରଣା ପାଇଥିବା କହିଛନ୍ତି। ନିର୍ବାଚନୀ ରାଜନୀତିରେ କେତେକ ସଂସ୍କାର ଆଣିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ସେ ଏହି ନିର୍ବାଚନ ଲଢ଼ିଥିଲେ। ତେଣୁ ସେ ଅନ୍ୟ ପ୍ରାର୍ଥୀଙ୍କ ଭଳି ନିର୍ବାଚନ ପ୍ରଚାରରେ ବିଶେଷ ଆଗ୍ରହ ଦେଖାଇ ନ ଥିବା ହେମେଲ୍ କହିଛନ୍ତି। ଗଣତନ୍ତ୍ରରେ ଭୋଟ ଦେଇ ସମସ୍ତଙ୍କୁ ନିଜ ମତ ପ୍ରକାଶ କରିବାର ଅଧିକାର ରହିଛି। ତେଣୁ ଯଦି ତାଙ୍କୁ କେହି ପସନ୍ଦ କଲେ ନାହିଁ ଏଥିରେ ଦୁଃଖ କରିବାର କିଛି ନାହିଁ ବୋଲି ହେମେଲ କହିଛନ୍ତି। ଗୋଟିଏ ବି ଭୋଟ ପାଇ ନ ଥିଲେ ସୁଦ୍ଧା ବିଭିନ୍ନ ନିର୍ବାଚନୀ ସଂସ୍କାର ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ଏହାସହ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ତାଙ୍କୁ ସୁଯୋଗ ମିଳିଥିବାରୁ ସେ ନିଜକୁ ଧନ୍ୟମନେ କରିଛନ୍ତି। ବିଭିନ୍ନ ସତ୍ୟ ଆଧାରିତ ଓ ନ୍ୟାୟଯୁକ୍ତ ପ୍ରସଙ୍ଗ ଉଠାଇଥିଲେ ସୁଦ୍ଧା ତାଙ୍କୁ ଭୋଟ ନ ଦେବା ପାଇଁ ଜନସାଧାରଣ ଏକମତ ରହିଥିଲେ ବୋଲି ହେମେଲ କହିଛନ୍ତି। ଯେହେତୁ ହେମେଲ 'ଟରଣ୍ଟୋ-ସେଣ୍ଟ ପାଲ'ର ସ୍ଥାୟୀ ବାସିନ୍ଦା ନୁହନ୍ତି ତେଣୁ ସେ ଏହି ନିର୍ବାଚନରେ ନିଜକୁ ମଧ୍ୟ ଭୋଟ୍ ଦେଇ ପାରିନଥିଲେ। ତେବେ ବିଶ୍ୱବ୍ୟାପୀ ଗଣତନ୍ତ୍ରର ମୂଲ୍ୟ ହ୍ରାସ ପାଉଥିବା କହି ହେମେଲ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ସ୍କୁଟି ଡିକିରେ ଅଜଗର



ନୂଆଦିଲ୍ଲୀ

ସୋସିଆଲ ମିଡିଆରେ ସାପକୁ ନେଇ ସବୁବେଳେ କିଛି ନା କିଛି ଫଟୋ କିମ୍ବା ଭିଡିଓ ଭାଇରାଲ ହୋଇଥାଏ। ଶୁକ୍ରବାର ଏକ ସ୍କୁଟିର ଡିକି ମଧ୍ୟରେ ଗୋଟିଏ ଅଜଗର ସାପ ଲୁଚି ରହିଥିବାର ଏକ ଭିଡିଓ ଭାଇରାଲ ହୋଇଛି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଭିଡିଓରେ ଜଣେ ବ୍ୟକ୍ତି ନିଜ ସ୍କୁଟିର ଡିକି ଖୋଲିଛନ୍ତି। ବ୍ୟକ୍ତି ଜଣକ ନିଜ ସ୍କୁଟିର ସିଟ୍ ଉପରକୁ ଉଠାଇବା ପରେ ଏକ ଅଜଗର ଆରାମରେ ତାଙ୍କ ଗାଡ଼ିର ତେଲ ଟାଙ୍କି କ୍ୟାପ୍‌ରେ ଗୁଡାଇ ହୋଇ ରହିଥିବା ଦେଖିବାକୁ ପାଇଥିଲେ। ଅନେକ ୟୁଜର୍ସ ଏହି ଭିଡିଓ ଦେଖି ଭୟଭୀତ ହେବା ସହ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

## 'କଲ୍‌କୀ ୨୮୯୮ ଏଡି' ଫିଲ୍ମକୁ ରଜନୀକାନ୍ତଙ୍କ ପ୍ରଶଂସା



**ଚେନ୍ନାଇ:** ନାଗ୍ ଅଶ୍ୱିନଙ୍କ ନିର୍ଦ୍ଦେଶିତ ବହୁ ପ୍ରତୀକ୍ଷିତ 'କଲ୍‌କୀ ୨୮୯୮ ଏଡି' ଚଳଚ୍ଚିତ୍ର ଗତ ୨୭ ତାରିଖରେ ବଡ଼ ପରଦାରେ ରିଲିଜ୍ ହୋଇଛି। ଅଭିନେତା ପ୍ରଭାସ, ଅମିତାଭ ବଚ୍ଚନ, କମଲ ହାସନଙ୍କ ସହ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଓ ଦିଶା ପଟାନୀଙ୍କ ଅଭିନୀତ ଏହି ଫିଲ୍ମରେ ମନ୍ଦ ଶକ୍ତି ସହ ଲଢ଼େଇ ପାଇଁ ଭଗବାନ ବିଷ୍ଣୁଙ୍କ କଲ୍‌କୀ ଅବତାରର ଏକ ଆଧୁନିକ କାହାଣୀ ଉପସ୍ଥାପନ କରାଯାଇଛି। ରିଲିଜ୍ ହେବା ପରେ ଏହି ଫିଲ୍ମଟିକୁ ନେଇ ଚାରିଆଡୁ ବହୁ ପ୍ରତିକ୍ରିୟା ମିଳିବାରେ ଲାଗିଛି। ଚଳଚ୍ଚିତ୍ର ସମୀକ୍ଷକଙ୍କଠାରୁ ଆରମ୍ଭ କରି ଦର୍ଶକଙ୍କ ପର୍ଯ୍ୟନ୍ତ, ସମସ୍ତେ ଏହି ଫିଲ୍ମକୁ ବେଶ୍ ପ୍ରଶଂସା କରିଛନ୍ତି। ସେହିପରି ଅନେକ ତାରକା ମଧ୍ୟ ଏହି ଫିଲ୍ମକୁ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି। ପ୍ରଭାସଙ୍କ ଏହି ଚଳଚ୍ଚିତ୍ରକୁ ନେଇ ସାଉଥ ସୁପରଷ୍ଟାର ରଜନୀକାନ୍ତ ନିଜ ଏକ୍ସ' ଆକାଉଣ୍ଟ ମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି।

ରଜନୀକାନ୍ତ ଏହି ଫିଲ୍ମ ଉପରେ ପ୍ରତିକ୍ରିୟା ରଖି କହିଛନ୍ତି, ଏହା ଏକ ଚମତ୍କାର ଚଳଚ୍ଚିତ୍ର। ନିର୍ଦ୍ଦେଶକ ନାଗ ଅଶ୍ୱିନ ଭାରତୀୟ ସିନେମାକୁ ଏକ ଭିନ୍ନ ସ୍ତରକୁ ନେଇଛନ୍ତି। ସେହିପରି ଏହି ଚଳଚ୍ଚିତ୍ରର ସଫଳ ପ୍ରଯୋଜନା ପାଇଁ ସେ ତାଙ୍କ ଘନିଷ୍ଠ ବନ୍ଧୁ ଅଶ୍ୱିନୀ ଦତ୍ତ ଓ 'କଲ୍‌କୀ ୨୮୯୮ ଏଡି'ର ପୂରା ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଚଳଚ୍ଚିତ୍ରର ଆଗାମୀ ସିକ୍ୱେଲକୁ ସେ ଏବେଠାରୁ ଅପେକ୍ଷା କରି ରହିଥିବା ରଜନିକାନ୍ତ କହିଛନ୍ତି। ରଜନୀକାନ୍ତଙ୍କ ଏହି ଟିଇଟ୍‌କୁ ଫିଲ୍ମର ନିର୍ଦ୍ଦେଶକ ନାଗ ଅଶ୍ୱିନ୍ ଓ ଅଭିନେତା ପ୍ରଭାସ ରି-ଟୁଇଟ୍ କରିବା ସହ ଖୁସି ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ 'କଲ୍‌କୀ ୨୮୯୮ ଏଡି' ଚଳଚ୍ଚିତ୍ରର କାହାଣୀରେ ଭଗବାନ ବିଷ୍ଣୁଙ୍କ ଏକ ଆଧୁନିକ ଅବତାର ପୃଥିବୀକୁ ମନ୍ଦ ଶକ୍ତିରୁ ରକ୍ଷା କରିବା ପାଇଁ ଅବତାର ନେଇଥିବା ଫିଲ୍ମ ସମୀକ୍ଷକମାନେ ପ୍ରକାଶ କରିଛନ୍ତି।

ଏ ପୃଥିବୀ ତିନିପ୍ରକାର ବିପ୍ଳବର କଥା ଜାଣିଛି। ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି। ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡ଼ିକ ମଧ୍ୟ ସେମାନଙ୍କ ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ଆଧାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି। –ଶ୍ରୀଅରବିନ୍ଦ



# ଅନାବଶ୍ୟକ ବିବୃତି



ଆକାର ପଟେଲ

ଭାରତରେ ଧର୍ମୀୟ ସ୍ୱାଧୀନତାକୁ ନେଇ ଆମେରିକା ପରରାଷ୍ଟ୍ର ବିଭାଗ ଏକ ରିପୋର୍ଟ ପ୍ରକାଶ କରିଛି। ଜୁନ୍ ୨୮ରେ ଭାରତର ବୈଦେଶିକ ମନ୍ତ୍ରାଳୟ ଏହି ରିପୋର୍ଟ ବିରୋଧରେ ଏକ ଦୃଢ଼ ବିବୃତି ଜାରି କରିଛି। ବିବୃତିରେ କୁହାଯାଇଛି ଯେ ପୂର୍ବଭଳି ଏହି ରିପୋର୍ଟ ମଧ୍ୟ ଅଧିକ ପକ୍ଷପାତ ଓ ଭାରତର ସାମାଜିକ ଏକତା ବିଷୟରେ ଅଜ୍ଞ। ଏହା ଭୋଟ ବ୍ୟାଙ୍କ ବିଚାର ଏବଂ ଏକ ନିର୍ଦ୍ଦେଶାତ୍ମକ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହେତୁ ଆମେ ଏହାକୁ ପ୍ରତ୍ୟାଖ୍ୟାନ କରୁ। ଆମେରିକା ପରରାଷ୍ଟ୍ର ବିଭାଗ ଯେଉଁ ପ୍ରାଥମିକ ରିପୋର୍ଟ ଉପରେ ଅନୁଧ୍ୟାନ କରିଥିଲା ତାହାକୁ ବିରୋଧ କରି ଆମ ବିବୃତିରେ କହିଥିଲୁ ଯେ ଏହି ପ୍ରାଥମିକ ରିପୋର୍ଟ ହେଉଛି ଭୁଲ ଉପସ୍ଥାପନା, ମନୋନୀତ ତଥ୍ୟର ବ୍ୟବହାର, ପକ୍ଷପାତ ଉତ୍ସ ଉପରେ ନିର୍ଭରଶୀଳ ଏବଂ ବିଷୟଗୁଡ଼ିକୁ ଏକପାଖିଆ ଦର୍ଶାଇବା ଭଳି ଅଭିଯୋଗଗୁଡ଼ିକର ସମାହାର। ଏଥିରେ ଆମ ଆଇନ ଏବଂ ସାର୍ବଭୌମତ୍ୱ ବିଷୟରେ ପାଖାପାଖି ୨୦୦ ଶବ୍ଦ ଲେଖାଯାଇଛି। କିନ୍ତୁ ଦୁଃଖର ବିଷୟ ଆମେରିକା ପରରାଷ୍ଟ୍ର ବିଭାଗର ନିର୍ଦ୍ଦିଷ୍ଟ ଅଭିଯୋଗ ସମ୍ପର୍କରେ କିଛି ଦର୍ଶାଯାଇନାହିଁ। ତେବେ ଏଗୁଡ଼ିକ କ'ଣ ଥିଲା? ଆମେରିକାର ପରରାଷ୍ଟ୍ର ସଚିବ ବ୍ଲିଙ୍କେନ ଦୁଇଟି କଥା କହିଥିଲେ–"ଭାରତରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ରିପୋର୍ଟ କରିଛି ଯେ ଧର୍ମ ପରିବର୍ତ୍ତନ ଅଭିଯୋଗରେ ସ୍ଥାନୀୟ ପୋଲିସ ପୂଜାପାଠରେ ବାଧା ସୃଷ୍ଟି କରୁଥିବା ଉତ୍ୟକ୍ତ ଲୋକଙ୍କୁ ସାହାଯ୍ୟ କରିଥିଲା କିମ୍ବା ସେମାନଙ୍କ ଉପରେ ଆକ୍ରମଣ ବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା ଏବଂ ଧର୍ମ ପରିବର୍ତ୍ତନ ଅଭିଯୋଗରେ ପୀଡିତଙ୍କୁ ଗିରଫ କରିଥିଲା। ସେ ମଧ୍ୟ କହିଥିଲେ, ଭାରତରେ ଧର୍ମ ପରିବର୍ତ୍ତନ ବିରୋଧୀ ଆଇନ, ଘୃଣାର ବକ୍ତବ୍ୟ, ସଂଖ୍ୟାଲଘୁ ସମ୍ପ୍ରଦାୟ ସଦସ୍ୟଙ୍କ ଘର ଏବଂ ପୂଜାପାଠ ସ୍ଥାନ ଭାଙ୍ଗିବା ଘଟଣା ବଢୁଥିବା ଆମେ ଦେଖୁଛୁ।" ଏହା ହିଁ ବାସ୍ତବତା। ଆମେ ଭାଜପାର ବୁଲଡୋଜର ସଂସ୍କୃତି ପାଇଁ ଗର୍ବିତ ହୋଇପାରିବା ନାହିଁ କି ଏହାକୁ ଅସ୍ୱୀକାର କରିପାରିବୁ ନାହିଁ। ଏହା ବ୍ୟତୀତ ଆମେ ଯାହା କହି ଆମ ବିବୃତି ଶେଷ କରିଛୁ ତାହା ହେଉଛି, "୨୦୨୩ ମସିହାରେ ଆମେରିକାରେ ଘଟିଥିବା ଘୃଣ୍ୟ ଅପରାଧ, ଭାରତୀୟ ନାଗରିକ ତଥା ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କ ଉପରେ ବର୍ଣ୍ଣଗତ ଆକ୍ରମଣ, ପୂଜାପାଠ ସ୍ଥାନର ଭଙ୍ଗାରୁଜା, ହିଂସା ଏବଂ ଆଇନଗତ ପ୍ରାଧିକରଣ ଦ୍ୱାରା ନିର୍ଯାତନା ଦେବା ଭଳି ଘଟଣାଗୁଡ଼ିକ ଉପରେ ଭାରତ ସରକାର ଚିନ୍ତାପ୍ରକଟ କରିଛନ୍ତି।" ଆମେ ପରେ ଏହି ବିଷୟ ଉପରକୁ ଆସିବା, କିନ୍ତୁ ପ୍ରଥମେ ଆସନ୍ତୁ ଦେଖିବା ଆମେରିକାର ରିପୋର୍ଟରେ କ'ଣ ଦର୍ଶାଯାଇଛି ଯାହା ଭାରତକୁ ଅସନ୍ତୁଷ୍ଟ କରିଛି।

ୟୁନାଇଟେଡ ଷ୍ଟେଟସ୍ କମିଶନ ଅନ୍ ଇଣ୍ଟରନ୍ୟାଶନାଲ ରିଲିଜିୟସ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ପ୍ରତିବର୍ଷ ଏହି ରିପୋର୍ଟ ପ୍ରକାଶ କରିଥାଏ। ଗତ ପାଞ୍ଚ ବର୍ଷ ଧରି ପ୍ରତିବର୍ଷ ଏହା ଭାରତୀୟ ନେତୃବୃନ୍ଦ ତଥା ଅନୁଷ୍ଠାନଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଇବାକୁ ସୁପାରିସ କରିଆସୁଛି। କିନ୍ତୁ ପ୍ରଥମେ ଟ୍ରମ୍ପ ଏବଂ ପରେ ବାଇଡେନଙ୍କ ଅଧୀନରେ ସରକାର ପ୍ରତିବନ୍ଧକ ଲଗାଇବାକୁ ଏଡ଼ାଇ ଆସୁଛନ୍ତି। ୟୁଏସ୍‌ସିଆଇଆର୍‌ଏଫ୍‌ର ୨୦୨୦ ରିପୋର୍ଟରେ କୁହାଯାଇଛି ଯେ, "ଭାରତ ୨୦୧୯ରେ ଶୀଘ୍ର ତଳକୁ ଖସିଥିଲା। ଜାତୀୟ ସରକାର ଏହାର ଶକ୍ତିଶାଳୀ ସଂସଦୀୟ ସଂଖ୍ୟାଗରିଷ୍ଠତାକୁ ବ୍ୟବହାର କରି ନୀତିସବୁ ଆଣିଛନ୍ତି, ଯାହା ସମଗ୍ର ଭାରତରେ ଧର୍ମୀୟ ସ୍ୱାଧୀନତାକୁ ଉଲ୍ଲଂଘନ କରୁଛି, ବିଶେଷ କରି ମୁସଲମାନମାନଙ୍କ ପାଇଁ।" ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏହା ଉପରେ ଉତ୍ତର ଦେଇଥିଲେ ଯେ ୟୁଏସ୍‌ସିଆଇଆର୍‌ଏଫ୍‌ର ପକ୍ଷପାତୀ ଏବଂ ଭାରତ ବିରୋଧୀ ବିବାଦୀୟ ମନ୍ତବ୍ୟ ନୂଆ ନୁହେଁ। ଗତ ବର୍ଷ ସଂଖ୍ୟାଲଘୁଙ୍କୁ ନିର୍ଯାତନା ଦେଉଥିବା ରାଷ୍ଟ୍ରଗୁଡ଼ିକ ତାଲିକାରେ ଭାରତକୁ ସ୍ଥାନିତ କରିବା ପରେ ଆମ ବୈଦେଶିକ ମନ୍ତ୍ରଣାଳୟ କହିଥିଲା ଯେ ଏହି ରିପୋର୍ଟ 'ପକ୍ଷପାତପୂର୍ଣ୍ଣ ଏବଂ ତ୍ରୁଟିଯୁକ୍ତ' ଏବଂ ଏହା ଭାରତ ଓ ଏହାର ସାମ୍ବିଧାନିକ ଢାଞ୍ଚା, ବିବିଧତା ତଥା ଗଣତାନ୍ତ୍ରିକ ବ୍ୟବସ୍ଥା ସମ୍ପର୍କିତ ଜ୍ଞାନ ଅଭାବକୁ ପ୍ରତିପାଦିତ କରିଛି।

୨୦୨୧ ରିପୋର୍ଟରେ ୟୁଏସ୍‌ସିଆଇଆର୍‌ଏଫ୍‌ର କମିଶନର ଜନି ମୋରେ ଲେଖିଥିଲେ, "ମୁଁ ଭାରତକୁ ଭଲ ପାଏ। ମୁଁ ସକାଳେ ବାରାଣସୀର ଗଙ୍ଗାରେ ପହଁରିଛି, ପୁରୁଣା ଦିଲ୍ଲୀର ପ୍ରତ୍ୟେକ ଗଳିରେ ଚାଲିଛି, ଆଗ୍ରା ସ୍ଥାପତ୍ୟକୁ ଦେଖି ଆଶ୍ଚର୍ଯ୍ୟ ହୋଇଛି ଓ ସ୍ୱର୍ଣ୍ଣମନ୍ଦିର ଦେଖି ଆଶ୍ଚର୍ଯ୍ୟ ହୋଇଛି। ସବୁଠାରେ ମୁଁ ଖ୍ରୀଷ୍ଟିଆନ ଭାଇ ଓ ଭଉଣୀମାନଙ୍କୁ ଭେଟିଛି, ଯେଉଁମାନେ ଗରିବମାନଙ୍କୁ ନିଃସ୍ୱାର୍ଥପର ଭାବରେ ସେବା କରିଥାନ୍ତି। ବିଶ୍ୱର ସବୁ ଦେଶ ମଧ୍ୟରେ ଭାରତ ଏକ ଚିନ୍ତାଜନକ ଦେଶ ହେବା ଉଚିତ ନୁହେଁ। ଏହା ହେଉଛି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଏବଂ ଏହା ଏକ ନିର୍ଦ୍ଦିଷ୍ଟ ସମ୍ବିଧାନ ଦ୍ୱାରା ପରିଚାଳିତ। ତଥାପି ଭାରତ ଏକ ଜଟିଳ ସ୍ଥିତିରେ ଥିବାପରି ମନେହୁଏ। ଏହାର ସମାଧାନ ହେଉଛି ଭାରତର ଅନୁଷ୍ଠାନଗୁଡ଼ିକ ମୂଲ୍ୟବୋଧର ସୁରକ୍ଷା ପାଇଁ ସେମାନଙ୍କ ସମୃଦ୍ଧ ଇତିହାସକୁ ଆକୃଷ୍ଟ କରିବାକୁ ହେବ। ଧର୍ମୀୟ ତିକ୍ତତା ଦ୍ୱାରା ରାଜନୈତିକ ଏବଂ ଆନ୍ତଃସାମ୍ପ୍ରଦାୟିକ ସଂଘର୍ଷକୁ ଭାରତ ସର୍ବଦା ପ୍ରତିରୋଧ କରିବା ଆବଶ୍ୟକ। ଏହା ହାସଲ କରିବା ଲାଗି ଭାରତ ସରକାର ଓ ଲୋକଙ୍କ ପାଖରେ ସବୁକିଛି ଅଛି ଏବଂ ସାମାଜିକ ସୌହାର୍ଦ୍ଦ୍ୟ ଓ ସମସ୍ତଙ୍କ ଅଧିକାର ସୁରକ୍ଷା କରିବା ପାଇଁ କିଛି ବି ହରାଇବାକୁ ପଡିବ ନାହିଁ। ଭାରତ କରିପାରିବ। ଭାରତ ଏହା କରିବା ଉଚିତ।"

ଏମାନେ ସେହିସବୁ ବ୍ୟକ୍ତି, ଯାହାଙ୍କ ମତାମତକୁ ଆମେ ପ୍ରତ୍ୟାଖ୍ୟାନ କରୁଛୁ ଏବଂ ପକ୍ଷପାତ ବୋଲି କହୁଛୁ। ଯଦିଓ ଜୟଶଙ୍କର ଏବଂ ବୈଦେଶିକ ମନ୍ତ୍ରଣାଳୟ ଦାବି ଅନୁଯାୟୀ ଆମେ ଗ୍ରହଣ କରୁଛୁ ଯେ ୟୁଏସ୍‌ସିଆଇଆର୍‌ଏଫ୍ ପକ୍ଷପାତୀ, ତଥାପି ଏହା ଠିକ୍ ନୁହେଁ। ଆମେରିକାରେ ସଂଖ୍ୟାଲଘୁଙ୍କ ବିରୋଧରେ ହେଉଥିବା ଅପରାଧକୁ ନେଇ ଆମ ପ୍ରତିକ୍ରିୟାରେ ତାଙ୍କୁ ଯେଉଁ ଧମକ ଦେଇଛୁ ତାହା ସ୍ୱାଗତଯୋଗ୍ୟ। ଏକ ଗଣତନ୍ତ୍ର କହେ ଏହା ମାନବ ଅଧିକାରକୁ ସମ୍ମାନ କରେ। ଏଣୁ ଅନ୍ୟ ଦେଶରେ ବିଶେଷ କରି ଆମର ବନ୍ଧୁରାଷ୍ଟ୍ରଗୁଡ଼ିକରେ ମାନବ ଅଧିକାରରେ ହେଉଥିବା ତ୍ରୁଟି ଦର୍ଶାଇବା ମଧ୍ୟ ଆମର କର୍ତ୍ତବ୍ୟ। ତେବେ ୟୁଏସ୍‌ସିଆଇଆର୍‌ଏଫ୍ ଯେପରି କାର୍ଯ୍ୟ କରୁଛି ସେହିଭଳି ବଡ଼ କାମ ଆମେ କରିବା ଉଚିତ। ଆମ ବିରୋଧରେ ଯୁକ୍ତିଯୁକ୍ତ ତଥା ଠିକ୍ ଅଭିଯୋଗ ଉପରେ କ୍ରୋଧିତ ପ୍ରତିକ୍ରିୟାରେ ଅନାବଶ୍ୟକ ବିବୃତି ଦେବା ଉଚିତ ନୁହେଁ।

Email:aakar.patel@gmail.com

# ଦୁର୍ଘଟଣା ଓ ପଥ ସମ୍ମୋହନ



ବୈକୁଣ୍ଠନାଥ ମିଶ୍ର

ସରକାରୀ ଓ ବେସରକାରୀ ସ୍ତରରେ ଯେତେ ସଚେତନତା ସୃଷ୍ଟି କରାଗଲେ ମଧ୍ୟ ସଡ଼କ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବା ପରିବର୍ତ୍ତେ ଦିନକୁ ଦିନ ବଢ଼ିଚାଲିଛି। ପ୍ରଥମେ ମନୁଷ୍ୟକୃତ ଦୁର୍ଘଟଣା କଥା ଆଲୋଚନା କରିବା। ମାନବକୃତ ଦୁର୍ଘଟଣାର ୮୦ପ୍ରତିଶତ କେବଳ ଚାଳକର ମଦ୍ୟପାନ ଓ ନିଶାସେବନ ଯୋଗୁ ଘଟିଥାଏ। ଜଣେ ମଦ୍ୟପ ହିତାହିତ ଜ୍ଞାନରହିତ ହୋଇଥିବାରୁ ସେ ଭଲମନ୍ଦ କିଛି ଜାଣିପାରେନା। ଓଟାଗୋ ବିଶ୍ୱବିଦ୍ୟାଳୟର 'ପ୍ରିଭେଣ୍ଟିଭ୍ ଓ ସୋସିଆଲ ମେଡିସିନ୍'ର ମୁଖ୍ୟ ଜେନି କୋନେରଙ୍କ ମତରେ, ମଦ୍ୟପଙ୍କ ମଧ୍ୟରୁ ଶତକଡା ୮୭ଙ୍କ ଆୟୁଷ ଆଦୌ ମଦ୍ୟପାନ କରୁ ନ ଥିବା ବ୍ୟକ୍ତିଙ୍କଠାରୁ କମ୍। ସେ ପୁଣି କହୁଛନ୍ତି ଏତେସବୁ ରୋଗର କାରଣ ସାଜିଥିବା ମଦ୍ୟପାନକୁ ସ୍ୱାସ୍ଥ୍ୟକର ବୋଲି ମତ ଦେଉଥିବା କିଛି ଲୋକଙ୍କର ଏହା ସୁସ୍ଥ ବିଚାର ନୁହେଁ।

ଆମେରିକାର ପ୍ରଖ୍ୟାତ ଚିକିତ୍ସକ ଏମ୍. ରବର୍ଟସନଙ୍କ ମତରେ ସମାଜରେ ଯଦି ଅଧା ମଦଦୋକାନ ବନ୍ଦ ହୋଇଯାଏ, ତେବେ ଅଧା ଡାକ୍ତରଖାନା ଓ ଅଧା ଜେଲ୍‌ଖାନା ଆପେ ଆପେ ବନ୍ଦ ହୋଇଯିବ। ଉକ୍ତ ଚିକିତ୍ସକ ପୁଣି କହିଛନ୍ତି ଯେ, ମଦ୍ୟପାନ ମସ୍ତିଷ୍କ ଉପରେ ଏକ କଳାବାଦଲ ପରି ଆସ୍ତରଣ ସୃଷ୍ଟିକରେ ଓ ମନକୁ ଦୁର୍ବଳ କରିଦିଏ। ତାଙ୍କ ଭାଷାରେ– ଜଣେ ମଦ୍ୟପ ହିତାହିତ ଜ୍ଞାନରହିତ ହୋଇଥିବାରୁ ସେ ଭଲମନ୍ଦ କ'ଣ ଜାଣିପାରେନା। କ'ଣ କହେ ଓ କ'ଣ କରେ ସେ ବିଷୟରେ ସେ ସଚେତନ ନ ଥାଏ। ମଦ୍ୟପ ଗାଡ଼ି ଚାଳକର ଅସାବଧାନତା ଓ ଅମନଯୋଗିତାରୁ ଭୟଙ୍କର ଦୁର୍ଘଟଣାମାନ ସଂଘଟିତ ହୋଇ ବ୍ୟାପକ ଧନଜୀବନ ହାନି ଘଟିଚାଲିଛି। ରାଜ୍ୟ ସଡ଼କ ପରିବହନର ତଥ୍ୟ ଅନୁସାରେ, କେବଳ ୨୦୨୩ରେ ଗାଡ଼ିକୁ ପଛରୁ ଧକ୍କାଦେଇ ୨୪୯୬ଟି ଦୁର୍ଘଟଣା ଘଟିଥିବା ବେଳେ ୧୧୯୮ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ୧୨୭୨ ଜଣ ଆହତ ହୋଇଥିଲେ। ଏହାବାଦ୍ ଠିଆ ହୋଇଥିବା ଏକ ଗାଡ଼ିକୁ ଗୋଟିଏ ପାର୍ଶ୍ୱ(ବାମ ବା ଦକ୍ଷିଣ)ରୁ ଧକ୍କା ଦେଇଥିବା ୬୩୯ଟି ଦୁର୍ଘଟଣାରେ ୨୭୪ ଜଣଙ୍କର ମୃତ୍ୟୁ ଘଟିଥିଲା ଓ ୩୫୪ ଆହତ ହୋଇଥିଲେ। ସେହିପରି ରାସ୍ତାପାର୍ଶ୍ୱରେ ଥିବା ଗଛ, ବିଦ୍ୟୁତ୍ ଖୁଣ୍ଟ ଓ ଡିଭାଇଡରକୁ ଧକ୍କାଦେବା ଫଳରେ କେବଳ ୨୦୨୩ରେ ୭୬୩ ସଡ଼କ ଦୁର୍ଘଟଣା ଘଟି ୩୭୩ ମୃତ୍ୟୁବରଣ କରିଥିବା ବେଳେ ୪୨୨ ଜଣ ଆହତ ହୋଇଛନ୍ତି। ମଦ୍ୟପାନର ଭୟାବହତାକୁ ନେଇ କବି କାଳିଦାସଙ୍କ ସମୟର ଏକ ରୋଚକ କାହାଣୀ ରହିଛି। ମହାକବି କାଳିଦାସ ପ୍ରାତଃଭ୍ରମଣ କରୁଥିବା ସମୟରେ ଦେଖିଲେ ଜଣେ ଦଳିତ ରମଣୀ କୋଳରେ ମଦଭାଣ୍ଡ ଧରି ବିପରୀତ ଦିଗରୁ ଆସୁଛି। ସେ କାଳିଦାସଙ୍କ ସମ୍ମୁଖୀନ ହେବାରୁ ସଂଭ୍ରମତାର ସହ ମଦଭାଣ୍ଡ ଉପରେ ପଣତକାନି ଢାଙ୍କିଦେଲା। କିନ୍ତୁ କାଳିଦାସଙ୍କ ବିଚକ୍ଷଣ ଦୃଷ୍ଟିକୁ ସେ ଏଡ଼ାଇଯାଆନ୍ତା କିପରି? କାଳିଦାସ ତାକୁ ପଚାରିଲେ 'କିମସ୍ତି କରକେ ତବ?' ଅର୍ଥାତ୍ ତୁମ କୋଳରେ କ'ଣ ଅଛି? ରମଣୀଟି ଉତ୍ତର ଦେଲା– ମୋ କୋଳରେ ୮ଟି ଅନର୍ଥକୁ ମୁଁ ବହନ କରୁଅଛି। ସେ କହିଥିବା ଶ୍ଳୋକଟି ଏହିପରି–

**"ମଦଃ ପ୍ରମାଦଃ କଳହଶ୍ଚ ନିଦ୍ରା ବୁଦ୍ଧି କ୍ଷୟୋ ଧର୍ମ ବିପର୍ଯ୍ୟୟଶ୍ଚ ସୁଖସ୍ୟ କନ୍ଥା ନରକସ୍ୟ ପନ୍ଥା ଅଷ୍ଟାବନାର୍ଥାଃ କରକେ ବସନ୍ତି।"**

ଅର୍ଥାତ୍– ମୁଁ କୋଳରେ ମଦପୂର୍ଣ୍ଣ କଳସୀଟିଏ ଧାରଣ କରିଛି। ଏହା ଉନ୍ମାଦନା, ବିପଦ, କଳହ, ଅକାଳ ନିଦ୍ରା, ବୁଦ୍ଧିକ୍ଷୟ, ଧର୍ମ ବିପର୍ଯ୍ୟୟ, ସୁଖର ପଥରୋଧକ ଓ ନର୍କର ମାର୍ଗଦର୍ଶକ ପରି ଆଠଟି ଅନର୍ଥର କାରଣ। ଦଳିତ ନାରୀଟିର ଏତାଦୃଶ ସ୍ପଷ୍ଟୀକରଣରେ ତୁଷ୍ଟହୋଇ କାଳିଦାସ ନିଜ ଗନ୍ତବ୍ୟ ପଥରେ ଚାଲିଗଲେ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ମଦ୍ୟପାନ ସକଳ ଅନର୍ଥର ମୂଳକାରଣ।

ଏତଦ୍‌ବ୍ୟତୀତ ସଡ଼କ ଦୁର୍ଘଟଣାର ଅନ୍ୟ ଏକ ସମ୍ବେଦନଶୀଳ କାରଣ ସ୍ୱରୂପ, ଯାହା ବୈଜ୍ଞାନିକ ତଥ୍ୟରୁ ପରିପ୍ରକାଶ ତା' ହେଉଛି 'ରୋଡ୍ ହିପ୍ନୋସିସ୍' ବା ପଥ ସମ୍ମୋହନ। ପଥ ସମ୍ମୋହନ ପରି ତଥ୍ୟ ପ୍ରକାଶ ପାଇଲା ପରେ ଓଡ଼ିଶା ରାଜ୍ୟ ପରିବହନ ବିଭାଗ ତରଫରୁ ଚାଳକ, ଗାଡ଼ି ମାଲିକ ଓ ଯାତ୍ରୀମାନଙ୍କୁ ସଚେତନ କରାଯାଉଛି। ଏହା ଚାଳକର ଉଭୟ ଶାରୀରିକ ଓ ମାନସିକ ସ୍ଥିତିରେ ଏକ ଜଟିଳ ସମୀକରଣ। କ୍ରମାଗତ ଭାବେ ଦୀର୍ଘସମୟ ଧରି ଗାଡ଼ିଚାଳନା କରିବା ଫଳରେ ଚାଳକ ପଥ ସମ୍ମୋହନର ଶିକାର



ହୋଇଥାଏ। ଚାଳକର ଚକ୍ଷୁଦ୍ୱୟ ଖୋଲାଥିବା ପରି ପ୍ରତୀୟମାନ ହେଉଥିଲେ ମଧ୍ୟ ବାସ୍ତବରେ ସେ ଚେତନଶୀଳ ନ ଥାଏ। ଦୀର୍ଘ ଅତନ୍ଦ୍ରତାର ପ୍ରତିଫଳନ ତା'ର ଶରୀର ଏବଂ ମସ୍ତିଷ୍କରେ ପ୍ରତିଫଳିତ ହୁଏ। କ୍ରମାଗତ ଅଢ଼େଇଘଣ୍ଟା କିମ୍ବା ତା'ଠାରୁ ଅଧିକ ସମୟ ଏକାଦିକ୍ରମେ ଗାଡ଼ିଚାଳନା ଉପରେ ପ୍ରତିବନ୍ଧକ ଲଗାଯାଇଛି। ପ୍ରତି ଅଢ଼େଇ ଘଣ୍ଟାରେ ଦଶ ପନ୍ଦର ମିନିଟ୍ ଗାଡ଼ି ଅଟକାଇ ମୁହଁ ହାତ ଧୋଇ ଆବଶ୍ୟକ ସ୍ଥଳେ ଚା' କଫି ପାନକରି ପୁଣି ଷ୍ଟିୟରିଂ ଧରିବା ଉଚିତ। ପଥ ସମ୍ମୋହନରେ ଆକ୍ରାନ୍ତ ଚାଳକ ଶେଷ ପନ୍ଦର ମିନିଟ୍ କିଛି ଜାଣିପାରେନାହିଁ। କେତେ ବେଗରେ ଗାଡ଼ି ଚାଲୁଛି, ସମ୍ମୁଖରେ କ'ଣ ସବୁ ଅଛି, ଗାଡ଼ି ରାସ୍ତା ଛାଡ଼ି କେଉଁଆଡ଼େ ଯାଉଛି ସେ କିଛି ଜାଣିପାରେନା। ମଦ୍ୟପାନ ନ କରି ମଧ୍ୟ ଚାଳକ ମଦ୍ୟପ ପରି ଅବଚେତନସ୍ତରକୁ ଚାଲିଯାଏ। ଏସବୁ ଅଘଟଣକୁ ଦୃଷ୍ଟିରେ ରଖି ରାଜ୍ୟ ସଡ଼କ ପରିବହନ ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶେଷକରି ଶୀତରାତିରେ ଚାଳକଙ୍କୁ ପଥ ସମ୍ମୋହନରୁ ରକ୍ଷା କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ଚା' ପାନର ବ୍ୟବସ୍ଥା କରାଯାଇଛି। ଛୋଟ ଗାଡ଼ି ହେଉ କି ବଡ଼ ଗାଡ଼ି, ଗାଡ଼ିର ସମସ୍ତ ଯାତ୍ରୀ ନିଦ୍ରା ଗଲାପରେ ଚାଳକ ପଥ ସମ୍ମୋହିତ ହେବାର ଯଥେଷ୍ଟ ସମ୍ଭାବନା ଥାଏ। ଛୋଟ ଚାରିଚକିଆ ଗାଡ଼ିରେ ଚାଳକ ପାଖରେ ଆଗ ସିଟ୍‌ରେ ବସିଥିବା ବ୍ୟକ୍ତି ଜଣକ ରାତ୍ରି ଉଜାଗର ରହି ଚାଳକ ସହ କଥୋପକଥନ ଜାରି ରଖିଲେ ସେ ପଥ ସମ୍ମୋହନର ଶିକାର ହୁଏନାହିଁ ଓ ଅବଚେତନ ସ୍ତରକୁ ଯାଏନାହିଁ। ସାଧାରଣତଃ ଦୂରଗାମୀ ରାତ୍ରକାଳୀନ ଯାତ୍ରୀବାହୀ ବସ୍‌ଗୁଡ଼ିକରେ ପଥ ସମ୍ମୋହନଜନିତ ଦୁର୍ଘଟଣା ପ୍ରାୟତଃ ଅଧିକ। ଜାତୀୟ ରାଜପଥର କିଛି ନିର୍ଦ୍ଦିଷ୍ଟ ସ୍ଥାନ (ସ୍ପଟ୍) ଚିହ୍ନଟ କରାଯାଇଛି, ଯେଉଁଠାରେ ଦୁର୍ଘଟଣାର ଆଶଙ୍କା ଅଧିକ। ତେଣୁ ପ୍ରତିକାର ସ୍ୱରୂପ କ୍ରମାଗତଭାବେ ଅଢ଼େଇ ଘଣ୍ଟାରୁ ଅଧିକ ସମୟ ଗାଡ଼ି ଚାଳନା ନ କରିବା ଉଚିତ। ପ୍ରତି ଅଢ଼େଇ ଘଣ୍ଟା ପରେ ଅନ୍ତତଃ ପନ୍ଦର ମିନିଟ୍ ବିଶ୍ରାମ ଓ ଆବଶ୍ୟକ ସ୍ଥଳେ ଚା' କଫି ସେବନ ବାଞ୍ଛନୀୟ। ଗାଡ଼ିଚାଳନା ସମୟରେ ଚାଳକଙ୍କୁ ଖୁସିଗପ ମାଧ୍ୟମରେ ସକ୍ରିୟ ରଖିବା ଆବଶ୍ୟକ। ମଦ୍ୟପାନ କରିଥିବା ଚାଳକଙ୍କୁ ଗାଡ଼ି ଚାଳନାରୁ ନିବୃତ୍ତ କରାଯିବା ଦରକାର। ଏହା ଚାଳକ, ମାଲିକ ଓ ସର୍ବୋପରି ସରକାରଙ୍କର ପ୍ରମୁଖ ଦାୟିତ୍ୱ। ଏ ନେଇ ନିକଟରେ ଓଡ଼ିଶା ରାଜ୍ୟ ପରିବହନ ଆୟୁକ୍ତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ସମସ୍ତଙ୍କୁ ଆହ୍ୱାନ ଦେଇ ପରାମର୍ଶ ଦେଇଛନ୍ତି ଯେ, ଏ ଦିଗରେ ସମସ୍ତେ ସଚେତନ ହେଲେ ଦୁର୍ଘଟଣାକୁ ଏଡ଼ାଇ ଦେଇହେବ। ତେଣୁ ଉପରୋକ୍ତ ଦୁଇଟି ଜିନିଷ ଯଥା ମଦ୍ୟପାନ କରି ଗାଡ଼ିଚାଳନା ଓ ବିନା ବିଶ୍ରାମରେ ଅଢ଼େଇଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଗାଡ଼ିଚାଳନା ଯୋଗୁ ପଥ ସମ୍ମୋହନକୁ ପରିହାର କରିପାରିଲେ ନିରାପଦ ଗାଡ଼ିଚାଳନା ଓ ଯାତ୍ରୀଙ୍କ ନିରାପତ୍ତା ରକ୍ଷା କରାଯାଇ ପାରିବ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ–୯୯୩୭୪୫୦୫୪୦

# ସ୍ୱାଧୀନ ପରିବର୍ତ୍ତନକାରୀ

ବ୍ୟକ୍ତିତ୍ୱ



ରାଜକୁମାର ରୋଆତ

ଅଷ୍ଟାଦଶ ଲୋକ ସଭାର ଶପଥ ଗ୍ରହଣ ସମାରୋହରେ ଯୋଗଦେବା ଲାଗି ଓଟପିଠିରେ ବସି ପାର୍ଲାମେଣ୍ଟ ଆସିଥିବା ରାଜସ୍ଥାନର ବନ୍‌ସୱାରା ଏମ୍‌ପି ରାଜକୁମାର ରୋଆତ ଜାତୀୟ ସ୍ତରର ଦୃଷ୍ଟିଆକର୍ଷଣ କରିଛନ୍ତି। ଭାରତୀୟ ଆଦିବାସୀ ପାର୍ଟି (ବିଏପି)ର ଏକମାତ୍ର ଲୋକ ସଭା ସଦସ୍ୟ କଂଗ୍ରେସ ସମର୍ଥନରେ ଜିତିଥିଲେ ମଧ୍ୟ 'ଇଣ୍ଡିଆ ମେଣ୍ଟ'ରେ ସାମିଲ ହେବାକୁ ମନା କରିଦେଇଛନ୍ତି। ତାଙ୍କ ମତରେ କଂଗ୍ରେସ ସହ ତାଙ୍କ ଦଳ ମିଶିଗଲେ ସେମାନଙ୍କ ଭବିଷ୍ୟତ ବିପଦରେ ପଡ଼ିଯିବ। ବିଏପି ଯେଉଁ ଲକ୍ଷ୍ୟ ନେଇ ତା'ର ଆନ୍ଦୋଳନ ଜାରି ରଖିଛି ତାହା ବାଧାପ୍ରାପ୍ତ ହେବ ଏବଂ ସେହି ପୁରୁଣା ଦୁଃଖ ଏହି ଅଞ୍ଚଳକୁ ଫେରିଆସିବ। ଅନ୍ୟତମ ଜାତୀୟ ଦଳ ଭାରତୀୟ ଜନତା ପାର୍ଟି (ଭାଜପା) ଆଦିବାସୀ ସମ୍ପ୍ରଦାୟର ଆଶା ଆକାଂକ୍ଷା ପୂରଣ କରିପାରି ନ ଥିବାରୁ ବନ୍‌ସୱାରାବାସୀ ତାହାକୁ ପ୍ରତ୍ୟାଖ୍ୟାନ କରିଥିବା ରାଜକୁମାର କହିଛନ୍ତି। ନିଜ ଦଳର ଆଦର୍ଶଗତ ପାର୍ଥକ୍ୟ ଯୋଗୁ ସେ ସ୍ୱାଧୀନ ହୋଇ ରହିବାକୁ ଚାହାନ୍ତି ବୋଲି ଗଣମାଧ୍ୟମରେ କହିବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ରାଜକୁମାର ରାଜସ୍ଥାନର ଡୁଙ୍ଗରପୁରରେ ଜନ୍ମଗ୍ରହଣ କରିଥିଲେ। ସେ ଭିଲ୍ ଆଦିବାସୀ ସମ୍ପ୍ରଦାୟର। ମୋହନଲାଲ ସୁଖଦିଆ ବିଶ୍ୱବିଦ୍ୟାଳୟରୁ କଳାରେ ସ୍ନାତକ ଡିଗ୍ରୀ କରିବା ପରେ ସେ ରାଜସ୍ଥାନ ବିଶ୍ୱବିଦ୍ୟାଳୟରୁ ବିଏଡ୍ ଡିଗ୍ରୀ ହାସଲ କରିଛନ୍ତି। ଚୌରାଶି ବିଧାନସଭା କ୍ଷେତ୍ରରୁ ଦୁଇଥର ବିଧାୟକ ହୋଇଥିବା ରାଜକୁମାର ୨୦୨୪ ଲୋକ ସଭା ନିର୍ବାଚନରେ ଜାତୀୟସ୍ତରୀୟ ରାଜନୈତିକ ଭାଗ୍ୟ ପରୀକ୍ଷା କରିବାକୁ ଯାଇ ସଫଳ ହୋଇଛନ୍ତି। ୩୧ ବର୍ଷୀୟ ଏହି ଏମ୍‌ପି ପ୍ରଥମେ ୨୦୧୮ ବିଧାନସଭା ନିର୍ବାଚନରେ ଭାରତୀୟ ଟ୍ରାଇବାଲ ପାର୍ଟି (ବିଟିପି)ରୁ ବିଜୟଲାଭ କରି ରାଜସ୍ଥାନର ସର୍ବକନିଷ୍ଠ ବିଧାୟକ ହୋଇଥିଲେ। ପୁନଶ୍ଚ ସେ ୨୦୨୩ ବିଧାନସଭା ନିର୍ବାଚନରେ ସେହି ଆସନରୁ ବିଏପିରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ତେବେ ପ୍ରଥମ ଥର ବିଧାୟକ ଥିବା ବେଳେ ସେ ବିଧାନସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ୨୦୨୧ରୁ ୨୦୨୨ ଯାଏ ସ୍ୱାୟତ୍ତଶାସନ ଓ ପଞ୍ଚାୟତିରାଜ ସଂସ୍ଥା ଲାଗି ଉଦ୍ଦିଷ୍ଟ କମିଟିର ସଦସ୍ୟ ହୋଇଥିଲେ। ସେହିପରି ୨୦୧୯ରୁ ୨୦୨୨ ଯାଏ ତଫସିଲଭୁକ୍ତ ଜନଜାତି ମଙ୍ଗଳ କମିଟିରେ ସ୍ଥାନ ପାଇଥିଲେ। ଦ୍ୱିତୀୟଥର ବିଧାୟକ ହେବା ପରେ ୨୦୨୪ରେ ତାଙ୍କୁ ଆଇନ ପ୍ରବର୍ତ୍ତନ ଓ ସାଧାରଣ ନିରାପତ୍ତା ସଂକ୍ରାନ୍ତରେ କାର୍ଯ୍ୟ କରୁଥିବା ଗୃହ କମିଟି ଏବଂ ବିଜନେସ୍ ଆଡ୍‌ଭାଇଜରି କମିଟି ଭଳି ଦୁଇଟି କମିଟିରେ ସଦସ୍ୟ କରାଯାଇଥିଲା। ସୌଭାଗ୍ୟକୁ ସେ ଏବେ ଲୋକ ସଭାର ସଦସ୍ୟ ହୋଇପାରିଥିବାରୁ ପାର୍ଲାମେଣ୍ଟରେ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି। ଭାଜପାର ମହେନ୍ଦ୍ରଜିତ୍ ସିଂ ମାଲବ୍ୟଙ୍କୁ ସେ ୨ ଲକ୍ଷ ୪୭ହଜାର ୫୪ ଖଣ୍ଡ ଭୋଟରେ ହରାଇଛନ୍ତି। ଏମ୍‌ପି ଭାବେ ରାଜକୁମାରଙ୍କ ମନୋବଳ ଦୃଢ଼ ଥିବାରୁ ସେ ଜାତୀୟ ସ୍ତରରେ ନିଜ ଦଳର ଆଭିମୁଖ୍ୟ ପ୍ରଚାର ପ୍ରସାର କରିବାରେ ସଫଳ ହେବେ ବୋଲି କୁହାଯାଇଛି। ତାଙ୍କ ରାଜନୈତିକ କ୍ୟାରିୟର ଉନ୍ମେଷ କାଳକୁ ଦେଖିଲେ ସେ ପ୍ରଥମେ ଭିଲ୍ ପ୍ରଦେଶ ବିଦ୍ୟାର୍ଥୀ ମଞ୍ଚ ଗଠନ କରି ନିଜ ସମ୍ପ୍ରଦାୟ ଲୋକଙ୍କ ଅଧିକାର ପାଇଁ କାର୍ଯ୍ୟ କରିଥିଲେ। ପରେ ସେ ଭାରତୀୟ ଆଦିବାସୀ ପାର୍ଟି ଗଠନ କରି ପ୍ରତ୍ୟକ୍ଷ ରାଜନୀତିକୁ ଆସିଲେ। ତାଙ୍କ ରାଜନୈତିକ କାର୍ଯ୍ୟଶୈଳୀ ଅନ୍ୟ ରାଜନେତାଙ୍କଠାରୁ ଭିନ୍ନ। ଜାତୀୟ ରାଜନୈତିକ ଦଳଗୁଡ଼ିକ ଆଦିବାସୀଙ୍କ ଜୀବନଧାରାରେ କ୍ୱଚିତ ଉନ୍ନତି ଆଣିଛନ୍ତି ବୋଲି ରାଜକୁମାର କହିଛନ୍ତି। ତାଙ୍କ ଭାଷାରେ ଭାଜପା କଥାରେ ଯିଏ ନ ଯାଇପାରିଲା ସେ 'ମାଓବାଦୀ' ଆଖ୍ୟା ପାଇଲା। ଏହିପରି ଭାବେ ଭାଜପା ଆଦିବାସୀ ଆନ୍ଦୋଳନକୁ ନିରୁତ୍ସାହିତ କରିଆସିଛି। ଆଦିବାସୀମାନେ ଯେଭଳି ସେମାନଙ୍କ ଅଧିକାର ବିଷୟରେ ସଚେତନ ହୋଇ ନ ପାରିବେ ସେଥିଲାଗି ସୂଚନା ଯୋଗାଣ ଶୈଳୀକୁ ଏହି ଜାତୀୟ ଦଳ ବନ୍ଦ କରିଦେଇ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ଅପବ୍ୟବହାର କରିଚାଲିଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ସବୁଠାରୁ କୌତୂହଳର କଥା ହେଲା କଂଗ୍ରେସ ରାଜକୁମାରଙ୍କୁ ନିଜ ଆଡ଼କୁ ଆଣିବା ପାଇଁ କରିଥିବା ପ୍ରୟାସ ବିଫଳ ହୋଇଛି। ଯେହେତୁ ଭାଜପା ତାଙ୍କ ବିପକ୍ଷରେ ପ୍ରାର୍ଥୀ ଦେଇଥିଲା, ସେ କଂଗ୍ରେସ ସମର୍ଥନ ପାଇବା ଲାଗି ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରିଥିଲେ। କଂଗ୍ରେସ ବିରୋଧରେ ବନ୍‌ସୱାରାବାସୀଙ୍କ ବିରୋଧ ରହିଥିବାରୁ ଦଳ ଏହି ଆସନ ହରାଇବ ବୋଲି ରାଜକୁମାର ଉଲ୍ଲେଖ କରିଥିଲେ। କାରଣ ସେଠାରେ କଂଗ୍ରେସର ଅନେକ ବିଦ୍ରୋହୀ ଅଛନ୍ତି ଓ କେତେଜଣ ଭାଜପାକୁ ଚାଲିଯାଇଥିବା ସେ ଦର୍ଶାଇଥିଲେ। ତେଣୁ ସେ ନିଜେ ହିଁ ବିରୋଧୀଙ୍କୁ ପରାସ୍ତ କରିପାରିବେ ବୋଲି କହି କଂଗ୍ରେସର ସହାୟତା ମାଗିଥିଲେ। ଫଳରେ କଂଗ୍ରେସର ରାଜସ୍ଥାନ ଦାୟିତ୍ୱରେ ଥିବା ଏସ୍.ଏସ୍. ରାନ୍ଧୱା ଏବଂ ପିସିସି ମୁଖ୍ୟ ଗୋବିନ୍ଦ ସିଂ ଦୋତ୍‌ସ୍ରା ତତ୍‌କ୍ଷଣାତ ରାଜକୁମାରଙ୍କୁ ସମର୍ଥନ କରିଥିଲେ। ଉଲ୍ଲେଖଯୋଗ୍ୟ, ଅଶୋକ ଗେହଲଟଙ୍କ ସରକାର ୨୦୨୩ରେ ଅସ୍ଥିରତା ଦେଇ ଗତି କରୁଥିବା ବେଳେ ରାଜକୁମାର କଂଗ୍ରେସକୁ ସାହାଯ୍ୟ କରିଥିଲେ। ସେହିପରି ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ ଯାତ୍ରା ବେଳେ ବନ୍‌ସୱାରା ବିଷୟରେ ତାଙ୍କଠାରୁ ମତ ନେଇଥିବାରୁ କଂଗ୍ରେସ ତାଙ୍କୁ ସମର୍ଥନ କରି ଋଣ ଶୁଝିପାରିଲା ବୋଲି ରାଜକୁମାର କହିଥାନ୍ତି। ଏଭଳି ସ୍ଥଳେ କଂଗ୍ରେସ ପାଇଁ ତାଙ୍କର ଦୁର୍ବଳତା ରହି ଆସିଥିଲେ ହେଁ ସେ ସ୍ୱାଧୀନ ରହିବାକୁ ଦୃଢ଼ ସଂକଳ୍ପ ବୋଲି କହିଥାନ୍ତି।

ଅଷ୍ଟାଦଶ ଲୋକ ସଭାରେ ଭାଜପା କିମ୍ବା କଂଗ୍ରେସ ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନାହାନ୍ତି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ କଂଗ୍ରେସ ପରିଚାଳିତ ଇଣ୍ଡିଆ ମେଣ୍ଟର ସଂଖ୍ୟାବଳ ବଢ଼ାଇବା ପାଇଁ ଗୋଟିଏ ବି ଏମ୍‌ପି ସିଟ୍ ବହୁମୂଲ୍ୟ ରଖିଥାଏ। ନିଜ ସ୍ୱାର୍ଥକୁ ଦେଖି ସରକାରରେ ଥିବା ଏନ୍‌ଡିଏକୁ ରାଜକୁମାର ସମର୍ଥନ କରିଥିଲେ ମନ୍ତ୍ରୀ ପଦ ହୁଏତ ପାଇପାରିଥାନ୍ତେ। ଅନ୍ୟପକ୍ଷରେ ବିରୋଧୀ ମେଣ୍ଟରେ ସାମିଲ ହୋଇଥିଲେ ସେଥିରେ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବୈଠକରେ ତାଙ୍କ ପାଇଁ ଗୋଟେ ମଜଭୁତ ସିଟ୍ ପଡ଼ିଥାନ୍ତା। ହେଲେ କ୍ଷମତା ରାଜନୀତିଠାରୁ ଦୂରରେ ରହି ନିଜ ସମ୍ପ୍ରଦାୟ ଓ ଇଲାକା ପାଇଁ କିଛି କରିବା ଲକ୍ଷ୍ୟରେ ସେ ଏକମାତ୍ର ସ୍ୱର ହୋଇ ସମସ୍ତଙ୍କ ମଧ୍ୟରେ ପ୍ରତିଧ୍ୱନିତ ହେବାକୁ ଚାହାନ୍ତି। ସେ କହନ୍ତି, ଆଦିବାସୀଙ୍କ ସମସ୍ତ ସମସ୍ୟାକୁ ସେ ସମାଧାନ କରିପାରିବେ ନାହିଁ। କିନ୍ତୁ ସେ ପୂର୍ଣ୍ଣବିଶ୍ୱାସୀ ଯେ ପୂର୍ବତନ ଏମ୍‌ପିଙ୍କଠାରୁ ନିଶ୍ଚୟ ଭଲ ପ୍ରଦର୍ଶନ କରିବେ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପ୍ଲାଷ୍ଟିକ ବଟଲ ଓ କଭର ଇତ୍ୟାଦିରୁ ଗ୍ରୋ ବ୍ୟାଗ୍ ତିଆରି କରୁଛନ୍ତି ଠାଣେର ଜିନୟ ଗାଡା। ତାଙ୍କୁ ଏବେ ବୟସ ୨୦। ଛାତ୍ରାବସ୍ଥାରେ ସେ ଏଭଳି ଏକ ନୂତନ ଗ୍ରୋ ବ୍ୟାଗ ତିଆରି କରି ପରିବେଶ ପ୍ରଦୂଷଣ କମାଇବାର ପ୍ରୟାସ କରିଛନ୍ତି। ସେ ୨୦୨୧ରେ ମାତ୍ର ୧୭ ବର୍ଷ ବୟସରେ ପ୍ଲାଣ୍ଟେରିଆ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ତା'ମାଧ୍ୟମରେ ଗ୍ରୋ ବ୍ୟାଗ୍ ତିଆରି କରୁଛନ୍ତି। ପ୍ଲାଷ୍ଟିକ ବୋତଲ ଓ କଭରକୁ ରିସାଇକେଲ କରି ସେଥିରୁ ଏକପ୍ରକାର କପଡ଼ା ତିଆରି କରାଯାଉଛି ଓ ତାହାକୁ ସିଲାଇ କରି ଗ୍ରୋ ବ୍ୟାଗ୍ ପ୍ରସ୍ତୁତ ହେଉଛି। ସେ ୩ ଲକ୍ଷରୁ ଅଧିକ ପ୍ଲାଷ୍ଟିକ ବୋତଲ ରିସାଇକେଲ କରିସାରିଲେଣି। ଏବେ ସୁଦ୍ଧା ସେ ୪,୦୦୦ ଗ୍ରୋ ବ୍ୟାଗ ବିକ୍ରି କରିସାରିଛନ୍ତି। ଲକ୍‌ଡାଉନ ସମୟରେ ଜିନୟ ତୃତୀୟ ବର୍ଷ ବାଣିଜ୍ୟରେ ପଢୁଥିବା ସମୟରେ ଏହି କାର୍ଯ୍ୟ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ତାଙ୍କ ପରିବାରର ଟେକ୍ସଟାଇଲ ବ୍ୟବସାୟ ଥିବାରୁ ସେ ଏହି କାର୍ଯ୍ୟ କରିବାକୁ ଆଗ୍ରହୀ ହୋଇଥିଲେ। ସେ ତିଆରି କରୁଥିବା ଗ୍ରୋ ବ୍ୟାଗ ହାଲୁକା। ସେ ଏବେ ମହାରାଷ୍ଟ୍ର ଭିୱାଣ୍ଡିରେ ନୂଆ ଫ୍ୟାକ୍ଟ୍ରି କରି ଉତ୍ପାଦନ ବୃଦ୍ଧି କରିବା ପାଇଁ ଯୋଜନା କରିଛନ୍ତି। ଏହି ଗ୍ରୋ ବ୍ୟାଗ୍‌ର ମୂଲ୍ୟ ୫୦ରୁ ୨୦୦ ଟଙ୍କା ରଖାଯାଇଛି। ଏହାକୁ ବ୍ୟବହାର କରି ଘରେ, ଅଫିସ ଓ ସାର୍ବଜନୀନ ସ୍ଥାନରେ ଭର୍ଟିକାଲ ଗାର୍ଡେନ କରାଯାଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ଜୁନ୍ ୧୯୭୫

- ଶ୍ରୀ ସାଜ୍ଜାଦ ହାଇଦରଙ୍କୁ ରୁଷରେ ପାକିସ୍ତାନର ନୂତନ ରାଷ୍ଟ୍ରଦୂତ ରୂପେ ନିଯୁକ୍ତି ପ୍ରଦାନ।
- ଦଳୀୟ ଶୃଙ୍ଖଳାଭଙ୍ଗ ଅଭିଯୋଗରେ କର୍ଣାଟକର ୬ ଜଣ ଏମ୍‌ଏଲ୍‌ଏ କଂଗ୍ରେସ ବିଧାୟକ ଦଳରୁ ବହିଷ୍କୃତ।
- ସଙ୍ଗଠନ କଂଗ୍ରେସ ସଦସ୍ୟ ଶ୍ରୀ କୁନ୍ଦନଲାଲ ଢୋଲକିଆ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଗୁଜରାଟ ବିଧାନସଭାରେ ବାଚସ୍ପତି ରୂପେ ନିର୍ବାଚିତ।

## ଚିରନ୍ତନୀ

ଶକତି ନାହିଁ କାହାର, ବିଧିର ନିୟୋଗ–
ଘଟିବ ସେ ଦୁହିଁଙ୍କ ବିୟୋଗ
ଦିବସର ଅବସାନେ।
ସେ ଲାଗି କି ପଡିଚି ଭାଳେଣି ?
କିଏ ଆଉ ପାର ଲାଗି ଆଗ ହୋଇ
ମାଗିବ ମେଲାଣି ?
(ଚକ୍ରବାକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh
## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | 4 | 1 | | 9 |
| | | 1 | | | | | | |
| | | | | 8 | | | | |
| | 4 | | | | 7 | | | 2 |
| | | | 9 | | | | | |
| 3 | 7 | | | 6 | | | | 8 |
| 8 | | 5 | 6 | | | | | |
| | 9 | | 8 | | | 4 | | |
| | 1 | | 7 | | 3 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 2 | 6 | 3 | 9 | 7 | 5 |
| 5 | 9 | 2 | 1 | 7 | 4 | 3 | 8 | 6 |
| 3 | 7 | 6 | 8 | 5 | 9 | 2 | 4 | 1 |
| 1 | 8 | 5 | 6 | 4 | 2 | 7 | 3 | 9 |
| 9 | 6 | 4 | 3 | 8 | 7 | 1 | 5 | 2 |
| 7 | 2 | 3 | 5 | 9 | 1 | 4 | 6 | 8 |
| 6 | 4 | 7 | 9 | 1 | 5 | 8 | 2 | 3 |
| 8 | 3 | 1 | 7 | 2 | 6 | 5 | 9 | 4 |
| 2 | 5 | 9 | 4 | 3 | 8 | 6 | 1 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଟ୍ରେନ୍ ଧକ୍କା ପ୍ରତିରୋଧକ ବ୍ୟବସ୍ଥା

ମହାଶୟ,

କାଞ୍ଚନଜଙ୍ଘା ଟ୍ରେନ୍ ଦୁର୍ଘଟଣା ପରେ ଭାରତୀୟ ରେଲୱେର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭାରତୀୟ ରେଲୱେ ସ୍ୱଦେଶୀ ବିକଶିତ ସ୍ୱୟଂଚାଳିତ ଟ୍ରେନ ଧକ୍କା ପ୍ରତିରୋଧକ ପ୍ରଣାଳୀ 'କଭଚ' କୁ ପ୍ରାଥମିକତା ଭିତ୍ତିରେ ପ୍ରତ୍ୟେକ ଟ୍ରାକ ଏବଂ ଟ୍ରେନରେ ପ୍ରୟୋଗ କରିବା ଆବଶ୍ୟକ । ଏହା ସହିତ ନିଖୁଣ ସ୍ୱୟଂଚାଳିତ ସଙ୍କେତ ପ୍ରଣାଳୀ ଏବଂ ଟ୍ରାକ ପରିବର୍ତ୍ତନ ପ୍ରକ୍ରିୟାକୁ ନିଶ୍ଚିତ କରିବା ଉଚିତ। ଅଧିକନ୍ତୁ ଉନ୍ନତ ନିରାପତ୍ତା ଲାଗି ରେଳ ଟ୍ରାକ ଯାଞ୍ଚ ପାଇଁ ଲମ୍ବା ପରିସରର ସିସିଟିଭି ଡ୍ରୋନ ବ୍ୟବହାର କରାଯାଇପାରେ । ଅନ୍ୟ ଏକ ଦିଗ ହେଉଛି ଲୋକୋ ପାଇଲଟମାନଙ୍କର ଦୀର୍ଘକାଳୀନ କାର୍ଯ୍ୟର ଥକ୍କା ଏବଂ ଚାପକୁ ଦୂର କରିବା ଦିଗରେ ଆବଶ୍ୟକ କାର୍ଯ୍ୟପନ୍ଥା ନିର୍ଦ୍ଧାରିତ କରିବା ଆବଶ୍ୟକ ।

– ନବନିତ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସାପକାମୁଡ଼ାରେ ବାଳିକାଙ୍କ ମୃତ୍ୟୁ

ମୁରିବାହାଲ, ୨୯।୬(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ଅନ୍ତର୍ଗତ ଘୁଙ୍ଘୁରାମୁଣ୍ଡା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ସର୍ପାଘାତରେ ଜଣେ ବାଳିକାଙ୍କର ମୃତ୍ୟୁ ଘଟିଛି। ମୃତା ଗ୍ରାମର କିଶୋର ଦାସଙ୍କ ଝିଅ ପ୍ରିୟଦର୍ଶନୀ(୯)। ଶୁକ୍ରବାର ରାତିରେ ପ୍ରିୟଦର୍ଶିନୀ ଶୋଇଥିବା ଅବସ୍ଥାରେ ଏକ ନାଗ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକ ତାଙ୍କୁ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଟିଟିଲାଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ଦେଓଗାଁ,୨୯।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ସଭାଗୃହରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଡିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷ ଦାୟନିଧି ଖମାରୀ ଅତିଥିଭାବେ ଯୋଗଦେଇ ବରିଷ୍ଠ କିରାଣି ଚୈତନ୍ୟ ନାୟକ ଓ ପିଏ ସଚ୍ଚିଦାନନ୍ଦ ଥନାପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ଉଭୟେ ଉକ୍ତ ବ୍ଲକରେ ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ରହି ଲୋକଙ୍କୁ ସେବା ଯୋଗାଇ ଆସୁଥିଲେ। ଉଭୟେ ଚାକିରିରୁ ଅବସର ନେଇଛନ୍ତି।

### ସାଇବର ଠକେଇର ଶିକାର ହେଲେ ଚାଷୀ

ଟିଟିଲାଗଡ଼, ୨୯।୬(ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ନାନାଝେର ଗ୍ରାମର ଜଣେ ସାଧାରଣ ଚାଷୀ ନାରାୟଣ ନାଗ। ତେବେ ଏହି ଚାଷୀ ପରିବାରକୁ ସ୍ୱାସ୍ଥ୍ୟବୀମା ପ୍ରଦାନ ନାମରେ ତାଙ୍କଠାରୁ ପ୍ରାୟ ୨୦ ହଜାର ଟଙ୍କା ସାଇବର ଲୁଟେରା ଠକି ନେଇଛନ୍ତି । ତାଙ୍କର ବିଭିନ୍ନ ତିନୋଟି ବ୍ୟାଙ୍କରୁ ଟଙ୍କା ଲୁଟ ହୋଇଛି । ଏନେଇ ନାରାୟଣ ଟିଟିଲାଗଡ଼ ଥାନା ସମେତ ବ୍ୟାଙ୍କ ଗୁଡିକୁ ଧାଇଁ ଚାଲିଛନ୍ତି। ତାଙ୍କ ପୁଅର ବ୍ୟାଙ୍କ ଖାତାରୁ ମଧ୍ୟ ଟଙ୍କା ଲୁଟ୍ ହୋଇଥିବା ଜଣାପଡିଛି। ଅଭିଯୋଗରୁ ପ୍ରକାଶ ଯେ, ନାରାୟଣଙ୍କୁ ଗୁରୁବାର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ସ୍ୱାସ୍ଥ୍ୟ ବୀମା ପାଇଁ ଫୋନ କଲ ଆସିଥିଲା। ନାରାୟଣ ଫୋନ କରୁଥିବା ବ୍ୟକ୍ତିଙ୍କ କହିବା ଅନୁସାରେ ପାସୱାର୍ଡ ଦେଇ ଚାଲିଥିଲେ । ଏହି ସମୟ ମଧ୍ୟରେ ତାଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇ ଚାଲିଥିଲା। ଏପରିକି ତାଙ୍କ ଫୋନ ନମ୍ବରକୁ ହ୍ୟାକ ସହ କଲ ଡ଼ାଇଭର୍ଟ ହୋଇଥିଲା । ଏନେଇ ନାରାୟଣ ଟିଟିଲାଗଡ ଥାନାରେ ଅଭିଯୋଗ ପରେ ଥାନା ଆଇଆଇସି ଅବନୀ ସାହୁ ସାଇବର ଥାନା ସହ ଯୋଗାଯୋଗ କରିଥିବା ଜଣାପଡିଛି । ତେବେ ସାଇବର ଠକଙ୍କୁ ନେଇ ପୋଲିସ ପକ୍ଷରୁ ଶୋଭାଯାତ୍ରା, ସଚେତନତା ସଭା ଆଦି ଆୟୋଜନ କରାଯାଉଛି । ହେଲେ ଲୋକେ ସଚେତନ ନହେବା ନେଇ ସାଇବର ଠକଙ୍କ ଶିକାର ହେଉଥିବା ଦେଖାଯାଇଛି ।

### ବିଧାୟକଙ୍କୁ ସମ୍ବର୍ଦ୍ଧିତ କଲା ଜିଲା ବ୍ରାହ୍ମଣ ମହାସଭା

ବଲାଙ୍ଗୀର,୨୯।୬(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ନବନିର୍ବାଚିତ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ମହାସଂଘ ଜିଲା ପ୍ରବକ୍ତା ତଥା ପରିଷଦ ସମ୍ପାଦକ ପଣ୍ଡିତ ଶ୍ୟାମ ସୁନ୍ଦର ଦାଶ ସଭା ପରିଚାଳନା କରିଥିଲେ। ଜିଲା ବ୍ରାହ୍ମଣ ମହାସଭା ସଭାପତି ପଣ୍ଡିତ ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲା ବୈଦିକ ପଣ୍ଡିତ ମହାସଂଘ ସଭାପତି ପଣ୍ଡିତ ସନ୍ତୋଷ କୁମାର ଶତପଥି ପ୍ରଥମେ ମନ୍ତ୍ର ଉଚ୍ଚାରଣ କରିଥିଲେ। ପରେ ବ୍ରାହ୍ମଣ ମହାସଭା ସମ୍ପାଦକ ଜୟରାମ ମିଶ୍ର ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଧାୟକ ସିଂଦେଓଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ସିଂଦେଓ ଓ ପୌରାଧ୍ୟକ୍ଷା ଲିପ୍ସା ସାହୁ ବ୍ରାହ୍ମଣ ସମାଜର ବିଭିନ୍ନ ସମସ୍ୟାର ନିରାକରଣ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବଲାଙ୍ଗୀର ଜିଲାକୁ ଏକ ବିକଶିତ ଜିଲାରେ ପରିଣତ କରିବା ପାଇଁ ସହଯୋଗ କାମନା କରିଥିଲେ। ସଭାରେ ଜିଲା ବ୍ରାହ୍ମଣ ମହାସଭା ଉପସଭାପତି ଗୋପବନ୍ଧୁ ପୁରୋହିତ, କୋଷାଧ୍ୟକ୍ଷ ପର୍ଶୁରାମ ନାୟକ, ସଙ୍ଗଠନ ସମ୍ପାଦକ କିଶୋର କୁମାର ପୁରୋହିତ, ନଗର କମିଟି ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟ, ସମ୍ପାଦକ ସଂକୀର୍ତ୍ତନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

କଣ୍ଟାବାଞ୍ଜି,୨୯।୬(ଗୁରୁଦୟାଲ ହଂସ)

- କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ୨ ଗୁରୁତ୍ୱପୂର୍ଣ୍ଣ ରାୟ
- ଭିନ୍ନକ୍ଷମ ଯୁବତୀ ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଶନିବାର ୨ଟି ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରକାଶ କରିଛନ୍ତି। ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ସେହିପରି ଅନ୍ୟ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ସୂଚନା ଅନୁସାରେ, ତୁରେକେଲା ଥାନା ଖୁଜେନ ଗ୍ରାମର କ୍ଷୀରସିନ୍ଧୁ ଜାନି(୪୫)ଙ୍କୁ ସେହି ଗ୍ରାମର କେଦାର ମଲ୍ଲିକ ଠେଙ୍ଗାରେ ପିଟି ଦେବାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ଭାଇ ଦେବାନନ୍ଦ ଜାନିଙ୍କ ଏତଲା ଆଧାରରେ ତୁରେକେଲା ଥାନାରେ ଏକ ମାମଲା(ନଂ.୭୪/୨୩) ରୁଜୁ ହୋଇଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ୧୫ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ କେଦାର ମଲ୍ଲିକଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନାଦେଶ କରିଛନ୍ତି।

ସେହିପରି ୨୦୨୩ ଫେବୃଆରୀ ୨୭ରେ କଣ୍ଟାବାଞ୍ଜି ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀ(୨୪)ଙ୍କୁ ଧୁମୁସୁ ଗ୍ରାମର ତପିରାମ ସୁନା ଗୋଟିଏ ଦିନରେ ୨ଥର ବଳାତ୍କାର କରିଥିଲେ। ପୀଡିତାଙ୍କ ମା' ଏ ନେଇ କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୨୧ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ତାଙ୍କ ରାୟରେ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନାଦେଶ କରିଛନ୍ତି।

# ଶିଶୁପୁତ୍ରକୁ ଧରି ପ୍ରେମିକା ଥାନାର ଦ୍ୱାରସ୍ଥ, ଅଭିଯୁକ୍ତ ଗିରଫ

ଲୋଇସିଂହା,୨୯।୬(ସୁଶାନ୍ତ ବାରିକ)


ଅଭିଯୁକ୍ତ ନିରୋଜ ଧରୁଆ।

ପ୍ରେମ ପ୍ରତାରଣାର ଶିକାର ହୋଇଥିବା ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ଜଣେ ଯୁବତୀ ତାଙ୍କ ୫ମାସର ଶିଶୁକୁ ଧରି ଥାନରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ନେଇ ସେହି ଗ୍ରାମର ନିରୋଜ ଧରୁଆ(୩୨)ଙ୍କୁ ଗିରଫ କରିଛି ପୋଲିସ। ଶନିବାର ଅଭିଯୁକ୍ତଙ୍କ ଲୋଇସିଂହା ଡାକ୍ତରଖାନାରେ ଡାକ୍ତରୀମାଇନା ପରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଯୁବତୀଙ୍କ ଅଭିଯୋଗ ଆଧାରରେ ଆଇପିସି ଧାରା ୪୧୭, ୪୯୩, ୫୦୬ରେ ଏକ ମାମଲା(୨୨୬/୨୪) ରୁଜୁ ହୋଇଥିବା ଆଇଆଇସି ଯାଜ୍ଞସେନୀ ନାୟକ କହିଛନ୍ତି।

ପୋଲିସ ସୂଚନାମତେ, ଅଭିଯୁକ୍ତ ନିରୋଜ ବିବାହିତ। ତାଙ୍କର କୌଣସି ସନ୍ତାନସନ୍ତତି ନାହାନ୍ତି। ନିରୋଜ ବିବାହ ପୂର୍ବରୁ ଗ୍ରାମର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ। ୨ ବର୍ଷ ତଳେ ନିରୋଜ ସ୍ତ୍ରୀଙ୍କୁ ଘରେ ଛାଡି ପ୍ରେମିକାଙ୍କୁ ଧରି ତାମିଲନାଡୁ ଚାଲିଯାଇଥିଲେ। ସେଠାରେ ସେମାନେ ସ୍ୱାମୀସ୍ତ୍ରୀ ଭାବେ ଏକାଠି ରହିଥିଲେ। ତାମିଲନାଡୁରେ ଯୁବତୀ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଇତିମଧ୍ୟରେ ଶିଶୁପୁତ୍ରକୁ ମାସେ ହୋଇଛି। ଶିଶୁପୁତ୍ର ଜନ୍ମ ପରେ ଅଭିଯୁକ୍ତ ନିରୋଜ ତାମିଲନାଡୁରେ ଶିଶୁକୁ ବିକ୍ରି କରିଦେବାକୁ ପ୍ରେମିକାକୁ କହିଥିଲେ। ହେଲେ ରାଜି ନ ହେବାରୁ ନିରୋଜ କୁଆଡେ ଚାଲି ଯାଇଥିଲେ। ଶେଷରେ ସମ୍ପୃକ୍ତ ଯୁବତୀ ଶିଶୁପୁତ୍ରକୁ ଧରି ଲୋଇସିଂହା ଆସି ଶୁକ୍ରବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଲୋଇସିଂହା ପୋଲିସ ଝାରମୁଣ୍ଡାରେ ଚଡାଉ କରି ଅଭିଯୁକ୍ତ ନିରୋଜଙ୍କୁ ଗିରଫ କରିଛି।

# ବିଶ୍ୱାସେ ଦଳ ସମାଜର ଜିଲାସ୍ତରୀୟ ସମାବେଶ



ସମାବେଶରେ ମଞ୍ଚାସୀନ ଅତିଥି।

ଖପ୍ରାଖୋଲ, ୨୯।୬( ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପବିତ୍ର ପୁଣ୍ୟକ୍ଷେତ୍ର ହରିଶଙ୍କର ଝରଣା କୂଳରେ ବିଶ୍ୱାସେ ଦଳ ସମାଜର ଜିଲାସ୍ତରୀୟ ଦୁଇଦିନିଆ ସମାବେଶ ଶନିବାର ଉଦ୍‌ଯାପିତ ହୋଇଯାଇଛି। ରତନଲାଲ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ବିରଞ୍ଚି ଝାଙ୍କର ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଥମେ ପାପନାଶିନି ଝରଣାରୁ ଭରା କଳସ ଅଣି ଜାତିର ଇଷ୍ଟ ଦେବତାଙ୍କୁ ପୂଜା କରିଥିଲେ । ଏହି ଅବସରରେ ଜାତି ସମାଜର ସମ୍ବିଧାନ ସଂଶୋଧନ, ସମାଜର ସାମଗ୍ରିକ ବିକାଶ, ରୀତିନୀତି ଉପରେ ଆଲୋଚନା ହୋଇଥିଲା । ପରେ ନୂତନ ଜିଲାସ୍ତରୀୟ କମିଟି ଗଠନ କରାଯାଇଥିଲା । ଜିଲ୍ଲା ସଭାପତିଭାବେ ପ୍ରୀତି ସିଂ ମଲ୍ଲିକ, ସାଧାରଣ ସମ୍ପାଦକ ଇନ୍ଦ୍ରମଣି ଭୋଇ, କୋଷାଧ୍ୟକ୍ଷଭାବେ ବିଦ୍ୟାଧର ଭୋଇ, ଉପସଭାପତି ସଦାନନ୍ଦ ବଞ୍ଜାଲକିଆ, ସହ ସମ୍ପାଦକ ଗଦାଧର ଭୋଇ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟଭାବେ କୁନ୍ତଳା ଝାଙ୍କର, ମାଧବି ମାଝୀ, ଶୁଶିଲା ଭୋଇ, ମଧୁସୂଦନ ମାଝୀ, ଛବିଲ ଭୋଇ, ସୁରେଶ ଭୋଇ, କାର୍ତ୍ତିକ ମଲ୍ଲିକ ମନୋନୀତ ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶଶୀଭୂଷଣ ପୂଝାରୀ, ସାନନ୍ଦ ଭୁଏ ପ୍ରମୁଖଙ୍କ ସହ ଜିଲାର ବିଭିନ୍ନ ପ୍ରାନ୍ତରୁ ୪ ହଜାର ମହିଳାପୁରୁଷର ଯୋଗଦେଇଥିଲେ।

### ମାସେ ହେଲା ଏଟିଏମ୍ ଅଚଳ

ଲୋଇସିଂହା,୨୯।୬(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଯୋଗୀସର୍ଡାରେ ଥିବା ଏସବିଆଇ ଏଟିଏମ ଅଚଳ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା ସୁଫଳ ମିଳିପାରିନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଏଟିଏମ ଉପରେ ଲୋଇସିଂହା , ଆଗଲପୁର ବ୍ଲକ ଉପାନ୍ତ ଅଞ୍ଚଳର ଜନସାଧାରଣ ସମେତ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ଲୋକେ ନିର୍ଭର କରିଥାନ୍ତି। ଏହାବ୍ୟତୀତ ଗ୍ରାମର ପ୍ରସିଦ୍ଧ ଯୋଗେଶ୍ୱର ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ମଧ୍ୟ ଉପକୃତ ହୋଇଥାନ୍ତି। ଏଥି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

### ସାମାଜିକ କାର୍ଯ୍ୟ ପାଇଁ 'ଅଧିକାର ମଞ୍ଚ' ଗଠିତ

ଲୋଇସିଂହା,୨୯।୬(ସୁଶାନ୍ତ ବାରିକ)

ସମାଜର ଅସହାୟ ବ୍ୟକ୍ତିଙ୍କୁ ସେବା ଏବଂ ସାମାଜିକ ନ୍ୟାୟ ଦେବା ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଯୁବଗୋଷ୍ଠୀ ପକ୍ଷରୁ ଅଧିକାର ମଞ୍ଚ ଗଠିତ ହୋଇଯାଇଛି। ଲୋଇସିଂହା ଥାନା ବୁର୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ବୈଠକରେ ୧୦ ଟି ପଞ୍ଚାୟତର ଯୁବଗୋଷ୍ଠୀ ଉପସ୍ଥିତ ଥିଲେ। ଲିବରେସନ ସାମାଜିକ ଅନୁଷ୍ଠାନର ଅଧ୍ୟକ୍ଷ ସତ୍ୟନାରାୟଣ ହୋତା ଓ ଯୁବ ସଙ୍ଗଠକ ମିଲୁ ନାଗ ଏଥିରେ ଯୋଗଦେଇ ଯୁବଗୋଷ୍ଠୀଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଗ୍ରାମାଞ୍ଚଳରେ ବହୁ ଅସହାୟ ପରିବାର ଏବଂ ବ୍ୟକ୍ତି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ରହୁଛନ୍ତି। ଏହା ବ୍ୟତୀତ କେତେକ ଘଟଣାକୁ ନେଇ କେତେକ ବ୍ୟକ୍ତି ବାସନ୍ଦ ଜୀବନ ଜୀଉଛନ୍ତି। ସାମାଜିକ କଟକଣା ଯୋଗୁ ଅସହାୟଙ୍କ ମୃତ୍ୟୁ ପରେ ଶବ ସତ୍କାର କରିବାକୁ ଲୋକେ ଆସୁନାହାନ୍ତି। ଏହାକୁ ନେଇ ବୈଠକରେ ଚିନ୍ତା ପ୍ରକଟ କରାଯାଇଥିଲା। ସମାଜର ଏପରି ବ୍ୟକ୍ତିବିଶେଷଙ୍କୁ ସେବା ଓ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଏକ ସାମାଜିକ ଅନୁଷ୍ଠାନ ଗଠନ କରିବାକୁ ମତପ୍ରକାଶ ପାଇଥିଲା। ସର୍ବସମ୍ମତି କ୍ରମେ ଅନୁଷ୍ଠାନର ନାମକରଣ ଅଧିକାର ମଞ୍ଚ ରଖାଯାଇଛି। ଆଲୋକ ନାଗ, ଇନ୍ଦ୍ରମଣୀ ସାହୁ, ମଣ୍ଟୁ ସାହୁ, ଦୈତାରୀ ସାହୁ, ନରେନ୍ଦ୍ର ରଣା, ଅମିୟ ବାରିକ, ଆକାଶ ଭୋଇ, ନିତ୍ୟାନନ୍ଦ ସଲତର, ମଳୟ ସାହୁ, ହିରାଲାଲ ଭୋଇ, ସାନନ୍ଦ ଭୋଇ ପ୍ରମୁଖ ଉକ୍ତ ମଞ୍ଚର ସଦସ୍ୟ ରହିଛନ୍ତି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

ମୁରିବାହାଲ, ୨୯।୬(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏନ.ଜେ.ଥିଓଫିଲଙ୍କୁ ଶନିବାର ସଭାଗୃହରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି, ଜିଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ଏଇଇ ଅବିନାଶ ମୋଡି, ଡବ୍ଲ୍ୟୁଇଓ ଭୀମରାମ ମାଝୀ, କନିଷ୍ଠ ଯନ୍ତ୍ରୀ ଦାଶରଥି ସବର, ଦେବନନ୍ଦ ମେହେର,ଏପିଓ ବସନ୍ତ ବଳିୟାର ସିଂ, ସିପି ରଞ୍ଜିତ ପୁଟେଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ନାଗ, ସୁଧାଂଶୁ ପଟ୍ଟନାୟକ, ଅର୍ଜୁନ ଛୁରା, ମୁଖ୍ୟ କିରାଣୀ ରାଜୁ ନାଏକ ଉପସ୍ଥିତ ଥିଲେ। ଥିଓଫିଲଙ୍କ କାର୍ଯ୍ୟଶୈଳୀର ପ୍ରଶଂସା କରାଯାଇଥିଲା। ପରେ ପ୍ରଶାସନ ତରଫରୁ ତାଙ୍କୁ ଉତ୍ତରୀୟ ଓ ଅନ୍ୟାନ୍ୟ ସାମଗ୍ରୀ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିପିଏମ୍ ଗୋପଳକୃଷ୍ଣ ଦୀପ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

ପାଟଣାଗଡ଼,୨୯।୬(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସି ଗଡଭିତର ପାଟଣେଶ୍ୱରୀ ଉତ୍ସବ ଭବନଠାରେ ପାଟଣାଗଡ ବ୍ଲକ ପ୍ରଶାସନ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଜିଏସ୍ ଓ ଏନଏଫଏସର ବ୍ଲକସ୍ତରୀୟ ଜନ ଶୁଣାଣୀ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ସହକାରୀ ଜିଲାପାଳ ନିରୂପମା ଟେଟେ, ବିଡିଓ ସୁମନ ମିଞ୍ଜ, ଏବିଡିଓ ମେନକା ମେହେର, ଏପିଓ ସନ୍ତୋଷ ପଧାନ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଉପସ୍ଥିତ ଥିବା ଶ୍ରମିକମାନେ ୨ଶହରୁ ୩ ଶହ ଦିନ ପର୍ଯ୍ୟନ୍ତ କାମ ଯୋଗାଇ ଦେବାସହ ଶ୍ରମିକମାନଙ୍କର ମଞ୍ଜୁରି ଟଙ୍କା ବଢାଇବାକୁ ସହକାରୀ ଜିଲାପାଳ ଓ ବିଡିଓଙ୍କଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଖୁବଶୀଘ୍ର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ କାମ ଓ ମଞ୍ଜୁରି ଟଙ୍କା ବଢ଼ାଇବାକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି ବିଡିଓ ମିଞ୍ଜ ପ୍ରତିକ୍ରିୟା ଦେଇଛନ୍ତି।

# ସ୍ଥାୟୀ ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଦାବିପତ୍ର


ଜିଲାପାଳଙ୍କ ନିକଟକୁ ଆସିଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ର କର୍ମଚାରୀ।

ଭବାନୀପାଟଣା,୨୯।୬(ଉତ୍ତମ କୁମାର ଦାଶ)

**ପଥପ୍ରାନ୍ତ ସୁବିଧା କେନ୍ଦ୍ର କର୍ମଚାରୀ**

କଳାହାଣ୍ଡି ଜିଲାର ପୂର୍ତ୍ତବିଭାଗ ଅଧୀନ ୪ଟି ପଥପ୍ରାନ୍ତ ସୁବିଧାକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ଦାବି ହୋଇଛି। ଏ ନେଇ ଶନିବାର ଜିଲାର ୪ଟି ପଥପ୍ରାନ୍ତ ସୁବିଧା କେନ୍ଦ୍ରର ୨୪ ଜଣ କର୍ମଚାରୀ କଳାହାଣ୍ଡି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୫।୧।୨୦୧୮ରୁ ଏହି କର୍ମଚାରୀମାନେ କାର୍ଯ୍ୟ କରିଆସୁଛନ୍ତି। ଜିଲାର ଜୁନାଗଡ ବ୍ଲକର ଚଞ୍ଚରାଭାଡି, ଭବାନୀପାଟଣା ବ୍ଲକର ବୋର୍ଡା, କୋକସରା ବ୍ଲକର ଆମ୍ବପାଣି ଓ ଏମ୍ ରାମପୁର ବ୍ଲକର ରଙ୍ଗାପଦରଠାରେ ଏହି ପ୍ରଥପ୍ରାନ୍ତ ସୁବିଧା କେନ୍ଦ୍ର ରହିଛି। ପ୍ରତ୍ୟେକ କେନ୍ଦ୍ରରେ ୬ଜଣ ଲେଖାଏ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ପୂର୍ତ୍ତବିଭାଗ ଏକ ଘରୋଇ ଠିକା କମ୍ପାନୀଙ୍କୁ ସେମାନଙ୍କ ପରିଚାଳନା ପାଇଁ ଦାୟିତ୍ୱ ଦେଇଥିଲା। ବର୍ତ୍ତମାନ ଠିକା କମ୍ପାନୀ ସମସ୍ତ କର୍ମଚାରୀଙ୍କୁ ଜୁନ୍ ୩୦ ତାରିଖ ଯାଏ ଶେଷ କାର୍ଯ୍ୟ ଦିବସ ବୋଲି କହିଥିବା ଜଣାପଡିଛି। ଏହାପରେ ପଥପ୍ରାନ୍ତରେ କାର୍ଯ୍ୟରତ କର୍ମଚାରୀ ନିଜ ଭବିଷ୍ୟତକୁ ନେଇ ଚିନ୍ତାରେ ରହିଛନ୍ତି। ଗତ ୬ବର୍ଷ ଧରି କାର୍ଯ୍ୟରତ ଥିବା ଏହି କର୍ମଚାରୀଙ୍କୁ ହଠାତ୍ ଠିକା ସଂସ୍ଥା ଛଟେଇ କରିଦେଉଥିବାରୁ ଶେଷରେ ନିଜ ପରିବାର ପାଇଁ ସେମାନେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ସ୍ଥାୟୀ କରିବା ପାଇଁ ସେମାନେ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ତେବେ ଜିଲାପାଳ ଏହାର ଅନୁଧାନ କରି ପଦକ୍ଷେପ ନିଆଯିବ ବୋଲି କହିଥିବା ଜଣାପଡିଛି।

# ୨ ବିଦ୍ୟାଳୟକୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପ୍ରଦାନ

ଟିଟିଲାଗଡ଼,୨୯।୬(ଶରତ ମିଶ୍ର)

ଲାୟନ୍ସ କ୍ଲବ ପକ୍ଷରୁ ଜନହିତକର ସେବା କାର୍ଯ୍ୟ କରାଯାଉଛି। ଏହି ପରିପ୍ରେକ୍ଷୀରେ ଲାୟନ୍ସ କ୍ଲବ ପକ୍ଷରୁ ୨ବିଦ୍ୟାଳୟକୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପ୍ରଦାନ କରାଯାଇଛି। ଟିଟିଲାଗଡ଼ ନିକଟସ୍ଥ କେତେକ ବିଦ୍ୟାଳୟରେ ଥଣ୍ଡା ପିଇବା ପାଣି ବ୍ୟବସ୍ଥା ନାହିଁ। ଛାତ୍ରୀଛାତ୍ରଙ୍କୁ ଥଣ୍ଡା ପିଇବା ପାଣି ଯୋଗାଇବା ଉଦ୍ଦେଶ୍ୟରେ କେତେକ ବିଦ୍ୟାଳୟରେ ୱାଟର କୁଲର ଦେବାକୁ ସ୍ଥିର କରାଯାଇଥିଲା। ଶୁକ୍ରବାର କ୍ଲବ ସଭାପତି ସନ୍ତୋଷ ମହାନ୍ତିଙ୍କ ସଭାପତିତ୍ୱରେ ସ୍ଥାନୀୟ ମନି ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଶୀତଳ ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ଏହି ଅବସରରେ ମନି ଗାଁ ସରପଞ୍ଚ ହିମାଦ୍ରି ଖର୍ସେଲ, ପଞ୍ଚାୟତର ସମସ୍ତ ୱାର୍ଡ଼ ମେମ୍ବର, ସମିତିସଭ୍ୟ, ସ୍କୁଲର ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ଦାସ, ଶିକ୍ଷୟିତ୍ରୀ ଅପର୍ଣ୍ଣା ଗୁରୁ, ଅପରିଜିତା ସାହୁ, ଶିକ୍ଷକ ପାଣ୍ଡବ ବିଶି, ବିଦ୍ୟାଳୟର ପରିଚାଳନା କମିଟି, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଆଉ ଏକ ଶୀତଳ ପାନୀୟ ଜଳ ପ୍ରକଳ୍ପ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। ସେହି ବିଦ୍ୟାଳୟର ଜଣେ ଛାତ୍ର ଫିତା କାଟି ଲୋକାର୍ପଣ କରିଥିଲେ। ଉଭୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଏହି ସେବା କାର୍ଯ୍ୟ ଯୋଗାଇ ଥିବାରୁ କମିଟି ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଲାୟନ୍ସ କ୍ଲବର ଚାଟାର୍ଡ ମେମ୍ବର ଈଶ୍ୱର ଚାନ୍ଦ ଜୈନ, ଗୋପାଳ ଲାଠ, ସମ୍ପାଦକ ଅଜିତ ଚାନ୍ଦ ପାତ୍ର, ମାର୍କେଟିଂ ଚେୟାର ପର୍ଶନ ସଞ୍ଜୟ କୁମାର ନାୟକ, ନୂତନ ସଭାପତି ଗଙ୍ଗାଧର ଶର୍ମା, ଲାୟନ ଆନନ୍ଦ ଜୈନ, ମନିସ ଗୁପ୍ତା, ଶମ୍ଭୁ ପ୍ରସାଦ ଗୋୟଲ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ରାସ୍ତାରେ ଖାଲ, ଦୁର୍ଘଟଣା ଭୟ

ଲାଠୋର,୨୯।୬(ଭୁବନେଶ୍ୱର ବାରିକ)


ଝଲିଆଲିଟି ସ୍କୁଲ ନିକଟ ବଲାଙ୍ଗିର- ନୂଆପଡ଼ା ମୁଖ୍ୟ ରାସ୍ତାରେ ଖାଲ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଝଲିଆଲିଟି ସ୍କୁଲ ନିକଟ ବଲାଙ୍ଗୀର-ନୂଆପଡ଼ା ମୁଖ୍ୟରାସ୍ତାରେ ବଡ଼ଖାଲ ହୋଇଥିଲେ ମଧ୍ୟ ଏଥିପ୍ରତି କେହି ନଜର ଦେଉ ନ ଥିବା ଅଭିଯୋଗ ହେଉଛି। ଗତବର୍ଷ ଜଳଯୋଗାଣ ପାଇଁ ଝଲିଆଲିଟି ସ୍କୁଲ ନିକଟ ମୁଖ୍ୟ ରାସ୍ତା କାଟି ମାଟି ତଳୁ ଜଳ ଯୋଗାଣ ପାଇପ ଓଭର ହେଡ ଟେଙ୍କକୁ ସଂଯୋଗ କରି ରାସ୍ତାକୁ ମରାମତି କରାଗଲା ନାହିଁ । ଫଳରେ ସେଠାରେ ଧିରେ ଧିରେ ଖାଲ ସୃଷ୍ଟି ହୋଇ ବର୍ତ୍ତମାନ ବିପଦ ସୃଷ୍ଟି କରୁଛି। ପ୍ରତି ଦିନ ସେହି ରାସ୍ତା ଦେଇ ବହୁ ସଂଖ୍ୟାରେ ଦୁଇ ଚକିଆ ଚାରି ଚକିଆ ଯାନବାହନ ଯିବା ଆସିବା କରୁଛି। କେତେବେଳେ ମଧ୍ୟ ଦୁର୍ଘଟଣା ଘଟିପାରେ। ପାଖରେ ସ୍କୁଲ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସେହି ବିପଦପୂର୍ଣ୍ଣ ରାସ୍ତା ଦେଇ ଶିଶୁମାନେ ଯିବାଆସିବା କରୁଛନ୍ତି। ଫଳରେ ସେମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରାଯାଉଛି । କାମ କରିଥିବା ଠିକାଦାରଙ୍କୁ କହିଲେ, ସେ ଧରାଛୁଆଁ ଦେଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ କଣ୍ଟାବାଞ୍ଜି ପିଡବ୍ଲୁଡି କନିଷ୍ଠ ଯନ୍ତ୍ରୀ ବେଦବ୍ୟାସ ଭୋଇଙ୍କୁ ପଚାରିବାରେ ଶୀଘ୍ର ରାସ୍ତାର ମରାମତି କରାଯିବ ବୋଲି କହିଛନ୍ତି। ତେବେ ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

- କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ୨ ଗୁରୁତ୍ୱପୂର୍ଣ୍ଣ ରାୟ
- ଭିନ୍ନକ୍ଷମ ଯୁବତୀ ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ

**କଣ୍ଟାବାଞ୍ଜି,୨୯।୬(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଶନିବାର ୨ଟି ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରକାଶ କରିଛନ୍ତି। ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ସେହିପରି ଅନ୍ୟ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ସୂଚନା ଅନୁସାରେ, ତୁରେକେଲା ଥାନା ଖୁଜେନ ଗ୍ରାମର କ୍ଷୀରସିନ୍ଧୁ ଜାନି(୪୫)ଙ୍କୁ ସେହି ଗ୍ରାମର କେଦାର ମଲ୍ଲିକ ଠେଙ୍ଗାରେ ପିଟି ଦେବାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ଭାଇ ଦେବାନନ୍ଦ ଜାନିଙ୍କ ଏତଲା ଆଧାରରେ ତୁରେକେଲା ଥାନାରେ ଏକ ମାମଲା(ନଂ.୭୪/୨୩) ରୁଜୁ ହୋଇଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ୧୫ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ କେଦାର ମଲ୍ଲିକଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନାଦେଶ କରିଛନ୍ତି।

ସେହିପରି ୨୦୨୩ ଫେବୃଆରୀ ୨୭ରେ କଣ୍ଟାବାଞ୍ଜି ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀ(୨୪)ଙ୍କୁ ଧୁମୁସୁ ଗ୍ରାମର ତପିରାମ ସୁନା ଗୋଟିଏ ଦିନରେ ୨ଥର ବଳାତ୍କାର କରିଥିଲେ। ପୀଡିତାଙ୍କ ମା' ଏ ନେଇ କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୨୧ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ତାଙ୍କ ରାୟରେ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନାଦେଶ କରିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ବାଳିକାଙ୍କ ମୃତ୍ୟୁ

**ମୁରିବାହାଲ, ୨୯।୬(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ଅନ୍ତର୍ଗତ ଘୁଷୁରାମୁଣ୍ଡା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ସର୍ପାଘାତରେ ଜଣେ ବାଳିକାଙ୍କର ମୃତ୍ୟୁ ଘଟିଛି। ମୃତା ଗ୍ରାମର କିଶୋର ଦାସଙ୍କ ଝିଅ ପ୍ରିୟଦର୍ଶିନୀ(୯)। ଶୁକ୍ରବାର ରାତିରେ ପ୍ରିୟଦର୍ଶିନୀ ଶୋଇଥିବା ଅବସ୍ଥାରେ ଏକ ନାଗ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକ ତାଙ୍କୁ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଟିଟିଲାଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

**ଦେଓଗାଁ,୨୯।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ସଭାଗୃହରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଡିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷ ଦାୟନିଧି ଖମାରୀ ଅତିଥିଭାବେ ଯୋଗଦେଇ ବରିଷ୍ଠ କିରାଣି ଚୈତନ୍ୟ ନାୟକ ଓ ପିଏ ସଚ୍ଚିଦାନନ୍ଦ ଥନାପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଉଭୟେ ଉକ୍ତ ବ୍ଲକରେ ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ରହି ଲୋକଙ୍କୁ ସେବା ଯୋଗାଇ ଆସୁଥିଲେ। ଉଭୟେ ଚାକିରିରୁ ଅବସର ନେଇଛନ୍ତି।

### ସାଇବର ଠକେଇର ଶିକାର ହେଲେ ଚାଷୀ

**ଟିଟିଲାଗଡ଼, ୨୯।୬(ଶରତ ମିଶ୍ର)**

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ନାନାଝେର ଗ୍ରାମର ଜଣେ ସାଧାରଣ ଚାଷୀ ନାରାୟଣ ନାଗ। ତେବେ ଏହି ଚାଷୀ ପରିବାରକୁ ସ୍ୱାସ୍ଥ୍ୟବୀମା ପ୍ରଦାନ ନାମରେ ତାଙ୍କଠାରୁ ପ୍ରାୟ ୨୦ ହଜାର ଟଙ୍କା ସାଇବର ଲୁଟେରା ଠକି ନେଇଛନ୍ତି। ତାଙ୍କର ବିଭିନ୍ନ ତିନୋଟି ବ୍ୟାଙ୍କରୁ ଟଙ୍କା ଲୁଟ ହୋଇଛି। ଏନେଇ ନାରାୟଣ ଟିଟିଲାଗଡ଼ ଥାନା ସମେତ ବ୍ୟାଙ୍କ ଗୁଡିକୁ ଧାଇଁ ଚାଲିଛନ୍ତି। ତାଙ୍କ ପୁଅର ବ୍ୟାଙ୍କ ଖାତାରୁ ମଧ୍ୟ ଟଙ୍କା ଲୁଟ୍ ହୋଇଥିବା ଜଣାପଡିଛି। ଅଭିଯୋଗରୁ ପ୍ରକାଶ ଯେ, ନାରାୟଣଙ୍କୁ ଗୁରୁବାର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ସ୍ୱାସ୍ଥ୍ୟ ବୀମା ପାଇଁ ଫୋନ କଲ ଆସିଥିଲା। ନାରାୟଣ ଫୋନ କରୁଥିବା ବ୍ୟକ୍ତିଙ୍କ କହିବା ଅନୁସାରେ ପାସୱାର୍ଡ ଦେଇ ଚାଲିଥିଲେ। ଏହି ସମୟ ମଧ୍ୟରେ ତାଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇ ଚାଲିଥିଲା। ଏପରିକି ତାଙ୍କ ଫୋନ ନମ୍ବରକୁ ହ୍ୟାକ ସହ କଲ ଡ଼ାଇଭର୍ଟ ହୋଇଥିଲା। ଏନେଇ ନାରାୟଣ ଟିଟିଲାଗଡ ଥାନାରେ ଅଭିଯୋଗ ପରେ ଥାନା ଆଇଆଇସି ଅବନୀ ସାହୁ ସାଇବର ଥାନା ସହ ଯୋଗାଯୋଗ କରିଥିବା ଜଣାପଡିଛି। ତେବେ ସାଇବର ଠକଙ୍କୁ ନେଇ ପୋଲିସ ପକ୍ଷରୁ ଶୋଭାଯାତ୍ରା, ସଚେତନତା ସଭା ଆଦି ଆୟୋଜନ କରାଯାଉଛି। ହେଲେ ଲୋକେ ସଚେତନ ନହେବା ନେଇ ସାଇବର ଠକଙ୍କ ଶିକାର ହେଉଥିବା ଦେଖାଯାଇଛି।

### ବିଧାୟକଙ୍କୁ ସମ୍ବର୍ଦ୍ଧିତ କଲା ଜିଲା ବ୍ରାହ୍ମଣ ମହାସଭା

**ବଲାଙ୍ଗୀର,୨୯।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ନବନିର୍ବାଚିତ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ମହାସଂଘ ଜିଲା ପ୍ରବକ୍ତା ତଥା ପରିଷଦ ସମ୍ପାଦକ ପଣ୍ଡିତ ଶ୍ୟାମ ସୁନ୍ଦର ଦାଶ ସଭା ପରିଚାଳନା କରିଥିଲେ। ଜିଲା ବ୍ରାହ୍ମଣ ମହାସଭା ସଭାପତି ପଣ୍ଡିତ ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲା ବୈଦିକ ପଣ୍ଡିତ ମହାସଂଘ ସଭାପତି ପଣ୍ଡିତ ସନ୍ତୋଷ କୁମାର ଶତପଥି ପ୍ରଥମେ ମନ୍ତ୍ର ଉଚ୍ଚାରଣ କରିଥିଲେ। ପରେ ବ୍ରାହ୍ମଣ ମହାସଭା ସମ୍ପାଦକ ଜୟରାମ ମିଶ୍ର ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଧାୟକ ସିଂଦେଓଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ସିଂଦେଓ ଓ ପୌରାଧ୍ୟକ୍ଷା ଲିକା ସାହୁ ବ୍ରାହ୍ମଣ ସମାଜର ବିଭିନ୍ନ ସମସ୍ୟାର ନିରାକରଣ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବଲାଙ୍ଗୀର ଜିଲାକୁ ଏକ ବିକଶିତ ଜିଲାରେ ପରିଣତ କରିବା ପାଇଁ ସହଯୋଗ କାମନା କରିଥିଲେ। ସଭାରେ ଜିଲା ବ୍ରାହ୍ମଣ ମହାସଭା ଉପସଭାପତି ଗୋପବନ୍ଧୁ ପୁରୋହିତ, କୋଷାଧ୍ୟକ୍ଷ ପର୍ଶୁରାମ ନାୟକ, ସଙ୍ଗଠନ ସମ୍ପାଦକ କିଶୋର କୁମାର ପୁରୋହିତ, ନଗର କମିଟି ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟ, ସମ୍ପାଦକ ସଂକୀର୍ତ୍ତନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ସନ୍ତରଣରେ ଭାଗ ନେଇଥିବା ଖେଳାଳିମାନେ।

**ବୌଦ୍ଧ,୨୯।୬( ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଷ୍ଟାଡିୟମ ପରିସରରେ ବିଜୁ ପଟ୍ଟନାୟକ ସନ୍ତରଣାଗାରଠାରେ ଶନିବାର ୪୦ତମ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ସନ୍ତରଣ ସଂଘର ସଭାପତି ତଥା ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷାବିତ ରାଜେନ୍ଦ୍ର କୁମାର ମିଶ୍ର, ଜିଲା କ୍ରିଡା ସଂଘର ସମ୍ପାଦକ ରବିନ୍ଦ୍ର କୁମାର ରାଉତ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ୨ଦିନ ଧରି ହେବାକୁଥିବା ଏହି ପ୍ରତିଯୋଗିତାରେ ୧୨୫ ଜଣ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ମୁଖ୍ୟ ପ୍ରଶିକ୍ଷକ ରବିନାରାୟଣ ବେହେରା,ସୁନୀତା ସାହୁ,ସହକାରୀ ପ୍ରଶିକ୍ଷିକା ନନ୍ଦିନୀ ଦଳବେହେରା,ଲାଇଫ ଗାର୍ଡ ବାସୁଦେବ ବାରିକ୍ ଓ ସନ୍ତରଣାଗାର ପରିଚାଳକ ପ୍ରକାଶ ପ୍ରଧାନ ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ କ୍ରିଡା ଶିକ୍ଷକ ରିତ କୁମାର ରାଉତ ସହଯୋଗ କରିଥିଲେ। ଏହି ଅବସରରେ ଜିଲା କ୍ରିଡା ସଂଘର ଉପସଭାପତି ଧୂରୀଣ କୁମାର ଦେହୁରୀ,ସନ୍ତରଣ ସଂଘର ଉପଦେଷ୍ଟା ତାରେଣି ମହାପାତ୍ର, କୋଷାଧ୍ୟକ୍ଷ ଜ୍ୟୋତିରଞ୍ଜନ ପଟ୍ଟନାୟକ ଓ କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାସେ ହେଲା ଏଟିଏମ୍ ଅଚଳ

**ଲୋଇସିଂହା,୨୯।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଯୋଗୀସର୍ଡାରେ ଥିବା ଏସବିଆଇ ଏଟିଏମ ଅଚଳ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା ସୁଫଳ ମିଳିପାରିନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଏଟିଏମ ଉପରେ ଲୋଇସିଂହା , ଆଗଲପୁର ବ୍ଲକ ଉପାନ୍ତ ଅଞ୍ଚଳର ଜନସାଧାରଣ ସମେତ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ଲୋକେ ନିର୍ଭର କରିଥାନ୍ତି। ଏହାବ୍ୟତୀତ ଗ୍ରାମର ପ୍ରସିଦ୍ଧ ଯୋଗେଶ୍ୱର ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ମଧ୍ୟ ଉପକୃତ ହୋଇଥାନ୍ତି। ଏଥି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସାମାଜିକ କାର୍ଯ୍ୟ ପାଇଁ 'ଅଧିକାର ମଞ୍ଚ' ଗଠିତ

**ଲୋଇସିଂହା,୨୯।୬(ସୁଶାନ୍ତ ବାରିକ)**

ସମାଜର ଅସହାୟ ବ୍ୟକ୍ତିଙ୍କୁ ସେବା ଏବଂ ସାମାଜିକ ନ୍ୟାୟ ଦେବା ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଯୁବଗୋଷ୍ଠୀ ପକ୍ଷରୁ ଅଧିକାର ମଞ୍ଚ ଗଠିତ ହୋଇଯାଇଛି। ଲୋଇସିଂହା ଥାନା ବୁର୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ବୈଠକରେ ୧୦ ଟି ପଞ୍ଚାୟତର ଯୁବଗୋଷ୍ଠୀ ଉପସ୍ଥିତ ଥିଲେ। ଲିବରେସନ ସାମାଜିକ ଅନୁଷ୍ଠାନର ଅଧ୍ୟକ୍ଷ ସତ୍ୟନାରାୟଣ ହୋତା ଓ ଯୁବ ସଙ୍ଗଠକ ମିଲୁ ନାଗ ଏଥିରେ ଯୋଗଦେଇ ଯୁବଗୋଷ୍ଠୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଗ୍ରାମାଞ୍ଚଳରେ ବହୁ ଅସହାୟ ପରିବାର ଏବଂ ବ୍ୟକ୍ତି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ରହୁଛନ୍ତି। ଏହା ବ୍ୟତୀତ କେତେକ ଘଟଣାକୁ ନେଇ କେତେକ ବ୍ୟକ୍ତି ବାସନ୍ଦ ଜୀବନ ଜୀଉଛନ୍ତି। ସାମାଜିକ କଟକଣା ଯୋଗୁ ଅସହାୟଙ୍କ ମୃତ୍ୟୁ ପରେ ଶବ ସତ୍କାର କରିବାକୁ ଲୋକେ ଆସୁନାହାନ୍ତି। ଏହାକୁ ନେଇ ବୈଠକରେ ଚିନ୍ତା ପ୍ରକଟ କରାଯାଇଥିଲା। ସମାଜର ଏପରି ବ୍ୟକ୍ତିବିଶେଷଙ୍କୁ ସେବା ଓ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଏକ ସାମାଜିକ ଅନୁଷ୍ଠାନ ଗଠନ କରିବାକୁ ମତପ୍ରକାଶ ପାଇଥିଲା। ସର୍ବସମ୍ମତି କ୍ରମେ ଅନୁଷ୍ଠାନର ନାମକରଣ ଅଧିକାର ମଞ୍ଚ ରଖାଯାଇଛି। ଆଲୋକ ନାଗ, ଇନ୍ଦ୍ରମଣୀ ସାହୁ, ମଣ୍ଟୁ ସାହୁ, ଦୈତାରୀ ସାହୁ, ନରେନ୍ଦ୍ର ରଣା, ଅମିୟ ବାରିକ, ଆକାଶ ଭୋଇ, ନିତ୍ୟାନନ୍ଦ ସଲତର, ମଳୟ ସାହୁ, ହିରାଲାଲ ଭୋଇ, ସାନନ୍ଦ ଭୋଇ ପ୍ରମୁଖ ଉକ୍ତ ମଞ୍ଚର ସଦସ୍ୟ ରହିଛନ୍ତି।

# ଶିକ୍ଷକ ସଂଘର ଆନ୍ଦୋଳନ ଚେତାବନୀ



ବୈଠକରେ ଉପସ୍ଥିତ ଶିକ୍ଷକମାନେ।

**ପଦୋନ୍ନତି ମିଳୁନି, ଆଶାୟୀ ଶିକ୍ଷକ ନିରାଶ**

**ସୋନପୁର,୨୯।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରସ୍ଥିତ ସୁବର୍ଣ୍ଣମେରୁ ମନ୍ଦିର ପ୍ରାଙ୍ଗଣରେ ଜିଲାର ଶତାଧିକ ଶିକ୍ଷକଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ଜିଲା ସଭାପତି ରଘୁମଣୀ ଦେହୁରି ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଜିଲାରେ ଲେବୁଲ ୩ ଶିକ୍ଷକମାନଙ୍କୁ ପଦୋନ୍ନତି ମିଳୁ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରତିବାଦରେ ଆସନ୍ତା ଜୁଲାଇ ୬ ତାରିଖରେ ଜିଲାରେ କାର୍ଯ୍ୟରତ ପଦୋନ୍ନତି ଆଶାୟୀ ଶିକ୍ଷକମାନେ ଜିଲା ସଦର ମହକୁମାରେ ଏକ ରାଲି କରିବେ। ପରେ ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଗଣଶିକ୍ଷା ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯିବା ବୋଲି ନିଷ୍ପତ୍ତି ହୋଇଛି। ସରକାର ପଦୋନ୍ନତି ସକାଶେ କୌଣସି ପଦକ୍ଷେପ ନ ନେଲେ ଶିକ୍ଷକ ସଙ୍ଗଠନ ବିକଳ୍ପ ପନ୍ଥା ସ୍ୱରୂପ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ବୈଠକରେ ସଙ୍ଗଠନ ସମ୍ପାଦକ ଶ୍ୟାମସୁନ୍ଦର ମିଶ୍ର, କାର୍ଯ୍ୟକାରୀ ସଭାପତି ଅନିରୁଦ୍ଧ କୁରକୁରିଆ, କୋଷାଧ୍ୟକ୍ଷ ଲୋକନାଥ ଦାସ, କାର୍ଯ୍ୟକାରିଣୀ ସଭ୍ୟ ରବୀନ୍ଦ୍ର କୁମ୍ଭାର, ସନ୍ତୋଷ ଘିବିଲା, ବିନୋଦ ଚନ୍ଦ୍ର ମେହେର, ନାରାୟଣ ଜଗଦଲା, ଗୋବିନ୍ଦ ମେହେର, ରବିନାରାୟଣ ସାହୁ, ଦାଶରଥୀ ନାଏକ, ମେଘନାଦ ଭୋଇ ପ୍ରମୁଖ ଶିକ୍ଷକ ଉପସ୍ଥିତ ଥିଲେ।

# ୨ ବିଦ୍ୟାଳୟକୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପ୍ରଦାନ

**ଟିଟିଲାଗଡ଼,୨୯।୬(ଶରତ ମିଶ୍ର)**

ଲାୟନ୍ସ କ୍ଲବ ପକ୍ଷରୁ ଜନହିତକର ସେବା କାର୍ଯ୍ୟ କରାଯାଉଛି। ଏହି ପରିପ୍ରେକ୍ଷୀରେ ଲାୟନ୍ସ କ୍ଲବ ପକ୍ଷରୁ ୨ବିଦ୍ୟାଳୟକୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପ୍ରଦାନ କରାଯାଇଛି। ଟିଟିଲାଗଡ଼ ନିକଟସ୍ଥ କେତେକ ବିଦ୍ୟାଳୟରେ ଥଣ୍ଡା ପିଇବା ପାଣି ବ୍ୟବସ୍ଥା ନାହିଁ। ଛାତ୍ରୀଛାତ୍ରଙ୍କୁ ଥଣ୍ଡା ପିଇବା ପାଣି ଯୋଗାଇବା ଉଦ୍ଦେଶ୍ୟରେ କେତେକ ବିଦ୍ୟାଳୟରେ ୱାଟର କୁଲର ଦେବାକୁ ସ୍ଥିର କରାଯାଇଥିଲା। ଶୁକ୍ରବାର କ୍ଲବ ସଭାପତି ସନ୍ତୋଷ ମହାନ୍ତିଙ୍କ ସଭାପତିତ୍ୱରେ ସ୍ଥାନୀୟ ମନି ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଶୀତଳ ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ଏହି ଅବସରରେ ମନି ଗାଁ ସରପଞ୍ଚ ହିମାଦ୍ରି ଖର୍ସେଲ, ପଞ୍ଚାୟତର ସମସ୍ତ ୱାର୍ଡ଼ ମେମ୍ବର, ସମିତିସଭ୍ୟ, ସ୍କୁଲର ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ଦାସ, ଶିକ୍ଷୟିତ୍ରୀ ଅପର୍ଣ୍ଣା ଗୁରୁ, ଅପରିନିତା ସାହୁ, ଶିକ୍ଷକ ପାଣ୍ଡବ ବିଶି, ବିଦ୍ୟାଳୟର ପରିଚାଳନା କମିଟି, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଆଉ ଏକ ଶୀତଳ ପାନୀୟ ଜଳ ପ୍ରକଳ୍ପ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। ସେହି ବିଦ୍ୟାଳୟର ଜଣେ ଛାତ୍ର ଫିତା କାଟି ଲୋକାର୍ପଣ କରିଥିଲେ।

# ସୁବର୍ଣ୍ଣପୁରରେ ବିଶ୍ୱ ତମାଖୁ ବର୍ଜନ ଦିବସ



ଦିବସ ପାଳନ ଅବସରରେ ଅତିଥିମାନେ।

**ସୋନପୁର,୨୯।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୋନପୁର ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ଶନିବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁର୍ଗାଦତ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଅଦାବର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଦୈତ୍ୟ ନାରାୟଣ ପାଢ଼ୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭାକୁ ସଂଯୋଜନା କରିଥିଲେ। ସଚେତନତା ସୃଷ୍ଟି କରି ତମାଖୁ ଜନିତ ମୃତ୍ୟୁକୁ ହ୍ରାସ କରିବା ସହିତ ବହୁ ଅଣସଂକ୍ରାମକ ରୋଗରୁ ଜନ ଜୀବନ ରକ୍ଷା କରି ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ କରିବାକୁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଦିବସ ପରିପ୍ରେକ୍ଷୀରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର ୧୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଦିଲୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କେନଝିରିଆପାଲିରେ ଚାରା ବଣ୍ଟନ କାର୍ଯ୍ୟକ୍ରମ




କେନଝିରିଆପାଲିରେ ଚାରା ବଣ୍ଟନ କରାଯାଉଛି।

**ଅମରପାଲି,୨୯।୬(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ଏଲ୍ଏମ୍ ମିଶନ ଶକ୍ତି ତରଫରୁ ଶନିବାର ଚାରା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ହାତୀଲିମୁଣ୍ଡା ଫରେଷ୍ଟ ବିଟର ବନରକ୍ଷୀ ନିରଞ୍ଜନ ପ୍ରଧାନ ଯୋଗଦେଇ ସହାୟତା କରିଥିଲେ। ଏମ୍‌ବିକେ ଗୀତାଞ୍ଜଳି ଜେନା, ସମସ୍ତ ସିଆର୍‌ପି ଓ ମିଶନ ଶକ୍ତି କାର୍ଯ୍ୟକାରୀ କମିଟି ସଭ୍ୟାମାନଙ୍କ ଉପସ୍ଥିତିରେ ଚାରା ବଣ୍ଟନ କରାଯାଇଥିଲା। କେନଝରିଆପାଲି ପଞ୍ଚାୟତର ୧୦୬ଟି ମିଶନଶକ୍ତି ଗ୍ରୁପର ଏକହଜାର ୮୫ ଜଣ ମହିଳା ଓ ସ୍କୁଲ ପିଲାଙ୍କୁ ଚାରା ବଣ୍ଟନ କରାଯାଇଥିଲା। ସମୁଦାୟ ୨୩ଶହ ପିଜୁଳି, କରଞ୍ଜ, ଅଁଳା, ଜାମୁ ଇତ୍ୟାଦି ଚାରା ବଣ୍ଟାଯାଇଥିଲା। ଉକ୍ତ ଚାରାଗୁଡ଼ିକର ରକ୍ଷଣାବେକ୍ଷଣ କରିବା ପାଇଁ ଏମ୍‌ବିକେ ଗୀତାଞ୍ଜଳି ଜେନା ସମସ୍ତଙ୍କୁ କହିଥିଲେ।

# ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବୌଦ୍ଧ,୨୯।୬( ଅଜିତ କୁମାର ବାରିକ)**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ କ୍ଲଷ୍ଟରର ବାଲିଦୋହଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଧାରାଣୀ ପାଢ଼ିଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗ୍ରାମର ମୁଖିଆ ସନତ ମିଶ୍ରଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଆରସିସି ବିକାଶ କାନୁନଗୋ,ପୂର୍ବତନ ସ୍କୁଲ ଏସଆଇ ଅଚ୍ୟୁତାନନ୍ଦ ସାହୁ,ସିଆରସିସି ସନତ ବାରିକ୍,ପୂର୍ବତନ ଏବିଇଓ ସୁଶୀଳ ପରିଡା,କୁମରସିଙ୍ଗା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀ ପାଢୀଙ୍କ କର୍ମମୟ ଜୀବନ ଓ ଶିକ୍ଷାଦାନର ଦକ୍ଷତା ନେଇ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ପାଢ଼ୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।




ସମ୍ବର୍ଦ୍ଧନା ସଭାରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ କୁନି କୁନି ଛାତ୍ରୀଛାତ୍ର।

# ରାସ୍ତାରେ ଖାଲ, ଦୁର୍ଘଟଣା ଭୟ

**ଲାଠୋର,୨୯।୬(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଝଲିଆଲିଟି ସ୍କୁଲ ନିକଟ ବଲାଙ୍ଗୀର-ନୂଆପଡ଼ା ମୁଖ୍ୟରାସ୍ତାରେ ବଡ଼ଖାଲ ହୋଇଥିଲେ ମଧ୍ୟ ଏଥିପ୍ରତି କେହି ନଜର ଦେଉ ନ ଥିବା ଅଭିଯୋଗ ହେଉଛି। ଗତବର୍ଷ ଜଳଯୋଗାଣ ପାଇଁ ଝଲିଆଲିଟି ସ୍କୁଲ ନିକଟ ମୁଖ୍ୟ ରାସ୍ତା କାଟି ମାଟି ତଳୁ ଜଳ ଯୋଗାଣ ପାଇପ ଓଭର ହେଡ ଟେଙ୍କକୁ ସଂଯୋଗ କରି ରାସ୍ତାକୁ ମରାମତି କରାଗଲା ନାହିଁ। ଫଳରେ ସେଠାରେ ଧିରେ ଧିରେ ଖାଲ ସୃଷ୍ଟି ହୋଇ ବର୍ତ୍ତମାନ ବିପଦ ସୃଷ୍ଟି କରୁଛି। ପ୍ରତି ଦିନ ସେହି ରାସ୍ତା ଦେଇ ବହୁ ସଂଖ୍ୟାରେ ଦୁଇ ଚକିଆ ଚାରି ଚକିଆ ଯାନବାହନ ଯିବା ଆସିବା କରୁଛି। କେତେବେଳେ ମଧ୍ୟ ଦୁର୍ଘଟଣା ଘଟିପାରେ। ପାଖରେ ସ୍କୁଲ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସେହି ବିପଦପୂର୍ଣ୍ଣ ରାସ୍ତା ଦେଇ ଶିଶୁମାନେ ଯିବାଆସିବା କରୁଛନ୍ତି। ଫଳରେ ସେମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରାଯାଉଛି। କାମ କରିଥିବା ଠିକାଦାରଙ୍କୁ କହିଲେ, ସେ ଧରାଛୁଆଁ ଦେଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ କଣ୍ଟାବାଞ୍ଜି ପିଡବ୍ଲୁଡି କନିଷ୍ଠ ଯନ୍ତ୍ରୀ ବେଦବ୍ୟାସ ଭୋଇଙ୍କୁ ପଚାରିବାରେ ଶୀଘ୍ର ରାସ୍ତାର ମରାମତି କରାଯିବ ବୋଲି କହିଛନ୍ତି। ତେବେ ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।



ଝଲିଆଲିଟି ସ୍କୁଲ ନିକଟ ବଲାଙ୍ଗିର- ନୂଆପଡ଼ା ମୁଖ୍ୟ ରାସ୍ତାରେ ଖାଲ।

## ସଂକ୍ଷେପରେ

### ମଧୁସୂଦନପାଲୀରୁ ୨ ନାବାଳିକା ନିଖୋଜ

**ରାଉରକେଲା,୨୯।୬(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମଧୁସୂଦନପାଲୀରେ ୨ ଦିନ ମଧ୍ୟରେ ୨ ଜଣ ନାବାଳିକା ନିଖୋଜ ହୋଇଯାଇଥିବା ସୂଚନା ମିଳିଛି। ଏ ନେଇ ପରିବାରବର୍ଗଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ସୂଚନାଅନୁଯାୟୀ, ଶୁକ୍ରବାର ମଧୁସୂଦନପାଲୀ ଚର୍ଚ୍ଚ ବସ୍ତିରେ ରହୁଥିବା ଯୋଗେନ୍ଦ୍ର ରାଓଙ୍କ ୬ ବର୍ଷୀୟ ନାବାଳିକା ଝିଅ ଓ ତାଙ୍କ ପଡୋଶୀ ଘରେ ରହଥିବା ୪ ବର୍ଷୀୟା ନାବାଳିକା ବାହାରେ ଖେଳୁଥିଲେ। ପରେ ଉଭୟ କେଉଁ ଆଡେ ଚାଲିଯାଇଥିଲେ। ଏ ନେଇ ଥାନାରେ ନିଖୋଜ ମାମଲା(୩୯/୨୪) ରୁଜୁ ହେଇଛି। ପୋଲିସ ତଦନ୍ତ କରୁଛି।

### ରେଳବାଇ କଲୋନୀରେ ଗୁଳିକାଣ୍ଡ ମାମଲା,ଜଣେ ଗିରଫ

**ରାଉରକେଲା,୨୯।୬(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରେଳବାଇ କଲୋନୀ ନିକଟରେ ୨ ଦିନ ପୂର୍ବେ ଜଣେ ଯୁବକଙ୍କୁ ହୋଇଥିବା ଗୁଳିକାଣ୍ଡ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଶ୍ରା ଅଞ୍ଚଳର ଅରୁଣ ସାହୁ। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ,୨ ଦିନ ପୂର୍ବେ ପପୁ ସାହୁ ନାମକ ଯୁବକ ୪/୫ ଜଣ ସାଙ୍ଗଙ୍କ ସହ ରାତ୍ରୀ ଭୋଜନ ସାରି ଫେରୁଥିବା ସମୟରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ସେଥି ମଧ୍ୟରୁ ଜଣେ ଯୁବକ ପପୁଙ୍କ ଉପରକୁ ଏକ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ। ପପୁ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା (ନଂ. ୫୫୬/୨୪) ରୁଜୁ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୋଜା ଜାରି ରହିଛି ବୋଲି ପୋଲିସ କହିଛି।

### ସାପ କାମୁଡ଼ାରେ ବାଳିକାଙ୍କ ମୃତ୍ୟୁ

**ମୁରିବାହାଲ, ୨୯।୬(ଶ୍ରୀବତ୍ସ ବେହେରା):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ଅନ୍ତର୍ଗତ ଘୁଷୁରାମୁଣ୍ଡା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ସର୍ପାଘାତରେ ଜଣେ ବାଳିକାଙ୍କର ମୃତ୍ୟୁ ଘଟିଛି। ମୃତା ଗ୍ରାମର କିଶୋର ଦାସଙ୍କ ଝିଅ ପ୍ରିୟଦର୍ଶନୀ(୯)। ଶୁକ୍ରବାର ରାତିରେ ପ୍ରିୟଦର୍ଶନୀ ଶୋଇଥିବା ଅବସ୍ଥାରେ ଏକ ନାଗ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକ ତାଙ୍କୁ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଟିଟିଲାଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଧାୟକଙ୍କୁ ସମ୍ବର୍ଦ୍ଧିତ କଲା ଜିଲ୍ଲା ବ୍ରାହ୍ମଣ ମହାସଭା

**ବଲାଙ୍ଗୀର,୨୯।୬(ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ନବନିର୍ବାଚିତ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ମହାସଂଘ ଜିଲ୍ଲା ପ୍ରବକ୍ତା ତଥା ପରିଷଦ ସମ୍ପାଦକ ପଣ୍ଡିତ ଶ୍ୟାମ ସୁନ୍ଦର ଦାଶ ସଭା ପରିଚାଳନା କରିଥିଲେ। ଜିଲ୍ଲା ବ୍ରାହ୍ମଣ ମହାସଭା ସଭାପତି ପଣ୍ଡିତ ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ବୈଦିକ ପଣ୍ଡିତ ମହାସଂଘ ସଭାପତି ପଣ୍ଡିତ ସନ୍ତୋଷ କୁମାର ଶତପଥି ପ୍ରଥମେ ମନ୍ତ୍ର ଉଚ୍ଚାରଣ କରିଥିଲେ। ପରେ ବ୍ରାହ୍ମଣ ମହାସଭା ସମ୍ପାଦକ ଜୟରାମ ମିଶ୍ର ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଧାୟକ ସିଂଦେଓଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ରାଉରକେଲାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା

**ରେଳମନ୍ତ୍ରୀଙ୍କ ସହ ଦିଲୀପଙ୍କ ସୌଜନ୍ୟମୂଳକ ସାକ୍ଷାତକାର**

ରାଉରକେଲା,୨୯।୬(ବିପ୍ଳବ ରଞ୍ଜନ ଦାଶ)


ରେଳମନ୍ତ୍ରୀଙ୍କୁ ଦିଲୀପ ରାୟ ଦାବିପତ୍ର ଦେଉଛନ୍ତି।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଶନିବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ। ସାକ୍ଷାତକାର ସମୟରେ ଦିଲୀପ ରେଳମନ୍ତ୍ରୀଙ୍କ ନିକଟରେ ରାଉରକେଲା ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗାଦି ଉପସ୍ଥାପନା କରିଥିଲେ। ବନ୍ଧମୁଣ୍ଡା ଉପବିଭାଗୀୟ ହସ୍ପିଟାଲର ଉନ୍ନତୀକରଣ ପାଇଁ ଦାବି କରିଥିଲେ। ଏହା ହେଲେ ୪୨ହଜାର ୧୬୫ ରେଳବାଇ କର୍ମଚାରୀ ଉପକୃତ ହେବେ। ହସ୍ପିଟାଲର ସାମଗ୍ରିକ ବିକାଶ ସହ ସମସ୍ତ ପ୍ରକାର ଚିକିତ୍ସା ଜନିତ ସୁବିଧାମାନ ଉପଲବ୍ଧ କରାଯିବ ବୋଲି ରେଳମନ୍ତ୍ରୀ କହିଥିଲେ। ଦ୍ୱିତୀୟ ପ୍ରସଙ୍ଗରେ ଅମୃତ ଭାରତ ଯୋଜନାରେ ରାଉରକେଲା ଓ ପାନପୋଷ ରେଳଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ କହିଥିଲେ। ତୃତୀୟ ପ୍ରସଙ୍ଗ ତାଳଚେର-ବିମଳାଗଡ ରେଳପଥ ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବାବେଳେ ରେଳମନ୍ତ୍ରୀ ଏନେଇ ତାଳଚେର-ବିମଳାଗଡ ରେଳଲାଇନ ସମିତି ସହ ବିଚାରବିମର୍ଶ ହେବା ପରେ ରେଳପଥ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପନ୍ନ ହେବ ବୋଲି କହିଥିଲେ। ଚତୁର୍ଥ ପ୍ରସଙ୍ଗରେ ବନ୍ଧମୁଣ୍ଡା ଉପମଣ୍ଡଳ ଡାକଘର ବିପର୍ଯ୍ୟସ୍ତ ଅବସ୍ଥା ଯୋଗୁ ସ୍ଥାନୀୟ କର୍ମଚାରୀ ଏବଂ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାଦି ଉପସ୍ଥାପନ କରିଥିଲେ। କେନ୍ଦ୍ରୀୟ ରେଳମନ୍ତ୍ରୀ ବନ୍ଧମୁଣ୍ଡା ଉପମଣ୍ଡଳ ଡାକଘର ନିର୍ମାଣରେ ତ୍ୱରିତ ବିହିତ ପଦକ୍ଷେପ ନିଆଯିବାର ପ୍ରତିଶ୍ରୁତି ଦେଇଥିଲେ। ୫ମ ପ୍ରସଙ୍ଗରେ ଡିଟେଚମେଣ୍ଟ-ମୁକ୍ତରେକ ପରୀକ୍ଷା ସୁବିଧା ସ୍ଥାପନା ବିଷୟ ଉପସ୍ଥାପନା କରିଥିଲେ ରାୟ। ମନ୍ତ୍ରୀ କହିଥିଲେ,ଏହି ସୁବିଧା ରେଳ ପରିଚାଳନା ପାଇଁ ସାମିଲ ଥିଲା। ମାତ୍ର ବନ୍ଧମୁଣ୍ଡା ଭୂମି ବିବାଦ ଯୋଗୁ ଏହା ସାମିଲ ହୋଇପାରିଲା ନାହିଁ। ଆଗକୁ ସୁବିଧା କରାଯିବ ବୋଲି ସେ କହିଥିଲେ। ୬ଷ୍ଠ ପ୍ରସଙ୍ଗରେ ଦିଲୀପ ବନ୍ଦେ ଭାରତ ଟ୍ରେନରେ ସାଧାରଣ ଲୋକଙ୍କ ପାଇଁ କୋଚ ବ୍ୟବସ୍ଥା ଉପଲବ୍ଧ କରାଇବା ବିଷୟକୁ ଉପସ୍ଥାପନା କରିଥିବା ବେଳେ ରେଳମନ୍ତ୍ରୀ ଅଶ୍ୱିନୀ ସହରବାସୀଙ୍କ ପାଇଁ ଭାରତୀୟ ରେଳ ସେବା ଅନ୍ତର୍ଗତ ଥିବା ସମସ୍ତ ପ୍ରକାରର ବ୍ୟବସ୍ଥା ଓ ସୁବିଧା ଉପଲବ୍ଧ କରାଇବା ପାଇଁ ରାଜ୍ୟର ଡବଲ ଇଞ୍ଜିନ ଦୃଢ ପ୍ରତିବଦ୍ଧ ରହିଥିବା କହିଥିଲେ।

# ଜୁଲାଇ ୫ରୁ ଉଷୁ ଚାମ୍ପିୟନଶିପ୍

ରାଉରକେଲା,୨୯।୬(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ ସ୍ପୋର୍ଟସ ଉଷୁ ଆସୋସିଏଶନ ଆନୁକୂଲ୍ୟରେ ଜୁଲାଇ ୫ରୁ ୭ ପର୍ଯ୍ୟନ୍ତ ୩୦ତମ ଓଡିଶା ରାଜ୍ୟ ଉଷୁ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ରାଉରକେଲା ଛେଣ୍ଡ କଲୋନୀ ସ୍ଥିତ ମଧୁସୂଦନ ଭବନ ଠାରେ ଏହା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରାଉରକେଲା ଏସଟିଆ ଛକ ସ୍ଥିତ ଏକ ହୋଟେଲରେ ସଂଘ ସଭାପତି ବିରଞ୍ଚି ନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ହେବାକୁ ଥିବା ଚମ୍ପିୟନଶିପରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଜୁନିୟର,ସବ-ଜୁନିୟର ଏବଂ ସିନିୟର ଖେଳାଳି ଅଂଶଗ୍ରହଣ କରିବେ। ଚମ୍ପିୟନଶିପରେ ୨୨ଟି ରାଜ୍ୟରୁ ୩୫୦ରୁ ଊର୍ଦ୍ଧ୍ୱ ଉଷୁ ଖେଳାଳୀ ଭାଗ ନେବା ସହ ରାଜ୍ୟ ଅଧ୍ୟକ୍ଷ ,ସାଧାରଣ ସମ୍ପାଦକ, ଉପ ସଭାପତି ଏବଂ ଓଡିଶା ଉଷୁ ଆସୋସିଏଶନର ବୈଷୟିକ ନିର୍ଦ୍ଦେଶକ ସାମିଲ ହେବେ। ପ୍ରତିଦିନ ବିଜେତାଙ୍କୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରାଯିବ। ଉଦଯାପନୀ ୭ତାରିଖରେ ଆରଏମସି କମିଶନର,ପିଡବ୍ଲ୍ୟୁଡି ଅତିରିକ୍ତ ଇଞ୍ଜିନିୟର, ଡେପୁଟି ଡାଇରେକ୍ଟର ସ୍ପୋର୍ଟସ, ଜିଲା ସ୍ପୋର୍ଟସ ଅଧରକାରୀ ଏବଂ ବିଭିନ୍ନ କଲେଜ ଓ ସ୍କୁଲର ଅଧ୍ୟକ୍ଷମାନେ ନିମନ୍ତ୍ରିତ ଅତିଥିଭାବେ ଯୋଗଦେବେ। ମୁଖ୍ୟ ଅତିଥିଭାବେ ରାଉରକେଲା ଏବଂ ରଘୁନାଥପାଲି ବିଧାୟକ ଯୋଗଦେବାର କାର୍ଯକ୍ରମ ରହିଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ ସ୍ପୋର୍ଟସ ଉଷୁ ଆସୋସିଏସନର ସଭାପତି ବିରଞ୍ଚି ନାରାୟଣ ପଟ୍ଟନାୟକଙ୍କ ସମେତ ସାଧାରଣ ସମ୍ପାଦକ ସୁଜନ ରଥ ଓ ଉପ-ସଭାପତି ଟିକା ବାହାଦୁର ଓ ନିତ୍ୟାନନ୍ଦ ଭୋଇ ଉପସ୍ଥିତ ଥିଲେ।

# ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କିତ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଓକିଲ ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

ରାଉରକେଲା,୨୯।୬(ସଙ୍ଗୀତା ଜେନା)

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଆହ୍ୱାନକ୍ରମେ ଶନିବାର ଓଡ଼ିଶାର ସମସ୍ତ ସହବନ୍ଧିତ ଓକିଲ ସଂଘ ପକ୍ଷରୁ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଓକିଲ ସଂଘ ଆନୁକୂଲ୍ୟରେ ସଂଘ କାର୍ଯ୍ୟାଳୟରେ ସଭାପତି ସଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଏସ୍‌ଜେଏମ୍ ବିଷ୍ଣୁଦେବ ଜେନା, ମୁନସିଫ୍ ଚରଣ ଜେନା, ବରିଷ୍ଠ ଆଇନଜୀବୀ ଏମଡି ରଫିକ୍ ପ୍ରମୁଖ ଉପସ୍ଥିତ ଥିଲେ। ଜୁଲାଇ ୧ ଠାରୁ ନୂତନ ଅପରାଧିକ ଲାଗୁ ହେବାକୁ ଯାଉଛି। ଦୀର୍ଘଦିନର ପୁରୁଣା ଅପରାଧିକ ଆଇନ ବଦଳରେ ଭାରତୀୟ ପିଙ୍ଗଳ କୋର୍ଡ, ଭାରତୀୟ ଦଣ୍ଡବିଧି ସଂହିତା, ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନକୁ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରାଯାଇ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩, ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ କରାଯାଇଛି। ଯାହାକି ଲାଗୁ ହେବାକୁ ଯାଉଛି। ସେ ସମ୍ପର୍କରେ ଆଇନଜୀବୀ ମାନେ ଅଧିକ ତର୍ଜମା ଓ ଆଲୋଚନା କରିବା ସହିତ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ସହାୟକ ହେବାକୁ ଓକିଲ ସଂଘମାନେ ପଦକ୍ଷେପ ନେବାକୁ ଆହ୍ୱାନ କରାଯାଇଥିଲା। ସଂଘ ସମ୍ପାଦକ ଦେବାନନ୍ଦ ତନ୍ତୀ, ଯୁଗ୍ମ ସମ୍ପାଦକ ଅନୁସୁରୁ ହରି ଦୋରା, କାର୍ଯ୍ୟକାରୀ କମିଟି ସଦସ୍ୟ ସୁଶାନ୍ତ ନାୟକ, ଅନନ୍ତ ନାରାୟଣ ସାହୁ, ସୁମିତା ନନ୍ଦ, ବରିଷ୍ଠ ଆଇନଜୀବୀ ପ୍ରମୋଦ ଦେବତା, ବିସ୍ମୟ ଦାସ, ସୁଶୀଲ ଜେନା, ରମେଶ ମହାନ୍ତି, ଅନୁସୂୟା ପଣ୍ଡା, ନିରଞ୍ଜନ ମହାନ୍ତି, ଜେପି ମୁର୍ମୁ, ଗାର୍ଗୀ ପଣ୍ଡା, ସସ୍ମିତା ମହଲା, ଅଭିଷେକ ସିଂହ, ଉପେନ୍ଦ୍ର ବଘାର, ରାମ ତୀର୍କୀ ସମେତ ଶତାଧିକ ଆଇନଜୀବୀ ଆଲୋଚନାଚକ୍ରରେ ଉପସ୍ଥିତ ଥିଲେ। ଶେଷରେ ଓକିଲ ସଂଘର ଉପସଭାପତି ରାଜକିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସାଇବର ଠକେଇର ଶିକାର ହେଲେ ଚାଷୀ

ଟିଟିଲାଗଡ଼, ୨୯।୬(ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ନାନାଝେର ଗ୍ରାମର ଜଣେ ସାଧାରଣ ଚାଷୀ ନାରାୟଣ ନାଗ। ତେବେ ଏହି ଚାଷୀ ପରିବାରକୁ ସ୍ୱାସ୍ଥ୍ୟବୀମା ପ୍ରଦାନ ନାମରେ ତାଙ୍କଠାରୁ ପ୍ରାୟ ୨୦ ହଜାର ଟଙ୍କା ସାଇବର ଲୁଟେରା ଠକି ନେଇଛନ୍ତି । ତାଙ୍କର ବିଭିନ୍ନ ତିନୋଟି ବ୍ୟାଙ୍କରୁ ଟଙ୍କା ଲୁଟ ହୋଇଛି । ଏନେଇ ନାରାୟଣ ଟିଟିଲାଗଡ଼ ଥାନା ସମେତ ବ୍ୟାଙ୍କ ଗୁଡିକୁ ଧାଇଁ ଚାଲିଛନ୍ତି । ତାଙ୍କ ପୁଅର ବ୍ୟାଙ୍କ ଖାତାରୁ ମଧ ଟଙ୍କା ଲୁଟ୍ ହୋଇଥିବା ଜଣାପଡିଛି। ଅଭିଯୋଗରୁ ପ୍ରକାଶ ଯେ, ନାରାୟଣଙ୍କୁ ଗୁରୁବାର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ସ୍ୱାସ୍ଥ୍ୟ ବୀମା ପାଇଁ ଫୋନ କଲ ଆସିଥିଲା। ନାରାୟଣ ଫୋନ କରୁଥିବା ବ୍ୟକ୍ତିଙ୍କ କହିବା ଅନୁସାରେ ପାସୱାର୍ଡ ଦେଇ ଚାଲିଥିଲେ । ଏହି ସମୟ ମଧ୍ୟରେ ତାଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇ ଚାଲିଥିଲା। ଏପରିକି ତାଙ୍କ ଫୋନ ନମ୍ବରକୁ ହ୍ୟାକ ସହ କଲ ଡ଼ାଇଭର୍ଟ ହୋଇଥିଲା । ଏନେଇ ନାରାୟଣ ଟିଟିଲାଗଡ ଥାନାରେ ଅଭିଯୋଗ ପରେ ଥାନା ଆଇଆଇସି ଅବନୀ ସାହୁ ସାଇବର ଥାନା ସହ ଯୋଗାଯୋଗ କରିଥିବା ଜଣାପଡିଛି । ତେବେ ସାଇବର ଠକଙ୍କୁ ନେଇ ପୋଲିସ ପକ୍ଷରୁ ଶୋଭାଯାତ୍ରା, ସଚେତନତା ସଭା ଆଦି ଆୟୋଜନ କରାଯାଉଛି । ହେଲେ ଲୋକେ ସଚେତନ ନହେବା ନେଇ ସାଇବର ଠକଙ୍କ ଶିକାର ହେଉଥିବା ଦେଖାଯାଇଛି ।

# ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଅବସର ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଚାରା ରୋପଣ କରୁଛନ୍ତି।

ବଡ଼ଗାଁ,୨୯।୬(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ପାମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନିତା କୁମାରୀ ବିଶି ଓ ଶିକ୍ଷକ ଅବନୀ କୁମାର୍ ନାଏକଙ୍କୁ ଚାକିରିରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏବିଇଓ ଚତୁର୍ଭୁଜ ରାଉଡ଼ିଆ, ସିଆରସିସି କୌଶଲ୍ୟା ରଣା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିହାର ରଞ୍ଜନ ସାହୁ, ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ଦୀପକ ରଞ୍ଜନ ପୁରୋହିତ, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସୁନ୍ୟାନି, ଆଶାକର୍ମୀ ମମତା ବାରିକ, ଅବସରପ୍ରାପ୍ତ ଶିକ୍ଷକ ପଦ୍ମନାଭ ପାଣିଗ୍ରାହୀ, ସ୍କୁଲ କମିଟି ସଭାପତି ହୃଦା କିସାନ, ଗ୍ରାମର ନଳିନ ରଞ୍ଜନ ସାହୁ, କେଶବ ଚନ୍ଦ୍ର ସାଥୁଆ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ କମିଟି ସଦସ୍ୟ ସନ୍ତୋଷିନୀ ଦାସ, ସୁନୀତା ଦାସ, ଦମୟନ୍ତୀ ଲାକ୍ରା, ଜୟମତି ଆପଟ, ବିଳାସିନୀ ରଣା, କିରାନ କୁଲୁଙ୍କ ସହିତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ସଭା ପୂର୍ବରୁ ଉଭୟ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ରଙ୍କ ସହିତ ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ। ସଭାରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଅବଦାନ ଓ ଛାତ୍ରୀଛାତ୍ରଙ୍କ ପ୍ରତି ସ୍ନେହକୁ ଅତିଥି ମାନେ ମନେ ପକାଇ ସୁସ୍ଥ ଜୀବନ କାମନା କରିଥିଲେ। ପାମରା ୟୁପିଏସର ୨ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ବରଙ୍ଗାକଛାର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମୋହନ ଚନ୍ଦ୍ର ପ୍ରଧାନ, ଛାମୁଣ୍ଡା ୟୁପିଏସର ଶିକ୍ଷକ ଗଣେଶ ଚନ୍ଦ୍ର ନାଏକ, କଣ୍ଟିଆମୁରା ୟୁପିଏସର ନିର୍ମଳା ସହାୟ, ନଡିଆପଡା ପ୍ରାଥମିକ ସ୍କୁଲ ଶିକ୍ଷକ ଗୁଣ ସାଗର ନାଏକ ଚକରୀରୁ ଅବସର ଗ୍ରହଣ କରିଥିଲାବେଳେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ହତି କୁମାରୀ ରାଉତ ମଧ୍ୟ ଚାକିରିରୁ ଅବସର ଗ୍ରହଣ କରିଛନ୍ତି।

# ନୂତନ କ୍ରିମିନାଲ ଆଇନ ସଚେତନତା ଶିବିର

ସୁନ୍ଦରଗଡ,୨୯।୬(ଜୟ ନାରାୟଣ ମେଣ୍ଡୁଲି)


ଉପସ୍ଥିତ ଓକିଲ ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶ କ୍ରମେ ଶନିବାର ସୁନ୍ଦରଗଡ ଜିଲ୍ଲା ଓକିଲ ସଂଘ ତରଫରୁ ଜୁଲାଇ ୧ରୁ ଲାଗୁହେବାକୁ ଥିବା ୩ଟି ନୂତନ କ୍ରିମିନାଲ ଆଇନ ଭାରତୀୟ ନ୍ୟାୟ ସଂହିତା,ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩କୁ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓକିଲ ସଂଘ ସଭାପତି ନରେଶ କୁମାର ନାଏକ ପ୍ରଥମେ ସ୍ୱାଗତ ଭାଷଣ ଦେଇ ଏହି ସଚେତନତା ସଭାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତା ଗଭର୍ଣ୍ଣମେଣ୍ଟ ପ୍ଲିଡର ପ୍ରଦୀପ କୁମାର ମହାପାତ୍ର ୩ଟି ନୂତନ ଆଇନ ବିଷୟରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟଙ୍କୁ ସଚେତନ କରିଥିଲେ। ଅନ୍ୟ ବକ୍ତାମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଅଶୋକ ଦାଶ, ନିମାଇ ଚରଣ ନାଏକ, ଧର୍ମେଶ ପଟେଲ, ସୁକାନ୍ତ ମହାପାତ୍ର, କମଳ ଲୋଚନ ସେନ ନିଜ ବକ୍ତବ୍ୟରେ ନୂଆ ନିୟମ ବିଷୟରେ ସଚେତନତା କରିଥିଲେ। ଏହି ଶିବିରରେ ଉପସଭାପତି ନିରଜ ସାମନ୍ତରା, ଯୁଗ୍ମ ସମ୍ପାଦକ ବାଦଲ ଚୌଧୁରୀ, କୋଷାଧ୍ୟକ୍ଷ ସରିତା ପଟେଲ, ଏକଜିକ୍ୟୁଟିଭ ମେମ୍ବର ପ୍ରଶାନ୍ତ ପଟେଲ, ପ୍ରେମ କୁମାର, ଗୌତମ ହାତୀ, ସୁଶାନ୍ତ ସେଠି, ରାଜେନ୍ଦ୍ର ବେକ, ୱେଲଫେର କମିଟିର ସମସ୍ତ ସଦସ୍ୟ, ବରିଷ୍ଠ ଆଇନଜୀବୀ ଯୁଗଳ କିଶୋର ଠାକୁର, କିଶୋର ନାଏକ,ପ୍ରଦୀପ ମହାନ୍ତି, ନନ୍ଦଲାଲ ପଟେଲ,ସତ୍ୟଜିତ ନାଏକ,ବୁଧଦେବ ନାଏକ, ପ୍ରଣବ ସିଂ, ସଞ୍ଜୟ ମାଝି, ମନୋଜ ମହାରଣା, ପ୍ରିତିଶ ମିଶ୍ର,ସୁଶିଲ ମିଞ୍ଜ,ସୁପ୍ରଭା ପଟେଲ,ଅନୁସୟା ନାଏକ,ବାସନ୍ତୀ ବାରିକ, ସୁନିତା ପଟେଲ, ଗୀତାରାଣୀ ପଟେଲ, ତୃପ୍ତିମୟୀ ନାଏକ, ଯାଜ୍ଞଶିନୀ ନାଏକ, ରଶ୍ମିତା ନାଏକ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସଭା ଶେଷରେ ସମ୍ପାଦକ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

### ସାମାଜିକ କାର୍ଯ୍ୟ ପାଇଁ 'ଅଧିକାର ମଞ୍ଚ' ଗଠିତ

ଲୋଇସିଂହା,୨୯।୬(ସୁଶାନ୍ତ ବାରିକ)

ସମାଜର ଅସହାୟ ବ୍ୟକ୍ତିଙ୍କୁ ସେବା ଏବଂ ସାମାଜିକ ନ୍ୟାୟ ଦେବା ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଯୁବଗୋଷ୍ଠୀ ପକ୍ଷରୁ ଅଧିକାର ମଞ୍ଚ ଗଠିତ ହୋଇଯାଇଛି। ଲୋଇସିଂହା ଥାନା ବୁର୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ବୈଠକରେ ୧୦ ଟି ପଞ୍ଚାୟତର ଯୁବଗୋଷ୍ଠୀ ଉପସ୍ଥିତ ଥିଲେ। ଲିବରେସନ ସାମାଜିକ ଅନୁଷ୍ଠାନର ଅଧ୍ୟକ୍ଷ ସତ୍ୟନାରାୟଣ ହୋତା ଓ ଯୁବ ସଙ୍ଗଠକ ମିଲୁ ନାଗ ଏଥିରେ ଯୋଗଦେଇ ଯୁବଗୋଷ୍ଠୀଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଗ୍ରାମାଞ୍ଚଳରେ ବହୁ ଅସହାୟ ପରିବାର ଏବଂ ବ୍ୟକ୍ତି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ରହୁଛନ୍ତି। ଏହା ବ୍ୟତୀତ କେତେକ ଘଟଣାକୁ ନେଇ କେତେକ ବ୍ୟକ୍ତି ବାସନ୍ଦ ଜୀବନ ଜୀଉଛନ୍ତି। ସାମାଜିକ କଟକଣା ଯୋଗୁ ଅସହାୟଙ୍କ ମୃତ୍ୟୁ ପରେ ଶବ ସତ୍କାର କରିବାକୁ ଲୋକେ ଆସୁନାହାନ୍ତି।

# କୁଆଁରମୁଣ୍ଡା ଯୁକ୍ତ ୩ କଲେଜର ପ୍ରଥମ ଅଧ୍ୟକ୍ଷ ହେଲେ ପ୍ରଦୀପ


କୁଆଁରମୁଣ୍ଡା ଡିଗ୍ରୀ କଲେଜର ପ୍ରଥମ ଅଧ୍ୟକ୍ଷଙ୍କୁ ସ୍ୱାଗତ କରାଯାଉଛି।

କୁଆଁରମୁଣ୍ଡା,୨୯।୬(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ସରକାରୀ ଯୁକ୍ତ ୩ କଲେଜରେ ପ୍ରଥମ ଅଧ୍ୟକ୍ଷଭାବେ ରାଉରକେଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଦୀପ ଖେସ ଶନିବାର ଯୋଗ ଦେଇଛନ୍ତି। ଏହି ଡିଗ୍ରୀ କଲେଜ ପ୍ରାରମ୍ଭିକ ପର୍ଯ୍ୟାୟରେ କୁଆଁରମୁଣ୍ଡା ହରିହର ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକ୍ଷମ ହେବ ବୋଲି ନବ ନିଯୁକ୍ତ ଅଧ୍ୟକ୍ଷ ପ୍ରଦୀପ ଖେସ ସୂଚନା ଦେଇଛନ୍ତି। ଏହି କଲେଜରେ ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜନୀତି ବିଜ୍ଞାନ, ଇତିହାସ ଓ ଏଜୁକେଶନ(ଶିକ୍ଷା) ଇତ୍ୟାଦି ବିଷୟ ଖୋଲିବ ବୋଲି ଜଣାପଡିଛି। ଯୋଗଦାନ ଅବସରରେ ନୂଆ ଅଧ୍ୟକ୍ଷ ପ୍ରଦୀପଙ୍କୁ ହରିହର ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସୀମା ସୁଜାତା ତିର୍କୀ,କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା, ଦିଲ୍ଲୀପ ଏକ୍କା,ହିନ୍ଦୁ ମିଞ୍ଜ ପ୍ରମୁଖ ଫୁଲତୋଡ଼ା ଦେଇ ସ୍ୱାଗତ କରିଛନ୍ତି।

# କରମଡିହି ହାଇସ୍କୁଲରେ ଖୋଲିଲା ଯୁକ୍ତ ୨ କଲେଜ

ସୁନ୍ଦରଗଡ,୨୯।୬(ଜୟ ନାରାୟଣ ମେଣ୍ଡୁଲି)



ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକର କରମଡିହି ଏବଂ କୁକୁରିଡିହି ପଞ୍ଚାୟତର କର୍ଲାଘାଟି ଆରକେପି ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ କଳା (ଏକାଦଶ ଶ୍ରେଣୀ) ଖୋଲାଯାଇଛି। ଚଳିତ ୨୦୨୪-୨୫ ଶିକ୍ଷାବର୍ଷ ଠାରୁ ଏଠାରେ ଯୁକ୍ତ୨ କଳା ପାଠ୍ୟକ୍ରମ ଆରମ୍ଭ ହୋଇଛି। ଉକ୍ତ ଅଞ୍ଚଳର ଛାତ୍ରୀଛାତ୍ର ନାମ ଲେଖାଇ ଉଚ୍ଚ ଶିକ୍ଷା ହାସଲ କରିପାରିବେ ବୋଲି ବିଭାଗ ଏବଂ ଏହି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏଠାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବାପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସେହିପରି କୁତ୍ରା ବ୍ଲକର ପୁରୁଖାପାଲି ପଞ୍ଚାୟତର ବିରତୋଲା ସରକାରୀ ଉଚ୍ଚବିଦ୍ୟାଳୟରେ ମଧ ଯୁକ୍ତ ୨ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିଛି। ଗଣ ଶିକ୍ଷା ବିଭାଗ ପକ୍ଷରୁ ସୁନ୍ଦରଗଡ ଜିଲାର ୩ଟି ହାଇସ୍କୁଲ ସମେତ ରାଜ୍ୟରେ ମୋଟ ୭୯ ହାଇସ୍କୁଲରେ ଏହି ଯୁକ୍ତ ୨ ଶ୍ରେଣୀ ଖୋଲିଥିବା ନେଇ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

■ କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ୨ ଗୁରୁତ୍ୱପୂର୍ଣ୍ଣ ରାୟ

■ ଭିନ୍ନକ୍ଷମ ଯୁବତୀ ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ

କଣ୍ଟାବାଞ୍ଜି,୨୯।୬(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଶନିବାର ୨ଟି ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରକାଶ କରିଛନ୍ତି। ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ସେହିପରି ଅନ୍ୟ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନା ଅନୁସାରେ, ତୁରେକେଲା ଥାନା ଖୁଜେନ ଗ୍ରାମର କ୍ଷୀରସିନ୍ଧୁ ଜାନି(୪୫)ଙ୍କୁ ସେହି ଗ୍ରାମର କେଦାର ମଲ୍ଲିକ ଠେଙ୍ଗାରେ ପିଟି ଦେବାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ଭାଇ ଦେବାନନ୍ଦ ଜାନିଙ୍କ ଏତଲା ଆଧାରରେ ତୁରେକେଲା ଥାନାରେ ଏକ ମାମଲା(ନଂ.୭୪/୨୩) ରୁଜୁ ହୋଇଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ୧୫ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ କେଦାର ମଲ୍ଲିକଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନାଦେଶ କରିଛନ୍ତି।

ସେହିପରି ୨୦୨୩ ଫେବୃଆରୀ ୨୭ରେ କଣ୍ଟାବାଞ୍ଜି ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀ(୨୪)ଙ୍କୁ ଧୁମୁସୁ ଗ୍ରାମର ତପିରାମ ସୁନା ଗୋଟିଏ ଦିନରେ ୨ଥର ବଳାତ୍କାର କରିଥିଲେ। ପୀଡିତାଙ୍କ ମା' ଏ ନେଇ କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୨୧ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ତାଙ୍କ ରାୟରେ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନାଦେଶ କରିଛନ୍ତି।

## ସଂକ୍ଷେପରେ

### ଜିଲାସ୍ତରୀୟ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା

ସମ୍ବଲପୁର,୨୯।୬(ବି.ଶଙ୍କର)

ଜିଲାସ୍ତରୀୟ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ସମ୍ବଲପୁର ଜିଲା ବୁଢ଼ାରଜା ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଂସ୍କୃତି ବିଭାଗ ଅଧିକାରୀ ସୁଶ୍ରୀ ରୋଜାଲିନ ତିର୍କୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ସଂଯୋଜିକା ଭାବରେ କାର୍ଯ୍ୟକ୍ରମ ଆୟୋଜନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁବ୍ରତା ପତି ଆୟୋଜନରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତର୍କ, କବିତା ଆବୃତ୍ତି, ସାହିତ୍ୟ ଜ୍ଞାନ ପରୀକ୍ଷା ଓ ଇଂରାଜୀରୁ ଓଡ଼ିଆ ଅନୁବାଦ ଏବଂ ରଚନା ପ୍ରତିଯୋଗିତା ହୋଇଥିଲା । ୪ଟି ବିଷୟରେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରୀ ଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ସମସ୍ତ ୯ ଟି ବ୍ଲକରୁ ସର୍ବମୋଟ ୫୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ରାଜ୍ୟ ସ୍ତରୀୟ ଭାଷା ସାହିତ୍ୟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ। ଜିଲା ସଂସ୍କୃତି ବିଭାଗର ପାଠାଗାର ଅଧିକାରୀ ନମିତା କୁମାରୀ ପଟ୍ଟନାୟକ ଏବଂ ଅଭିଜିତ ମିଶ୍ର ପ୍ରତିଯୋଗୀତା ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ । ରଞ୍ଜିତା ରାଣୀ ହୋତା, ଆନନ୍ଦ ଡନସନା, ଅସନୀଧର ସା, ଅଶୋକ କୁମାର ସାହୁ, ସୁଧାଂଶୁ ଭୂଷଣ ଷଣ୍ଢ, କ୍ଷୀରୋଦ କୁମାର ପଧାନ, ବନବାସ ପଧାନ, ରାକ୍ଷୀ ମହାପାତ୍ର ଏବଂ ଜଟାଭୂଷଣ ସାହୁ ପ୍ରତିଯୋଗୀତାରେ ବିଚାରକ ଥିଲେ।

### ହଷ୍ଟେଲକୁ ଫେରିଲେ ନିଖୋଜ ଛାତ୍ର

କୁଚିଣ୍ଡା,୨୯।୬(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ବାମରା ବ୍ଲକ ସଗରା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡଲସା ହଷ୍ଟେଲରୁ ନିଖୋଜ ହୋଇଯାଇଥିବା ସଗରା ହାଇସ୍କୁଲ ଦଶମ ଶ୍ରେଣୀରେ ଜଣେ ଛାତ୍ର ଶନିବାର ହଷ୍ଟେଲକୁ ଫେରିଛନ୍ତି। ଏ ନେଇ ଗୋବିନ୍ଦପୁର ଥାନାରେ ଛାତ୍ରଙ୍କୁ ହାଜର କରାଯିବା ପରେ ତାଙ୍କୁ ହଷ୍ଟେଲରେ ଛଡାଯାଇଛି। ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବିଜାଖମନ ବୁଚକୁପଡ଼ାର ଏହି ଛାତ୍ର ଜଣକ ସଗରା ପଞ୍ଚାୟତ ହାଇସ୍କୁଲରେ ପଢନ୍ତି। ମାତ୍ର ମୁଣ୍ଡଲସାରେ ୧୦୦ ଶଯ୍ୟାବିଶିଷ୍ଟ ଆଦିବାସୀ ହଷ୍ଟେଲ ଥିବାରୁ ସମ୍ପୃକ୍ତ ଛାତ୍ର ସେଠାରେ ରହି ସହପାଠୀଙ୍କ ସହ ସଗରା ହାଇସ୍କୁଲକୁ ଯିବାଆସିବା କରିନ୍ତି।ଗତ ଗୁରୁବାର ଅନ୍ୟ ଛାତ୍ରଙ୍କ ସହ ହଷ୍ଟେଲରେ ଭୋଜନ ସାରି ସାଢେ ୯ଟାରେ ବହିବସ୍ତାନୀ ଧରି ସାଇକେଲରେ ସଗରା ସ୍କୁଲ ଅଭିମୁଖେ ବାହାରିଥିଲେ। ମାତ୍ର ଅପରାହ୍ନ ୪ଟାରେ ସ୍କୁଲ ଛୁଟି ହେବା ପରେ ସମସ୍ତ ଛାତ୍ରୀଛାତ୍ର ଘରକୁ ଫେରୁଥିବା ବେଳେ ସେ ଫେରି ନଥିଲେ। ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ କ୍ଷୀରୋଦ ଦୁତିଆଚାନ୍ଦ ଖୋଜାଖୋଜି କରିଥିଲେ। ମାତ୍ର ସନ୍ଧାନ ନପାଇବାରୁ ଗଡ଼ପୋଷ ଫାଣ୍ଡିରେ ଏକ ନିଖୋଜ ରିପୋର୍ଟ କରିଥିଲେ। ଶିକ୍ଷକଙ୍କ ଅଭିଯୋଗକୁ ଭିତ୍ତି କରି ଏନେଇ ଗୋବିନ୍ଦପୁର ଥାନାରେ ଦଫା ୩୬୩ରେ ଏକ ମାମଲା ରୁଜୁ ହୋଇଥିଲା। ଶନିବାର ସକାଳେ ନିଖୋଜ ଛାତ୍ରଙ୍କୁ ଶିକ୍ଷକମାନେ ତାଙ୍କର ସମ୍ପର୍କୀୟଙ୍କ ଘରୁ ଉଦ୍ଧାର କରିଥିଲେ।



ଶନିବାର ସମ୍ବଲପୁର କଲମ ପରିବାର ଓ ଟିପିଲିମା ଘଣ୍ଟି ସାହିତ୍ୟ ଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ସମ୍ବଲପୁରୀ ବହିହାଟ –୨୦୨୪ରେ ଛାତ୍ରୀମାନେ ମାଗଣାରେ ପୁସ୍ତକ ନେଉଛନ୍ତି।

# ଝାରସୁଗୁଡ଼ାରେ ବଢୁଛି ଶିଶୁ ଶ୍ରମିକ ସଂଖ୍ୟା

ଝାରସୁଗୁଡ଼ା,୨୯।୬ (ସଞ୍ଜୟ ମାଲି)

ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଦୀର୍ଘ ବର୍ଷରୁ ଶିଶୁ ଶ୍ରମିକ ସଂଖ୍ୟା ବଢୁଥିବା ଅଭିଯୋଗ ହେଉଛି। ସହର ସମେତ ଗ୍ରାମାଞ୍ଚଳର ବିଭିନ୍ନ ଗ୍ୟାରେଜ ହୋଟେଲ, ଫାଷ୍ଟ ଫୁଡ ଦୋକାନ ସମେତ ବିଭିନ୍ନ ଢାବାରେ ଦୀର୍ଘ ଦିନରୁ ଶିଶୁ ଶ୍ରମିକ ନିୟୋଜିତ ଅଛନ୍ତି। ବିଭିନ୍ନ ଶିଳ୍ପାନୁଷ୍ଠାନ ତଥା ବିଭିନ୍ନ ଅଟ୍ଟାଳିକା କାମରେ ମଧ୍ୟ ଶିଶୁ ଶ୍ରମିକ କାମ କରୁଥିବାର ପରିଲକ୍ଷିତ ହେଉଛି। ଶିଶୁ ଶ୍ରମିକ ନିୟୋଜନ ବିରୋଧରେ କଡ଼ା ଆଇନ ଥିବା ସତ୍ତ୍ୱେ କିଛି ଠିକାଦାର ଏହାର ଖୋଲା ଖୋଲି ଉଲଂଘନ କରୁଥିବାର ନଜରକୁ ଆସୁଛି। ସହରର ସରାହାଲ ବୁଡାପଡା, ବୁରୋମାଲ, ମଙ୍ଗଳବାର, ପୁରୁଣା ବସ୍ତି, ବଡେଇ ମୁଣ୍ଡା, ବେହେରା ମାଲ, ବିଟିଏମ, ଏକାତାଲି, ବଡ଼ମାଲ, ସମେତ ସହରର ବକ୍ସି ଛକ ବାଇପାସଠାରୁ ଖେତୁଆଲ ବେହେରା ମାଳଠାରୁ ଗାନ୍ଧୀ ଛକ ଓ ପୁରୁଣା ବସଷ୍ଟାଣ୍ଡଠାରୁ କୋଲାବିରା ରାସ୍ତା କଡ଼ରେ ଥିବା ବିଭିନ୍ନ ହୋଟେଲ ଢାବା, ଚା ଦୋକାନ ସମେତ ଗ୍ୟାରେଜ ଗୁଡ଼ିକରେ ଦୀର୍ଘ ବର୍ଷରୁ ଶିଶୁ ଶ୍ରମିକ କାମ କରୁଥିବାର ପରିଲକ୍ଷିତ ହେଉଛି। ଅନ୍ୟପଟେ ଦେଖିବାକୁ ଗଲେ ଶିଶୁ ଶ୍ରମିକ ଚିହ୍ନଟ ଏବଂ ଉଦ୍ଧାର ପ୍ରକ୍ରିୟା ହେଉ ନ ଥିବାର ପରିଲକ୍ଷିତ ହେଉଛି। ଯାହାଫଳରେ ଶିଶୁ ଶ୍ରମିକ ବିଭିନ୍ନ କାମରେ ନିୟୋଜିତ ହେଉଛନ୍ତି। ଆଇନ ଅନୁସାରେ ୧୮ଟି ପେଶା ଏବଂ ୬୫ କ୍ଷେତ୍ରରେ ନିୟୋଜିତ ହେଉଥିବା ଶିଶୁଙ୍କୁ ଶ୍ରମିକ ବୋଲି ବିବେଚନା କରାଯାଇଛି। ବିଭିନ୍ନ ସମୟରେ ଯଦି ଝାରସୁଗୁଡ଼ା ଜିଲାରେ ଧରପଗଡ ହୁଅନ୍ତା ତାହାହେଲେ ଶିଶୁ ଶ୍ରମିକ ଚିହ୍ନଟ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଦୀର୍ଘ ଦିନରୁ ମତ ପ୍ରକାଶ ପାଉଛି।

## ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନର ଅଭିବୃଦ୍ଧି ମନିଟରିଂ କର୍ମଶାଳା




ଅଙ୍ଗନୱାଡି ଶ୍ରମିକମାନଙ୍କ ପାଇଁ ତିନିଦିନିଆ ଅଭିବୃଦ୍ଧି ମନିଟରିଂ କର୍ମଶାଳାରେ ଅତିଥି, ବକ୍ତା ଓ ପ୍ରତିନିଧି ।

ସମ୍ବଲପୁର,୨୯।୬(ବି.ଶଙ୍କର)

**ସାମିଲ ହେଲେ ୩୩ଜଣ ଅଙ୍ଗନୱାଡି କର୍ମୀ**

ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଅଙ୍ଗନୱାଡି କର୍ମୀମାନଙ୍କ ପାଇଁ ତିନିଦିନିଆ ଅଭିବୃଦ୍ଧି ମନିଟରିଂ କର୍ମଶାଳା ଶନିବାର ଶ୍ରୀପୁରାର କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ସିନି ପ୍ରତିଷ୍ଠାନ ସହଯୋଗରେ ଆୟୋଜିତ କର୍ମଶାଳାରେ ୩୩ ଅଙ୍ଗନୱାଡି କର୍ମୀ ଅଂଶଗ୍ରହଣ କରିଥିଲେ। ଏଥିସହ ସିନି ପ୍ରତିଷ୍ଠାନର ୧୦ଜଣ ପ୍ରୋଜେକ୍ଟ କର୍ମଚାରୀ ଯୋଗଦେଇ ଥିଲେ। ଏହି କର୍ମଶାଳାରେ ଦକ୍ଷତା ବୃଦ୍ଧି, ଶିଶୁର ଖାଦ୍ୟରେ ପୁଷ୍ଟିକର ଖାଦ୍ୟ ବିଷୟରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସେହିପରି ଖାଦ୍ୟ ନିରାପତ୍ତା, ଖାଦ୍ୟ ସ୍ୱଚ୍ଛତା ବଜାୟ ରଖିବା, ଘରେ ସୁସ୍ଥ ଖାଦ୍ୟ ଖାଇବା ଅଭ୍ୟାସ, ମାଇକ୍ରୋନ୍ୟୁଟ୍ରିଏଣ୍ଟ ସପ୍ଲିମେଣ୍ଟସ, କୀଟନାଶକ, ଏବଂ ଆୟୋଡିନ, ଭିଟାମିନ – ଏ, ଏବଂ ଲୁହା ସମୃଦ୍ଧ ଖାଦ୍ୟ ଅନ୍ତର୍ଭୁକ୍ତ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଦକ୍ଷତା ବୃଦ୍ଧି ଅଧିକାରୀ ସ୍ନେହପ୍ରଭା ମହାପାତ୍ର ପ୍ରକଳ୍ପ କ୍ଷେତ୍ରରେ ଶିଶୁ ଯତ୍ନ ଏବଂ ବିକାଶରେ କିପରି ଉନ୍ନତି ଆସିବ, ସେନେଇ ପରାମର୍ଶ ଦେଇଥିଲେ। ଜେଏସଡବ୍ଲୁପିଏଲ ସିଏସଆର ମୁଖ୍ୟ ବିଶାଲ ରାଜ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କମ୍ପାନୀର ସିଏସଆର ବିଭାଗର କର୍ମଚାରୀମାନେ କର୍ମଶାଳା ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ରଜତ ଜୟନ୍ତୀ ପାଳନ ପାଇଁ ଦିବ୍ୟାଙ୍ଗ ବିଦ୍ୟାଳୟର ବୈଠକ

ଝାରସୁଗୁଡା, ୨୯।୬ (ସଞ୍ଜୟ ମାଲି)

ସହରସ୍ଥିତ ବୁଡାପଡା ବୁରୋମାଲ ଜିଲା ଭିନ୍ନକ୍ଷମ ବିଦ୍ୟାଳୟରେ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକାରୀ କମିଟିର ଏକ ସ୍ୱତନ୍ତ୍ର ବୈଠକ ବିଦ୍ୟାଳୟ ସଭା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଚିବ ନିକୁଞ୍ଜ ବିହାରୀ ଜ୍ୟୋତିଷ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ବିଶେଷ ଭାବରେ ଜିଲା ଦିବ୍ୟାଙ୍ଗ ବିଦ୍ୟାଳୟ ୨୫ ବର୍ଷ ପୂର୍ତ୍ତି ଅବସରରେ ରଜତ ଜୟନ୍ତୀ କରାଯିବା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଏଥିରେ ସ୍ମରଣିକା ପ୍ରକାଶିତ ପୁରୁଣା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ବିଭିନ୍ନ ପ୍ରତିଯୋଗିତା କରାଯିବା, ବଦାନ୍ୟ ବ୍ୟକ୍ତି, ଉତ୍ତମ କର୍ମଚାରୀ, ଶିକ୍ଷକ, ପୁରୁଣା, ନୂଆଁ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରିବା କେନ୍ଦ୍ର, ରାଜ୍ୟ ଓ ଜିଲାସ୍ତରୀୟ ଅଧିକାରୀ, ମନ୍ତ୍ରୀ, ବିଧାୟକ ତଥା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ରଜତ ଜୟନ୍ତୀ କାର୍ଯ୍ୟକ୍ରମରେ ସାମିଲ କରାଯିବା ପାଇଁ ମନସ୍ଥ କରାଯାଇଥିଲା। ଏଥିରେ କମିଟିର କାର୍ଯ୍ୟକାରୀ ସଭାପତି ଅନନ୍ତ ରାମ ସାହୁ, ସଚିବ ପଣ୍ଡିତ ନିକୁଞ୍ଜ ବିହାରୀ ଜ୍ୟୋତିଷ, ଯୁଗ୍ମ ସମ୍ପାଦକ ବିଜୟ ସହିଗଲ, ସଂଯୋଜକ ହରିଶଙ୍କର ପୁରୋହିତ, କାର୍ଯ୍ୟକାରୀ ସଭ୍ୟ ସୁଶାନ୍ତ ଗୁପ୍ତା, ଗୁଣନିଧି ଭେିଶା ଯୋଗ ଦେଇ ନିଜ ମତବ୍ୟକ୍ତ କରିଥିଲେ। ଶେଷରେ ପ୍ରିନସିପାଲ ନମିତା ନାଥ ଧନ୍ୟବାଦ ଅର୍ପଣ ଦେଇଥିଲେ।

## ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସମ୍ପର୍କିତ ଜିଲାସ୍ତରୀୟ ବୈଠକ

ଦେବଗଡ,୨୯।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା କୃଷି ବିଭାଗ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସମ୍ପର୍କିତ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡିଶା କୃଷି ପ୍ରୋତ୍ସାହନ ଏବଂ ନିବେଶ ନିଗମ ଲିମିଟେଡ (ଆପିକଲ) ଆନୁକୂଲ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଡିଷ୍ଟ୍ରିକ୍ଟ ମନିଟରିଂ ଅଫିସର ତଥା ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ ନୀଳମାଧନ ନାୟକ, ଜିଲା ମତ୍ସ୍ୟ ଅଧିକାରୀ କେଶବ ଚନ୍ଦ୍ର ଦାଶ, ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାର ଡକ୍ଟର ବିଜୟ ପାତ୍ର, ଏଲଡିଏମ ରବିନ୍ଦ୍ର କୁମାର ମହାନ୍ତି ପ୍ରମୁଖ ମଞ୍ଚାସୀନ ରହି ନିଜ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଯୋଜନାରୁ ଚାଷୀଙ୍କୁ କିଭଳି ଲାଭ ଯୋଗାଇ ଦିଆଯାଇପାରିବ ସେ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ କୃଷକମାନଙ୍କୁ କିଭଳି ପ୍ରଶିକ୍ଷଣ, ପ୍ରୋତ୍ସାହନ ଓ ଜ୍ଞାନକୌଶଳ ଯୋଗାଇ ଦିଆଯାଇ ପାରିବ ସେ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। କୃଷି ବିଭାଗ ସହକାରୀ ଯନ୍ତ୍ରୀ ଦିବ୍ୟଲୋଚନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ଭାବେ ଭୁବନେଶ୍ୱରର ଆଶିଷ ଦାଶ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ ସମେତ ଉଦ୍ୟାନ କୃଷି, ମତ୍ସ୍ୟ ସମ୍ପଦ, ପ୍ରାଣୀ ସମ୍ପଦ ଏବଂ କୃଷି ଇଞ୍ଜିନିୟରିଂ ବିଭାଗର ଜିଲା ଏବଂ ବ୍ଲକ ସ୍ତରୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲା ସଂଯୋଜକ ଗୋପବନ୍ଧୁ ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇୱେ ପୋଲିସ ପାଟ୍ରୋଲିଂ ଗାଡ଼ି ଧକ୍କାରେ ଯୁବକ ଗୁରୁତର

ରେଢାଖୋଲ,୨୯।୬(ଅଚ୍ୟୁତାନନ୍ଦ ପୁରୋହିତ)



ସମ୍ବଲପୁର ଜିଲା ରେଢାଖୋଲ ପୋଲିସ ହାଇୱେ ପେଟ୍ରୋଲିଂ ଗାଡି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ମାନଭଞ୍ଜନ ପଣ୍ଡା (୨୭)। ଶୁକ୍ରବାର ରାତି ପ୍ରାୟ ୧୨ଟା ବେଳେ ଏହି ଦୁର୍ଘଟଣା ଘଟିଛି। ମାନଭଞ୍ଜନ ତାଙ୍କ ପଲସର ବାଇକ ଯୋଗେ ବସ୍‌ଷ୍ଟାଣ୍ଡରୁ ରାତି ଖାଇବା ଧରି ଦେହୁରୀସାହିସ୍ଥିତ ଭଡାଘରକୁ ଯାଉଥିବା ବେଳେ ପୁରୁଣା ଏନ୍‌ଏଚ ଅଫିସ୍ ପାଖ କେନାଲ ନିକଟରେ ସମ୍ମୁଖରୁ ଆସୁଥିବା ପୋଲିସ ହାଇୱେ ପେଟ୍ରୋଲିଂ ଗାଡି ନା ଓଡି ୦୫ ବିଏଚ–୦୨୧୫ ସହିତ ଧକ୍କା ହୋଇଥିଲା। ଏତେ ଜୋରରେ ଧକ୍କା ହୋଇଥିଲା ଯେ, ପାଟ୍ରୋଲିଂ ଗାଡିର ପଛ ଚକା ଫାଟି ଯାଇଥିଲା। ଗୁରୁତର ଅବସ୍ଥାରେ ମାନଭଞ୍ଜନଙ୍କୁ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଡାକ୍ତରଖାନା ସ୍ଥାନାନ୍ତର କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଇଥିବା କିମ୍ବା ଚିକିତ୍ସାରେ ସହଯୋଗ କରି ନଥିବା ପରିବାର ବର୍ଗ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଥାନାରେ ଘଟଣା ସମ୍ପର୍କରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସବିତାଲତା ସେଠୀ କହଛନ୍ତି। ମାନଭଞ୍ଜନଙ୍କ ଘର ଯୁଜୁମୁରା ବ୍ଲକ ଡଙ୍ଗରପଡାରେ ଓ ସେ ରେଢାଖୋଲର ଏକ ମୋବାଇଲ ଦୋକାନରେ କାମ କରୁଥିବା ଜଣାପଡିଛି।

## ବିଦ୍ୟୁତ୍ ଅଫିସ ଘେରିଲେ ଉପଭୋକ୍ତା

କୁଚିଣ୍ଡା,୨୯।୬(ବିରଞ୍ଚି ଦର୍ଜୀ)

ଲଗାତର ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦରେ ଶନିବାର କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ପଞ୍ଚାୟତର ଶତାଧିକ ଉପଭୋକ୍ତା ସ୍ଥାନୀୟ ଟିପିଡବ୍ଲ୍ୟୁଓଡିଏଲ ସହକାରୀ ଯନ୍ତ୍ରୀ ଅଫିସ ଘେରାଉ କରିଥିଲେ। ଆଗାମୀ ୩ଦିନ ମଧ୍ୟରେ ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ସେମାନେ ଅଫିସରେ ତାଲା ପକାଇ ଦେବେ ବୋଲି ଚେତାବନୀ ଦେଇଛନ୍ତି। ପରେ ସେକ୍ସନ ଅଫିସର ତଥା କନିଷ୍ଠ ଯନ୍ତ୍ରୀ ସପ୍ତମେନ୍ଦୁ ରାୟ ଆସନ୍ତା ୧ତାରିଖରେ ହାଡିପାଲି ଗ୍ରୀଡଠାରେ ଏହାର ଆଲୋଚନା କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲ। କୁଚିଣ୍ଡା ଉପଖଣ୍ଡକୁ ଖଣ୍ଡୋକଟାରେ ଥିବା ୧୩୩/୩୩ ଗ୍ରୀଡ ସବଷ୍ଟେଶନରୁ ବିଭିନ୍ନ ୩୩/୧୧କେଭି ସବଷ୍ଟେଶନ ମାଧମରେ ଗ୍ରାମାଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହୋଇଥାଏ। ତେବେ କମ୍ପାନୀ ବିଦ୍ୟୁତ୍ ପରିଚାଳନା ଦାୟିତ୍ୱ ନେବା ପରଠାରୁ କୁଚିଣ୍ଡା, ହାଡିପାଲି ଓ ଲସା ୩୩/୧୧କେଭି ସବଷ୍ଟେଶନ ଅଞ୍ଚଳରେ ଗତ କିଛିଦିନ ହେବ ବିଦ୍ୟୁତ୍ ବିଭ୍ରାଟ ଲାଗିରହିଛି। ଅଭିଯୋଗ କଲେ ମଧ୍ୟ ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହି ଘେରାଉରେ ପୂର୍ବତନ ସମିତି ସଭ୍ୟ ଆଶିଷ ସାଥୁଆ, ଶ୍ରୀମନ୍ତ ସାହୁ,ଜୟକାନ୍ତ ପରୁଆ, ସୁଗେନ୍ଦ୍ର ବାଘ, ଜଗବନ୍ଧୁ ପରୁଆ, ଡିକୁ ପଟେଲ, ଅଶ୍ୱିନୀ ସାଥୁଆ, ନିଖିଳ ପାତ୍ର, ଦୀପେଶ ପଟେଲ, କମଳେଶ ପରୁଆ, ଭରଦ୍ୱାଜ ପୃଷେଠଙ୍କ ସମେତ ଶତାଧିକ ଉପଭୋକ୍ତା ସାମିଲ ହୋଇଥିଲେ।

## ଜିଲା ସଡ଼କ ସୁରକ୍ଷା କମିଟି ବୈଠକ



ସଡକ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

ଦେବଗଡ,୨୯।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଦେବଗଡ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଜିଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ଆବାହକତ୍ୱ ଓ ଜିଲା ପରିଷଦର ଉନ୍ନୟନ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱ ମୋହନ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଡିଏସ୍‌ପି କୈଳାଶ ଚନ୍ଦ୍ର ବୁରୁଡା, ଏମ୍‌ଭିଆଇ ଶ୍ରୀବତ୍ସ ଦଳେଇ, ପୂର୍ତ୍ତ ବିଭାଗ (ରାସ୍ତା ଓ ସୌଧ)ର ସହକାରୀ ଯନ୍ତ୍ରୀ ପ୍ରବୋଧ କୁମାର ସାହୁ, ଜାତୀୟ ରାଜପଥ ବିଭାଗର ସହକାରୀ ଯନ୍ତ୍ରୀ ରଞ୍ଜିତ କୁମାର ସାମଲ, ଏନଏଚଏଆଇର ସାଇଟ ଇଞ୍ଜିନିୟର ସନ୍ତୋଷ କୁମାର ସାହୁ, ଅତିରିକ୍ତ ଯୋଗାଣ ଅଧିକାରୀ (ସଦର) ଅସିତ ଅମିତାଭ ବେହେରା ଓ ସତ୍ୟବ୍ରତ ସେଠୀ ଓ ଅବକାରୀ ଉପ ନିରୀକ୍ଷକ ଶଶୀକାନ୍ତ ରାଉତଙ୍କ ସମେତ ଜାତୀୟ ରାଜପଥ ବିଭାଗ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଯନ୍ତ୍ରୀ, ଅଧିକାରୀ ଓ ସଡକ ସୁରକ୍ଷା କମିଟିର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ । ଏହି ଅବସରରେ ଦୁର୍ଘଟଣା ଏଡାଇବା ନିମନ୍ତେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥଗୁଡିକର ମରାମତି, ରକ୍ଷଣାବେକ୍ଷଣ, ଉପଯୁକ୍ତ ପାର୍କିଂ ବ୍ୟବସ୍ଥା ଓ ବିଭିନ୍ନ ସ୍ଥାନରେ ସତର୍କତା ମୂଳକ ସୂଚନା ଫଳକ ସ୍ଥାପନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଶେଷରେ ଆଞ୍ଚଳିକ ପରିବହନ ଅଧିକାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୁର୍ଘଟଣାଗ୍ରସ୍ତଙ୍କୁ ଠିକ ସମୟରେ ଉଦ୍ଧାର କରି ଚିକିତ୍ସାଳୟରେ ପହଞ୍ଚାଇବାସହ ଜୀବନ ରକ୍ଷା କରିଥିବା ରିଆମାଳ ବ୍ଲକ ମଳେହିପଡା ଗ୍ରାମର ସାମନ୍ତରା ପ୍ରଧାନଙ୍କୁ ଗୁଡ ସାମାରିଟାନ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ରବିବାର ଅବସର ଗ୍ରହଣ କରିବାକୁ ଥିବା ଜିଲା ସଡକ ସୁରକ୍ଷା ସମିତିର ସଦସ୍ୟ ତଥା ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ସମ୍ବଲପୁର,୨୯।୬(ପ୍ରମୋଦ ବହିଦାର)



ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ।

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତାଳପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ପକ୍ଷରୁ ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥିଭାବେ ମାନେଶ୍ୱର ବ୍ଲକ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନୀତ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୀତାରାମ ଭୋଇ, ତନୁଜା ମହାପାତ୍ର, ଲଜିତା ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ସିଆର୍‌ସିସି ତନୁଜା ମେହେର, ଅନିରୁଦ୍ଧ ବିଶ୍ୱାଳ, ମନୋରଞ୍ଜନ ପଣ୍ଡା, ସବିତା ମୁଣ୍ଡା, ଅଶୋକ ମେହେର, ସଞ୍ଜୟ ଦେହୁରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ପୂରାତନ ଛାତ୍ରୀଛାତ୍ର ଓ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ମାନୀତ କରିଥିଲେ। ବରିଷ୍ଠ ଶିକ୍ଷକ ମହେନ୍ଦ୍ର କୁମର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗୁରୁଚରଣ ନାୟକ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁସ୍ମିତା ସ୍ୱାଇଁ ସ୍ୱରଚିତ କବିତା ପାଠ କରିଥିଲେ। ଗ୍ରାମବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଗ୍ରାମ ପରିକ୍ରମା କରାଇଥିଲେ।

# ପୌରାଧ୍ୟକ୍ଷାଙ୍କ ବିରୋଧରେ ଉପାଧ୍ୟକ୍ଷଙ୍କ ପାଲଟା ଏତଲା

ଦେବଗଡ଼,୨୯।୬(ଶଶାଙ୍କ ଶେଖର ଝାଙ୍କର)

**ସଫେଇ କାର୍ଯ୍ୟର ଘରୋଇକରଣକୁ କେନ୍ଦ୍ରକରି ପୌର ପରିଷଦରେ ଗଣ୍ଡଗୋଳ ଘଟଣା**

ସଫେଇ କାର୍ଯ୍ୟର ଘରୋଇକରଣକୁ କେନ୍ଦ୍ରକରି ଶୁକ୍ରବାର ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ୬ ନମ୍ବର ୱାର୍ଡର ସ୍ୱାଧୀନ କାଉନଶିଲର ଧର୍ମେନ୍ଦ୍ର କୁମାର ଦେବତା ଗାଳିଗୁଲଜ କରିବାସହ ହତ୍ୟା ଧମକ ଦେଇଥିବା ନେଇ ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ୧ନମ୍ବର ୱାର୍ଡର ବିଜେଡି କାଉନଶିଲର ପ୍ରମିଳା ବେହେରା, ୨ନମ୍ବର ୱାର୍ଡର ବିଜେଡି କାଉନଶିଲର ସଞ୍ଜୁକ୍ତା ଆଚାର୍ଯ୍ୟ, ୩ନମ୍ବର ୱାର୍ଡର ବିଜେଡି କାଉନଶିଲର ବାସନ୍ତୀମଣି ମାଝୀ, ୫ନମ୍ବର ୱାର୍ଡର ବିଜେଡି କାଉନଶିଲର ଜତିନ କୁମାର ନାୟକ, ୮ନମ୍ବର ୱାର୍ଡର ଭାଜପା କାଉନଶିଲର ମଧୁସୂଦନ ବାଘ, ୧୦ ନମ୍ବର ୱାର୍ଡର ଭାଜପା କାଉନଶିଲର ଇତିଶ୍ରୀ ମିଶ୍ର ଓ ୧୧ ନମ୍ବର ୱାର୍ଡର ଭାଜପା କାଉନଶିଲର କାର୍ତ୍ତିକ ମହାକୁଳ ଦେବଗଡ ଆଦର୍ଶ ଥାନରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଅଧାରରେ ପୋଲିସ ଇତିମଧ୍ୟରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ତେବେ ଶନିବାର ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଦେଈ ଓ ୫ ନମ୍ବର ୱାର୍ଡର କାଉନଶିଲର ଜତିନ ନାୟକଙ୍କ ବିରୋଧରେ ପାଲଟା ଅଭିଯୋଗ କରିବା ସହ ରାଜକିଶୋର ଦାଶଙ୍କ ବିରୋଧରେ ମଧ୍ୟ ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ପୌର ପରିଷଦ ଉପାଧ୍ୟକ୍ଷ ଭୋଜ ତାଙ୍କର ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ଶୁକ୍ରବାର ପୌର ପରିଷଦ କାର୍ଯ୍ୟାଳୟରେ ଆୟୋଜିତ କାଉନଶିଲ ବୈଠକରେ ସେ ଓ ତାଙ୍କ ସହିତ ୫ ଜଣ ଭାଜପା କାଉନଶିଲର, ୪ ଜଣ ବିଜେଡି କାଉନଶିଲର, ପୌର ପରିଷଦ ଅଧ୍ୟକ୍ଷା, ପୌର ପରିଷଦର ନିର୍ବାହୀ ଅଧିକାରୀ, ସମ୍ବଲପୁର ଲୋକସଭା ସଦସ୍ୟ ଓ ଦେବଗଡ ବିଧାୟକଙ୍କ ପ୍ରତିନିଧିଙ୍କ ସମେତ ପୌର କାର୍ଯ୍ୟାଳୟର କେତେକ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସମୟରେ ପୂର୍ବ ବିଲ୍‌କୁ କେନ୍ଦ୍ରକରି ଯୁକ୍ତିତର୍କ ହୋଇଥିଲା ଓ ପୌରାଧ୍ୟକ୍ଷା ମହୋଦୟା ଏବଂ କାଉନଶିଲର ଜତିନ ନାୟକ ଉତ୍ତେଜିତ ହୋଇ ତାଙ୍କ ଉପରେ ଆକ୍ରମଣ କରିଥିଲେ। ବୈଠକ ଶେଷ ହେବା ପରେ ସେ ବାହାରକୁ ବାହାରିବା ପରେ କାଉନଶିଲର ଜତିନ ତାଙ୍କ ନିକଟକୁ ଆସିଥିଲେ। ତାଙ୍କ ସହିତ ପୌରାଧ୍ୟକ୍ଷା ଓ ରାଜକିଶୋର ଦାସ ଜାତିଗୋତ୍ର ଉଚ୍ଚାରଣ କରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବାସହ କୁଆଡେ ଗାଡି ମଡାଇଦେବୁ ବୋଲି କହିଥିବା ପୌର ପରିଷଦ ଉପାଧ୍ୟକ୍ଷ ଭୋଜ ତାଙ୍କର ଏତଲାରେ ଉଲ୍ଲେଖ କରିଥିବା ଜଣାପଡିଛି।

## ପ୍ରାଧ୍ୟାପକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଖଡ଼ିଆଳ,୨୯।୬(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଚନ୍ଦ୍ରଶେଖର ଚନ୍ଦ୍ରକାର, ସହଯୋଗୀ ଶରତ କୁମାର ପଣ୍ଡା, ରସାୟନ ବିଜ୍ଞାନ ବିଭାଗର ସହଯୋଗୀ ଈଶ୍ୱର ଦଣ୍ଡସେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ କର୍ମଚାରୀ ସଂଘ ସମ୍ପାଦିକା ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଡ. ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁକ୍ତ ୨ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ଡ. ପଦ୍ମଲୋଚନ ବର୍ମା, କର୍ମଚାରୀ ସଂଘର ସହସମ୍ପାଦକ ଅଧ୍ୟାପକ ରାଜ କୁମାର ରତେ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ ସହକର୍ମୀ ଦ୍ୱୟଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ସମସ୍ୟା ଘେରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ଖଡ଼ିଆଳ,୨୯।୬ (ସୁଜିତ କୁମାର ପ୍ରଧାନ)**



ଝିଂତ୍ରିଢୋଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

- ୩ କୋଠରିରେ ପଢୁଛନ୍ତି ୮ ଶ୍ରେଣୀର ପିଲା
- ୫ ଶିକ୍ଷକଙ୍କ ଦ୍ୱାରା ଚାଲିଛି ଶିକ୍ଷାଦାନ

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଝିଂତ୍ରିଢୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମସ୍ୟା ଘେରରେ ରହିଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ପ୍ରଥମ ଶ୍ରେଣୀରେ ୯, ଦ୍ୱିତୀୟରେ ୨୧, ତୃତୀୟରେ ୧୬, ଚତୁର୍ଥରେ ୧୪, ପଞ୍ଚମରେ ୮, ଷଷ୍ଠରେ ୧୫, ସପ୍ତମରେ ୧୭, ଅଷ୍ଟମ ଶ୍ରେଣୀରେ ୯ ଏପରି ମୋଟ ୧୧୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସରକାରଙ୍କ ନିୟମ ଅନୁସାରେ ପ୍ରତ୍ୟେକ ଶ୍ରେଣୀକୁ ଜଣେ ଶିକ୍ଷକ ହିସାବରେ ୮ ଜଣ ରହିବା କଥା। ହେଲେ ଏଠାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଶାଇ ମାତ୍ର ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ପୁଣି ବିଦ୍ୟାଳୟରେ ୫ ଗୋଟି କୋଠରି ରହିଛି। ସେଥିମଧ୍ୟରୁ ୨ କୋଠରି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ୩ ଗୋଟି କୋଠରିରେ ୮ ଶ୍ରେଣୀର ପିଲାଙ୍କୁ ପଢ଼ାଯାଉଛି। ଶିକ୍ଷକ ଅଭାବ ସାଙ୍ଗକୁ କୋଠରି ଅଭାବ ଯୋଗୁ ପାଠପଢ଼ାରେ ଅସୁବିଧା ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାସହ ଏ ଦିଗରେ ଜିଲା ଶିକ୍ଷା ବିଭାଗ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାଏକଙ୍କୁ ପଚାରିବାରୁ କିଛିଦିନ ମଧ୍ୟରେ ବିଦ୍ୟାଳୟର ଆବଶ୍ୟକ ଶିକ୍ଷକ ପୂରଣ କରାଯିବ। କୋଠରି ସମସ୍ୟା ଉପରେ ଖଡ଼ିଆଳ ବିଡିଓଙ୍କୁ ଅବଗତ କରାଯାଇଛି। ଅତିଶୀଘ୍ର ନୂତନ କୋଠରି ନିର୍ମାଣ କରାଯିବ ବୋଲି କହିଥିଲେ।

# କାଉଡ଼ୋଲା ସରପଞ୍ଚ ଅଯୋଗ୍ୟ ଘୋଷିତ

**କୋକସରା,୨୯।୬ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର କାଉଡ଼ୋଲା ସରପଞ୍ଚଙ୍କୁ ଅତିରିକ୍ତ ଜିଲା ଦୌରାଜଜ୍ ଅଯୋଗ୍ୟ ଘୋଷିତ କରିଛନ୍ତି। ସୂଚନାକ୍ରମେ ୨୦୨୨ ପଞ୍ଚାୟତ ନିର୍ବାଚନ ବେଳେ କାଉଡୋଲା ପଞ୍ଚାୟତ ବଡ଼ କେନ୍ଦୁଗୁଡ଼ା ଗାଁର ଦେବୀସିଂ ତାଣ୍ଡି ସରପଞ୍ଚ ନିର୍ବାଚିତ ହୋଇଥିଲେ। ତାଙ୍କର ତିନୋଟି କନ୍ୟା ସନ୍ତାନ ଥିଲେ ସୁଦ୍ଧା ସେ ମିଥ୍ୟା ସତ୍ୟପାଠ କରି ନିର୍ବାଚନ ଲଢ଼ିଥିଲେ। ଏହାକୁ ନେଇ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବଂଶୀଧର ବେଶ୍ରା ପ୍ରଥମେ କୋକସରା ପ୍ରଥମଶ୍ରେଣୀ ଦେୱାନୀ ବିଚାରପତିଙ୍କ ନିକଟରେ କେସ ନମ୍ବର ସିପି ୦୧/୨୦୨୨ରେ ମାମଲା ଦାୟର କରିଥିଲେ। ହେଲେ କୌଣସି କାରଣରୁ ଉକ୍ତ କେସ୍ ଖାରଜ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ବଂଶୀଧର ଅତିରିକ୍ତ ଜିଲା ଦୌରାଜଜ୍ ଧର୍ମଗଡ ଅଦାଲତଙ୍କ ଦାରସ୍ଥ ହୋଇ କେସ ନମ୍ବର ଏଫ ଓ ୩/୨୦୨୪ରେ ମାମଲା ଦାୟର କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଧର୍ମଗଡ ଅଦାଲତରେ ଅତିରିକ୍ତ ଜିଲା ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଜୁନ ୨୫ରେ ସମ୍ପୃକ୍ତ ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷଣା କରି ଦୁଇମାସ ମଧ୍ୟରେ କାଉଡୋଲା ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ପୁନର୍ବାର ନିର୍ବାଚନ କରିବା ପାଇଁ କଳାହାଣ୍ଡି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ବଂଶୀଧରଙ୍କ ପକ୍ଷରୁ ଧର୍ମଗଡର ବରିଷ୍ଠ ଆଇନଜୀବୀ ବିଶ୍ୱନାଥ ମୁଣ୍ଡ ମାମଲା ପରିଚାଳନା କରୁଥିଲେ। ଏ ସମ୍ବନ୍ଧରେ ଅଯୋଗ୍ୟ ଘୋଷିତ ସରପଞ୍ଚ ଦେବୀସିଂଙ୍କୁ ପଚାରିବାରୁ ସେ ଉପରିସ୍ଥ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# ୭ ମାସ ହେଲା ପଞ୍ଚାୟତ ସମିତି ବୈଠକ ଡକାଯାଇନି

**କେସିଙ୍ଗା,୨୯।୬(ତୁମେଶର ସାହୁ)**

**ବ୍ଲକ ଅଧ୍ୟକ୍ଷ, ବିଡିଓଙ୍କ ନିକଟରେ ଅଭିଯୋଗ**

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ବୈଠକ ଦୀର୍ଘ ୭ମାସ ହେଲା ଡକାଯାଇ ନାହିଁ। ଏହାକୁ ନେଇ ସରପଞ୍ଚ ସଂଘ ପକ୍ଷରୁ ଉପ ସଭାନେତ୍ରୀ ଅଞ୍ଜୁ କୁମାର ବ୍ଲକ୍ ଅଧ୍ୟକ୍ଷ ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପଞ୍ଚାୟତ ସମିତିର ନିୟମ ଅନୁସାରେ ପ୍ରତ୍ୟେକ ୨ମାସରେ ଥରେ ବୈଠକ ହେବା କଥା। ୨୦୨୨ମାର୍ଚ୍ଚରେ ପ୍ରଥମ ବୈଠକରୁ ଆଜି ଯାଏ ୧୪ଟି ବୈଠକ ବସିବା କଥା। କିନ୍ତୁ ପ୍ରଥମ ଓ ଦ୍ୱିତୀୟ ବୈଠକରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା ଆସନ ଅଳଙ୍କୃତ କରିବା ସହ ସ୍ୱାଗତ ସଭା ହୋଇଥିଲା। ସେହିପରି ତୃତୀୟ ବୈଠକ ୨୦୨୨ ମେ’, ଚତୁର୍ଥ ବୈଠକ ୨୦୨୨ ଅକ୍ଟୋବର, ପଞ୍ଚମ ବୈଠକ ୨୦୨୩ ଜୁନ୍ ଓ ୬ଷଷ୍ଠ ବୈଠକ ୨୦୨୩ ନଭେମ୍ବର ମାସରେ ଅନୁଷ୍ଠିତ ହୋଇଥିଲା। ହେଲେ ୭ ମାସ ବିତିଯାଇଥିଲେ ସୁଦ୍ଧା ପଞ୍ଚାୟତ ସମିତି ବୈଠକ ଡକାଯାଇ ନ ଥିବାରୁ ବ୍ଲକ୍‌ରେ ଥିବା ୨୬ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ନିଜ ଅଞ୍ଚଳର ସମସ୍ୟା ଉପରେ ପ୍ରସ୍ତାବ ଦେଇପାରୁନାହାନ୍ତି। ଫଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଆଗେଇପାରୁ ନାହିଁ। ତେଣୁ ଯଥାଶୀଘ୍ର ବୈଠକ ଡାକିବା ପାଇଁ ଅଧ୍ୟକ୍ଷ ଓ ବିଡିଓଙ୍କୁ ସରପଞ୍ଚ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ନଚେତ୍ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ଜିଲା ସରପଞ୍ଚ ସଂଘ ସଭାପତି ସୁବୋଧ ରଣା, ଉପସଭାନେତ୍ରୀ ଅଞ୍ଜୁ କୁମାର ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ବିଡିଓ ପଦ୍ମନାଭ ପୁରୋହିତଙ୍କୁ ପଚାରିବାରୁ ସାଧାରଣ ନିର୍ବାଚନ ଥିଲା, ଆସନ୍ତା ଜୁଲାଇରେ ବୈଠକ ଡକାଯିବ ବୋଲି ପ୍ରକାଶ କରିଥିଲେ।

# ପିଇଓଙ୍କ ଜରିଆରେ ୱାର୍ଡ ପ୍ରତିନିଧିଙ୍କ ଦାବିପତ୍ର

**କୋକସରା,୨୯।୬ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

ଗ୍ରାମ ପଞ୍ଚାୟତ ସ୍ତରରେ ପ୍ରତି ୱାର୍ଡ଼ରେ ନିର୍ବାଚିତ ପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ବେଳେ ରାଜ୍ୟ ସରକାର ସେମାନଙ୍କ ଦାବି ପ୍ରତି ଅଣଦେଖା କରିଆସୁଛନ୍ତି। କଳାହାଣ୍ଡି ଜିଲା ସଂଘର ନିଷ୍ପତ୍ତି କ୍ରମେ ନୂତନ ସରକାରଙ୍କୁ ପୁଣିଥରେ ଦାବି ସମ୍ପର୍କରେ ଅବଗତ କରାଇବା ପାଇଁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ କୋକସରା ବ୍ଲକର ୨୨ ପଞ୍ଚାୟତରେ ସ୍ଥାନୀୟ ପିଇଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଉଛି। ଶନିବାର ଗୋତମୁଣ୍ଡା ଗ୍ରାମ ପଞ୍ଚାୟତର ୱାର୍ଡ଼ ପ୍ରତିନିଧି ୫ଦଫା ସମ୍ବଳିତ ଦାବିପତ୍ର ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାମୋଦର ବେମାଲଙ୍କୁ ପ୍ରଦାନ କରିଛନ୍ତି। ଗୋତମୁଣ୍ଡା ସରପଞ୍ଚ ପଦ୍ମିନୀ ପୂଜାରୀ ଉପସ୍ଥିତ ଥିଲେ। ପ୍ରମୁଖ ଦାବି ମଧ୍ୟରେ ୱାର୍ଡ଼ ପ୍ରତିନିଧିଙ୍କ ମାସିକ ଭତ୍ତା ୪୮୦ ଟଙ୍କାରୁ ୬ ହଜାରକୁ ବୃଦ୍ଧି, କାର୍ଯ୍ୟକାଳ ଶେଷ ପରେ ୨ ହଜାର ଟଙ୍କା ଭତ୍ତା ପ୍ରଦାନ, ଦୁର୍ଘଟଣା ଜନିତ ମୃତ୍ୟୁ ହେଲେ ୧୦ ଲକ୍ଷ ଓ ଶାରୀରିକ କ୍ଷତି ପାଇଁ ୫ ଲକ୍ଷ ଟଙ୍କାର ବୀମା ପ୍ରଦାନ ଆଦି ଅନ୍ୟତମ। ଦାବିପତ୍ର ପ୍ରଦାନ ସମୟରେ ନାଏବ ସରପଞ୍ଚ ପାର୍ଥିବ ମାଝି, ରାମେଶ୍ୱର ପୋଟା, ରୁକଧର କାଣ୍ଡ, ରସିକ ମାଝି, ଥବିର ଗୋପାଳ, ବାଲ୍ମିକି ନାଏକ, ନିରୂପମା ସୋରି, ହୀରାଦେଈ ମାଝି, ତୁମଲତା ମାଝି ପ୍ରମୁଖ ଉପସ୍ଥିତ ଥିଲେ।


ପିଇଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଉଛି।

# କୋକସରା ବ୍ଲକସ୍ତରୀୟ ଜନଶୁଣାଣି ଶିବିର



ଶିବିରରେ ଯୋଗଦେଇଥିବା ଅଧିକାରୀ।

**କୋକସରା,୨୯।୬ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ମହାରଣା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ନେହପ୍ରଭା ମାଝି, କୋକସରା ବିଏସ୍ଏ ଆଲୋକ କୁମାର ପ୍ରଧାନୀ, ଜୟପାଟଣା ବିଏସ୍ଏ ଜୟକୃଷ୍ଣ ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ବ୍ଲକ୍ ଯୋଗାଣ ନିରୀକ୍ଷକ ଜଗାରାମ ମୁର୍ମୁ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କିତ ତଥ୍ୟ ରଖିଥିଲେ। ପରେ ବ୍ଲକ୍‌ର ୨୨ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ଲକ୍‌ରେ ମୋଟ ୯ ହଜାର ୮୧ ପ୍ରକଳ୍ପ ଅନୁମୋଦନ ହୋଇଥିବା ବେଳେ ୪ ହଜାର ୧୬୨ଟି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ସେଥିରୁ ୯୬୧ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ସମୁଦାୟ ୧୭ ହଜାର ୫୫୯ ଜବ୍‌କାର୍ଡ ରହିଥିବା ବେଳେ ୨୧୮ ଜଣ ଜବ୍‌କାର୍ଡ ହିତାଧିକାରୀ ଶହେ ଦିନ ଶ୍ରମ ଦିବସ ପାଇଥିବା ସୂଚନା ମିଳିଛି। ଶିବିରକୁ କୋକସରା ଏପିଓ ସତିଶ ରଞ୍ଜନ ବେହେରା ସଂଯୋଜନା କରିଥିଲେ।

# ୱାର୍ଡ ସଭ୍ୟାସଭ୍ୟ ସଂଘ ପକ୍ଷରୁ ଦାବିପତ୍ର


ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କର୍ଲାମୁଣ୍ଡା,୨୯।୬(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ପଞ୍ଚାୟତ ୱାର୍ଡ ସଭ୍ୟାସଭ୍ୟ ସଂଘ ପକ୍ଷରୁ ବିଭିନ୍ନ ଦାବି ପୂରଣ ପାଇଁ ଶନିବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଟିକେରାମ ଛତ୍ରିଆ ଓ ସରପଞ୍ଚ ସ୍ୱର୍ଣ୍ଣ ଲତା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ ମାସିକ ୬ ହଜାର ଟଙ୍କା ଭତ୍ତା, ଅବସର ପରେ ୩ ହଜାର ଟଙ୍କା ଭତ୍ତା ପ୍ରଦାନ, ୱାର୍ଡ ସଭ୍ୟାସଭ୍ୟଙ୍କ ପରାମର୍ଶରେ ପାଣ୍ଠି ବିନିଯୋଗ, ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଲେ ୧୦ଲକ୍ଷ ଟଙ୍କା ଓ ଶାରୀରିକ କ୍ଷତି ଘଟିଲେ ୫ଲକ୍ଷ ଟଙ୍କା ସହାୟତା ଆଦି ଅନ୍ୟତମ। ଦାବିପତ୍ର ପ୍ରଦାନ ସମୟରେ କର୍ଲାମୁଣ୍ଡା ଗ୍ରାମ ପଞ୍ଚାୟତ ୱାର୍ଡ ସଭ୍ୟାସଭ୍ୟ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜୁଲାଇ ପହିଲାରୁ ଆରମ୍ଭ ହେବ ଜନଅଭିଯୋଗ ଶୁଣାଣି

**ବଲାଙ୍ଗୀର, ୨୯।୬ (ବୀରେନ୍ଦ୍ର କୁମାର ଝାଙ୍କର)**

**ବଲାଙ୍ଗୀର ଜିଲା ପ୍ରଶାସନର ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

ଚଳିତ ବର୍ଷ ସାଧାରଣ ନିର୍ବାଚନ ନିମନ୍ତେ ସ୍ଥଗିତ ଥିବା ଜନ ଅଭିଯୋଗ ଶୁଣାଣି ଶିବିର ଆସନ୍ତା ଜୁଲାଇ ପହିଲାରୁ ପୁଣି ଥରେ ଆରମ୍ଭ ହେବ। ସାଧାରଣ ପ୍ରଶାସନ ଏବଂ ଜନସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଏ ବାବଦରେ ସମସ୍ତ ଜିଲାପାଳଙ୍କୁ ପ୍ରଶାସନିକସ୍ତରରେ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯିବାକୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲାପାଳ ଓ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଜୁଲାଇ ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଜୁଲାଇ ମାସ ପ୍ରଥମ ସୋମବାର ୧ ତାରିଖ ପୂର୍ବାହ୍ନ ୧୦ଟା ୩୦ରେ ଗୁଡଭେଲା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଜୁଲାଇ ମାସ ଦ୍ୱିତୀୟ ସୋମବାର ୮ ତାରିଖ ପାଟଣାଗଡ଼ ବ୍ଲକ , ତୃତୀୟ ସୋମବାର ୧୫ ତାରିଖ ବଙ୍ଗୋମୁଣ୍ଡା ବ୍ଲକ, ମାସର ଚତୁର୍ଥ ସୋମବାର ୨୨ ତାରିଖ ଲୋଇସିଂହା ବ୍ଲକ ଏବଂ ପଞ୍ଚମ ତଥା ମାସର ଶେଷ ସୋମବାର ଅର୍ଥାତ୍ ୨୯ ତାରିଖ ଟିଟିଲାଗଡ ବ୍ଲକ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ବଲାଙ୍ଗୀରର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏବଂ ସମ୍ପୃକ୍ତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ମାନେ ଉପସ୍ଥିତ ରହି ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଧାର୍ଯ୍ୟ ତାରିଖ ଓ ସ୍ଥାନର ଜନ ଅଭିଯୋଗ ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡ ଅଞ୍ଚଳର ଜନସାଧାରଣ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଜଣାଇ ପାରିବେ।

# ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ



ସମାରୋହରେ ଅତିଥିଙ୍କ ସହ କୃତୀ ବିଦ୍ୟାର୍ଥୀ।

**ଜୁନାଗଡ଼,୨୯।୬(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍ ଚମେଲିଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତବର୍ଷ ବିଭିନ୍ନ ପରୀକ୍ଷାରେ କୃତୀ ବିଦ୍ୟାର୍ଥୀଙ୍କ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଭୁବନେଶ୍ୱର ବେହେରା ୟୁଥ୍ ଅର୍ଗାନାଇଜେଶନ, ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍, ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ, ଜୁନାଗଡ଼ ଶାଖା, ଶ୍ୟାମଜୀ ପରିବାର ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଅଧ୍ୟକ୍ଷା ପ୍ରିୟମଞ୍ଜରୀ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଜୁନାଗଡ଼ ତହସିଲଦାର ସୁର୍ମି ସୋରେନ ମୁଖ୍ୟ ଅତିଥି, ନେପାଳ ବାଗ ମୁଖ୍ୟବକ୍ତା ଓ ଏସ୍‌ବିଆଇ ଶାଖା ପରିଚାଳକ ଅନୁପ କୁମାର ଦାଶ, ଚମ୍ପକ ଅଗ୍ରୱାଲ, ଭାରତ ଭୂଷଣ ମୁଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ପ୍ରଶଂସନୀୟ ବୋଲି ବର୍ଣ୍ଣନା କରିଥିଲେ। ସମାରୋହରେ ବ୍ଲକ୍ ଅଧୀନ ସମସ୍ତ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର, ଟ୍ରଫି ସହ ପୁରସ୍କୃତ କରାଯାଇଥିଲେ। ଅଧ୍ୟାପକ ବିଶ୍ୱପତି ମୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବସନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ଲାଞ୍ଜିଗଡ,୨୯।୬(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅନ୍ତର୍ଗତ ବାତେରଲିମା ପଞ୍ଚାୟତ ତୁରିଗୁଡା ଗାଁର ଜଣେ ଯୁବକ ଶନିବାର ପଣସ ଗଛରୁ ପଡି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଲଛମନ ମାଝି (୨୮)। ସୂଚନା ଅନୁଯାୟୀ ତୁରିଗୁଡା ଗ୍ରାମର ଲଛମନ ଅପରାହ୍ନରେ ଗଛରେ ଚଢି ପଣସ ତୋଳୁଥିବା ବେଳେ ଗୋଡ ଖସିଯିବାରୁ ତଳକୁ ଖସିପଡିଥିଲେ। ପରିବାର ଲୋକେ ଘଟଣାସ୍ଥଳରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି।

# ଅସହାୟ ମହିଳାଙ୍କୁ ଆୟୁଷ ଡାକ୍ତରଙ୍କ ସହାୟତା

**ଖଡ଼ିଆଳ,୨୯।୬(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ କିରିକିଟା ଗ୍ରାମପଞ୍ଚାୟତ ଖଲିଆପଡ଼ା ଗ୍ରାମର ମମତା ମାଝି ସ୍ୱାମୀଙ୍କ ମୃତ୍ୟୁ ପରେ ୩ ସନ୍ତାନଙ୍କୁ ଧରି ଦୁର୍ବିଷହ ଜୀବନ ଅତିବାହିତ କରୁଛନ୍ତି। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଆୟୁଷ ଡାକ୍ତର ଅନ୍ନଦା ଶଙ୍କର ଦାଶ ସହାୟତାର ହାତ ବଢ଼ାଇଛନ୍ତି। ସେ ମମତାଙ୍କ ପାଇଁ ନୂତନ ବସ୍ତ୍ର, ପିଲାଙ୍କ ପାଇଁ ପୋଷାକ, ରାଶନ ସାମଗ୍ରୀ, ଛତା ଆଦି ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଖଡିଆଳ ବିଡିଓ ବୀରସେନ ବେହେରା ଗ୍ରାମକୁ ଯାଇ ମହିଳାଙ୍କୁ ୨୫ କେଜି ଚାଉଳ, ୨ କେଜି ଡାଲି ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ୩୫ କେଜି ଚାଉଳ ପ୍ରଦାନ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି।

# ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ଦେଲେ ପଦ୍ମଶ୍ରୀ ବାବା ବଳିଆ

**ଭବାନୀପାଟଣା,୨୯।୬ (ଉତ୍ତମ କୁମାର ଦାଶ)**


ଖବରଦାତା ସମ୍ମିଳନୀରେ ପଦ୍ମଶ୍ରୀ ବାବା ବଳିଆ।

ଶନିବାର ଭବାନୀପାଟଣାରେ ଏକ ଖବରଦାତା ସମ୍ମିଳନୀରେ ପଦ୍ମଶ୍ରୀ ବାବା ବଳିଆ ଭକ୍ତମାନଙ୍କୁ ସର୍ବନିମ୍ନ ୫ଗୋଟି ବୃକ୍ଷ ରୋପଣ, ମଦ୍ୟ ମାଦକତାରୁ ଦୂରେଇ ରହି ନିଜର ମା’ବାପା ଓ ଗରିବ ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଛନ୍ତି। ଗଣତନ୍ତ୍ରରେ ଦୁର୍ନୀତି ରୂପକ ରାକ୍ଷସ ଆଜି ଆମ ସମାଜର ପ୍ରଗତିକୁ ଅବରୋଧ କରୁଛି। ଧର୍ମ ନାମରେ ଅନ୍ଧବିଶ୍ୱାସ, କୁସଂସ୍କାରକୁ ନେଇ ବହୁ ସ୍ଥାନରେ ହିଂସା ଦେଖାଯାଉଛି। ଲୋକ ଉପକାର ନାମରେ ଧନ ସଞ୍ଚୟ, ସବୁଜିମା ପରିବର୍ତ୍ତେ କୋଠାବାଡି ନିର୍ମାଣ ଓ ପୂଜା ପାଠ ନାମରେ ଅଶ୍ଳୀଳ ନୃତ୍ୟ ଗୀତରେ ମଜ୍ଜି ରହି ଆମେ ଆମର ପ୍ରକୃତ ମଣିଷପଣିଆକୁ ଭୁଲିଯାଉଛୁ। ଗଣତନ୍ତ୍ରକୁ ନ ବୁଝିଲେ ଏମିତି ରାଷ୍ଟ୍ରଦ୍ରୋହି ହୋଇ ମଣିଷ ଚାଲିବ ଏବଂ ଧର୍ମକୁ ଅବୁଝା ହେଲେ ଜୀବନ ଓ ଜଗତ ଦୁଇଟି ଯାକ ଧ୍ୱଂସ ହୋଇଯିବ ବୋଲି ସେ ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭକ୍ତ କବିରାଜ ପଣ୍ଡା ସମେତ ବାବା ବଳିଆଙ୍କ ପରମ ଶିଷ୍ୟ ଆଶୀର୍ବାଦ ଜି ମହାରାଜ, ବିଦ୍ୟାଧର ସାହୁ, ବାବାଙ୍କ ସେବକ ମଧୁସୂଦନ ଦାସ, ସଞ୍ଜୟ ଦାସ, ଗୋପାଳ ଦାସ, ନରହରି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜନଶୁଣାଣି ଶିବିର ପ୍ରହସନ

**ଥୁଆମୂଳ ରାମପୁର,୨୯।୬(ଦୁର୍ଗା କୀର୍ତ୍ତି)**



ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭା ଗୃହଠାରେ ଶନିବାର ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, ଏଇଇ ଦିଲୀପ କୁମାର ପଟେଲ, ବ୍ଲକ ଜନଶୁଣାଣି କମିଟି ଅଧ୍ୟକ୍ଷ ମାଣିକ୍ୟ ଚନ୍ଦ୍ର ନାଏକଙ୍କ ସମେତ ୨୪ଗୋଟି ଗ୍ରାମପଞ୍ଚାୟତର ପିଇଓ, ସରପଞ୍ଚ, ସିଆର୍‌ପି, ଏମବିକେ, ଗାଁ ସାଥୀ ପ୍ରମୁଖ ଉପସ୍ଥିତ ଥିଲେ। ହେଲେ ଶିବିରକୁ କୌଣସି ହିତାଧିକାରୀ ଆସି ନ ଥିବାରୁ ଏହା ପ୍ରହସନ ପାଲଟିଛି ବୋଲି ଚର୍ଚ୍ଚା ହୋଇଥିଲା। ଓଡ଼ିଶା ସାମାଜିକ ସମୀକ୍ଷା ଉତ୍ତର ଦାୟିତ୍ୱ ସ୍ୱଚ୍ଛତା ସମିତି ଓଡିଶା ପକ୍ଷରୁ ଶିବିର ଆୟୋଜନ କରାଯାଇଥିବା ବେଳେ କାଣିଗୁମା ପଞ୍ଚାୟତର ଆକାଉଣ୍ଟାଣ୍ଟ କମ ଡାଟା ଏଣ୍ଟ୍ରି ଅପରେଟର ସରୋଜ କୁମାର ମୁଣ୍ଡଛିନା ଶିବିର ପରିଚାଳନା କରିଥିଲେ। ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ଜଣେ ବି ଅଭିଯୋଗ କାରୀ ଉପସ୍ଥିତ ରହି ନ ଥିବା ଦେଖିବାକୁ ମିଳିଥିଲା। ତେଣୁ ଏହା କାହା ସ୍ୱାର୍ଥରେ ବୋଲି ଆଲୋଚନା ହେଉଛି। ଏ ନେଇ ଜିଲା ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡଙ୍କୁ ପଚାରିବାରୁ ସେ କହିଲେ ଯେ, ଶିବିରକୁ ଆସିବା ପାଇଁ ଆମେ ମାସେ ପୂର୍ବରୁ ସମସ୍ତ ପଞ୍ଚାୟତକୁ ଚିଠି କରିଥିଲୁ। ହେଲେ କାହିଁକି ଆସିଲେ ନାହିଁ ତାହା କହିପାରିବୁ ନାହିଁ। ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

# ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କଲେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ

**ବରଗଡ଼, ୨୯।୬(ପ୍ରେମାନନ୍ଦ ଖମାରୀ)**



ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ସମେତ ବିଧାୟକ ଏବଂ ଅନ୍ୟମାନେ।

ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାରେ ସରକାରୀ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହି ଆସିଛି। ସରକାରୀ ଅଧିକାରୀମାନେ ଠିକ ଭାବେ କାର୍ଯ୍ୟ କଲେ ସରକାରୀ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଗରିବ ସାଧାରଣ ଲୋକଟିଏ କିଭଳି ଉପଯୁକ୍ତ ସେବା ଓ ନ୍ୟାୟ ପାଇପାରିବ, ସେଥିପାଇଁ ସମସ୍ତ ଅଧିକାରୀ ତୃଣମୂଳସ୍ତରରୁ ପଦକ୍ଷେପ ନେବା ନିତାନ୍ତ ଜରୁରୀ। ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଜିଲାର ତୃଣମୂଳସ୍ତରରୁ ଆରମ୍ଭ କରି ସମସ୍ତ ଜିଲା ସ୍ତରୀୟ ଅଧିକାରୀଙ୍କ ସକ୍ରିୟ ଏବଂ ସମନ୍ୱୟ କାର୍ଯ୍ୟଶୈଳୀକୁ ପ୍ରଶଂସା କରିବା ସହ ସାଧାରଣ ଲୋକ କିଭଳି ଉପଯୁକ୍ତ ନ୍ୟାୟ ଏବଂ ବିଭିନ୍ନ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି ଧ୍ୟାନ ଦେବାପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ବରଗଡ଼ଗସ୍ତରେ ଆସି ସମୀକ୍ଷା ବୈଠକରେ ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନର ସରକାର ଲୋକଙ୍କ ସରକାର। ତେଣୁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ଠିକ ସମୟରେ ସମାପ୍ତ ହେବା ଦରକାର ବୋଲି କହିବା ସହ ଜିଲାରେ ସାଂସଦ ଏବଂ ବିଧାୟକ ପାଣ୍ଠିର ସୁବିନିଯୋଗ କରିବା, ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ଠିକ ତଦାରଖ ସହ ଅଧାରେ ଅଟକି ରହିଥିବା କିମ୍ବା ଆରମ୍ଭ ହୋଇ ନ ଥିବା କାର୍ଯ୍ୟଗୁଡ଼ିକୁ ଅଗଷ୍ଟ ୧୫ ରୁ ୩୦ ସୁଦ୍ଧା ସମାପ୍ତ କରିବା ପାଇଁ ଜିଲାର ସମସ୍ତ ବିଡିଓ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ସ୍ଥାନୀୟ ସାଂସଦ ଏବଂ ବିଧାୟକ ଏହି କାର୍ଯ୍ୟରେ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ଦୀର୍ଘ ୭୫ ବର୍ଷ ପୂର୍ବେ ହୀରାକୁଦ ନଦୀବନ୍ଧ ଯୋଜନାରେ ବାସହୀନ ହୋଇଥିବା ସମସ୍ତ ପରିବାରର ଅନ୍ତତଃ ତୃତୀୟ ପିଢ଼ିକୁ ଜମିପଟ୍ଟା ପ୍ରଦାନ କରିବା ପାଇଁ ଜିଲାପାଳ ଏବଂ ସମସ୍ତ ତହସିଲଦାରଙ୍କୁ ମନ୍ତ୍ରୀ ପୂଜାରୀ ନିର୍ଦ୍ଦେଶ ଦେବା ସହ ଜିଲାର ସମସ୍ତ ଚାଷ ଜମିରେ ଜଳ ଯୋଗାଣକୁ ସୁନିଶ୍ଚିତ କରିବା, ଅଚଳ ଥିବା ଜଳ ଯୋଗାଣ ପ୍ରକଳ୍ପ ଏବଂ ନଳକୂପ ଗୁଡ଼ିକୁ ଯଥାଶିଘ୍ର କାର୍ଯ୍ୟକ୍ଷମ କରିବା, ସମସ୍ତ ରାସ୍ତାଘାଟ ଏବଂ ପୋଲ ଗୁଡ଼ିକର ଗୁଣାତ୍ମକ ନିର୍ମାଣ କାର୍ଯ୍ୟ ସୁନିଶ୍ଚିତ କରିବା, ଜିଲାର ବିଭିନ୍ନ ସ୍ଥାନରେ ଥିବା ବାଲି, ପଥର ଭଳି ପ୍ରାକୃତିକ ସମ୍ପଦର ବିକ୍ରି, ତଦାରଖ କରି ସେଗୁଡ଼ିକର ସୁବିନିଯୋଗ କରିବା ଓ ଉପରିସ୍ଥ ଅଧିକାରୀ ଏବଂ ପୋଲିସର ସହାୟତା ନେଇ ବାଲି, ପଥର ଚୋରି ରୋକିବା, ସମସ୍ତ ଘରେ ବିଜୁଳୀ ଏବଂ ଜଳ ଯୋଗାଣକୁ ସୁନିଶ୍ଚିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାର କୃଷି ଏବଂ କୃଷକଙ୍କ ଉନ୍ନତି ନିମନ୍ତେ ମୋହନ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ଆଗାମୀ ଖରିଫ ଋତୁ ପୂର୍ବରୁ ଜିଲାର ସମସ୍ତ ମାର୍କେଟ ୟାଡ଼ଠାରେ ପାନୀୟ ଜଳ, ଶୌଚାଳୟ ଏବଂ ଗୋଦାମ ଗୃହ ଭଳି ସର୍ବନିମ୍ନ ସୁବିଧା ଯୋଗାଇବା ଏବଂ ଧାନ ମଣ୍ଡିରେ ଦଲାଲି, କଟନିଛଟନିକୁ ବନ୍ଦ କରିବା ଲାଗି ଯୋଜନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜିଲାର ବିଭିନ୍ନ ସହରାଞ୍ଚଳରେ ସରକାରୀ ଜମିକୁ ଅସାଧୁ ବ୍ୟକ୍ତିମାନେ ଜବରଦଖଲ କରି ରଖିଥିବା ସଂକ୍ରାନ୍ତରେ ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା। ସମସ୍ତ ତହସିଲ ଅଞ୍ଚଳରେ କେତେ ସରକାରୀ ଜମି ଅସାଧୁ ବ୍ୟକ୍ତିଙ୍କ ଜବରଦଖଲରେ ରହିଛି। ସେ ସଂକ୍ରାନ୍ତରେ ସର୍ଭେ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟସ୍ୱ ମନ୍ତ୍ରୀ ପୂଜାରୀ ସମସ୍ତ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଏବଂ ମହତ୍ୱ କାର୍ଯ୍ୟକ୍ରମଗୁଡ଼ିକର ସୁଫଳ କିଭଳି ଲୋକେ ତୃଣମୂଳ ସ୍ତରରେ ସହଜରେ ପାଇପାରିବେ, ସେଥିନିମନ୍ତେ କାର୍ଯ୍ୟ କରିବା ପାଇଁ ଗୁରୁତ୍ୱାରୋପ ଦେବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେବା ସହ ଉପସ୍ଥିତ ସମସ୍ତ ଅଧିକାରୀ ଧନ୍ୟବାଦ ଦେଇଛନ୍ତି। ସ୍ଥାନୀୟ ଜିଲା ପରିଷଦ ସମ୍ମିଳନି କକ୍ଷଠାରେ ଆୟୋଜିତ ଉକ୍ତ ସମୀକ୍ଷା ବୈଠକରେ ଜିଲାର ବରଗଡ଼ ବିଧାୟକ ଅଶ୍ୱିନୀ ଶଡଙ୍ଗୀ, ବିଜେପୁର ବିଧାୟକ ସନତ ଗଡତିୟା, ଅତାବିରା ନିହାର ମହାନନ୍ଦ ଏବଂ ଭଟଲି ଇରାଶିସ ଅଚାର୍ଯ୍ୟଙ୍କ ସମେତ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ୍ୱର ଶତପଥି ଉପସ୍ଥିତ ରହି ଜିଲାର ବିଭିନ୍ନ ସମସ୍ୟା ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କ ସହ ସମସ୍ୟାଗୁଡ଼ିକର ସମାଧାନ ବିଷୟରେ ଆଲୋଚନା କରିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ସମସ୍ତ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ମନ୍ତ୍ରୀଙ୍କୁ ସୂଚନା ପ୍ରଦାନ କରିଥିଲେ। ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମିନା, ପଦ୍ମପୁର ଅତିରିକ୍ତ ଜିଲାପାଳ ସି କୁଣାଲ ମୋତିରାମ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ବରଗଡ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ମଧୁଛନ୍ଦା ସାହୁ, ବରଗଡ ଉପଜିଲାପାଳ କୁମାର ନାଗଭୂଷଣ, ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡିଓ ଏବଂ ତହସିଲଦାର ବୈଠକରେ ଉପସ୍ଥିତ ରହି ନିଜ ବିଭାଗର କାର୍ଯ୍ୟ ଉପସ୍ଥାପନ କରିଥିଲେ।

**ସରକାରଙ୍କ ସମସ୍ତ ସେବା ତୃଣମୂଳସ୍ତରରେ ପହଞ୍ଚାଇବାକୁ ନିର୍ଦ୍ଦେଶ**

# କୃଷକ ସଙ୍ଗଠନ ପକ୍ଷରୁ ରାଜସ୍ୱ ମନ୍ତ୍ରୀଙ୍କୁ ସ୍ମାରକପତ୍ର



ମନ୍ତ୍ରୀଙ୍କୁ କୃଷକ ସଙ୍ଗଠନ ପକ୍ଷରୁ ଦାବିପତ୍ର ଦିଆଯାଉଛି।

**ସରଣ୍ଡା, ୨୯।୬(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଅଗ୍ରସେନ ଭବନ ଠାରେ ଶନିବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ପକ୍ଷରୁ ଚାଷ ଓ ଚାଷୀ ସମସ୍ୟାର ସମାଧାନ ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତାବିରା ଅଗ୍ରସେନ ଭବନଠାରେ ଚାଲିଥିବା ସମ୍ବର୍ଦ୍ଧନା ସଭାରେ ଅଂଶଗ୍ରହଣ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ବୁଗବୁଗା ଓ ଜହ୍ନାପଡ଼ା ମୌଜାରେ ଚକବନ୍ଦୀ ଆଇନ ଅନୁସାରେ (୨୨) ଧାରା ଜାରି ହୋଇ ନ ଥିବାରୁ ଫାଇନାଲ ପଟ୍ଟା ଏ ପର୍ଯ୍ୟନ୍ତ ଚାଷୀମାନଙ୍କୁ ପ୍ରଦାନ କରାଯାଇନାହିଁ। ଫଳରେ ଚାଷୀମାନେ ମାଲଗୁଜାରି, କୃଷିଋଣ, ଜମି ବିକ୍ରି, ଧାନ ବିକ୍ରି ତଥା ଜମି ରେକର୍ଡ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ହେଲେ ଫସଲ ବୀମା ଓ ଇନପୁଟ ସବସିଡି ପାଇଁ ଠିକ ସମୟରେ ଆକଳନ ସହ ଶୀଘ୍ର କ୍ଷତିପୂରଣ ବ୍ୟବସ୍ଥା, ଯୁଗ୍ମ ପଟ୍ଟା ଥିବା ଜମିର ମାଲ ଗୁଜାରୀ ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ଖଜଣା ନେବାର ବ୍ୟବସ୍ଥା କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି।

# ସାମ୍ବାଦିକ ସଂଘ କୋଠା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ

**ବରଗଡ଼, ୨୯।୬(ପ୍ରେମାନନ୍ଦ ଖମାରୀ)**

ନୂତନ ସରକାର ଗଠନ ହୋଇଛି। ଏହି ସରକାର ଉପରେ ଜନସାଧାରଣଙ୍କ ବହୁ ଆଶା, ଆକାଂକ୍ଷା ରହିଛି। ନୂତନ ସରକାରରେ ନୂଆ ଓଡ଼ିଶା ଗଠନ କରାଯିବାର ପ୍ରୟାସ କରାଯିବ। ଏହାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏଥିରେ ଜନସାଧାରଣ ସହଯୋଗର ହାତ ବଢ଼ାନ୍ତୁ ବୋଲି ଶନିବାର ବରଗଡ଼ ସାମ୍ବାଦିକ ସଂଘ ଉପର ମହଲା କୋଠା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ନିଶାମୁକ୍ତ ବାତାବରଣଯୁକ୍ତ ରାଜ୍ୟରେ ପରିଣତ କରାଯିବ ଏବଂ ବରଗଡ଼ ଜିଲାରୁ ଏହି ଅଭିଯାନ ଆରମ୍ଭ ହେବ ବୋଲି ମନ୍ତ୍ରୀ ପୂଜାରୀ ଘୋଷଣା କରିଥିଲେ।

ସେ ଆହୁରି କହିଥିଲେ, ରାଜ୍ୟକୁ ସମ୍ପୂର୍ଣ୍ଣ ବିକଶିତ କରିବାରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତଥା ଗଣମାଧ୍ୟମର ସହଯୋଗ ଅପରିହାର୍ଯ୍ୟ। ଏ ଦିଗରେ ଖବରଦାତାମାନେ ସହଯୋଗର ହାତ ବଢ଼ାଇବେ ଏବଂ ସମୟ ସମୟରେ ଉଚିତ୍ ପରାମର୍ଶ ଦେବେ ବୋଲି ମନ୍ତ୍ରୀ ପୂଜାରୀ ଆଶାବ୍ୟକ୍ତ କରିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ବରଗଡ଼ ସହରକୁ ସମୃଦ୍ଧ ଏବଂ ନିଶାମୁକ୍ତ ସହରଭାବେ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମସିଏଲ, ବୁର୍ଲାର ଜେନେରାଲ ମ୍ୟାନେଜର(ସିଏସଆର୍) ସଞ୍ଜୟ କୁମାର ସିହ୍ନା, ଡେପୁଟି ମ୍ୟାନେଜର(ସିଏସଆର) ଆଇନୁଲ ହୁଡ୍ଡା, ଡେପୁଟି ମ୍ୟାନେଜର ଅରବିନ୍ଦ ସାହୁ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ପାଣ୍ଡେ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସଭାପତି ସୁରେନ୍ଦ୍ର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘର ପୂର୍ବତନ ସଭାପତି ଶଙ୍କର ବଲ୍ଲଭ ମିଶ୍ର ମଞ୍ଚାସୀନ ଥିଲେ। ସଂଘର ଉପସଭାପତି ବିରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ଲାଞ୍ଜିଗଡ, ୨୯।୬(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅନ୍ତର୍ଗତ ବାତେରଲିମା ପଞ୍ଚାୟତ ଟୁଙ୍ଗିଗୁଡା ଗାଁର ଜଣେ ଯୁବକ ଶନିବାର ପଣସ ଗଛରୁ ପଡି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଲଛମନ ମାଝି (୨୮)। ସୂଚନା ଅନୁଯାୟୀ ଟୁଙ୍ଗିଗୁଡା ଗ୍ରାମର ଲଛମନ ଅପରାହ୍ନରେ ଗଛରେ ଚଢ଼ି ପଣସ ତୋଳୁଥିବା ବେଳେ ଗୋଡ ଖସିଯିବାରୁ ତଳକୁ ଖସିପଡିଥିଲେ। ପରିବାର ଲୋକେ ଘଟଣାସ୍ଥଳରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ।

# ସବ୍‌ଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ସୋହେଲା, ୨୯।୬(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲାରେ ଶନିବାର ସ୍ଥାନୀୟ ବରିଷ୍ଠ ଦେୱାନି ତଥା ସହାୟକ ଦୌରା ଜଜ କୋର୍ଟର ବିଚାରପତି ଅମିତ ସ୍ୱରୂପ ସେଠଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସୋହେଲା ଜଜ କୋର୍ଟର ବିଚାରପତି ଅମିତ ସ୍ୱରୂପ ସେଠଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭାପତି ସୁନୀଲ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ସଂଘର ସମ୍ପାଦକ ପ୍ରଫୁଲ୍ଲ ମିଶ୍ର, ବରିଷ୍ଠ ଓକିଲ ହାରାଧନ ବାଞ୍ଜି, ବିକ୍ରମ ପ୍ରଧାନ, ବିକାଶ ଭୋଇ, ଭୁବନେଶ୍ୱର ବାରିକ, ସୁଜ୍ଞାନ୍ତ ପାଣିଗ୍ରାହୀ, କ୍ଷମାନିଧି ନାୟକ, ଗୋଲକ ଗୁଣ୍ଡି, ବିହାରୀ ମେହେର, ଅମର ମହାନନ୍ଦ ପ୍ରମୁଖ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଗତ ୨୦୨୧ ମେ ୩ରେ ଉକ୍ତ କୋର୍ଟ ଉଦ୍‌ଘାଟନ ହୋଇଥିଲା। ପୂର୍ବରୁ ଏହି କୋର୍ଟରେ କାମ କରିବା ପାଇଁ ଲୋକେ ପଦମପୁରକୁ ଯିବାକୁ ପଡୁଥିଲା। ବିଚାରପତି ସେଠ ଏହି କୋର୍ଟର ପ୍ରଥମ ବିଚାରପତି ଭାବରେ ଯୋଗ ଦେଇଥିଲେ। ତାଙ୍କର ମୟୂରଭଞ୍ଜ ଜିଲାର କରଞ୍ଜିଆ କୋର୍ଟକୁ ବଦଳି ହୋଇଛି।



ବିଚାରପତି ଅମିତ ସ୍ୱରୂପ ସେଠଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ଅବସରରେ ଉପସ୍ଥିତ ଓକିଲ ସଂଘର କର୍ମକର୍ତ୍ତା।

# ପଞ୍ଚାୟତସ୍ତରୀୟ କୃଷକ ସଚେତନତା ଶିବିର



ସଚେତନତା ଶିବିରରେ ଉପସ୍ଥିତ କୃଷକ।

**ବରପାଲି, ୨୯।୬(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ବ୍ଲକ କୁମ୍ଭାରୀଠାରେ ଶନିବାର ଅମ୍ବରିଶ ସାହୁଙ୍କ ସଭାପତିତ୍ୱରେ ପଞ୍ଚାୟତସ୍ତରୀୟ କୃଷକ ସଚେତନତା ଶିବିର ମାର୍କେଟ ୟାଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ସଦସ୍ୟ ରମେଶ ମହାପାତ୍ର ଯୋଗଦେଇ ଚାଷୀଙ୍କର ବିଭିନ୍ନ ସମସ୍ୟା ଏବଂ ସମାଧାନ ଦିଗରେ ଆଲୋଚନା କରିଥିଲେ। ସଦ୍ୟ ସରିଥିବା ସାଧାରଣ ନିର୍ବାଚନରେ ନୂତନ ରାଜ୍ୟ ସରକାର ୩୧ ଶହ ଧାନ କୁଇଣ୍ଟାଲ ଦେବା ପାଇଁ ଘୋଷଣା କରିଥିଲେ ଏବଂ ପ୍ରଥମ ବୈଠକରେ କୃଷକମାନଙ୍କ ଉନ୍ନତି ପାଇଁ କୃଷକ ସମୃଦ୍ଧି ନୀତି ୧୦୦ ଦିନ ମଧ୍ୟରେ ଆଣି କୃଷକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବୁ କହୁଛନ୍ତି। କିନ୍ତୁ ଚାଷୀମାନେ ୩୧ ଶହ ଟଙ୍କା ଧାନ କୁଇଣ୍ଟାଲ ପାଇବାକୁ ହେଲେ ମଣ୍ଡି ଜରିଆରେ ଧାନ ବିକ୍ରି କରିବାକୁ ପଡିବ ବୋଲି ସଭାରେ ଆଲୋଚନା ହୋଇଥିଲା। ବିଗତ ବର୍ଷର ଫସଲ ବୀମା ଏବଂ ଇନପୁଟ ସବ୍‌ସିଡ୍ ପ୍ରସଙ୍ଗରେ ମଧ୍ୟ ସବିଶେଷ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ପରେ ସର୍ବସମ୍ମତ କ୍ରମେ କୁମ୍ଭାରୀ ପଞ୍ଚାୟତସ୍ତରରେ ଗୋଟିଏ କୃଷକ କମିଟି କରି ଚାଷୀଙ୍କ ହକ ଅଧିକାର ପାଇଁ ସଦାସର୍ବଦା ସଚେତନ ରହି ଲଢେଇ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଦିନିକିଆ ଶିବିରରେ ଆଞ୍ଚଳିକ କୃଷକ ସଙ୍ଗଠନ ବରପାଲି ସଭାପତି କାରଣ ସାହୁ, ନିରଞ୍ଜନ ପଧାନ ଏବଂ କୃଷ୍ଣଚନ୍ଦ୍ର ଭୋଇ, ଦିବାକର ବୁଧିଆ, ଡୋଲାମଣୀ ସାହୁ, ଅରୁଣ ପୂଝରୀ, ଭୁବନେଶ୍ୱର ଖମାରୀ, ଗୁଣନିଧି ପଧାନ, ଘନଶ୍ୟାମ ସାହୁ, ସୁରେନ୍ଦ୍ର ଭୋଇ, କୁମରମଣି ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଞ୍ଚଳର ଶହଶହ ଚାଷୀ ଶିବିରରେ ଯୋଗ ଦେଇଥିଲେ।

# ଗଞ୍ଜେଇ ଚାଲାଣ ମାମଲା: ୨ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ, ୨୯।୬(ଅଜିତ କୁମାର ବାରିକ)**

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ସରୋଜିନୀ ପତି ଶନିବାର ଏକ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ତା ୨୮।୧।୨୦୧୫ ରିଖରେ ବାଉଁଶୁଣୀ ଥାନା କର୍ଣ୍ଣପାଲି ଗ୍ରାମର ଟିକୁନ କର୍ଣ୍ଣଙ୍କ ଘରେ ଗଞ୍ଜେଇ ରଖାଯାଇଥିବା ସୂଚନା ପାଇ ବାଉଁଶୁଣୀ ଥାନା ପୋଲିସ ଚଢାଉ କରିଥିଲା। ଚଢାଉ ସମୟରେ ଟିକୁନଙ୍କ ଘରୁ ୧୨ ଗୋଟି ବସ୍ତାରେ ଥିବା ଗଞ୍ଜେଇ ପୋଲିସ ଜବତ କରିଥିଲା। ଏ ନେଇ ପୋଲିସ ଟିକୁନ ଓ ନିତ୍ୟାନନ୍ଦ କର୍ଣ୍ଣଙ୍କ ନାମରେ ମାମଲା ରୁଜୁ କରି ଗିରଫ କରିଥିଲା। ୧୨ ଗୋଟି ବସ୍ତାରୁ ୬୧୧ କିଲୋ ଗଞ୍ଜେଇ ଜବତ କରିବା ସହିତ ବାଉଁଶୁଣୀ ଥାନାରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ବିଚାର ପାଇଁ କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତିସମୟରେ ଏହି ମାମଲା ଅତିରିକ୍ତ ଜିଲା ଦୌରାଜଜ ତଥା ସ୍ପେଶାଲ ଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ ନମ୍ବର ୧୬/୧୫ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୨ ଜଣ ସାକ୍ଷୀ ଓ ଅଭିଯୁକ୍ତଙ୍କ ପକ୍ଷରୁ ଜଣେ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ପ୍ରମାଣ ଅଭାବରୁ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ନବ କୁମାର ମିଶ୍ର ଓ ପ୍ରିତମ ମିଶ୍ର ପରିଚାଳନା କରିଥିଲେ।

# ପାଇକମାଳ ବ୍ଲକ କୃଷି ଉପଦେଷ୍ଟା କମିଟି ବୈଠକ

**ପାଇକମାଳ, ୨୯।୬ (ବଡ଼ ଶତପଥି):**

ବରଗଡ ଜିଲା ପାଇକମାଳ ଜର୍ଜଗଡ଼ ସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ବ୍ଲକ କୃଷକ ଉପଦେଷ୍ଟା କମିଟିର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକ ସ୍ତରୀୟ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମତ୍ସ୍ୟ ସମ୍ପଦ ବିଭାଗର ଅଧିକାରୀମାନେ ଯୋଗଦେଇ ବିଭିନ୍ନ ଯୋଜନା ଉପରେ ସବିଶେଷ ଆଲୋଚନା କରିଥିଲେ। ପାଇକମାଳ ବ୍ଲକ କୃଷକ ଉପଦେଷ୍ଟା କମିଟିର ଚେୟାରମେନ ଯୋଗେନ୍ଦ୍ର ଭୋଇ ପାଇକମାଳ ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହା ଚାଷୀଙ୍କ ସହିତ ମିଶି ବିଭିନ୍ନ ଯୋଜନାର ସଫଳ ରୂପାୟନ କରିବା ପାଇଁ କୃଷି ଓ ଆନୁଷଙ୍ଗିକ ବିଭାଗର ଅଧିକାରୀମାନଙ୍କୁ କହିଥିଲେ। କୃଷି ଅଧିଦର୍ଶକ ଯୋଗେଶ୍ୱର ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପାଇକମାଳ ବ୍ଲକ କୃଷି ଅଧିକାରୀ ସୋମନାଥ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକୃତିପ୍ରେମୀଙ୍କୁ ଶିଶୁ ସାହିତ୍ୟ ସଂସଦର ସମ୍ବର୍ଦ୍ଧନା

**ବରଗଡ଼, ୨୯।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରାଣାପ୍ରତାପ ସ୍କୁଲଠାରେ ଭାରତୀ ଶିଶୁ ସାହିତ୍ୟ ସଂସଦର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରକୃତିପ୍ରେମୀ ଶ୍ରୀବତ୍ସ ଗଡ଼ତିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସଭାନେତ୍ରୀ ରେଣୁକା ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦିକା ଅନ୍ୱେଷା ମହାନନ୍ଦ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷୟିତ୍ରୀ ନିଲିମା ପ୍ରଧାନ, ଜ୍ୟୋସ୍ନା ତ୍ରିପାଠୀ, ସୁନୀତା ମିଶ୍ର, ଗୀତା ଜାଲ, ନନ୍ଦିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶିଶୁ ସାହିତ୍ୟ ସଂସଦର ସଦସ୍ୟା ଏସ. ଶୁଭଶ୍ରୀ, ସାଲିନି ସା, ରୁଚି ମାଝି, ଯୋଗେଶ୍ୱରୀ କୁମ୍ଭାର, ଛାତ୍ର ଦେବାନନ୍ଦ ସର୍ଭଙ୍ଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରକୃତିପ୍ରେମୀ ଶ୍ରୀବତ୍ସ ଗଡ଼ତିଆଙ୍କୁ ଭାରତୀ ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ଶିକ୍ଷକଙ୍କ ବଦଳି ବନ୍ଦ କରିବାକୁ ଦାବି

**ବରଗଡ଼, ୨୯।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ରହିଥିବା ସେବାଶ୍ରମ ସ୍କୁଲଗୁଡ଼ିକର ଶିକ୍ଷକମାନଙ୍କ ବଦଳି ହୋଇଛି। ତେବେ ଜିଲାର ବରପାଲି ବ୍ଲକ ଅନ୍ତର୍ଗତ ବାରଙ୍ଗପାଲି ସେବାଶ୍ରମ ସ୍କୁଲର ଶିକ୍ଷକ କଳ୍ପତରୁ ସାହୁଙ୍କ ବଦଳିକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତାଙ୍କ ବଦଳି ଆଦେଶକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏହି କ୍ରମରେ ଗ୍ରାମବାସୀ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଶିକ୍ଷକ ସାହୁଙ୍କ ଶିକ୍ଷାଦାନ ପ୍ରଣାଳୀ ବହୁତ ଭଲ ଏବଂ ସେ ସମୟାନୁବର୍ତ୍ତୀଭାବେ ଶିକ୍ଷାଦାନ କରି ଆସୁଛନ୍ତି। ଫଳରେ ଛାତ୍ରୀଛାତ୍ର ବିଦ୍ୟାଳୟରେ ଭଲ ଶିକ୍ଷାଦାନ ପାଉଛନ୍ତି। ତେବେ ତାଙ୍କ ବଦଳି ଆଦେଶ ସେମାନଙ୍କୁ ବ୍ୟଥିତ କରିଛି ବୋଲି ଗ୍ରାମବାସୀ କହିଛନ୍ତି। ଏହି ଦୃଷ୍ଟିରୁ ଶିକ୍ଷକ ସାହୁଙ୍କ ବଦଳି ଆଦେଶକୁ ବନ୍ଦ କରିବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସ୍ମାରକପତ୍ରରେ ସରପଞ୍ଚ ଅହଲ୍ୟା ସେଠଙ୍କ ସମେତ ସୁବାଷ ଭୋଇ, ଚୈତନ୍ୟ ପ୍ରଧାନଙ୍କ ସ୍ୱାକ୍ଷର ରହିଛି।



ବଦଳି ଆଦେଶ ବନ୍ଦ କରିବା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଚିକିତ୍ସିତ ଯୁବକ ମୃତ

ରାଉରକେଲା,୨୯।୬(ଦିନେଶ ମିଶ୍ର): ହାତିବାରୀ ଥାନା ଲୋହାରମୁଣ୍ଡା ଗ୍ରାମର ଜଣେ ଯୁବକଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତକ ହେଲେ କାବନା କୁଲୁ(୪୦)। ଶୁକ୍ରବାର ସନ୍ଧ୍ୟାରେ କାବନା ଘର ପାଖରେ ଥିବା ବିଲକୁ ଗାଈ ଚରାଇବାକୁ ଯାଇ ଫେରୁ ଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ହାତୀବାରୀ ଡାକ୍ତରଖାନା ଓ ପରେ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ଯୁବକ ମୃତ୍ୟୁ ଘଟିଛି।

### ମାର୍କେଟରୁ ୧୨ଏସି ପାଇପ୍ ଚୋରି

ରାଉରକେଲା, ୨୯।୬(ସଙ୍ଗୀତା ଜେନା): ଝିରପାଣି ଥାନା ଅନ୍ତର୍ଗତ କୋଏଲ ନଗର ଏନ୍ଏସି ମାର୍କେଟରେ ଲାଗିଥିବା ୧୨ଟି ଏସି ପାଇପ ଚୋରି ହୋଇଯାଇଛି। ଏ ନେଇ ମାର୍କେଟ କମିଟି ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ଦୋକାନ ଗୁଡ଼ିକ ବନ୍ଦ ହେବା ପରେ କେହି ଦୁର୍ବୃତ୍ତ ଉକ୍ତ ଏସି ପାଇପ ଗୁଡ଼ିକ କାଟିନେଇ ଫେରାର ହୋଇଯାଇଛନ୍ତି। ଶନିବାର ସକାଳେ ଦୋକାନୀ ମାନେ ଆସି ଏହା ଦେଖିବା ପରେ ଥାନାରେ ଅଭିଯୋଗ କରିଥିଲେ।

### ଟ୍ରକକୁ ହାଇଜାକ୍ କରିନେବା ସନ୍ଦେହରେ ଥାନାରେ ଅଭିଯୋଗ

ରାଉରକେଲା,୨୯।୬(ଦିନେଶ ମିଶ୍ର): ଏକ ପିଗ୍ଆଇରନ ଟ୍ରକକୁ କେହି ଦୁର୍ବୃତ୍ତ ହାଇଜାକ୍ କରି ନେଇଯାଇଥିବା ନେଇ ଟାଙ୍ଗରପାଲି ଥାନାରେ ଟ୍ରକ ମାଲିକ ଅଭିଯୋଗ କରିଛନ୍ତି। ଟାଙ୍ଗରପାଲି ପୋଲିସ(ନଂ.୧୨୬।୨୩)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବେଦବ୍ୟାସ ଅଞ୍ଚଳର ବିଶ୍ୱନାଥ ବାରୁଆ(୫୫)ଙ୍କ ଏମ୍ଏସ୍ ରାଜପଥ ରୋଡୱେ ନାମରେ ଏକ ଟ୍ରାନ୍ସପର୍ଟ ରହିଛି। ଏହି ଟ୍ରାନ୍ସପୋର୍ଟରେ ମାଲିକଙ୍କ ଗାଡିରେ ଆରଏସ୍‌ପିରୁ ୨୫ ମେଟ୍ରିକ ଟନ୍ ପିଗ୍ଆଇରନ୍ ଲୋଡ କରି ଝାରଖଣ୍ଡ ସ୍ଥିତ ଅଞ୍ଜଲି ସୂତାଷ୍ଟିଲ ପ୍ରାଇଭେଟ୍ ଲିମିଟେଡକୁ ପଠାଇବାର ଥିଲା। ଗତ ୧୭ ତାରିଖରେ ଡ୍ରାଇଭର ଅଜିତ ପାଣ୍ଡେ ଟ୍ରକ ଗାଡି ନମ୍ବର(ସିଜି-୧୦ଆର-୬୮୫୩) ଯୋଗେ ୨୫ଟନ ପିଗ୍ ଆଇରନ ଲୋଡ କରି ଝାରଖଣ୍ଡ ଅଭିମୁଖେ ବାହାରିଥିଲେ। ମାତ୍ର ଏହି ପିଗ୍ଆଇରନ୍ ରାଉରକେଲାରୁ ଯିବାର ପ୍ରାୟ ୨ସପ୍ତାହରୁ ଅଧିକ ବିତି ଯାଇଥିଲେ ମଧ୍ୟ ଆଜିଯାଏ ଗାଡି ଝାରଖଣ୍ଡରେ ପହଞ୍ଚି ନାହିଁ। ଏନେଇ ଟ୍ରାନ୍ସପୋର୍ଟ ମାଲିକ ବିଶ୍ୱନାଥ ଅଞ୍ଜନିସୂତାର ଷ୍ଟିଲ ମାଲିକଙ୍କୁ ୨୫ ମେଟ୍ରିକଟନ ପିଗ୍ଆଇରନ ପହଞ୍ଚିବା କଥା ପଚାରିବାରୁ ଏପର୍ଯ୍ୟନ୍ତ ତାଙ୍କ ପାଖରେ ଗାଡି ପହଞ୍ଚି ନ ଥିବା କଥା ଜାଣିବାକୁ ପାଇବା ପରେ ଅଜିତଙ୍କୁ ଫୋନ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସମ୍ପର୍କ ହୋଇନାହିଁ।

# ଥଇଥାନ ପରିବର୍ତ୍ତେ ହେଉଛନ୍ତି ସ୍ଥାନାନ୍ତର

ରାଉରକେଲା,୨୯।୬(ବିପ୍ଳବ ରଞ୍ଜନ ଦାଶ)

- ସମାଧାନ ନ ହେଲେ ରାସ୍ତା ଉପରେ ପରିବା ବିକ୍ରି କରିବାକୁ ଦେଲେ ଚେତାବନୀ
- ୧୮ବ୍ୟବସାୟୀଙ୍କ ସମସ୍ୟା ସମାଧାନ ତୁରନ୍ତ ହେବ କହିଲେ ଆର୍ଏମ୍ସି ଆୟୁକ୍ତ



ଥଇଥାନ ହୋଇ ନ ଥିବା ବ୍ୟବସାୟୀ।

ରାଉରକେଲା ସହରରେ ଥିବା ଦୈନିକ ବଜାରଗୁଡ଼ିକର ଉନ୍ନତୀକରଣ ପାଇଁ ମହାନଗର ନିଗମ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଉଛି। ହେଲେ ସେଠାରେ ଦୀର୍ଘ ବର୍ଷ ଧରି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଥଇଥାନ କରିବାରେ ବିଫଳ ହେଉଛି ଆର୍ଏମ୍ସି। ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ପାନପୋଷରେ ୨୦ ବର୍ଷ ଧରି ବ୍ୟବସାୟକରି ଆସୁଥିବା ୧୮ବ୍ୟବସାୟୀ। ବ୍ୟବସାୟୀଙ୍କ ଅଭିଯୋଗ ମୁତାବକ, ୨୦ବର୍ଷ ହେଲା ପାନପୋଷ ଦୈନିକ ବଜାରରେ ବ୍ୟବସାୟ କରୁଛୁ। ଆମକୁ ଥଇଥାନ କରିବା ପରିବର୍ତ୍ତେ ପ୍ରଶାସନ କେବଳ ସ୍ଥାନାନ୍ତର କରିଚାଲିଛି। ପ୍ରଥମେ ଆମେ ପାନପୋଷ ଦୈନିକ ବଜାରରେ ବେପାର କରୁଥିଲୁ। ପରେ ବଜାର ପିଣ୍ଡି ନିର୍ମାଣ ନାଁରେ ଆମକୁ ଅନ୍ୟତ୍ର ସ୍ଥାନାନ୍ତର କରାଗଲା। ପିଣ୍ଡି ନିର୍ମାଣ ପରେ ଥଇଥାନ କରାଯିବ ବୋଲି କୁହାଗଲା। ମାତ୍ର ପିଣ୍ଡି ନିର୍ମାଣ ହେବା ପରେ ମଧ୍ୟ ଆମମାନଙ୍କୁ ଥଇଥାନ କରାଗଲା ନାହିଁ। ପରେ ପାନପୋଷ ଦୈନିକ ବଜାର ଓ ଭେଣ୍ଡିଂ ଜୋନ୍‌ରେ ଥିବା ଅନ୍ୟ ଦୋକାନୀଙ୍କୁ ଥଇଥାନ କରିବା ନିମନ୍ତେ ଆର୍ଏମ୍ସିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୃହତ୍ ପାନପୋଷ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଚାଲିଲା। ୨୦୬ଜଣ ବ୍ୟବସାୟୀଙ୍କୁ ଦୋକାନ ଆବଣ୍ଟନ ପାଇଁ ନିର୍ଦ୍ଧାରିତ ହେଲା। ମାତ୍ର ଆମମାନଙ୍କୁ ଥଇଥାନ କରାଗଲା ନାହିଁ। ଏଥିସହ ଆମକୁ ଦୋକାନ ଆଲଟମେଣ୍ଟ ହେଉଛି ନା ବ୍ୟବସାୟ ପରିସର ଭିତ୍ତିଭୂମି ସୁଦୃଢ଼ କରାଯାଉଛି। ପ୍ରଚଣ୍ଡ ଖରାରେ ବ୍ୟବସାୟ କରିବା ସହ ବର୍ଷା ହେଲେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ବହୁ ସମୟରେ ଦୋକାନରୁ ଚୋରି ମଧ୍ୟ ହେଉଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗକୁ ରାଜରାସ୍ତା ଉପରେ ପନିପରିବା ସହ ମସଲା ସାମଗ୍ରୀ ରଖି ବିକ୍ରି କରିବେ ବୋଲି ବ୍ୟବସାୟୀ ସିଦ୍ଧେଶ୍ୱର ସାହୁ, ରାଜେଶ ସ୍ୱାଇଁ, ଉପେନ୍ଦ୍ର ସାହୁ ଓ ପିଙ୍କି ଦେବୀ ପ୍ରମୁଖ ଦାବି କରିଛନ୍ତି। ଏନେଇ ଆର୍ଏମ୍ସି ଆୟୁକ୍ତ ଆଶୁତୋଷ କୁଲକର୍ନୀଙ୍କୁ ପଚାରିବାରୁ, ବ୍ୟବସାୟୀଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ। ଏହାର ସତ୍ୟାସତ୍ୟ ତଦନ୍ତକରି ତୁରନ୍ତ ୧୮ବ୍ୟବସାୟୀଙ୍କୁ ଉପଯୁକ୍ତ ଥଇଥାନ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ରାଉରକେଲାରେ ଏମ୍ସ ସ୍ଥାପନା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି

ରାଉରକେଲା,୨୯।୬(ସଙ୍ଗୀତା ଜେନା)

ସାମାଜିକ ଅନୁଷ୍ଠାନ ରାଉରକେଲା ଜାଗରଣ ମଞ୍ଚ ସଭାପତି ତଥା ସାମାଜିକ କର୍ମୀ ଅମିତାଭ ସାମଲ ସହରରେ ଏମ୍ସ ସ୍ଥାପନା ପାଇଁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ସାମଲ ଉଲ୍ଲେଖ କରିଛନ୍ତି, ସହରରେ ଏମ୍ସ ସ୍ଥାପନା ପାଇଁ ସହରବାସୀ ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି। ରାଉରକେଲା ରାଜ୍ୟ ତଥା ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏଠାରେ ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ(ଏମ୍ସ) ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ଉଚିତ। ଝାଡଖଣ୍ଡ ଏବଂ ଛତିଶଗଡ଼ର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ରାଉରକେଲା ଉପରେ ନିର୍ଭରଶୀଳ। ତେଣୁ ଏହାର ଗୁରୁତ୍ୱକୁ ଅନୁଭବ କରି ତୁରନ୍ତ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ ବୋଲି ସାମଲ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଓ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାଏଙ୍କୁ ମଧ୍ୟ ଚିଠିର ଏକ ନକଲ ପଠାଇଛନ୍ତି।

## ସାମାନ୍ୟ ବର୍ଷାରେ କୃତ୍ରିମ ପୋଖରୀ ସାଜୁଛି ପାନପୋଷ କୃଷି ବିଭାଗ କାର୍ଯ୍ୟାଳୟ



ପାନପୋଷ କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖ ପରିସର କୃତ୍ରିମ ପୋଖରୀ।

ରାଉରକେଲା,୨୯।୬(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପାନପୋଷ କୃଷି ବିଭାଗ କାର୍ଯ୍ୟାଳୟ ଜିଲା କୃଷି ଓ କୃଷକଙ୍କ ମୁଖ୍ୟ ପ୍ରାଣକେନ୍ଦ୍ର। ପ୍ରତିମାସରେ କାର୍ଯ୍ୟାଳୟରେ ବିଭିନ୍ନ ବ୍ଲକର କୃଷି ଅଧିକାରୀ,ଯନ୍ତ୍ରୀ, ସୁପର-ଭାଇଜର,କୃଷକ ସାଥି,ମହିଳା ଚାଷୀଙ୍କୁ ନେଇ ଜିଲାସ୍ତରୀୟ ବୈଠକ ହୁଏ। ମାତ୍ର ପରିତାପର ବିଷୟ ସାମାନ୍ୟ ବର୍ଷା ହେଲେ କାର୍ଯ୍ୟାଳୟ ସମ୍ମୁଖ କୃତ୍ରିମ ପୋଖରୀ ପାଲଟୁଛି। ରାଉରକେଲା ଓ୍ୱାଟକୋ ପକ୍ଷରୁ ପାନପୋଷ କୃଷି ବିଭାଗ ଦେଇ ଯାଇଥିବା ପାଇପ ଲାଇନ ବ୍ୟବସ୍ଥା ସୁଦୃଢ଼ୀକରଣ ନ ହେବା ଯୋଗୁ ଏଭଳି ସମସ୍ୟା ଉପୁଜୁଥିବା ବିଭାଗ ପକ୍ଷରୁ କୁହାଯାଉଛି। ଏନେଇ ଅନେକଥର ପାନପୋଷ ପୂର୍ବତନ କୃଷି ଅଧିକାରୀ ରେଜିଜିୟସ ବେକ ଲିଖିତ ଭାବେ ଓ୍ୱାଟକୋ ଅଫିସକୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏନେଇ ଓ୍ୱାଟକୋ ପରିଚାଳକ ରାଜେନ୍ଦ୍ର କୁମାର ସେଠୀଙ୍କୁ ପଚାରିବାରୁ, ତୁରନ୍ତ ପାନପୋଷ କୃଷି ବିଭାଗରେ ପାଇପ ଲାଇନ ଜନିତ ସମସ୍ୟାର ଆକଳନ କରାଯିବା ସହ ସମାଧାନ କରାଯିବ ବୋଲି କହିଥିଲେ।

## ବିଧାୟକ ଦୁର୍ଗା ଚରଣଙ୍କ ହକି ଛାତ୍ରାବାସ ପରିଦର୍ଶନ



ବିଧାୟକଙ୍କ ସହ ହକି ଖେଳାଳିମାନେ।

ରାଉରକେଲା,୨୯।୬(ବିପ୍ଳବ ରଞ୍ଜନ ଦାଶ)

**ହକି ଛାତ୍ରାବାସରେ ଅନିୟମିତତା ନେଇ ବିଧାୟକଙ୍କ ନିକଟରେ ଅଭିଯୋଗ**

ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଶନିବାର ସହରର ରାଜ୍ୟ ହକି ଛାତ୍ରାବାସ ପରିଦର୍ଶନରେ ପହଞ୍ଚିଥିଲେ। ଛାତ୍ରାବାସ ବୁଲି ଦେଖିବା ସହିତ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରଙ୍କୁ ସାକ୍ଷାତ କରିଥିଲେ। ପରେ ବିଧାୟକ ହକି ଛାତ୍ରାବାସରେ ଚାଲିଥିବା ବ୍ୟାପକ ଅନିୟମିତତା ବିଷୟରେ ପିଲାଙ୍କ ଠାରୁ ଅବଗତ ହୋଇଥିଲେ। ଅନିୟମିତତା ଅଭିଯୋଗ ମୁତାବକ,୨୦୨୨ରେ ଆସାମ ବିଶ୍ୱ ବିଦ୍ୟାଳୟଠାରେ ଅନୁଷ୍ଠିତ ଅନ୍ତଃରାଜ୍ୟ ହକି କପ୍ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବାକୁ ୧୮ଜଣ ଛାତ୍ରୀମାନେ ଯାଇଥିଲେ ଏବଂ ଗୋଲ୍ଡ କପ୍ ମଧ୍ୟ ଲାଭ କରିଥିଲେ। ପ୍ରତ୍ୟେକଙ୍କୁ ୨୦ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ୯ ଜଣଙ୍କୁ କିଛି ଦିଆଯାଇ ନ ଥିବା ଜଣାପଡିଛି। ଏତଦ ବ୍ୟତିତ ଓଡିଶା ସରକାର ନିଜ ପାଣ୍ଠିରୁ ଅନ୍ତର୍ଜାତିକ ହକି ଖେଳ ଦେଖିବା ପାଇଁ ବିଦେଶକୁ ଅନ୍ୟ ରାଜ୍ୟ ଖେଳାଳିଙ୍କୁ ପଠାଉଥିବା ବେଳେ ଓଡିଶାର କାହାକୁ ସୁଯୋଗ ମିଳୁ ନ ଥିବା ଅଭିଯୋଗ କରିଥିଲେ। ଏଥିସହ ପିଲାଙ୍କୁ ମିଳୁଥିବା ମାସିକ ୮ଶହ ଟଙ୍କାର ଟ୍ୟଏଲେଟ୍ରିଙ୍ଗ ବାବଦୀୟ ରାଶି ମାତ୍ର ୮ଶହ ମିଳୁଥିବା ବେଳେ ଏହାକୁ ୧ହଜାର କରିବାକୁ ଅନୁରୋଧ କରିଥିଲେ। ନିମ୍ନମାନର କ୍ରୀଡା ଜୋତା ,କୀଟ, ହକି ଷ୍ଟିକ, ଗୋଲ କିପର ପେଡ ପ୍ରଦାନ ହେଉଥିବା ବେଳେ ଏହା ପିଲାଙ୍କ କ୍ରୀଡା ଦକ୍ଷତା ବୃଦ୍ଧିରେ ପ୍ରତିବନ୍ଧକ ସାଜୁଛି। ଅଭିଯୋଗ ଶୁଣି ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ପିଲାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ବିଧାୟକ କ୍ରୀଡା ଉପନିର୍ଦ୍ଦେଶକ ଅଭିଜିତ ମହାନ୍ତ,କ୍ରୀଡା ପ୍ରଶିକ୍ଷକ ବି.ଜେ କଡିଅପ୍ପା, ବରିଷ୍ଠ ହକି କୋଚ ପ୍ରଫୁଲ୍ଲ ତିର୍କୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ଏହି ପରିଦର୍ଶନରେ ବିଧାୟକଙ୍କ ସହିତ ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ବରିଷ୍ଠ ଭାଜପା ନେତା ଅକ୍ଷୟ ଦାଶ, ପୂର୍ବତନ ଭାରତୀୟ ହକି ଅଧିନାୟକ ପ୍ରବୋଧ ତିର୍କୀ ପ୍ରମୁଖ ସାମିଲ ଥିଲେ।

### ଓଭରବ୍ରିଜରେ ଲାଗିଲା ଷ୍ଟ୍ରିଟ୍ ଲାଇଟ୍, ସ୍ପିଡ୍‌ବ୍ରେକର

ରାଉରକେଲା,୨୯।୬(ଦିନେଶ ମିଶ୍ର)

**ଧରିତ୍ରୀ ପ୍ରଭାବ**

ବାସନ୍ତୀ କଲୋନୀ ରେଲୱେ ଓଭରବ୍ରୀଜ ଅବ୍ୟବସ୍ଥାକୁ ନେଇ ଧରିତ୍ରୀ ଖବର କାଗଜରେ ଗତ ୨୭ରେ ଖବର ପ୍ରସାରଣ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାଉରକେଲା ପିଡବ୍ଲୁଡି ଅଧିକାରୀ ମନୋଜ ମହାନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଆରଏମ୍ସିର ବିଦ୍ୟୁତ୍ ବିଭାଗ ଓ ପିଡବ୍ଲୁଡି ବିଭାଗର କର୍ମଚାରୀ ବ୍ରୀଜ ଉପରେ ଥିବା ସ୍ପିଡବ୍ରେକର ମରାମତି କରିବା ସହ ବିଭିନ୍ନ ଖୁଣ୍ଟରେ ଲାଗିଥିବା ଏଲ୍ଇଡି ଲାଇଟର ମରାମତି କରିଥିଲେ। ସେହିଭଳି ଗତିପଥ ସୂଚନା ଫଳକ ମଧ୍ୟ ମରାମତି କରାଯାଇଛି।

### ଗୋପବନ୍ଧୁ ପାଠାଗାରରେ ବୈକୁଣ୍ଠନାଥଙ୍କ ଶୋକସଭା

ରାଉରକେଲା,୨୯।୬(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଡ. ଗିରିଜା ଶଙ୍କର ଗୋସ୍ୱାମୀଙ୍କ ସଭାପତିତ୍ୱରେ ପାଠାଗାରର ସକ୍ରିୟ ସଦସ୍ୟ ବୈକୁଣ୍ଠନାଥ ସାହୁଙ୍କ ବିୟୋଗରେ ଏକ ଶୋକସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ବହୁ ସଦସ୍ୟ ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ସାହୁ ରିଜର୍ଭପୋଲିସରୁ ଅବସର ନେବା ପରେ ସେ ପୁରୁଣା ଛେଣ୍ଡରେ ବାସ କରିନିଜକୁ ସମାଜସେବାରେ ନିୟୋଜିତ କରିଥିଲେ। ଆୟୋଜିତ ଏହି ସଭାରେ ହରିହର ଶତପଥୀ, ଲକ୍ଷ୍ମଣନାଥ ଦାସ, ସବିତା ସାହୁ ସ୍ମୃତି ଚାରଣ କରିଥିଲେ।

### ଡମ୍ପର ଧକ୍କାରେ ହାଇଓ୍ୱା ଚାଳକ ମୃତ

ରାଉରକେଲା,୨୯।୬(ଦିନେଶ ମିଶ୍ର): ଚାନ୍ଦିପୋଷ ଥାନା ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏହି ସଡକ ଦୁର୍ଘଟଣାରେ ହାଇଓ୍ୱା ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜିତେଶ ନିଶାଡ(୪୫)। ସୂଚନାଯୋଗ୍ୟ, ବିଶ୍ରା ସ୍ୱାଇଁକଲୋନୀରେ ଜିତେଶ ପରିବାର ସହ ବାସ କରନ୍ତି। ଜିତେଶ ଏକ ଘରୋଇ ଟ୍ରାନ୍ସପୋର୍ଟରେ ଡ୍ରାଇଭର ଭାବେ କାମ କରି ନିଜର ପରିବାର ଭରଣପୋଷଣ କରନ୍ତି। ଶନିବାର ଜିତେଶ ହାଇଓ୍ୱା ନେଇ ବଣେଇ ଅଭିମୁଖେ ଯାଉଥିବା ସମୟରେ ହଠାତ ଚାନ୍ଦିପୋଷ ଛକ ଉପରେ ଏକ ଡମ୍ପର ସମ୍ମୁଖରୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚାନ୍ଦିପୋଷ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆରଜିଏଚ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ରୋଟାରୀ କ୍ଲବ୍ ଅଫ ରାଉରକେଲା ମାର୍ଭେଲ୍ସ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତଙ୍କ ଗହଣରେ ଅନ୍ୟମାନେ।

ରାଉରକେଲା,୨୯।୬(ଦିନେଶ ମିଶ୍ର)

ରାଉରକେଲା ହୋଟେଲ ମେଫେୟାର ପରିସରରେ ସଭାପତି ରୁଚିକା ଅରୋରାଙ୍କ ଅଧ୍ୟକ୍ଷତାରେ ରୋଟାରୀ କ୍ଲବ ଅଫ ରାଉରକେଲା ମାର୍ଭେଲ୍ସର ଉଦ୍‌ଘାଟନ ହୋଇଯାଇଛି। ଏଥିରେ ଡିଷ୍ଟ୍ରିକ୍ ଗଭର୍ଣ୍ଣର ରୋଟାରିୟାନ ମଞ୍ଜିତ ସିଂ ଆରୋରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ରୋଟାରିୟାନ ମନୋଜ ଅଗ୍ରୱାଲ, ନେହା ଗୟେଲ, ରୁଚିକା ଅରୋରା ମଞ୍ଚାସୀନ ଥିଲେ। ରୋଟାରୀ କ୍ଲବ ଅଫ ରାଉରକେଲା ମାର୍ଭେଲ୍ସର ବିଭିନ୍ନ ସଦସ୍ୟାମାନେ ଆଗକୁ କିଭଳି ସମାଜର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିପାରିବେ ସେନେଇ ମୁଖ୍ୟ ଅତିଥି ମଞ୍ଜିତ ସିଂ ଆରୋରା ମତ ପ୍ରକାଶ କରିଥିଲେ। ଏହି କ୍ଲବ ରାଉରକେଲା ରୋଟାରୀ କ୍ଲବର ୧୨ ତମ ସଂସ୍ଥାପନ। ରାଉରକେଲା ମାର୍ଭେଲ୍ସରେ ମହିଳାମାନଙ୍କ ପାଇଁ ଏହା ଏକ ଉର୍ଦ୍ଧିଷ୍ଟ କ୍ଲବ ହୋଇଥିବାବେଳେ ଏଥିରେ ସମ୍ପାଦକ ଭାବେ ନେହା ଗେୟଲ ଓ କୋଷାଧ୍ୟକ୍ଷ ରିତୁ ଲାଠ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ରୋଟାରିଆନ୍ ମଞ୍ଜିତ ସିଂ କ୍ଲବର ୨୦ ଜଣ ସଦସ୍ୟାଙ୍କୁ ସାର୍ଟିଫିକେଟ୍ ସହ ମୁମେଣ୍ଟମ୍ ପ୍ରଦାନ କରିଥିଲେ। ଏହି କ୍ଲବ ଜିଲାର ୧୦୧ ନମ୍ବର କ୍ଲବ ହୋଇଥିବାବେଳେ ରୋଟାରୀ କ୍ଲବ ମାର୍ଭେଲ୍ସ ରାଉରକେଲା ମିଡ୍ ଟାଉନ ରୋଟାରୀ କ୍ଲବ ଦ୍ୱାରା ପ୍ରଯୋଜିତ ରୋଟାରିୟାନଙ୍କ ଦ୍ୱାରା ସଂସ୍ଥାପିତ ହୋଇଛି। ସଭାରେ ରୋଟାରିୟାନ ଶ୍ରଦ୍ଧା ମହନ୍ତ ମଞ୍ଚପରିଚାଳନା କରିଥିଲେ। ଉଦଘାଟନୀ ଉତ୍ସବରେ ରୋଟାରିୟାନ ଭଗବାନ ପତି, ମଳୟ ମଣ୍ଡଲ, ରାକେଶ ଗୟେଲ, ଅଙ୍କିତ କାଡିଆ, ଗୌତମ ଶର୍ମା, ମନୋଜ ଅଗ୍ରୱାଲ, ପିତୁଲ ରାହୁଲ, ବିକାଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମଲେନ୍ଦ୍ରୀ କର, ମାଲିକା ଛାବ୍ରା, ନେହାସାମ ଅଗ୍ରୱାଲ, ରୋନି କୌର, ପଲକ ଆରିୟା, ସୀମା ଅଗ୍ରୱାଲ, ସଂଚିତ ଗୁପ୍ତା, ରିତୁ ଲାଠ୍, ନେହା ଅଗ୍ରୱାଲ, ଅମ୍ରିତା ବଂସଲ, ବିଦ୍ଧି ଗର୍ଗଙ୍କ ସହ କ୍ଲବର ସମସ୍ତ ସଦସ୍ୟା ପରିଚାଳନାରେ ସହଯୋଗ କରିଥିଲେ।

## ଆର୍ଏମ୍ସିରେ ଦାୟିତ୍ୱ ବେଶି କର୍ମଚାରୀ କମ୍

ରାଉରକେଲା,୨୯।୬(ସଙ୍ଗୀତା ଜେନା)



ଉଦିତନଗରସ୍ଥିତ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ।

**ଜଣେ କର୍ମଚାରୀଙ୍କ ଉପରେ ରହୁଛି ୩-୪ ଟି ଅତିରିକ୍ତ ପଦବୀ ଭାର**

୨୦୧୪ରେ ରାଉରକେଲା ମହାନଗର ନିଗମ(ଆର୍ଏମ୍ସି)ଭାବେ ମାନ୍ୟତା ଲାଭ କରିଥିଲା। ମହାନଗର ମାନ୍ୟତା ପରେ ଆର୍ଏମ୍ସି ଉପରେ ସହର ଓ ପାରିପାର୍ଶ୍ୱିକ ଅଞ୍ଚଳ ବିକାଶ, ନୂତନ କୋଠା ଏବଂ ବିଭିନ୍ନ ଯୋଜନା ପାଇଁ ଜମିର ବିକାଶ, ସହରର ଆର୍ଥିକ ବିକାଶ, ଘରୋଇ, ବାଣିଜ୍ୟ ଓ ଶିଳ୍ପକୁ ଜଳଯୋଗାଣ, ଅଗ୍ନିସୁରକ୍ଷା ପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା, ଜନସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ପରିମଳ ବ୍ୟବସ୍ଥା, ସହରରେ ସବୁଜିମା ବଜାୟ ରଖିବା ସହ ଉତ୍ତମ ପରିବେଶ ରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରିବା, ସହରରେ ବସବାସ କରୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ, ଭିନ୍ନକ୍ଷମ, ବରିଷ୍ଠ ନାଗରିକ, ତୃତୀୟ ଲିଙ୍ଗୀଙ୍କ ଥଇଥାନ ଓ ଆର୍ଥିକ ବିକାଶ ତଥା ସହରରେ ବସ୍ତି ଗୁଡ଼ିକର ଉନ୍ନତିକରଣ ଓ ଗରିବୀ ହଟାଇବା ପ୍ରମୁଖ ଦାୟିତ୍ୱ ନ୍ୟସ୍ତ ରହି ଆସିଛି। ଉକ୍ତ କାର୍ଯ୍ୟକୁ ସୁପରିଚାଳନା ପାଇଁ ବିଭିନ୍ନ ବିଭାଗ ରହିଛି। ଜେନେରାଲ ଏଷ୍ଟାବ୍ଲିଶମେଣ୍ଟ, ୱାର୍କ ସେକ୍ସନ, ଆକାଉଣ୍ଟସ୍, ଲିଗାଲ୍ ସେକ୍ସନ, ରେଭିନ୍ୟୁ ବା ହୋଲଡ଼ିଂ ଟ୍ୟାକ୍ସ, ପ୍ଲାନିଂ, ଅଡିଟ୍, ଜାତୀୟ ସହରିଜୀବିକା ମିଶନ(ଏନ୍‌ୟୁଏଲ୍ଏମ୍), ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ସେବା, ଆର୍‌ଟିଆଇ, ସାନିଟେସନ୍, ପେନସନ୍, ପ୍ରଧାନମନ୍ତ୍ରୀ ଆବାସଯୋଜନା, ଏସ୍‌ପିଏମ୍, ସ୍ୱଚ୍ଛ ଭାରତ ମିଶନ ସମେତ ୩୫ଟି ସେକ୍ସନ ରହିଛି। ଆର୍ଏମ୍ସି କମିଶନରଙ୍କ ଅଧିନରେ ଡେପୁଟି କମିଶନର, ଯୁଗ୍ମ କମିଶନର, ସହାୟକ କମିଶନର ସମେତ ୫ ଜଣ ବରିଷ୍ଠ ଅଧିକାରୀ ରହିଛନ୍ତି। ଏଥିରେ କାର୍ଯ୍ୟ ପରିଚାଳନା ପାଇଁ ଆର୍ଏମ୍ସିର ୭ଜଣ କର୍ମଚାରୀ ରହିଛନ୍ତି। ସେହିପରି ବିଭିନ୍ନ ସେକ୍ସନରେ ଡାଟା ଅପରେଟର(ଡିଓ) ୨୦ ଜଣ ରହିଛନ୍ତି। ଅନୁରୂପ ଭାବେ ଆର୍ଏମ୍ସିର ୪୦ଟି ୱାର୍ଡରେ ବିଭିନ୍ନ ଯୋଜନା ସରଳୀକରଣ ପାଇଁ ୪୦ ଜଣ ୱାର୍ଡ କୋର୍ଡିନେଟର( ଡବ୍ଲ୍ୟୁସି) ବା ୱାର୍ଡ ସଂଯୋଜକଙ୍କ ନିଯୁକ୍ତି ପାଇଁ ଚୂଡାନ୍ତ ଶେଷ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟଦେଶ ଜାରୀ କରାଯାଇନାହିଁ। ଯାହା ଫଳରେ ଉକ୍ତ ୪୦ ଜଣ ଡବ୍ଲ୍ୟୁସି ବାରମ୍ବାର କାର୍ଯ୍ୟାଳୟ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। ଏପରିକି ସେମାନଙ୍କୁ ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ କରାଯାଉ ବୋଲି ତତ୍କାଳୀନ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ନାୟକ ଗତ ମାର୍ଚ୍ଚ ମାସରେ ଆର୍ଏମ୍ସି କମିଶନରଙ୍କୁ ପତ୍ର ଲେଖିଥିଲେ। ଏନ୍‌ୟୁଏଲ୍ଏମ୍ ସେକ୍ସନରେ କାର୍ଯ୍ୟରତ ଜଣେ ଡିଓ କହିବା ଅନୁଯାୟୀ, ଦୀର୍ଘ ଦିନରୁ ଆର୍ଏମ୍ସିରେ କାର୍ଯ୍ୟ କରି ଆସୁଛି। ପୂର୍ବରୁ ଏହି ଚାକିରୀକୁ ସ୍ଥାୟୀ କରାଯିବ ବୋଲି ଆଶା କରାଯାଉଥିଲା। ହେଲେ ସମ୍ପ୍ରତି ଆଶା ମଉଳି ଯାଇଛି। ଆର୍ଏମ୍ସିରେ ପ୍ରତ୍ୟକ୍ଷ କର୍ମଚାରୀ କମ୍ ରହିଥିବା ବେଳେ ଡିଓ ମାନଙ୍କ ଭରସାରେ ଅଧିକାଂଶ କାର୍ଯ୍ୟ ସମ୍ପାଦନ ହେଉଛି ବୋଲି ଉକ୍ତ ଡିଓ କହିଥିଲେ। ସେହିପରି ଆର୍ଏମ୍ସିର ଜଣେ ବରିଷ୍ଠ କର୍ମଚାରୀଙ୍କ କହିବା ଅନୁସାରେ, କାର୍ଯ୍ୟାଳୟରେ କାମ ଦିନକୁ ଦିନ ଭାର ବୃଦ୍ଧି ପାଉଛି। କନିଷ୍ଠ କିରାଣୀ ୧୩ ଜଣ ଆବଶ୍ୟକ ଥିବା ସ୍ଥଳେ ମାତ୍ର ୩ ଜଣ କାର୍ଯ୍ୟରତ ଅଛନ୍ତି। ସେହିପରି ବିଭିନ୍ନ ବିଭାଗରେ ବରିଷ୍ଠ କିରାଣୀ ୯ ଜଣ ଦରକାର ଥିବାବେଳେ ମାତ୍ର ୨ ଜଣ କାର୍ଯ୍ୟ କରୁଛନ୍ତି। ଏପରିକି ଜଣେ ପଦବୀ ଉପରେ ଅନୁନ୍ୟ ୩-୪ ଟି ଅତିରିକ୍ତ ପଦବୀ ଭାର ରହୁଛି। କାର୍ଯ୍ୟବୃଦ୍ଧି ସାଙ୍ଗକୁ ଅଧିକ କର୍ମଚାରୀ ଆବଶ୍ୟକ ପଡୁଛନ୍ତି। ଅତିରିକ୍ତ କାର୍ଯ୍ୟ ପାଇଁ ଆର୍ଏମ୍ସି ଆଉଟସୋର୍ସିଂ କରିଥିବା ଓମ୍ ସାରଳା ସିକ୍ୟୁରିଟି ଏଜେନ୍ସିରୁ ସହଯୋଗ ନିଆଯାଇଥାଏ ବୋଲି ଉକ୍ତ ବରିଷ୍ଠ କିରାଣୀ କହିଥିଲେ। ଡେପୁଟି କମିଶନର ପଲ୍ଲବୀ ନାୟକଙ୍କୁ ପଚରାଯିବାରୁ, ଡବ୍ଲ୍ୟୁସି ମାନେ ଆଲୋଚନା କରିବାକୁ ଆସିଥିଲେ। ଏ ବାବଦରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଯାହା ନିର୍ଦ୍ଦେଶ ଆସିବ ତାହା ପାଳନ କରାଯିବ ବୋଲି ଡେପୁଟି କମିଶନର ନାୟକ କହିଥିଲେ।

## ସଂକ୍ଷେପରେ

### ଲିଙ୍ଗ ନିରୂପଣ ଆଇନ ପରାମର୍ଶଦାତା, ଟାସ୍କଫୋର୍ସ କମିଟି ବୈଠକ

ସମ୍ବଲପୁର,୨୯।୬(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଅତିରିକ୍ତ ଜିଲାପାଳ(ରାଜସ୍ୱ)ଙ୍କ ପ୍ରକୋଷ୍ଠରେ ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ୧୯୯୪ ଜିଲା ପରମର୍ଶଦାତା କମିଟି ଓ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶନିବାର ଅନିଷ୍ଠିତ ବୈଠକରେ ଗୋଟିଏ ନୂତନ ଅଲଟ୍ରା ସାଉଣ୍ଡ କ୍ଲିନିକର ପଞ୍ଜୀକରଣ ଓ ଦୁଇଟି ଅଲଟ୍ରା ସାଉଣ୍ଡ କ୍ଲିନିକର ନବୀକରଣକୁ ଅନୁମୋଦନ କରାଯାଇଥିଲା। ବୈଠକରେ ଜିଲାର ଲୈଙ୍ଗିକ ଅନୁପାତକୁ ସନ୍ତୁଳନ ବଜାୟ ରଖିବା ତଥା ଏହା ସହିତ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଜିଲାରେ କନ୍ୟାଲିଙ୍ଗ ଅନୁପାତ ବୃଦ୍ଧି ପାଇଁ ଏକ ସଚେତନ ଅଭିଯାନ ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଭରତ ଚନ୍ଦ୍ର ଦାଶ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ବ୍ୟାସଦେବ ହୋତା, ଶିଶୁ ରୋଗ ବିଶେଷଜ୍ଞ ଡା. ମଦନ ମୋହନ ତ୍ରିପାଠୀ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୁମନ ସିଂ, ଜିଲା ସମାଜ କଲ୍ୟାଣ ଅଧିକାରୀ ଝୁନୁ ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୁମାରୀ ସଞ୍ଜୁକ୍ତା କୁଲୁ, ଡିପିଏମ୍ ମୌସୁମୀ ମିଶ୍ର ଡ଼ିପିଏମ ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ସହକାରୀ ପରିଚାଳକ (ଆଇନ ବ୍ୟାପାର) ବୁଧ ରଞ୍ଜନ ଭୋଇ ତଥ୍ୟ ଉପସ୍ଥାପନ କରିଥିଲେ।

### ନମୁନା ସର୍ବେକ୍ଷଣ ବିଭାଗ ପାଳିଲା ଜାତୀୟ ପରିସଂଖ୍ୟାନ ଦିବସ

ସମ୍ବଲପୁର,୨୯।୬(ପ୍ରମୋଦ ବହିଦାର)

ଜାତୀୟ ନମୁନା ସର୍ବେକ୍ଷଣ ବିଭାଗ କ୍ଷେତ୍ରୀୟ ଶାଖା ଆନୁକୂଲ୍ୟରେ ଶନିବାର ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ବିଭାଗୀୟ ଉପନିର୍ଦ୍ଦେଶକ ରାହୁଲ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଡ. ବିଧୁଭୂଷଣ ମିଶ୍ର ଓ ମୁଖ୍ୟବକ୍ତା ଭାବେ ଆଇଆଇଏମ୍, ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ଯୋଗ ଦେଇଥିଲେ। ଉଭୟ ଅତିଥି ନୀତି ନିର୍ଦ୍ଧାରଣ ଓ ସଠିକ୍ ନିର୍ଣ୍ଣୟ କ୍ଷେତ୍ରରେ ତଥ୍ୟର ଆବଶ୍ୟକତା ଓ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଯୋଗଦେଇ ପରିସଂଖ୍ୟାନ ବିଭାଗୀୟ ମୁଖ୍ୟ ଡ. ମୋନାଲି ପଟ୍ଟନାୟକ ଓ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁ ତଥ୍ୟର ପ୍ରାଧାନ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ କୁଇଜ୍ ଓ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସହକରୀ ପ୍ରଫେସର ଡ. ଉମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



**ଘରେ ଗ୍ୟାସ ନାହିଁ:** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଦୁର୍ଗାପାଲି ଖଡିଆପଡାର ମହିଳାମାନେ ଲକ୍ଷ୍ମୀଡୁଙ୍ଗୁରୀ ଅଞ୍ଚଳରୁ ଶୁଖିଲା କାଠ ସଂଗ୍ରହ କରି ଘରକୁ ଫେରୁଛନ୍ତି।

## ଭରସା ପରିବାର ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର,୨୯।୬(ପ୍ରମୋଦ ବହିଦାର)

ଭରସା ପରିବାର ପକ୍ଷରୁ ଶନିବାର ବୁର୍ଲା ଭିମସାର ରକ୍ତଭଣ୍ଡାର ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଥାଲେସେମିଆ ଓ ସିକିଲସେଲ ରୋଗୀଙ୍କ ରକ୍ତର ଆବଶ୍ୟକତା ପୂରଣ ପାଇଁ ଭରସା ପରିବାରର ମୁଖ୍ୟ ନିହାଲ ସିଂଙ୍କ ନେତୃତ୍ୱରେ ଏହି ଜରୁରୀକାଳୀନ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ପଦ୍ମଶ୍ରୀ ଡକ୍ଟର ଜିତେନ୍ଦ୍ର ହରିପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଏଥିରେ ଭିମସାର ରକ୍ତଭଣ୍ଡାର ଅଧିକାରୀ ଡା. ରାଧାମୋହନ ଘଡ଼େଇଙ୍କ ସହିତ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତଦାନ ଶିବିରୁ ପରିଚାଳନା କରିଥିଲେ। ସେବା ସଙ୍ଗଠନ ସଭାପତି ଡ. ଦୀପକ ପାଣ୍ଡେ, ସମାଜସେବୀ ମେଘନାଦ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ମୋଟ ୧୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଭରସା ପରିବାର ପକ୍ଷରର ଶିବଶଙ୍କର ପ୍ରଧାନ, ମୋମିନା ଖାତୁନ, ଦୀପକ ପ୍ରଧାନ, ଶାନ୍ତି ମାଝି ପ୍ରମୁଖ ରକ୍ତଦନ ଶିବିର ଆୟୋଜନରେ ସହଯୋଗ କରିଥିଲେ।

## ପାଠକ ମନରକଥା ଲେଖକଙ୍କ ସୃଷ୍ଟିରେ ସ୍ଥାନିତ ହେଉ

ସମ୍ବଲପୁର,୨୯।୬(ବି.ଶଙ୍କର)

### ସମ୍ବଲପୁରୀ ବହିହାଟ ଉଦ୍‌ଘାଟିତ

- ପ୍ରଫେସର ଜୟଦେବ ଡନସନାଙ୍କୁ କଲମଶ୍ରୀ ସମ୍ମାନ
- ବହିହାଟ ଦ୍ୱାରା ସମ୍ବଲପୁରୀ ସାହିତ୍ୟ ପ୍ରଚାର ପ୍ରସାର ହେଉଛି

ସମ୍ବଲପୁର ସ୍ଥିତ କଲମ ପରିବାର ସମ୍ବଲପୁର ଓ ଚିପିଲିମା ଘଣ୍ଟି ସାହିତ୍ୟ ଘର ମିଳିତ ଆନୁକୂଲ୍ୟରେ ଦ୍ୱିତୀୟ ସମ୍ବଲପୁରୀ ବହିହାଟ-୨୦୨୪ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ)ପରିସରସ୍ଥ ଉପଯୋଗିତା କେନ୍ଦ୍ରରେ ଦୁଇଦିନିଆ କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ଏନ ନାଗାରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ବଲପୁରୀ ସାହିତ୍ୟର ପ୍ରଚାର ପ୍ରସାର ନିମନ୍ତେ ବହିହାଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳି କାର୍ଯ୍ୟକ୍ରମ ଆୟୋଜନରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସହଯୋଗ ନିଶ୍ଚିତ ଭାବରେ ରହିବ ବୋଲି ପ୍ରଫେସର ନାଗାରାଜୁ ମତବ୍ୟକ୍ତ କରିଛନ୍ତି। କଲମ ପରିବାର ସଭାପତି ଜୟକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସମ୍ପାଦକ କ୍ଷେତ୍ରମଣି ବିଭାର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ, ଯୋଗାଚାର୍ଯ୍ୟ ପ୍ରଫେସର ଜୟଦେବ ଡନସନାଙ୍କୁ କଲମଶ୍ରୀ ସମ୍ମାନ -୨୦୧୪ରେ ସମ୍ମାନିତ କରାଯାଇଥିଲା। ଉଦ୍‌ଘାଟନ ଉତ୍ସବରେ ପ୍ରଫେସର ଡନନସନାଙ୍କ କବିତା ସଙ୍କଳନ ସେତୁ, ଡ.ଦ୍ୱାରିକାନାଥ ନାୟକଙ୍କ ନିଜସ୍ୱ ସଂଳାପ(ଦ୍ୱିତୀୟ ସଂସ୍କରଣ) ଏବଂ ଡ. ପ୍ରିୟବ୍ରତ ପଣ୍ଡାଙ୍କ ଏ ବୁକ ଅନ ସମ୍ବଲପୁରୀ ହେଣ୍ଡଲୁମ୍ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ପ୍ରଦୀପ କୁମାର ପଣ୍ଡା, ମୁକ୍ତକଣ୍ଠ ପ୍ରଧାନ, ଡ. ଦ୍ୱାରିକାନାଥ ନାୟକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆବାହକ ତଫିଜୁଲ ହୋସେନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ କରିଥିବା ବେଳେ ଡ. ପ୍ରିୟବ୍ରତ ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ ସମ୍ବଲପୁରୀ ସାହିତ୍ୟରେ ଲେଖକ ପାଠକ ଓ ପ୍ରକାଶକଙ୍କ ମଧ୍ୟରେ ସମନ୍ୱୟ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ବକ୍ତାଭାବେ ଶଶାଙ୍କ ଶେଖର ପଣ୍ଡା, କୁମୁଦ ଚନ୍ଦ୍ର ଦାଶ, ଲକ୍ଷ୍ମୀ ନାରାୟଣ ହୋତା ଯୋଗଦେଇଥିଲେ। ବକ୍ତାମାନେ ବହି କିଣି ପଢ଼ିବା ଉପରେ ଗୁରୁତ୍ୱାରୋପ କରିବା ସହ ସମ୍ବଲପୁରୀ ଭାଷାର ସ୍ଥିତି ବର୍ତମାନ ଭଲ ରହିଛି। ସଂପ୍ରତି ପାଠକଙ୍କ ଅଭାବ ନାହିଁ। ବହି କଣିବାର ମାନସିକତା ବୃଦ୍ଧି ପାଇଲେ ସମ୍ବଲପୁରୀ ଭାଷାର ବ୍ୟାପକ ପ୍ରଚାର ପ୍ରସାର ହୋଇପାରିବ। ପାଠକଙ୍କ ମନର କଥା ଲେଖକଙ୍କ ସୃଷ୍ଟିରେ ସ୍ଥାନିତ ହେଲେ ରଚନାଟି ସଫଳ ହୋଇଥାଏ। ପାଠକ ମଧ୍ୟ ଲେଖାକୁ ଧୈର୍ଯ୍ୟର ସହ ପଢ଼ିବା ଉଚିତ। ତେଣୁ ଲେଖକ ସମାଜ ମୁହାଁ ହେଲେ ଲେଖା ସଫଳ ହୋଇଥାଏ ବୋଲି ଆଲୋଚକମାନେ ମତପ୍ରକାଶ କରିଛନ୍ତି। ଡ. ପଦ୍ମାଳୟା ପଣ୍ଡା ସମ୍ବଲପୁରୀ ସାହିତ୍ୟ କଥା ପ୍ରବନ୍ଧ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଉପସଭାପତି ଡ.ସତ୍ୟନାରାୟଣ ଠାକୁର ସଂଯୋଜନା କରିଥିଲେ। ତୃତୀୟ ପର୍ଯ୍ୟାୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଶ୍ନୋତ୍ତର ଲିଖିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ପ୍ରାୟ ୪୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରବିବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ଆୟୋଜକମାନେ ସୂଚିତ କରିଛନ୍ତି। ଅନନ୍ୟା ବେହେରା, ସ୍ୱୟଂ ପ୍ରକାଶ ପଣ୍ଡା, ତରଣୀସେନ ମୋହର, ସୁଧାଂଶୁ ଷଣ୍ଢ ପ୍ରମୁଖ ପରିଚଳନା କରିଥିଲେ। ଏହିଅବସରରେ ରେଡକ୍ରସ ପକ୍ଷରୁ ଖୋଲିଥିବା ମାଗଣା ପୁସ୍ତକ ଷ୍ଟଲରୁ ବହୁ ଛାତ୍ରୀଛାତ୍ରମାନେ ପାଠ୍ୟପୁସ୍ତକ ସଂଗ୍ରହ କରିଥିଲେ। ଉଦ୍‌ଯାପନୀ ଦିବସରେ ପ୍ରବନ୍ଧ ପାଠ, କବିତା ଆସର ସହିତ ବହିହାଟ ମଧ୍ୟ ସକାଳ ୧୦ ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ।



ସମ୍ବଲପୁରୀ ବହିହାଟ ଉଦଘାଟନୀ ଉତ୍ସବରେ ଅତିଥି ଓ ବକ୍ତାମାନେ।

## ପତଞ୍ଜଳି ଯୋଗ ସମିତି ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୨୯।୬(ପ୍ରମୋଦ ବହିଦାର)

### ସ୍ୱାସ୍ଥ୍ୟସେବାରେ ଯୋଗକୁ ସାମିଲ କରିବାକୁ ପ୍ରସ୍ତାବ

ସମ୍ବଲପୁର ସହଯୋଗ ନଗର ରାଧାକୃଷ୍ଣ ମନ୍ଦିର ପରିସରରେ ପତଞ୍ଜଳି ପରିବାର ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଭାରତ ସ୍ୱାଭିମାନ, ପତଞ୍ଜଳି ଯୋଗ ସମିତି, ଯୁବା ଭାରତ ଓ କିଷାନ ସେବା ସଂଘ ପକ୍ଷରୁ ମନ୍ତ୍ରୀ ଡ. ମହାଲିଙ୍ଗଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରେ ରାଧା କୃଷ୍ଣ ମନ୍ଦିର ପୂଜକ ମନ୍ତ୍ର ଉଚ୍ଚାରଣ ପୂର୍ବକ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ରାଧାକୃଷ୍ଣଙ୍କ ଯୁଗଳ ଦର୍ଶନ କରାଇଥିଲେ। ପତଞ୍ଜଳି ପରିବାର ସଦସ୍ୟମାନେ ଯୋଗକୁ ଅଧିକ ବ୍ୟାପକ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀଙ୍କୁ ନିବେଦନ କରଥିଲେ। ଯୁବା ପ୍ରଭାରୀ ନୀଳାମ୍ବର ସାହୁ ଯୋଗ ଓ ଆୟୁର୍ବେଦକୁ ସରକାର ଉପଯୁକ୍ତ ସ୍ଥାନ ପ୍ରଦାନ ପୂର୍ବକ ଏହାକୁ ସ୍ୱାସ୍ଥ୍ୟସେବାରେ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ। ରଞ୍ଜନ ବେହେରା ଭିମସାର ଓ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟରେ ଖାଲିଥିବା ସମସ୍ତ ପଦପଦବୀକୁ ଯଥା ଶୀଘ୍ର ପୂରଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ପତାଞ୍ଜଳି ପରିବାରର ଅନୁରୋଧ ରକ୍ଷା କରି ଯୋଗ କକ୍ଷକୁ ଆସିଥିବାରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗଙ୍କୁ ପତଞ୍ଜଳି କୃତଜ୍ଞତା ଜ୍ଞାପନ କରି ପରିବାରର ସମସ୍ତ ଯୋଗନିଷ୍ଠ ଭାଇଭଉଣୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ଆଗାମୀ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପତଞ୍ଜଳି ପରିବାରର ନିମନ୍ତ୍ରଣକୁ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱୀକାର କରି ଏଥିରେ ସାମିଲ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ମୁଖ୍ୟ ସଂଯୋଜକ ଗୋଲକ ବିହାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସମ୍ବର୍ଦ୍ଧନା ସଭାରେ ସମବେତ ପତଞ୍ଜଳି ପରିବାର ସଦସ୍ୟ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ନାକଟୀଦେଉଳ,୨୯।୬(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ଯାମୁଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଚନ୍ଦ୍ରମଣୀ ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ଯାମୁଯୋରୀ କ୍ଲଷ୍ଟରର ସିଆରସିସି ମନୋରଞ୍ଜନ ସେଠ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ ସାହୁ ଅତିଥିଭାବେ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁଙ୍କର ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କର ଅବସର ପରବର୍ତ୍ତୀ ଜୀବନର ମଙ୍ଗଳ କାମନା କରାଯାଇଥିଲା। ସହକାରୀ ଶିକ୍ଷକ ନିରୋଦ କୁମାର ଗଡ଼ତ୍ୟା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ବିଷ୍ଣୁ ଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟାସଦସ୍ୟ ଯୋଗ ଦେଇଥିଲେ।



ଅବସର ନେଇଥିବା ସହକାରୀ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ ଓ ଅନ୍ୟମାନେ।

## ସମଗ୍ର ଶିକ୍ଷା ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସମ୍ବଲପୁର,୨୯।୬(ବି.ଶଙ୍କର)

ସମ୍ବଲପୁର ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜିଲାସ୍ତରୀୟ ସାଧନା କର୍ମୀଙ୍କ ପାଇଁ ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଉଦ୍‌ଯାପିତ ହୋଇଯାଇଛି। ସାମାଜିକ ଲିଙ୍ଗଭିତ୍ତିକ ସମତା ଓ ପାଠ୍ୟକ୍ରମ ସଂଯୋଗୀକରଣ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷା ଗୀତାଞ୍ଜଳୀ ଭୋଇ, ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳ, ଉତ୍ତରାଞ୍ଚଳ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଲିଙ୍ଗଭିତ୍ତିକ ସମତା ବଳରେ ବିଦ୍ୟାଳୟସ୍ତରରେ ଏକ ବ୍ୟାପକ ସଚେତନତା ସୃଷ୍ଟିପୂର୍ବକ ଆମେ ଏକ ସୁନ୍ଦର ସମାଜ ଗଠନ କରିପାରିବା। ସେନେଇ ସମସ୍ତ ସ୍ତରରେ ଉଦ୍ୟମ ହେବା ନିହାତି ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସମସ୍ତ ସାଧନ କର୍ମୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ସମସ୍ତ ସରକାରୀ ବିଦ୍ୟାଳୟରେ ସାମାଜିକ ଲିଙ୍ଗଭିତ୍ତିକ ସମତା କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ଏକ ଅନବଦ୍ୟ ପ୍ରୟାସ। ଏହି କାର୍ଯ୍ୟକ୍ରମ ୮ ଅଗଷ୍ଟ, ୨୦୨୨ରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଆରମ୍ଭ କରାଯାଇଥିଲା। ସାମାଜିକ ଲିଙ୍ଗ ବିଷୟରେ ସକରାତ୍ମକ ମନୋଭାବ ଓ ଆଚରଣକୁ ପ୍ରୋତ୍ସାହିତ କରି ସମ୍ବେଦନଶୀଳ ନାଗରିକ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ବ୍ରେକଥ୍ରୁ ଟ୍ରଷ୍ଟ, ଜେ-ପାଲ-ସାଉଥ ଏସିଆ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସହଭାଗିତାରେ କାର୍ଯ୍ୟକାରୀ ହେଉଛି। ରାଜ୍ୟ, ଜିଲା ଓ ବ୍ଲକସ୍ତରରେ ସାଧନକର୍ମୀଙ୍କ ମାଧ୍ୟମରେ ସମସ୍ତ ବିଦ୍ୟାଳୟର ସାମାଜିକ ପାଠ ପଠାଉଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସାମାଜିକ ଲିଙ୍ଗଗତ ଅବଧାରଣା ଏବଂ ପାଠ୍ୟକ୍ରମ ଶିକ୍ଷାଦାନ ଉପରେ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମ ସମ୍ବଲପୁର ସମେତ ଓଡ଼ିଶାର ସମସ୍ତ ସରକାରୀ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟକାରୀ ହେବ। କାର୍ଯ୍ୟକ୍ରମର ପ୍ରଥମ ଦିନ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜୟଶ୍ରୀ ଦୋରା ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷଣକୁ ଶୁଭାରମ୍ଭ କରିଥିଲେ।ସାମାଜିକ ପାଠ ବହିରେ ଥିବା ସାମାଜିକ ଲିଙ୍ଗଗତ ସମତା ଆଧାରିତ ପଠ୍ୟକ୍ରମ ମାଧ୍ୟମରେ ଷଷ୍ଠରୁ ଦଶମ ଶ୍ରେଣୀର ବାଳିକା ଓ ବାଳକଙ୍କ ମଧ୍ୟରେ କେମିତି ସକରାତ୍ମକ ମନୋଭାବ ଓ ଆଚରଣ ସୃଷ୍ଟି କରାଯାଇପାରିବ ସେନେଇ ଦୋରା ଗୁରୁତ୍ୱାରୋପ କରିଥିଲେ। ବ୍ରେକଥ୍ରୁ ଟ୍ରଷ୍ଟର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଜ୍ଞାପାରମିତା ବସ୍ତିଆ ଓ ସୁଜାତା ମହାପାତ୍ର ପର୍ଯ୍ୟବେକ୍ଷକଭାବେ ଯୋଗ ଦେଇଥିଲେ। ସବିର କୁମାର ନାଥ, ଶ୍ରୀରୂପା ନାୟକ , ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ସମ୍ବଲପୁର ବାଳିକା ଶିକ୍ଷା ସଂଯୋଜକ ଅବିନାଶ ସାହୁ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ସାଧନା କର୍ମୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ବକ୍ତା।

### ସାମିଲ ହେଲେ ସାଧନା କର୍ମୀ

# ଅମଳ ପରେ ୬,୨୧୬ ଚାଷୀଙ୍କ ଧାନ ଉଭାନ

**ସୁବର୍ଣ୍ଣପୁର ଜିଲାରେ ରବି ଧାନ କିଣା**

**■ ପଞ୍ଜୀକରଣ କଲେ, ମଣ୍ଡିକୁ ଆଣିଲେନି**

ସୋନପୁର,୨୯।୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ମେ’ ୨୨ରୁ ରବି ଧାନ କିଣା ଆରମ୍ଭ ହୋଇଥିଲା। ୩୫ହଜାର ୫୮୦ଚାଷୀ ଧାନ ବିକ୍ରି କରିବା ପାଇଁ ନିଜ ଅଞ୍ଚଳର ପାକ୍ସ ଓ ଡବ୍ଲ୍ୟୁଏସ୍‌ଏଚ୍‌ଜିରେ ପଞ୍ଜୀକରଣ କରିଥିଲେ। ଚାଷୀଙ୍କ ନିକଟରୁ ଧାନ ସଂଗ୍ରହ ପାଇଁ ଜିଲାରେ ୧୦୪ଟି ମଣ୍ଡି ଖୋଲାଯାଇଥିଲା। ଜିଲାରେ ରବି ଧାନ କିଣା ଜୁନ୍ ୨୮ ତାରିଖ ସନ୍ଧ୍ୟାରେ ସରିଛି। ସରକାର ପୂର୍ବବର୍ଷର ଧାନ ସଂଗ୍ରହ ପରିମାଣକୁ ଦେଖି ପ୍ରଥମ ପର୍ଯ୍ୟାୟରେ ଜିଲାକୁ ୨୨ଲକ୍ଷ ୯୯ହଜାର ୭୯୫ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଥିଲେ। ତେବେ ମାତ୍ର ୨୦ଲକ୍ଷ ୩୨ହଜାର ୩୪୯ କୁଇଣ୍ଟାଲ ୬୦କିଲୋ ଧାନ ସଂଗ୍ରହ ହୋଇପାରିଛି, ଯାହା ଧାର୍ଯ୍ୟ ଲକ୍ଷ୍ୟଠାରୁ ୨ଲକ୍ଷ ୬୭ହଜାର ୪୪୬କୁଇଣ୍ଟାଲ କମ୍। ୨୯ ହଜାର ୩୬୪ ଜଣ ଚାଷୀ ସରକାରୀ ମଣ୍ଡିରେ ରବି ଧାନ ବିକ୍ରି କରିଛନ୍ତି।

୨୦୨୩-୨୪ ରବିଋତୁରେ ଜିଲାର ପ୍ରାୟ ୩୪ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ୩୫ହଜାର ୫୮୦ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଥିଲେ। ତେବେ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୨୯ ହଜାର ୩୬୪ ଜଣ ଚାଷୀ ରବି ଧାନ ବିକ୍ରୟ କରିଥିବା ବେଳେ ବାକି ୬ହଜାର ୨୧୬ ଜଣ ଚାଷୀଙ୍କ ଧାନ କୁଆଡେ ଗଲା ବୋଲି ପ୍ରଶ୍ନ ଉଠିଲାଣି। ପଞ୍ଜୀକୃତ ସମସ୍ତ ଚାଷୀଙ୍କ ନିକଟକୁ ଧାନ ବିକ୍ରି ପାଇଁ ଟୋକନ୍ ଆସିଥିଲା। ତେବେ ସମ୍ପୃକ୍ତ ଚାଷୀମାନେ ମଣ୍ଡିକୁ ଧାନ ଆଣି ନ ଥିବା ପ୍ୟାକ୍ସ ଓ ଡବ୍ଲ୍ୟୁଏସ୍‌ଏଚ୍‌ଜି ପକ୍ଷରୁ କୁହାଯାଉଛି। କିଛି କ୍ରୟ କେନ୍ଦ୍ର ବିଳମ୍ବରେ ଖୋଲିବା, କଟ୍‌ନିଛଟ୍‌ନି ଓ ମଣ୍ଡି ଅବ୍ୟବସ୍ଥା ନେଇ ଏହି ଚାଷୀମାନେ ସେମାନଙ୍କ ଧାନ ଅସାଧୁ ବ୍ୟବସାୟୀଙ୍କୁ କମ୍ ମୂଲ୍ୟରେ ବିକ୍ରି କରିଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଜିଲା କୃଷକ ସଂଗଠନର ସଭାପତି ବୈକୁଣ୍ଠ ନାଥ ଶତପଥୀ କୁହନ୍ତି, ଚଳିତ ରବିରେ ଧାନ କ୍ରୟ ସୂଚାରୁରୂପେ ହୋଇନାହିଁ। ନାମକୁ ମାତ୍ର ଅଳ୍ପ କିଛି ମଣ୍ଡିରେ ମେ’ ୨୨ରେ ଧାନ କିଣାର ଶୁଭାରମ୍ଭ ହୋଇଥିଲା। ଅଧିକାଂଶ ମଣ୍ଡି ୭ରୁ ୧୦ ଦିନ ପରେ ଧାନ କିଣା ଆରମ୍ଭ କରିଥିଲେ। ବିଳମ୍ବରେ ଧାନ କ୍ରୟ, ମଣ୍ଡିକୁ ଧାନ ନ ଆସି କାଗଜପତ୍ରରେ ଧାନ କିଣା ଦର୍ଶାଇବା, ଭିତ୍ତିଭୂମି ନ ଥାଇ ରାଜନୈତିକ ଚାପରେ କ୍ରୟକାରୀ ସଂସ୍ଥା ଚୟନ ଓ ମଣ୍ଡି ଅବ୍ୟବସ୍ଥା ଯୋଗୁ ଧାନ କିଣାରେ ସ୍ୱଚ୍ଛତା ଅବଲମ୍ବନ କରାଯାଇନାହିଁ। ଚାଷୀଙ୍କ ନିକଟରେ ଟୋକନ୍ ଅଛି, ଅମଳ ହୋଇଥିବା ଧାନ ରହିଛି। ମାତ୍ର ୬ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି ବୋଲି ଶତପଥୀ କହିଛନ୍ତି। ନବ ନିର୍ମାଣ କୃଷକ ସଂଗଠନର ସୁବର୍ଣ୍ଣପୁର ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢୀ କହିଛନ୍ତି, ଜିଲାରେ ମଣ୍ଡି ଭିତ୍ତିଭୂମି ସୁଦୃଢ ହୋଇପାରିନି। ସମସ୍ତ ମଣ୍ଡିରେ ସିସି କ୍ୟାମେରା ନ ଲଗାଇ ପ୍ରଶାସନ ପକ୍ଷରୁ ଗଳାବାଟକୁ ପ୍ରଶ୍ରୟ ଦିଆଯାଉଛି। ମିଲର୍ସଙ୍କ ମର୍ଜିରେ ଧାନ କିଣା ହେଉଛି। କଟ୍‌ନି ନ ହେଲେ ଧାନ ଉଠୁନି। ଖୋଲା ଆକାଶ ତଳେ କିଛି ମଣ୍ଡିରେ ଧାନ କ୍ରୟ କରାଯାଉଛି। ଅଦିନିଆ ବର୍ଷାରେ ଧାନ ଭିଜି ଓଦା ହେବାର ଭୟ ଥିବାରୁ ଚାଷୀ ସେମାନଙ୍କ ଧାନକୁ କମ୍ ଦରରେ ମିଲର୍ସ ଓ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ବାଧ୍ୟ ହୋଇଛନ୍ତି। ସେହିପରି ଜିଲାରେ ୬ହଜାର ୨୧୬ଜଣ ପଞ୍ଜୀକୃତ ଚାଷୀ ଧାନ ବିକ୍ରି କରି ନ ପାରିବା ପ୍ରଶାସନର ପାରିବା ପଣିଆକୁ ପଦାରେ ପକାଇଛି ବୋଲି ଚାଷୀ ନେତା ରାଜେନ୍ଦ୍ର କୁମାର ନାୟକ କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ କୁହନ୍ତି, ଜିଲାରେ ସୁରୁଖୁରୁରେ ରବି ଧାନ କ୍ରୟ ହୋଇଛି। ଧାନ ବିକ୍ରି କରିଥିବା ଜିଲାର ୨୯ହଜାର ୨୮୫ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଏମ୍‌ଏସ୍‌ପି ବାବଦରେ ୪୪୨କୋଟି ୩୩ଲକ୍ଷ ୯ହଜାର ୧୧ଟଙ୍କା ମିଳିସାରିଲାଣି। ତେବେ ପଞ୍ଜୀକୃତ ଚାଷୀ ମଣ୍ଡିକୁ ଧାନ ନ ଆଣିବାରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ନ ଥିବା ପାଣିଗ୍ରାହୀ କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ଗିରଫ

ବାଉଁଶୁଣୀ, ୨୯।୬(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ବହିରା ନିକଟରୁ ଶନିବାର ସ୍ଥାନୀୟ ପୋଲିସ ୧୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶୁକ୍ରବାର ପଶ୍ଚିମବଙ୍ଗର ଦୁଇ ଜଣ ବ୍ୟକ୍ତି ଗଞ୍ଜେଇ ଚାଲାଣ କରୁଥିବା ସୂଚନା ପାଇ ବାଉଁଶୁଣୀ ଥାନା ପୋଲିସ ବହିରା ଛକ ନିକଟରେ ଛକି ରହିଥିଲା। ପଶ୍ଚିମବଙ୍ଗ ରାଜ୍ୟ ୨୪ ପ୍ରଗଣା ଜିଲାର ଛମଡ ମଣ୍ଡଳ ଓ ବସୁଦେବ ରାୟଙ୍କ ବ୍ୟାଗ ତନଖି କରିବାରୁ ୧୦ କେଜି ଗଞ୍ଜେଇ ଥିବା ଜଣାପଡିଥିଲା । ଏ ସମ୍ପର୍କରେ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ ହୋଇଥିବା ସବ ଇନ୍ସପେକ୍ଟର ବଳଭଦ୍ର ଗଣ୍ଡା ସୂଚନା ଦେଇଛନ୍ତି।

### ହସ୍ପିଟାଲରେ ଯୁବକଙ୍କ ମୃତଦେହ ଛାଡ଼ିଦେଲେ

**ପରେ ଜଣାପଡ଼ିଲା ମୃତ ଯୁବକଙ୍କ ଠିକଣା**

ବଲାଙ୍ଗୀର,୨୯।୬(ବୀରେନ୍ଦ୍ର କୁମାର ଝାଙ୍କର)

ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ୪ ଜଣ ଯୁବକ ଅନ୍ୟ ଜଣେ ଯୁବକଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଆଶୁ ଆରୋଗ୍ୟ ବିଭାଗକୁ ଆଣିଥିଲେ। ଯୁବକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚେତାଶୂନ୍ୟ ହୋଇଯାଇଥିବା ଡାକ୍ତରଙ୍କୁ କହିଥିଲେ। ଚେତାଶୂନ୍ଯ ଯୁବକଙ୍କ ଚିକିତ୍ସା ପାଇଁ ପଞ୍ଜୀକରଣ କେନ୍ଦ୍ରରୁ ଟିକେଟ ଆଣିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଏହା ପରେ ସେଠାରୁ ୪ ଯୁବକ ଟିକେଟ ଆଣିବାକୁ ଯାଇ ସେଠାରୁ କୁଆଡେ ଚାଲିଯାଇଥିଲେ। ଦୀର୍ଘ ସମୟ ପରେ ମଧ କେହି ନ ଆସିବାରୁ ସନ୍ଦେହ ଘନୀଭୂତ ହୋଇଥିଲା। ଡାକ୍ତର ଚୋତଶୂନ୍ୟ ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ବଲାଙ୍ଗୀର ହାତୀଶାଳପଡାର ପ୍ରଶାନ୍ତ ପରିହାଲ (୪୩) ବୋଲି ପରେ ଚିହ୍ନଟ କରାଯାଇଛି। କିଭଳି ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ହୋଇଛି ଜଣାପଡିନାହିଁ। ପରେ ଖବର ପାଇ ପରିବାର ଲୋକେ ହସ୍ପିଟାଲ ଆସିଥିବା ହସ୍ପିଟାଲ ଫାଣ୍ଡି ସୂତ୍ରରୁ ଜଣାପଡିଛି।

### କାର୍ଯ୍ୟକ୍ଷମ ହେଲା ବୁରୋଘାଟ ଜଳଯୋଗାଣ ପ୍ରକଳ୍ପ

**ବିଧାୟକଙ୍କ ହସ୍ତକ୍ଷେପରେ ଲାଗିଲା ଟ୍ରାନ୍ସଫର୍ମର**



ଅମରପାଲି,୨୯।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୁରୋଘାଟ ମହାନଦୀ ପଠା୍ରେ ଥିବା ଜଳଯୋଗାଣ ପ୍ରକଳ୍ପର ଟ୍ରାନ୍ସଫର୍ମର କିଛିମାସ ପୂର୍ବେ ପୋଡ଼ି ଯାଇଥିବାରୁ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡ଼ିଥିଲା। ବିଦ୍ୟୁତ୍‌ବିଭାଗ ବିଭିନ୍ନ ଆଳ ଦେଖାଇ ନୂତନ ଟ୍ରାନ୍ସଫର୍ମର ଲଗାଉ ନ ଥିବା ଅଭିଯୋଗ ହୋଇଆସୁଥିଲା। ଗତ ଶୁକ୍ରବାର ନବନିର୍ବାଚିତ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ବୁରୋଘାଟ ଗ୍ରାମକୁ ପରିଦର୍ଶନରେ ଯାଇଥିଲେ। ଗ୍ରାମବାସୀ ଜଳଯୋଗାଣ ପ୍ରକଳ୍ପ ଅଚଳ ଯୋଗୁ ପାନୀୟ ଜଳର ସମସ୍ୟା ଥିବା ଅଭିଯୋଗ କରିଥିଲେ। ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାରୁ ପ୍ରକଳ୍ପରୁ କେନ୍ଦୁପାଲି, ବୁରୋଘାଟ, କମଳପୁର, ଲୁମୁରଜେନା ଆଦି ଗ୍ରାମକୁ ଜଳଯୋଗାଣ ବନ୍ଦ ରହିଥିଲା। ଏ ନେଇ ଗ୍ରାମବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଜଗଦଲା ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଟ୍ରାନ୍ସଫର୍ମର ମରାମତି କରି ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭାଗୀୟ କର୍ମଚାରୀ ତତ୍ପରତା ପ୍ରକାଶ କରି ଟ୍ରାନ୍ସଫର୍ମର ଲଗାଇ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରିଥିଲେ। ଫଳରେ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା।

# ମତଦାନ ମାଧ୍ୟମରେ ସ୍କୁଲ କ୍ୟାବିନେଟ ଗଠିତ



ବାଗବର ସରକାରୀ ୟୁପି ସ୍କୁଲର ନୂତନ ମନ୍ତ୍ରିମଣ୍ଡଳ ଶପଥ କରୁଛନ୍ତି।

**ବାଗବର ସରକାରୀ ୟୁପି ସ୍କୁଲ**

ଅମରପାଲି,୨୯।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମତଦାନ ମାଧ୍ୟମରେ ଶନିବାର ସ୍କୁଲ କ୍ୟାବିନେଟ ଗଠିତ ହୋଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ବିଧି ବିଧାନ ଅନୁସାରେ ବିଦ୍ୟାଳୟର ମନ୍ତ୍ରିମଣ୍ଡଳ ଗଠନ ହୋଇଛି। ଏଥିରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ମତଦାତା ଭାବେ ମତଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର କାର୍ଯ୍ୟ ତୁଲାଇଥିଲେ। ଏଥିରେ ସ୍କୁଲର ଛାତ୍ରୀ ରିୟା ମହାକୁରଙ୍କୁ ମୁଖ୍ୟମନ୍ତ୍ରୀ ଓ ମହାବୀର ସେଠୀଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରାଯାଇଥିଲା। ସେହିପରି ବଳରାମ ପଣ୍ଡାଙ୍କୁ ଶିକ୍ଷା ମନ୍ତ୍ରୀ, ସାଗରିକା ଖଣ୍ଡାୟତଙ୍କୁ ଉପ ଶିକ୍ଷା ମନ୍ତ୍ରୀ, ସ୍ନେହାସିନୀ ସେଠୀଙ୍କୁ ଖାଦ୍ୟ ଓ ଶୃଙ୍ଖଳା ମନ୍ତ୍ରୀ, କ୍ରିଷ୍ଣାଦତ୍ତ ଦେହୁରିଙ୍କୁ ଉପ ଖାଦ୍ୟ ଓ ଶୃଙ୍ଖଳ ମନ୍ତ୍ରୀ, ତୁଳସୀ ସେଠୀଙ୍କୁ କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ, ସିତମ ସାହୁଙ୍କୁ ଉପ କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ, ତୃପ୍ତିମୟୀ ବଗର୍ତ୍ତିଙ୍କୁ ପରିବେଶ ମନ୍ତ୍ରୀ, ଉଜାଗର ମହାକୁରଙ୍କୁ ଉପ ପରିବେଶ ମନ୍ତ୍ରୀ, ପ୍ରାଚୀ ରଣାଙ୍କୁ ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀ, ବ୍ରଜରାଜ ମଲ୍ଲିକଙ୍କୁ ଉପ ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀ ଭାବେ ନିର୍ବାଚିତ କରାଯାଇଛି। ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା। ଶିକ୍ଷକ ପ୍ରଭୁଦତ୍ତ ବେଦୋକ୍ତ ଶପଥ ପାଠ କରାଇଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ ପ୍ରଧାନ ମନ୍ତ୍ରୀମାନଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ଦ୍ୱାରା ସ୍କୁଲର ଛାତ୍ରୀଛାତ୍ର ଗଣତନ୍ତ୍ର ମାଧ୍ୟମରେ କିଭଳି ନିର୍ବାଚନ ହୁଏ ସେଥିପ୍ରତି ଧାରଣା ହେବ ବୋଲି ପ୍ରଧାନ ଶିକ୍ଷକ ସାହୁ ପ୍ରକାଶ କରିଛନ୍ତି।

## ରଥଯାତ୍ରା ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ,୨୯।୬( ଅଜିତ କୁମାର ବାରିକ)

ରଥଯାତ୍ରା ପାଇଁ ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଗିତ କୁମାର ମୁନିଙ୍କ ଅଧ୍ୟକ୍ଷତାରେ ଥାନା ପରିସରରେ ଆୟୋଜିତ ଏହି ବୈଠକରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି,ବ୍ରାହ୍ମଣ ସମାଜ ଓ ଲକ୍ଷ୍ମୀନାରାୟଣ ପଣ୍ଡିତ ସଂଘର କାର୍ଯ୍ୟକର୍ତ୍ତା ଯୋଗଦେଇ ଶାନ୍ତି ଶୃଙ୍ଖଳାର ସହିତ ରଥଯାତ୍ରା ଆୟୋଜନ ନେଇ ନିଜ ନିଜର ମତପ୍ରକାଶ କରିଥିଲେ। ଠିକ୍ ସମୟରେ ଠାକୁରମାନଙ୍କ ପହଣ୍ଡି ନିତି ଆରମ୍ଭ,ତିନି ଠାକୁରଙ୍କୁ ରଥାରୁଢ କରାଇବା, ଶୃଙ୍ଖଳିତ ଦର୍ଶନ ବିଷୟରେ ଆଲୋଚନା କରାଯାଇଥିଲା। ରଥଯାତ୍ରା ଦିନ ସହର ମଧ୍ୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଦିନ ୧୨ ଘଣ୍ଟା ପରେ ବଡଦାଣ୍ଡରେ ଯାନବାହାନ ଚଳାଚଳ ଉପରେ ରୋକ ଲଗାଯିବା,ଶ୍ରଦ୍ଧାଳୁଙ୍କ ଯାନବାହାନ ପାଇଁ ଉପଯୁକ୍ତ ପାର୍କିଂ ବ୍ୟବସ୍ଥା,ପକେଟମାର ଓ ଅସାମାଜିକ କାର୍ଯ୍ୟାକଳାପ ଉପରେ ପୋଲିସ ପକ୍ଷରୁ ସତର୍କ ଦୃଷ୍ଟି ରଖାଯିବା ଉପରେ ଆଲୋଚନା କରାଯାଇଥିଲା। ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଜେନେରେଟର ଦ୍ୱାରା ଆଲୋକ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିପରି ଠାକୁରମାନଙ୍କ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ ସମୟରେ ଶୃଙ୍ଖଳିତ ଦର୍ଶନ ଓ ପ୍ରସାଦ ସେବନ ପାଇଁ ମଧ ଆଲୋଚନା କରାଯାଇଥିଲା। ବୈଠକରେ ମନ୍ଦିର ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ ମିଶ୍ର,କୋଷାଧ୍ୟକ୍ଷ ଆଶୁତୋଷ ମହାପାତ୍ର, ବ୍ରାହ୍ମଣ ସମାଜର ସଭାପତି ରାଜେନ୍ଦ୍ର କୁମାର ମିଶ୍ର, ସଂପାଦକ ଶମ୍ଭୁପ୍ରସାଦ ମିଶ୍ର, ଲକ୍ଷ୍ମୀନାରାୟଣ ପଣ୍ଡିତ, କମିଟି ପକ୍ଷରୁ ମାନଓ ମିଶ୍ର ପ୍ରମୁଖ ସାମିଲ ଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ନିତନ



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ସିନାପାଲି,୨୯।୬(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗତ ବୁଧବାରଠାରୁ ଅନୁଷ୍ଠିତ ହେଉଥିବା ସିନାପାଲି ସଙ୍କୁଳସ୍ତରୀୟ ଆଚାର୍ଯ୍ୟାଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ଏସ୍‌ବିଆଇ ଶାଖା ପରିଚାଳକ ଉତ୍କଳ ରଞ୍ଜନ ପ୍ରଧାନ, ମୁଖ୍ୟବକ୍ତା ଭାବରେ ସଂଭାଗ ସମ୍ପାଦକ ରୁଦ୍ରମାଧବ ବାରିକ ଓ ସମ୍ମାନିତ ଅତିଥି ଭାବରେ ଜିଲା ପ୍ରମୁଖ ଧବ ପାତ୍ର, ନନ୍ଦ କୁମାର ପାତ୍ର ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବରେ ସୁବ୍ରତ କୁମାର ଠାକୁର, ମୁଖ୍ୟବକ୍ତା ଅତୁଳ କୁମାର ପାତ୍ର ଓ ସମ୍ମାନିତ ଅତିଥି ଭାବରେ ବିଭାଗ ନିରୀକ୍ଷକ ନରୋତ୍ତମ ମିଶ୍ର ଉପସ୍ଥିତ ଥିଲେ। ବିଭିନ୍ନ ଦିବସରେ ଅତିଥି ଭାବରେ ବିଶିଷ୍ଟ ଆଇନଜୀବୀ ବୈଶମ୍ପାୟନ ମେହେର, ପର୍ଶୁରାମ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଅଜିତ ଯୋଷୀ, ଲଳିତ କୁମାର ସୁନାରୀ, ବିକାଶ ଖର୍ସେଲ ପ୍ରମୁଖ ଯୋଗଦେଇଥିଲେ।

## ସଂକୁଳସ୍ତରୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ

ଭବାନୀପାଟଣା,୨୯।୬(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଲାଜୀ ବିହାରଠାରେ ଗତ ୨୬ ତାରିଖରୁ ଚାଲିଥିବା ଭବାନୀପାଟଣା ସଂକୁଳସ୍ତରୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାକୁ ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ମୁଣ୍ଡ ଉଦ୍‌ଘାଟନ କରିଥିଲେ। ସଙ୍କୁଳ ପ୍ରମୁଖ ଅଶୋକ ସିଂଙ୍କ ଅଧ୍ୟକ୍ଷତାରେ ଏହା ଉଦ୍‌ଯାପିତ ହୋଇଥିଲା। ଏଥିରେ ୮ ଶିଶୁ ମନ୍ଦିରରୁ ୭୪ ଜଣ ଗୁରୁଜୀ ୬୨ ଜଣ ଗୁରୁମା ସାମିଲ ହୋଇଥିଲେ। ନୂତନ ଶିକ୍ଷାନୀତି, ଆକର୍ଷଣ ଶିକ୍ଷାଦାନ, ଉପକରଣ ପ୍ରୟୋଗ, ବାଟିକା ବିଭାଗ ଶିକ୍ଷାଦାନକୁ ଆକର୍ଷଣୀୟ କରିବା, ସ୍ମାର୍ଟ କ୍ଲାସ ମାଧ୍ୟମରେ ଶିକ୍ଷାଦାନ ଭଳି ଅନେକ ବିଷୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଯିବା ସହ ୨୦୨୪-୨୫ ଶିକ୍ଷାବର୍ଷରେ କିଭଳି ଏହାକୁ ଶ୍ରେଣୀ ପ୍ରକୋଷ୍ଠରେ କାର୍ଯ୍ୟକାରୀ କରାଯିବ ଏହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିପିନ ବିହାରୀ ମିଶ୍ର, କଳାହାଣ୍ଡି ବିଭାଗ ନିରୀକ୍ଷକ ଓ ଶିକ୍ଷା ବିକାଶ ସମିତିର ପ୍ରାନ୍ତ ପ୍ରଶିକ୍ଷଣ ସହ ସଂଯୋଜକ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ସଙ୍କୁଳ ସଂଯୋଜକ କୁଞ୍ଜ ବିହାରୀ ଦାଶ ଓ ପ୍ରଧାନ ଆଚାର୍ଯ୍ୟ ଦାଶରଥି ପଣ୍ଡା ତଥା ଅଶୋକ କୁମାର ସାହୁ, ବିଜୁ କୁମାର ସାହୁ, ଟିକଦେବ ସାହୁ, ମାନସ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟଶାଳାରେ ସାମିଲ ହୋଇଥିବା ଗୁରୁଜୀ,ଗୁରୁମା।

# ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା

ବଲାଙ୍ଗୀର,୨୯।୬(ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ଶିକ୍ଷା ବିକାଶ ସମିତି ବଲାଙ୍ଗୀର ପକ୍ଷରୁ ଆୟୋଜିତ ପୁଇଁତଲା ବ୍ଲକ୍ ମହୀମୁଣ୍ଡାଠାରେ ସଙ୍କୁଳ ସ୍ତରୀୟ ଆଚାର୍ଯ୍ୟଆଚାର୍ଯ୍ୟା କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି। ଏହି ପ୍ରଶିକ୍ଷଣ କର୍ମଶାଳାରେ ବଲାଙ୍ଗୀର ସଙ୍କୁଳର ୮ଟି ବିଦ୍ୟାଳୟର ଶିଶୁବାଟିକା ବିଭାଗରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟାପନା କରୁଥିବା ୧୫୫ ଜଣ ଆଚାର୍ଯ୍ୟଆଚାର୍ଯ୍ୟା ଯୋଗ ଦେଇଥିଲେ। ମହୀମୁଣ୍ଡା ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଗୋପୀନାଥ ବଗର୍ତ୍ତୀ ନୂତନ ଶିକ୍ଷାନୀତି-୨୦୨୦ର ଏନ୍‌ସିଏଫ୍-୨୦୨୩ର ରୂପରେଖ ଉପରେ ଆଲୋଚନା କରିଥିଲେ। ଏହି ଶିବିରରେ ଶାରୀରିକ ଶିକ୍ଷାରେ କିଶୋର କୁମାର ମଟାରୀ, ସଙ୍ଗୀତ ଶିକ୍ଷାରେ ଭାରତୀ ସାହୁ, ସଂସ୍କୃତ ଶିକ୍ଷାରେ ବନ୍ଦନା ପତି, ଯୋଗ ଶିକ୍ଷାରେ ସଞ୍ଜୟ ପୁରୋହିତ,ପ୍ରି ଭୋକେଶନାଲ୍ ଟ୍ରେନିଂରେ ତ୍ରିଲୋଚନ ଦାଶ୍, ସୁଲିଖନ ଅଭ୍ୟାସରେ ପ୍ରାନ୍ତ ନିରୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ଶ୍ରୀରାମ ଚରିତ ଉପରେ ଘନଶ୍ୟାମ ପ୍ରଧାନ ପ୍ରବଚନ ମୋଟ ୧୬ଟି କାଳାଂଶର ଅଭ୍ୟାସ ତଥା ଆଲୋଚନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହୀମୁଣ୍ଡା ସରପଞ୍ଚ ରଞ୍ଜିତା ଭୋଇ ଓ ମୁଖ୍ୟବକ୍ତା ଭାବେ ଚାରଭଟାର ବିଜ୍ଞାନ ଶିକ୍ଷକ କେଶବ ପଟେଲ ଯୋଗଦେଇ ଏହି କର୍ମଶାଳା ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶ୍ୱାମ୍ ଚେତନା ପରିଷଦ ସମ୍ପାଦକ ସ୍ୱାମୀ ସତ୍ୟ ବେଦାନନ୍ଦ ସରସ୍ୱତୀ ଯୋଗଦେଇ କର୍ମଶାଳା ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସଙ୍କୁଳ ସଂଯୋଜକ ସୁବ୍ରତ କୁମାର ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶ୍ୱାମ୍ ଚେତନା ପରିଷଦ ସମ୍ପାଦକ ସ୍ୱାମୀ ସତ୍ୟ ବେଦାନନ୍ଦ ସରସ୍ୱତୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କର୍ମଶାଳା ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସଙ୍କୁଳ ସଂଯୋଜକ ସୁବ୍ରତ କୁମାର ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶନିବାର କର୍ମଶାଳାର ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱାମ୍ ଚେତନା ପରିଷଦ ସମ୍ପାଦକ ସ୍ୱାମୀ ସତ୍ୟ ବେଦାନନ୍ଦ ସରସ୍ୱତୀ ଯୋଗଦେଇଥିଲେ। ସ୍ୱାମୀ ଭାରତୀୟ ଆଧାରରେ ଯଦି ଗତି କରିବା ଜୀବନ ସୁନ୍ଦର, ବୈଭବଶାଳୀ, ସମୃଦ୍ଧ, ହୋଇପାରିବ ବୋଲି କହିଥିଲେ। ବିଶ୍ୱାମ୍ ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷକ ତରୁଣ କୁମାର ତ୍ରିପାଠୀ,ମହୀମୁଣ୍ଡା ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଗୋପୀନାଥ ବଗର୍ତ୍ତୀ, ମହୀମୁଣ୍ଡା ବିଦ୍ୟାଳୟ ସଭାପତି ଅର୍ନ୍ତଯ୍ୟାମୀ ବିଶ୍ୱାଳ, ଗୁରୁଜୀ ରାଜକୁମାର ସାହୁ ଉପସ୍ଥିତ ଥିଲେ। ଗୋପୀନାଥ ବଗର୍ତ୍ତୀ ପରିଚୟ କରିଥିଲେ ଓ ସୁବ୍ରତ କୁମାର ବେହେରା ବୃତ୍ତ ପଠନ କରିଥିଲେ। ଗୁରୁମା ଭାରତୀ ସାହୁ ଓ ଗୀତାଞ୍ଜଳି ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଗୁରୁଜୀ ରାଜକୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ମହୀମୁଣ୍ଡାଠାରେ ଆଚାର୍ଯ୍ୟ କର୍ମଶାଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆଚାର୍ଯ୍ୟାଆଚାର୍ଯ୍ୟ।

# ଇସ୍ରୋ ପରିଦର୍ଶନରେ ଗଲେ ୨୦ ଯୁବ ଜ୍ୟୋତିର୍ବିଜ୍ଞାନୀ

ଭୁବନେଶ୍ୱର,୨୯।୬(ଅସମାପିକା ସାହୁ)



ଇସ୍ରୋ ପରିଦର୍ଶନରେ ବାହାରିବା ପୂର୍ବରୁ ବିଜ୍ଞାନ ଓ କାରିଗରି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟମାନଙ୍କ ସହ ଛାତ୍ରୀଛାତ୍ର।

ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍‌ସ) କାର୍ଯ୍ୟକ୍ରମରେ ସଫଳ ହୋଇଥିବା ୨୦ ଛାତ୍ରୀଛାତ୍ର ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ସ୍ପେସ୍ ଆପ୍ଲିକେଶନ ସେଣ୍ଟର(ଏସ୍‌ଏସି) ପରିଦର୍ଶନରେ ବାହାରିଛନ୍ତି। ଏଥିସହ ସେମାନେ ଅହମ୍ମଦାବାଦ ସାଇନ୍ସ ସିଟି ଯାଇ ଜ୍ଞାନ ଆହରଣ କରିବେ। ଏନେଇ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟୋରିୟମଠାରେ ଶନିବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅହମ୍ମଦାବାଦ ଅଭିମୁଖେ ଯାତ୍ରାର ଶୁଭାରମ୍ଭ କରିଥିଲେ। ମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିବା ସହ ଶୁଭେଚ୍ଛା ଜଣାଇଥିଲେ। କଠିନ ପରିଶ୍ରମ କରି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିବାକୁ ସେ ଆହ୍ୱାନ ଦେଇଥିଲେ। ବିଜ୍ଞାନ ଓ କାରିଗରି ବିଭାଗ ଏବଂ ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ୩୦ ଜିଲାର ୩ଶହ ସ୍କୁଲ୍‌ରୁ ମୋଟ ୮୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୨୦ ଛାତ୍ରୀଛାତ୍ରଙ୍କୁ ଇସ୍ରୋ ପରିଦର୍ଶନରେ ନେବାରେ ଟାଟା ଷ୍ଟିଲ୍‌ର ସହଯୋଗକୁ ମନ୍ତ୍ରୀ ପ୍ରଶଂସା କରିଥିଲେ।

ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ୍ ଉପସ୍ଥିତ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଧନ୍ୟବାଦ ଦେଇଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଶିକ୍ଷାଲାଭ କରି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ପାରଦର୍ଶିତା ଆଣି ଦେଶର ବିକାଶ ପାଇଁ କାର୍ଯ୍ୟ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ବର୍ଷଠାରୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିବା ସହିତ ଜିଲାସ୍ତରରେ ଅତିକମ୍‌ରେ ୨୦ଜଣଙ୍କୁ ମେରିଟ୍ ସାର୍ଟିଫିକେଟ୍ ପ୍ରଦାନ କରିବା ପାଇଁ ସଚିବ ଆୟୋଜକ ଟାଟା ଷ୍ଟିଲ୍‌ର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର ମୁଖ୍ୟ ଆବାସିକ ଅଧିକାରୀ ଦେବାଶିଷ ଜେନା ସ୍ୱାଗତ ଭାଷଣ ଓ ପଠାଣି ସାମନ୍ତ ପ୍ଲାନେଟୋରିୟମ ନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ୨୦୦୭ରୁ ପ୍ରତିବର୍ଷ ଓଡ଼ିଶାର ବିଭିନ୍ନ ଜିଲାରୁ ଭିନ୍ନ ଭିନ୍ନ ସ୍ତରରେ ପ୍ରତିଯୋଗିତା ମାଧ୍ୟମରେ ଜ୍ୟୋତିର୍ବିଜ୍ଞାନରେ ଆଗ୍ରହ ରଖୁଥିବା ୨୦ ଛାତ୍ରୀଛାତ୍ରଙ୍କୁ ବଛାଯାଇ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଉଛି। ଏଥିସହ ଗାଇଡ୍ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ସେମାନଙ୍କ ଅଭିଭାବକଙ୍କ ସହିତ ଇସ୍ରୋର ଏସ୍‌ଏସିକୁ ପରିଦର୍ଶନ ନିମନ୍ତେ ନିଆଯାଉଛି। ତେବେ ଚଳିତବର୍ଷ ଏଥିପାଇଁ ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସରକାରୀ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦ୍ରୀୟ ବିଦ୍ୟାଳୟ, ଘରୋଇ ଇଂଲିଶ ମିଡିୟମ ସ୍କୁଲର ଛାତ୍ରୀଛାତ୍ର ରହିଛନ୍ତି। ତେବେ ଇସ୍ରୋ ଯାଉଥିବାରୁ ଛାତ୍ରୀଛାତ୍ରମାନେ ଖୁସିବ୍ୟକ୍ତ କରିଛନ୍ତି।

# ସ୍ୱାସ୍ଥ୍ୟ ଅତିରିକ୍ତ ନିର୍ଦ୍ଦେଶକ, ୟୁନିସେଫ୍ କନ୍‌ସଲଟାଣ୍ଟଙ୍କ ସ୍ଥିତି ଅନୁଧ୍ୟାନ

## ନାରାୟଣପାଟଣା, ବନ୍ଧୁଗାଁ ବ୍ଲକ୍‌ରେ ୯ ଶିଶୁ ମୃତ୍ୟୁ ଘଟଣା

କୋରାପୁଟ/ନାରାୟଣପାଟଣା,୨୯।୬ (ଅମିତାଭ ବେହେରା/ ରାଜକିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ୍ ଅଞ୍ଚଳରେ ଗତ ୧୫ ଦିନ ମଧ୍ୟରେ ୯ ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିବା ଖବର ପ୍ରକାଶ ପାଇବା ପରେ ଏନେଇ ରାଜ୍ୟ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଶନିବାର ଘଟଣାର କାରଣ ଓ ସ୍ଥିତି ଅନୁଧ୍ୟାନ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ଆଦିତ୍ୟ ମହାପାତ୍ର ଓ ରାଜ୍ୟ ୟୁନିସେଫ୍ କନ୍‌ସଲଟାଣ୍ଟ ଡାକ୍ତର ଅନିଲ ପଟ୍ଟନାୟକ ନାରାୟଣପାଟଣା ବ୍ଲକ୍‌ର ବିଭିନ୍ନ ଗ୍ରାମ ପରିଦର୍ଶନ କରିଛନ୍ତି। ସେଠାରେ କେଉଁ କାରଣ ଯୋଗୁ ଶିଶୁଙ୍କ ମୃତ୍ୟୁ ଘଟିଲା ସେ ନେଇ ସେମାନେ ଅନୁଧ୍ୟାନ କରିଥିବା ଜଣାଯାଇଛି । ଏହି ୨ଜଣିଆ ଟିମ୍ ଶନିବାର ଜିଲାର ନାରାୟଣପାଟଣା ବ୍ଲକ୍‌ର ଗୋଡିଗୁଡା ଓ ଜାମଡାବାଲସା ଗ୍ରାମ ପରିଦର୍ଶନ କରିବା ସହ ଶିଶୁ ମୃତ୍ୟୁର କାରଣ ଅନୁସନ୍ଧାନ କରିଥିଲେ। ଏଥିସହ ସେମାନେ କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ଗ୍ରାମବାସୀଙ୍କୁ ପଚାରି ବୁଝିଛନ୍ତି। ଗ୍ରାମ ପରିଦର୍ଶନ ଓ ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଟିମ୍‌ର ୨ ଅଧିକାରୀ ନାରାୟଣପାଟଣା ମେଡିକାଲରେ ପହଞ୍ଚି ଶିଶୁ ମୃତ୍ୟୁ କାରଣ ନେଇ ମେଡିକାଲ ଅଧିକାରୀ ବିମଳ ବାଘଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ମେଡିକାଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ରବିବାର ଟିମ୍ ନାରାୟଣପାଟଣା ଓ ବନ୍ଧୁଗାଁ ଅଞ୍ଚଳ ପରିଦର୍ଶନକରି ଶିଶୁ ମୃତ୍ୟୁର କାରଣ ଖୋଜିବେ। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଜିଲାର ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକ୍ ଅଞ୍ଚଳରେ ମୃତ୍ୟୁ ହୋଇଥିବା ୯ ଶିଶୁଙ୍କ ମଧ୍ୟରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ୨ ଜଣଙ୍କ ଡିପ୍‌ଥେରିଆରେ ମୃତ୍ୟୁ ହୋଇଥିବା ମେଡିକାଲ ପକ୍ଷରୁ କୁହାଯାଇଥିବାବେଳେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଜଣଙ୍କ ନିମୋନିଆରେ ମୃତ୍ୟୁ ହୋଇଛି। ଅନ୍ୟ ୬ ଜଣ ଶିଶୁଙ୍କ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ୍‌ରେ ଘରେ ମୃତ୍ୟୁବରଣ କରିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।


ନାରାୟଣପାଟଣା ମେଡିକାଲରେ ଟିମ୍ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଗୋଚାଲାଣ ରୋକିବାକୁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ ପ୍ରସ୍ତୁତ

## ଖୋଲିବ ୨ଶହ ଗୋଶାଳା, ମତ୍ସ୍ୟଜୀବୀଙ୍କ ପାଇଁ ଶୀତଳଭଣ୍ଡାର

**ଭୁବନେଶ୍ୱର, ୨୯।୬(ଅସମାପିକା ସାହୁ):** ରାଜ୍ୟରେ ଆହୁରି ୨୦୦ ଗୋଶାଳା ଖୋଲାଯିବ। ସେହିଭଳି ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ପ୍ରାଣୀମାନଙ୍କର ଚିକିତ୍ସା ପାଇଁ ଭ୍ରାମ୍ୟମାଣ ଚିକିତ୍ସାଳୟର ବ୍ୟବସ୍ଥା ହେବ। ଏନେଇ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ଖାଲି ସେତିକି ନୁହେଁ, ରାଜ୍ୟରେ ବଢ଼ିଚାଲିଥିବା ଗୋଚାଲାଣ ରୋକିବା ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି। ଗୋଚାଲାଣ କରୁଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ସହ ମତ୍ସ୍ୟଜୀବୀଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ଦିଗରେ ବିଭାଗକୁ କାମ କରିବା ପାଇଁ ନିର୍ଦ୍ଦେଶ ଦେଇଛୁ। ଗ୍ରାମାଞ୍ଚଳରେ ମତ୍ସ୍ୟଜୀବୀଙ୍କ ପାଇଁ ଶୀତଳଭଣ୍ଡାର ନିର୍ମାଣ କରିବା ଦିଗରେ ଗୁରୁତ୍ୱ ଦେଉଛୁ। ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ପୂରା କରିବାକୁ ପ୍ରାଥମିକତା ଦେବୁ ବୋଲି ମନ୍ତ୍ରୀ କହିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତକୁ ସୁନ୍ଦର ନଖ**
**ମୁହଁକୁ ସୁନ୍ଦର କଲୀ ତିଳକ**
**ଏବେ ପଟା ଦାଢ଼ି ଦେଖ ।**

ସମୟ ସହ ତାଳଦେଇ ସବୁକିଛି ବଦଳିଯାଇଥାଏ। ଏହାହିଁ ଦୁନିଆର ରୀତି ବୋଲି ବୁଝିବାକୁ ହୋଇଥାଏ। ଯୁଗ ବଦଳିବା ସହ ମଣିଷର ବେଶ ପୋଷାକ ଓ ଚାଲିଚଳନରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାଣ୍ଡିଶାଳେ ଭାଗୁଆଳି**
**ପଦେ ଦୁଇପଦ ଦିଅନ୍ତା ମାରି**
**ସାଙ୍ଗେ ସାଙ୍ଗେ ଜଗୁଆଳି ।**

ସାଧାରଣତଃ ସମୟ ସୁବିଧା ଦେଖି ବ୍ୟକ୍ତି ନିଜ ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିଥାନ୍ତି। ତେବେ ପାଖରେ ଯଦି କେହି ନିଜ ଲୋକ ବା ଆତ୍ମୀୟ ଉପସ୍ଥିତ ରହିଥାନ୍ତି ତା'ହେଲେ ମନର କଥା ଖୋଲି କହିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ପାଖରେ ଆତ୍ମୀୟ ଲୋକ ଥିଲେ ଗୋପନ କଥା ପ୍ରକାଶ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରଘୁନନ୍ଦନ, ୱାଚ୍‌ମ୍ୟାନଙ୍କୁ ପଚରାଉଚରା

## ସାମ୍ବାଦିକାଙ୍କ ଉପରକୁ କୁକୁର ଛାଡ଼ିବା ଘଟଣା

ଭୁବନେଶ୍ୱର,୨୯।୬(ସୂର୍ଯ୍ୟକାନ୍ତ ବେହେରା)

ଖବର ପ୍ରସାରଣ ବେଳେ ଏକ ଘରୋଇ ଟିଭି ଚ୍ୟାନେଲର ମହିଳା ରିପୋର୍ଟର ଓ ତାଙ୍କ ସହଯୋଗୀଙ୍କୁ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଦ୍ୱାରା କୁକୁର ଛଡ଼ାଯିବା ସହ ଆକ୍ରମଣ ମାମଲାରେ କ୍ୟାପିଟାଲ ଥାନା ପୋଲିସ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ଶନିବାର ଦ୍ୱିତୀୟଥର ପାଇଁ ରଘୁନନ୍ଦନଙ୍କ କ୍ୱାର୍ଟର୍ସକୁ ପୋଲିସ ଟିମ୍ ଯାଇ ତାଙ୍କୁ ପଚରାଉଚରା କରିଛି। ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା ଓ ଦୁଇ ପୋଲିସ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ କରିଥିଲେ। ଏହାସହ କ୍ୱାର୍ଟର୍ସରେ ସିସିଟିଭି ଫୁଟେଜ ଅଛି ନାହିଁ ତାହା ତଦାରଖ କରିଥିଲେ। ହେଲେ ସେଠାରେ ସିସିଟିଭି ନ ଥିବା ଥାନାଧିକାରୀ କହିଛନ୍ତି। ଏହାସହ ୱାଚ୍‌ମ୍ୟାନ ତଥା ଗେଟ୍‌କିପରଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ସେମାନେ ତଦନ୍ତରେ ସହଯୋଗ କରୁଛନ୍ତି। ଅନ୍ୟପକ୍ଷରେ ଅଭିଯୋଗକାରିଣୀ ଓ ଘଟଣାଦିନ ତାଙ୍କ ସହ ଥିବା ବ୍ୟକ୍ତିଙ୍କର ସିଆର୍‌ପିସି ୧୬୧ରେ ବୟାନ ରେକର୍ଡ ଆଧାରରେ ତଦନ୍ତ କରାଯାଉଛି। ସେହିପରି ରଘୁନନ୍ଦନଙ୍କ ଏତଲା ଆଧାରରେ ମଧ୍ୟ ତଦନ୍ତ କରାଯାଉଛି। ସମସ୍ତ ତଦନ୍ତ ସରିବା ପରେ ଘଟଣାର ଠିକ ତଥ୍ୟ ଦିଆଯିବ ବୋଲି ଥାନାଧିକାରୀ ଜେନା କହିଛନ୍ତି। ତେବେ ଜଣେ ପୂର୍ବତନ ମନ୍ତ୍ରୀଙ୍କ କ୍ୱାର୍ଟର୍ସରେ ସିସିଟିଭି କ୍ୟାମେରା ନ ଥିବା ଘଟଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରମାଣ ନଷ୍ଟ ପାଇଁ ତାହାକୁ କାଢ଼ିଦିଆଯାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଘଟଣାର ଏତେଦିନ ପରେ ପୋଲିସ ସିସିଟିଭି ଖୋଜିବା ଘଟଣା ମଧ୍ୟ ବିସ୍ମିତ କରିଛି।

# ଦମ୍ପତିଙ୍କ ସମେତ ୧୨ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୯।୬ (ଦୁର୍ଯ୍ୟୋଧନ ପାତ୍ର ):** ଛତିଶଗଡ଼ ବିଜାପୁର ଜିଲା ପୋଲିସ ନିକଟରେ ଶନିବାର ଦମ୍ପତିଙ୍କ ସମେତ ୧୨ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ପିପିସିଏମ୍ ୫ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ଓ ସିଏନ୍‌ଏମ ଅଧ୍ୟକ୍ଷ ୧ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ରହିଛନ୍ତି। ଏମାନେ ଅନେକ ହିଂସାରେ ଜଡିତ ଥିଲେ । ସରକାରଙ୍କ ଥଇଥାନ ନୀତିରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି ।


**OFFICE OF THE NOTIFIED AREA COUNCIL, HINDOL**
Pin-759022, Dist-Dhenkanal, Phone No.06732-251052
Email Id: eohindolnac13@gmail.com

Notice No.892 Dated:27.06.2024

**CANCELLATION OF SANITATION TENDER**

**No.C-110:** As per DTCN No-862/HDLNAC, Dt.19.06.2024 has been cancelled due to unavoidable circumstances.

OIPR-13160/11/0002/2425 Sd./- Executive Officer, Hindol NAC



**NOTIFIED AREA COUNCIL, PATNAGARH**
Ph.No.-06658-222247, e-mail: yahoo.co.in
Website: www.nacpatnagarh.in
Letter No.1262/ Date 27.06.2024

**1st Corrigendum**

**No.C-114:** Vide Quotation Call Notice No-1206/ Dt.18.06.2024 for hiring of Seven seated Vehicle the quotation Paper will be available in the NAC website www.nacpatnagarh.in from 19.06.2024 to 01.07.2024 at 12.00 Noon and it will be opened on same day at 04.00 PM.

Sd./- Executive Officer, NAC, Patnagarh
OIPR-13102/11/0002/2425



**GOVERNMENT OF ODISHA** No.C-121
**e-Procurement Notice**
**Angul Municipality Office, Angul**
Bid Identification No.EO/AGLM-01-2024-25
Bid Id No.2024_ORULB_103363
e-mail ID: angulmunicipality@gmail.com
**No.1984, Date 28.6.2024**

1. Number of Works : 01 (One) number Building work and others
2. Approximate estimated cost (put to tender) : Rs.75.70 Lakhs
3. Period of Completion : 06 (Six) Calendar Months
4. Date & Time of availability of bid document in the Portal : Dt.29.06.2024 at 10.00 A.M.
5. Last Date/Time for receipt of Bid in the Portal : Dt.20.07.2024 upto 5.00 P.M.
6. Date of Opening (Technical Bid) : Dt.22.07.2024 at 11.00 A.M.
7. Name and address of the Office Inviting Bid : Executive Officer Angul Municipality, Angul
8. The bidders have to participate in ONLINE bidding only. Further details can be seen from the e-procurement portal https:/tendersodisha.gov.in.

OIPR-13085/11/0001/2425 Sd./-P.K. Nayak Executive Officer, Angul Municipality



**ODISHA PUBLIC SERVICE COMMISSION**
**CUTTACK**
**NOTICE**
No. 3321/ PSC Dt.28.06.2024
(PF-1E-36-2023-24) (DR-II)
Website: http://www.opsc.gov.in

No. D-: It is for information of all concerned that the Commission have decided to conduct the Physical verification of original certificates/documents and Interview simultaneously, in respect of **82** candidates who have been provisionally shortlisted **for recruitment to the Post of Assistant Executive Engineer (Mechanical)**, pursuant to Advt. No. 19 of 2023-24, **on 09.07.2024 and 10.07.2024** in the Office of the Commission, at 19, Dr. P.K. Parija Road, Cuttack - 753001 as per the following programme detailed below.

| Sl. No. | PPSAN No. | Roll No. Allotted | Date | Time of Verification | Time of Interview | BOARD |
|---|---|---|---|---|---|---|
| 1 | P220005469 | 3381 | 09.07.2024 | 8.30 A.M. | 10.45 A.M. | BOARD - I |
| 2 | P220015494 | 3255 | | | | |
| 3 | P220035815 | 3383 | | | | |
| 4 | P220038817 | 3212 | | | | |
| 5 | P220044559 | 3086 | | | | |
| 6 | P220054691 | 3166 | | | | |
| 7 | P220065323 | 3005 | | | | |
| 8 | P220066028 | 3193 | | | | |
| 9 | P220079919 | 3309 | | | | |
| 10 | P230096005 | 3068 | | | | |
| 11 | P230109881 | 3163 | | | | |
| 12 | P230110315 | 3369 | | | | |
| 13 | P230111538 | 3313 | 09.07.2024 | 8.30 A.M. | 10.45 A.M. | BOARD - II |
| 14 | P230111826 | 3218 | | | | |
| 15 | P230112841 | 3343 | | | | |
| 16 | P230120325 | 3277 | | | | |
| 17 | P230130991 | 3079 | | | | |
| 18 | P230132132 | 3265 | | | | |
| 19 | P230136657 | 3063 | | | | |
| 20 | P230138208 | 3211 | | | | |
| 21 | P230138515 | 3182 | | | | |
| 22 | P230141205 | 3246 | | | | |
| 23 | P230143963 | 3273 | | | | |
| 24 | P230149504 | 3376 | | | | |
| 25 | P230159890 | 3272 | 09.07.2024 | 12.30 P.M. | 2.45 P.M. | BOARD - I |
| 26 | P230161888 | 3198 | | | | |
| 27 | P230168999 | 3065 | | | | |
| 28 | P230169459 | 3021 | | | | |
| 29 | P230169473 | 3233 | | | | |
| 30 | P230169596 | 3228 | | | | |
| 31 | P230169606 | 3349 | | | | |
| 32 | P230169621 | 3104 | | | | |
| 33 | P230169794 | 3330 | | | | |
| 34 | P230169806 | 3074 | | | | |
| 35 | P230169827 | 3164 | 09.07.2024 | 12.30 P.M. | 2.45 P.M. | BOARD - II |
| 36 | P230169845 | 3342 | | | | |
| 37 | P230169985 | 3134 | | | | |
| 38 | P230170021 | 3366 | | | | |
| 39 | P230170161 | 3012 | | | | |
| 40 | P230170191 | 3387 | | | | |
| 41 | P230170290 | 3045 | | | | |
| 42 | P230170320 | 3289 | | | | |
| 43 | P230170344 | 3336 | | | | |
| 44 | P230170439 | 3171 | | | | |
| 45 | P230170478 | 3384 | 10.07.2024 | 8.30 A.M. | 10.45 A.M. | BOARD - I |
| 46 | P230170577 | 3238 | | | | |
| 47 | P230170641 | 3339 | | | | |
| 48 | P230170681 | 3378 | | | | |
| 49 | P230170695 | 3197 | | | | |
| 50 | P230170757 | 3203 | | | | |
| 51 | P230170841 | 3070 | | | | |
| 52 | P230170940 | 3300 | | | | |
| 53 | P230171084 | 3373 | | | | |
| 54 | P230171130 | 3033 | | | | |
| 55 | P230171211 | 3350 | | | | |
| 56 | P230171313 | 3115 | | | | |
| 57 | P230171689 | 3263 | 10.07.2024 | 8.30 A.M. | 10.45 A.M. | BOARD - II |
| 58 | P230171784 | 3224 | | | | |
| 59 | P230171794 | 3054 | | | | |
| 60 | P230171841 | 3333 | | | | |
| 61 | P230172019 | 3025 | | | | |
| 62 | P230172080 | 3024 | | | | |
| 63 | P230172098 | 3038 | | | | |
| 64 | P230172113 | 3061 | | | | |
| 65 | P230172157 | 3328 | | | | |
| 66 | P230172214 | 3006 | | | | |
| 67 | P230172737 | 3199 | | | | |
| 68 | P230173137 | 3058 | | | | |
| 69 | P230173182 | 3317 | 10.07.2024 | 12.30 P.M. | 2.45 P.M. | BOARD - I |
| 70 | P230173467 | 3150 | | | | |
| 71 | P230173859 | 3087 | | | | |
| 72 | P230173884 | 3169 | | | | |
| 73 | P230174411 | 3046 | | | | |
| 74 | P230174526 | 3389 | | | | |
| 75 | P230176112 | 3105 | | | | |
| 76 | P230186212 | 3128 | 10.07.2024 | 12.30 P.M. | 2.45 P.M. | BOARD - II |
| 77 | P230203159 | 3395 | | | | |
| 78 | P230213959 | 3274 | | | | |
| 79 | P240251787 | 3020 | | | | |
| 80 | P240262003 | 3189 | | | | |
| 81 | P240264435 | 3205 | | | | |
| 82 | P240269200 | 3019 | | | | |

**N.B.: The concerned candidates are advised to report at the office of the Commission half an hour before the commencement of verification of original certificates & documents on their scheduled dates & time as mentioned against each.**

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Interview**. The candidates shall be allowed to the viva voce test on the scheduled date & time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final

**THE CANDIDATE IS REQUIRED TO SUBMIT FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPIES AT THE TIME OF VERIFICATION**

1. Hard copy of online application form **mentioning Roll No. at the Top Right-Hand Corner**. Application forms are available in the website of the Commission. The candidates are required to download the same using their respective USERNAME and PASSWORD/ OTP etc. through OPSC e-Chayan Portal via **www.opscechayan.in**.
2. Three (03) Passport Size Photographs tagged with the Application Form and one (01) pasted at space provided in the CIF (Bio-data form/Candidate Information Form).
3. H.S.C. or Equivalent Certificate in support of declaration of age issued by the concerned Board/Council.
4. Required Odia Test Pass Certificate issued within 26.02.2024.
5. Diploma in Engineering (Mechanical) pass certificate wherever applicable.
6. Degree in Mechanical Engineering pass certificate issued by the recognized University/Institution recognized by the Government.
7. Mark lists of all semesters in support of Degree/Diploma in Mechanical Engineering passed including fail marks, if any, issued by the concerned Council/University.
8. Certificate showing valid GATE score in Mechanical Engineering.
9. "No Objection Certificate" from the Head of Office/Head of the Department in case of Government servant wherever applicable.
10. Service Certificate in case of candidates claiming age relaxation as Jr. Engineers wherever applicable.
11. Caste Certificate by birth in support of claim as SC/ST, wherever applicable (Please see and refer NOTE-2 of Para-9 of the advertisement) issued within 26.02.2024;
12. SEBC Certificate issued within 27.02.2021 to 26.02.2024 wherever applicable.
13. Permanent Disability Certificate (indicating percentage of permanent disability) issued by the concerned Medical Board within 26.02.2024, wherever applicable.
14. Release certificate of Ex-servicemen issued within 26.02.2024 as per Orissa Ex-servicemen (Recruitment to State Civil Services and Posts) Rules, 1985 vide G.A. Department Notification No. 22856-Gen., Dt.16.10.1985 wherever applicable.
15. Any proof of Identity.
16. Attestation form duly filled-in by the candidate and signed by a Gazetted Officer with seal (to be downloaded from the website of the Commission).
17. Bio-data Form (CIF) (to be downloaded and pasted/affixed with passport size photograph) duly filled in.
18. Any other relevant documents as per Para - 09 of the Advertisement.

OIPR-12002/11/0045/2425 Sd./ - Secretary (I/C)

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ନିଶ୍ଚିତ ପରିବାରବର୍ଗ


ଅପୂର୍ବା ପରିବାରବର୍ଗ


ତରଣୀସେନ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶ୍ରେଷ୍ଠ ୬ ରଜ ମଉଜ ପ୍ରତିଯୋଗୀଙ୍କୁ ସମ୍ମାନିତ କଲା ଟ୍ରେଣ୍ଡ୍ସ

- ସେଲ୍‌ଫିରେ ବାଲେଶ୍ୱରର ଭାଗ୍ୟଶ୍ରୀ ଦାସ ବିଜେତା
- ରିଲ୍ସରେ ଭଦ୍ରକର ରିଙ୍କିରାଣୀ ସାହୁ ଚାମ୍ପିୟନ

ଭୁବନେଶ୍ୱର,୨୯।୬ (ଅଭୟ ଦାଶ)



ରିଲାଏନ୍ସ ରିଟେଲର ଅଗ୍ରଣୀ ବ୍ରାଣ୍ଡ୍ ତଥା ଭାରତର ସର୍ବବୃହତ ଓ ଦ୍ରୁତ ଅଭିବୃଦ୍ଧିଶୀଳ ପୋଷାକ ଏବଂ ଆକ୍‌ସେସରି ସ୍ପେଶିଆଲିଟି ଚେନ୍ 'ଟ୍ରେଣ୍ଡ୍ସ'ର ବହୁ ପ୍ରତୀକ୍ଷିତ ରଜ ମଉଜ-୨୦୨୪ ପ୍ରତିଯୋଗିତାର ବିଜେତାମାନଙ୍କ ନାମ ଶନିବାର ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଟ୍ରେଣ୍ଡ୍ସର ଭୁବନେଶ୍ୱର ଜନପଥ ଆଉଟ୍‌ଲେଟ୍ ପରିସରରେ ଶନିବାର ଏକ ସ୍ୱତନ୍ତ୍ର ସମ୍ମାନ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଶୀତଲ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟ୍ରେଣ୍ଡ୍ସ ରଜ ମଉଜ-୨୦୨୪ ପ୍ରତିଯୋଗିତାର ଶ୍ରେଷ୍ଠ ୬ ବିଜେତାଙ୍କୁ ସମ୍ମାନିତ କରିଥିଲେ। ବିଶେଷକରି ବାଲେଶ୍ୱରର ଭାଗ୍ୟଶ୍ରୀ ଦାସ 'ଟ୍ରେଣ୍ଡ୍ସ ରଜ ମଉଜ-୨୦୨୪'ର ବେଷ୍ଟ ରଜ ଲୁକ୍‌ସ ସେଲ୍‌ଫି କଣ୍ଟେଷ୍ଟରେ ବିଜେତା (ପ୍ରଥମ ପୁରସ୍କାର) ହୋଇଥିଲାବେଳେ ଭଦ୍ରକର ରିଙ୍କିରାଣୀ ସାହୁ ବେଷ୍ଟ ରଜ ଲୁକ୍‌ସ ରିଲ୍ସ କଣ୍ଟେଷ୍ଟରେ ଚାମ୍ପିୟନ (ପ୍ରଥମ ପୁରସ୍କାର) ହୋଇଛନ୍ତି।

ସେହିଭଳି 'ବେଷ୍ଟ ରଜ ଲୁକ୍‌ସ ସେଲ୍‌ଫି କଣ୍ଟେଷ୍ଟ'ରେ ଜଗତ୍‌ସିଂହପୁରର ଶ୍ରୁତି ମହାନ୍ତି ଓ ଭଦ୍ରକର ଶୁଭଲଗ୍ନା ଦାସ ଯଥାକ୍ରମେ ୨ୟ ଓ ୩ୟ ପୁରସ୍କାର ପାଇଥିଲାବେଳେ 'ବେଷ୍ଟ ରଜ ଲୁକ୍‌ସ ରିଲ୍ସ କଣ୍ଟେଷ୍ଟ'ରେ ଭୁବନେଶ୍ୱରର ଲିପ୍ସିତା ଦେହୁରୀ ଓ ଜଳେଶ୍ୱରର ପ୍ରିୟଙ୍କା ଡିଣ୍ଡା ଯଥାକ୍ରମେ ୨ୟ ଓ ୩ୟ ପୁରସ୍କାର ଲାଭ କରିଛନ୍ତି।

ଅପରପକ୍ଷରେ ଟ୍ରେଣ୍ଡ୍ସ ପକ୍ଷରୁ ରଜ ମହୋତ୍ସବକୁ ଅଧିକ ଉତ୍ସାହଜନକ କରିବା ପାଇଁ ଆକର୍ଷଣୀୟ ଅଫର୍ ଓ ବେଷ୍ଟ ରଜ ଲୁକ୍‌ସ କଣ୍ଟେଷ୍ଟ ସମେତ ସ୍ୱତନ୍ତ୍ର ପଦକ୍ଷେପଗୁଡ଼ିକର ଘୋଷଣା କରାଯାଇଥିଲା। ଉକ୍ତ ପ୍ରତିଯୋଗିତାର ଅଂଶ ଭାବେ ଟ୍ରେଣ୍ଡ୍ସ ଗ୍ରାହକଙ୍କୁ ଏଥିରେ ଅଂଶଗ୍ରହଣ ସହିତ ୧ଲକ୍ଷ ଟଙ୍କାର ପୁରସ୍କାର ଜିତିବା ପାଇଁ ଏକ ସୁଯୋଗ ଦିଆଯାଇଥିଲା। ଯେଉଁଠାରେ ସେମାନଙ୍କୁ ଅଫିସିଆଲ ହ୍ୟାଣ୍ଡେଲରେ ଟ୍ୟାଗ୍‌କରି ସେଲ୍‌ଫି କିମ୍ବା ରିଲ୍ସ ଆକାରରେ ନିଜର ସର୍ବୋତ୍ତମ ରଜ ଲୁକ୍‌ଗୁଡ଼ିକୁ ସେୟାର କରିବାକୁ ପଡ଼ିଥିଲା। ଏପରିକି ଏହି ପ୍ରତିଯୋଗିତାରେ ହଜାର ହଜାର ଗ୍ରାହକ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍‌ର ଟ୍ୟାଗ୍‌କରି ନିଜର ଏଣ୍ଟ୍ରି ଦାଖଲ କରିଥିଲେ।

# ବଜାରରେ ଫାର୍ମ-ବି ର ନୂତନ ଉତ୍ପାଦ

## 'ମିକ୍ସ ଛତୁଆ'ର ଅନାବରଣ

ଭୁବନେଶ୍ୱର,୨୯।୬




ବିଶ୍ୱେଶ୍ୱର ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ୍ 'ଫାର୍ମ-ବି'ର ନୂତନ ଉତ୍ପାଦ 'ମିକ୍ସ ଛତୁଆ'ର ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଫାର୍ମ-ବି ପକ୍ଷରୁ ଶନିବାର ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା।

ଏହି ଅବସରରେ ଫାର୍ମ-ବି' ର ପ୍ରତିଷ୍ଠାତ୍ରୀ ତଥା ପରିଚାଳନା ନିର୍ଦ୍ଦେଶିକା ରଶ୍ମୀ ସାହୁଙ୍କ ସମେତ ଫାର୍ମ-ବି'ର ଆକାଉଣ୍ଟସ୍ ଏବଂ ଫାଇନାନ୍ସ ବିଭାଗର ବରିଷ୍ଠ ପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର, ଉତ୍ପାଦନ ବିଭାଗର ବରିଷ୍ଠ ପ୍ରବନ୍ଧିକା ଶିଳ୍ପା ଦାସ ଏବଂ ଆଦ୍ୟାଶା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମିକ୍ସ ଛତୁଆର ଆନୁଷ୍ଠାନିକ ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ।

ଏ ସମ୍ପର୍କରେ ଫାର୍ମ-ବି'ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶିକା ରଶ୍ମୀ ସାହୁ କହିଥିଲେ, ଆମେ ଆମର ନୂତନ ଉତ୍ପାଦ 'ମିକ୍ସ ଛତୁଆ'କୁ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏଥିରେ ପ୍ରଚୁର ପରିମାଣର ପ୍ରୋଟିନ୍, ଫାଇବର, କ୍ୟାଲ୍‌ସିୟମ, ଆଇରନ୍, ମାଙ୍ଗାନିଜ ଏବଂ ମ୍ୟାଗ୍ନେସିୟମ ଭଳି ଏକ ସମ୍ମିଶ୍ରଣ ପୋଷକ ତତ୍ତ୍ୱ ଓ ଶକ୍ତି ରହିଛି। ସେଥିପାଇଁ ଫାର୍ମ-ବି ମିକ୍ସ ଛତୁଆର ଏକ ସ୍ୱତନ୍ତ୍ର ଟ୍ୟାଗ୍ 'ଆପଣଙ୍କ ଖାଦ୍ୟକୁ କରେ ପୂର୍ଣ୍ଣ ସୁସ୍ଥତା ସହ ସ୍ୱାଦରେ ପରିପୂର୍ଣ୍ଣ' ରହିଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଫାର୍ମ-ବି ବ୍ରାଣ୍ଡ୍ ଅଧୀନରେ ମିକ୍ସ ଛତୁଆ ସହ ଅନେକ ଉପଯୋଗୀ ଜଳଖିଆ ଉତ୍ପାଦ ମାନ ଯଥା ଓଟ୍‌ସ, ମସାଲା ଓଟ୍‌ସ, ମୁସଲି,ଚକୋ ବାଇଟ୍‌ସ, କର୍ନଫ୍ଲେକ୍, ରାଗିଫ୍ଲୋର୍ ଏବଂ ଚପାଦି ଫ୍ଲୋର ଆଦି ଉପଲବ୍ଧ। ଏହା ବ୍ୟତୀତ ଗ୍ରାହକ ମାନଙ୍କ ପାଇଁ ଫାର୍ମ-ବି ଗୁଡ଼ ପାଉଡ଼ର, ପଞ୍ଜାବୀ ତଡ଼କା,ଦେବଭୋଗ ଖିଚିଡ଼ି, ଇନ୍‌ଷ୍ଟା ବିରିୟାନି ଭଳି ତତ୍‌କ୍ଷଣାତ ମିଶ୍ରିତ ଖାଦ୍ୟ ପ୍ରସ୍ତୁତ କରିଥାଏ।


### ଜନ୍ମଦିନ ଶୁଭେଚ୍ଛା



**ସାତଭିକ୍ ସାହାଣୀ (ନିଶ୍ଚିତ)**

ସାନମଙ୍ଗ, ଆଳି, କେନ୍ଦ୍ରାପଡ଼ା

ତୋର ଚଲାପଥ କୁସୁମିତ ହେଉ, ଆଜି ତୋର ପ୍ରଥମ ଜନ୍ମବାର୍ଷିକରେ ମା' ଗଣେଶଦୁର୍ଗାଙ୍କଠାରେ ଏତିକି ପ୍ରାର୍ଥନା ।

ସରୋଜକାନ୍ତ, ଆଲିଶା, ଶ୍ରୀକାନ୍ତ, ଅଶୋକ ମହାନ୍ତି, ମୌସୁମୀ ମହାନ୍ତି, ପ୍ରଶାନ୍ତ, ଝୁନାରାଣୀ ।

ଧ-୬୧୦

### Birthday Wish



**Apurba Pattanayak**

Happy Birthday to my beautiful wife. Thank you for being my lover, wife, best friend, and soul mate. I love you more than yesterday and less than tomorrow.

From- Amareswar & Family.

ଧ-୬୧୮

### ଜନ୍ମଦିନ ଶୁଭେଚ୍ଛା



**ତରଣୀସେନ୍ ସାହୁ**

ସାହାପୁର, ଗେଡ଼ମା, କେନ୍ଦୁଝର

ଆଜି ତୋର ପ୍ରଥମ ଜନ୍ମଦିନରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ, ସେ ତୁମକୁ ସୁସ୍ଥ ଓ ଦୀର୍ଘାୟୁ କରିବା ସହିତ ତୁମର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରନ୍ତୁ।

ଶୁଭେଚ୍ଛା ସହ: ବାପା, ମା', ଜେଜେବାପା, ଜେଜେମା', ଅଜା, ଆଇ, ମାମୁ, ମାଇଁ, ଅନୁଭା, ଉଜ୍ଜ୍ୱଳ, ହର୍ଷିତା, ଅଭି, ହାପି, ବାପି, ଦେବସ୍ମିତା, ରୁଦ୍ର, ଅନନ୍ୟା, ଖୁସି ଓ ସମସ୍ତ ପରିବାରବର୍ଗ ।

ଧ-୬୦୯


# ଚାଲା ଶ୍ରୀନିବାସୁଲୁ ଏସ୍‌ବିଆଇର ପରବର୍ତ୍ତୀ ଚେୟାରମ୍ୟାନ୍

ଭୁବନେଶ୍ୱର,୨୯।୬


ଚାଲା ଶ୍ରୀନିବାସୁଲୁ ସେଟ୍ଟୀ

ଦେଶର ପ୍ରମୁଖ କେନ୍ଦ୍ରୀୟ ସ୍ୱୟଂଶାସିତ ସଂସ୍ଥା 'ଆର୍ଥିକ ସେବା ପ୍ରତିଷ୍ଠାନ ବ୍ୟୁରୋ ( ଦି ଫାଇନାନ୍ସିଆଲ ସର୍ଭିସ୍ ଇନ୍‌ଷ୍ଟିଚ୍ୟୁଶନ୍ସ ବ୍ୟୁରୋ ବା ଏଫ୍ଏସ୍ଆଇବି)ର ସୁପାରିସ୍‌କ୍ରମେ ବରିଷ୍ଠ ବ୍ୟାଙ୍କର ଚାଲା ଶ୍ରୀନିବାସୁଲୁ ସେଟ୍ଟୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସ୍‌ବିଆଇ)ର ପରବର୍ତ୍ତୀ ଅଧ୍ୟକ୍ଷ ହେବେ ବୋଲି ଜଣାପଡ଼ିଛି। ଏପରିକି ଏସ୍‌ବିଆଇର ପରିଚାଳନା ନିର୍ଦ୍ଦେଶକ ଥିବା ଚାଲା ଶ୍ରୀନିବାସୁଲୁ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି।

ସୂଚନାଯୋଗ୍ୟ, ଏସ୍‌ବିଆଇ ଅଧ୍ୟକ୍ଷ ପଦ ପାଇଁ ଏଫ୍ଏସ୍ଆଇବି ଶନିବାର ୩ ଜଣ ପରିଚାଳନା ନିର୍ଦ୍ଦେଶକଙ୍କୁ ସାକ୍ଷାତ୍‌କାର ପାଇଁ ଡକାଇ ସେମାନଙ୍କର ସାକ୍ଷାତ୍‌କାର ନେଇଥିଲା। ବିଶେଷକରି ଇଣ୍ଟରଫେସ୍‌ରେ ଆଶାୟୀଙ୍କ କାର୍ଯ୍ୟଦକ୍ଷତା, ସାମଗ୍ରିକ ଅଭିଜ୍ଞତା ଏବଂ ବିସ୍ତୃତ ପାରାମିଟର ଆଦିକୁ ଦୃଷ୍ଟିରେ ରଖି ବ୍ୟୁରୋ ଏସ୍‌ବିଆଇର ଚେୟାରମ୍ୟାନ୍ ପଦ ପାଇଁ ଚାଲା ଶ୍ରୀନିବାସୁଲୁ ସେଟ୍ଟୀକୁ ସୁପାରିସ କରିଥିବା ଏଫ୍ଏସ୍ଆଇବି ତା'ର ବିଜ୍ଞପ୍ତିରେ ଉଲ୍ଲେଖ କରିଛି।

ସେହିପରି ଏସ୍‌ବିଆଇର ବର୍ତ୍ତମାନର ଚେୟାରମ୍ୟାନ (ଅଧ୍ୟକ୍ଷ) ଦୀନେଶ କୁମାର ଖାରାଙ୍କ କାର୍ଯ୍ୟକାଳ ୨୦୨୪ ଅଗଷ୍ଟ ୨୮ରେ ଶେଷ ହେଉଛି। ଏପରିକି ୨୦୨୩ ଅକ୍ଟୋବରରେ ଖାରାଙ୍କ କାର୍ଯ୍ୟକାଳ ୨୦୨୪ ଅଗଷ୍ଟ ୨୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ୨୦୨୦ ଅକ୍ଟୋବର ୭ରେ ସେ ଦେଶର ସର୍ବବୃହତ୍ ବାଣିଜ୍ୟିକ ବ୍ୟାଙ୍କ (ଏସ୍‌ବିଆଇ)ର ଚେୟାରମ୍ୟାନ୍ ଭାବେ ନିଯୁକ୍ତ ହୋଇଥିଲେ।


# Classified Everyday

0674-2580101, 2549949


MATRIMONIAL

## BRIDE WANTED

ଚାକିରୀ କରି ଏକାକି ରହୁଥିବା 49 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30-42 Yrs. ଝିଅ ଆବଶ୍ୟକ। Candidate- 9861141891. D-615

## GROOM WANTED

Height 5' ଅଙ୍ଗନୱାଡି ସୁପରଭାଇଜର Widow ୪୪ ବୟସ୍କା ବ୍ରାହ୍ମଣ ଝିଅଙ୍କୁ ପୁଅ ଦରକାର। ଯୋଗାଯୋଗ- 6370471610. D-577


REAL ESTATE

## SALE

Farm house of 8000sqft. land with cottage 450sqft. clubhouse in gated society before Athagarh 55 lakh. Contact- 9040075409. D-611

**Gharabadi boundary plot at ପୁରୀ ମାଳତୀ ପାଟପୁର sqft.-1200/-, 40ft. road, near Bus Stand & Rly Station. 7008067338, 9090746445.** D-75971

Gharabari plots near Ranga Bazar, Bhubaneswar and Pipili Dandamukundapur(NH). 30ft road, boundary, electri. Gated Society - 8984911275. D-592

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-417

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011.** D-613

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

**(1) Commercial plot, facing to NH Road Nakhara to Niali NH 10000sqft. 3 sides road, (2) Residential plot near Petal English Medium School 850/- sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452.** D-75756

Prime location building at Palasuni and BDA, MIG House at Lingaraj Vihar, Bhubaneswar. Contact- 8917520527. D-612

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। **9178660666.** D-268

**ଭୁବନେଶ୍ୱର KEC ନିକଟ ଗୁଡ଼ିଆପୋଖରି ଛକରୁ 1.5 K.M. ମଧ୍ୟରେ 1380sqft. ଘରବାରି, Boundary, 30' road, Electricpoll ଥାଇ North facing plot ତୁରନ୍ତ ବିକ୍ରି ହେବ। Direct owner- 9078726651.** D-75968

BDA plot for sale 50x75 Kalinga Nagar, paper ready (1.80cr. negotiable). Only owners to contact- (7008717032, 9437028705). D-565

**Plot for sale in BDA Town planning scheme (TP-1), Bhubaneswar. Area- 9150sqft. Contact- 9861339189, 9398095446.** D-75548

**Plot for sale at Puri Konark Marine Drive (850/- per Sqft.). Contact- 6371703010.** D-591

Plot for sale Balasore 40 dismil near Hotel Zaika International, both side road, Owner. 8763066010. D-586

କଟକ- ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar ଏବଂ Sum-2 ହସ୍ପିଟାଲଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-75970

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CONSTRUCTION

**Construct your dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-418




3 BHK furnished Apt for rent (2 Balconies, Drawing cum Dining, 1400 sqft. area). Rent: Rs. 20,000 Per month. location Kendriya Vihar, near CV Raman Global Univ. Only for Families. Contact- 9439339285, 9910763256. D-599

3 BHK available in 2nd Floor for rent for Office purpose at Palasuni, Bhubaneswar, 100mtrs. from NH-16. Rent- Rs 25000. Contact- 8217625744/ 9437214049. D-617

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ACCOMMODATION

**Free accommodation for Senior Citizen & mentally ill person with all facilities. Contact- 9337160036, 7325991853.** D-564




Kerala body Massage best Therapist Bhubaneswar. 9337672475. D-614

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75754

**Relax, Refresh your body, Mind at Saikrupa SPA with best therapies. 8984068077.** D-527

Relax refreshment body massage therapy by experience lady therapist. 7008773793. D-76129

Fully relaxed body massage trained therapist. Central SPA. 9556483961. D-75755

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦ୍ୟୁତିକୃଷ୍ଣ ମିଶ୍ର**

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ

ରଥସାହି, ପୁରୁଷୋତ୍ତମପୁର, ଗଞ୍ଜାମ

ଆବିର୍ଭାବ- ୦୧।୧୨।୧୯୪୭ । ତିରୋଧାନ- ୧୩।୦୬।୨୦୨୩

ଏମିତି ହଠାତ୍ ଆମକୁ ଛାଡ଼ି ଚାଲିଯିବ ସ୍ୱପ୍ନରେ ବି ଭାବିନଥିଲୁ। ଚାହୁଁ ଚାହୁଁ ଆଜକୁ ଦୀର୍ଘ ଏକବର୍ଷ ବିତିଗଲା। ପ୍ରତିଟି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଆମେ ଅନୁଭବ କରୁଛୁ ଓ କରୁଥିବୁ। ତୁମେ ଯେଉଁଠି ଥାଅନା କାହିଁକି ଶାନ୍ତିରେ ଥାଅ। ସର୍ବଦା ଆମକୁ ଶୁଭ ଦୃଷ୍ଟିରେ ଦେଖୁଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ, ସ୍ୱପ୍ନେଶ୍ୱର, ଚନ୍ଦ୍ରଶେଖର, ବାଲୁଙ୍କେଶ୍ୱର ଓ ମା' ତାରାତାରିଣୀଙ୍କଠାରେ ପ୍ରାର୍ଥନା ।

ଶୋକସନ୍ତପ୍ତ- ପୁଅ: ସନ୍ତୋଷ, ସୀମାଞ୍ଚଳ, ପୁତୁରା: ହରିକୃଷ୍ଣ, ପପୁନ, ଜଗା, ନାତି: କାହ୍ନା, ଆୟୁଷ, ଗୁଡୁଲ, ବୋହୂ: ସବିତା, ପୁତୁରାବୋହୂ: ଅର୍ଚ୍ଚନା, ସଞ୍ଜୁକ୍ତା, ଝିଆରୀ: ପପିନ, ସାରଦା, ସୁକୁମା, ସଞ୍ଜୁ, ବେବି, ଜ୍ୱାଇଁ: ଲକ୍ଷ୍ମୀ ଚରଣ, ପୂର୍ଣ୍ଣଚନ୍ଦ୍ର, ଟୁଲୁ, ଭଣଜା: ଉଲା, ମନୁ, ଝୁନୁ, ନାତି, ନାତୁଣୀମାନେ ଏବଂ ଶୋକସନ୍ତପ୍ତ ପରିବାର, ବନ୍ଧୁବର୍ଗ ଓ ତାରିଣୀପଲ୍ଲୀ ସ୍କୁଲର ଛାତ୍ରଛାତ୍ରୀଗଣ ।

ଧ-୬୦୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦ୍ୟୁତିକୃଷ୍ଣ ମିଶ୍ର**

(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)

ତାରିଣୀପଲ୍ଲୀ ପ୍ରାଥମିକ ବିଦ୍ୟାଳୟ, ଗଞ୍ଜାମ

ଆବିର୍ଭାବ-୦୧।୧୨।୧୯୪୭ । ତିରୋଧାନ- ୧୩।୦୬।୨୦୨୩

ଆପଣ ଶିକ୍ଷକତାର ଜୀବନ କାଳରେ ଅନେକ ଛାତ୍ରଛାତ୍ରୀଙ୍କୁ ନୂଆଁ ଆଲୋକର ରାସ୍ତା ଦେଖାଇଛନ୍ତି। ଶିକ୍ଷାଦାନ ସାଙ୍ଗକୁ ଉତ୍ତମ ଚରିତ୍ର ଗଠନ ପାଇଁ ମଧ୍ୟ ପ୍ରେରଣାର ଅବଦାନ ଭୁଲି ହେବ ନାହିଁ। ଦିନ ଥିଲା ଅନେକ ସମସ୍ୟା ମଧ୍ୟରେ ଯେତେବେଳେ ପ୍ରତ୍ୟେକ ଗାଁରେ ବିଦ୍ୟାଳୟ ନଥିଲା ପିଲାମାନେ ବିଦ୍ୟାଳୟ ଯିବା ପାଇଁ ହେଉ ବା ଅଭିଭାବକମାନେ ପିଲାଙ୍କୁ ପାଠ ପଢ଼ିବା ପାଇଁ ଛାଡ଼ିବାକୁ ଆଗ୍ରହୀ ନଥିଲେ, ସେତେବେଳେ ଆପଣ ଘରକୁ ଘର ବୁଲି ବାପା ମାଆଙ୍କୁ ପରାମର୍ଶ ଦେଇ ପିଲାଙ୍କୁ ଡାକି ଆଣି ଶିକ୍ଷାଦାନ କରାଉଥିଲେ। ଆପଣଙ୍କ ପ୍ରଚେଷ୍ଟାରେ ଅନେକ ଛାତ୍ରଛାତ୍ରୀ ଅଶିକ୍ଷିତ ଭଳି ମହାମାରୀରୁ ବାହାରି ନିଜର ସୁନ୍ଦର ଭବିଷ୍ୟତ ଗଢ଼ି ପାରିଛନ୍ତି। ଦୀର୍ଘ ୩୬ବର୍ଷ କାଳ ତାରିଣୀପଲ୍ଲୀ ଭଳି ଏକ ଛୋଟ ଅବହେଳିତ ଗ୍ରାମରେ ଶିକ୍ଷାଦାନ କରି ଅନେକ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିବା ସହ ସମାଜକୁ ଅନ୍ଧାରରୁ ଆଲୋକିତ କରିଛନ୍ତି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ତାରିଣୀପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଗଣ ।

ଧ-୬୦୮

ପିତା ଧର୍ମଃ ପିତା ସ୍ୱର୍ଗଃ ପିତାହି ପରମଂ ତପଃ ।
ପିତରି ପ୍ରିତୀ ମାପନ୍ନେ ପ୍ରିୟନ୍ତେ ସର୍ବ ଦେବତାଃ ॥



**✓ ଦାମୋଦର ରଥ**

ଆବିର୍ଭାବ : ୧୨.୦୫.୧୯୩୩

ତିରୋଧାନ : ୨୧.୦୬.୨୦୧୪

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ଚାହୁଁ ଚାହୁଁ ଦଶ ବର୍ଷ ବିତିଗଲା । ନିଜେ ଦୁଃଖ ସହି ସମସ୍ତଙ୍କୁ ଆନନ୍ଦ ଦେଇ ଆପଣ ଚିର ନମସ୍ୟ । ସବୁ ପୂର୍ଣ୍ଣତା ଭିତରେ ଏକ ବିରାଟ ଶୂନ୍ୟତା ଆମେ ଉପଲବ୍ଧି କରୁଛୁ । ଆପଣଙ୍କ ଆଦର୍ଶ ଆମର ପ୍ରେରଣା ।

ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ

ଧ-୭୫୮୧୬

DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ନୂଆଦିଲ୍ଲୀସ୍ଥିତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ତାଙ୍କ ପ୍ରତିମୂର୍ତ୍ତିକୁ ଦେଖୁଛନ୍ତି।



ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡାଙ୍କୁ ଭେଟୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ତେଜୁଛି ଜୟନାରାୟଣ- ଗିରୀଶ ଅନ୍ତଃକନ୍ଦଳ

**ସମ୍ବଲପୁର,୨୯।୬**
**(ଭବାନୀ ଶଙ୍କର ଭୋଇ)**

୨୦୨୪ ନିର୍ବାଚନରେ ସମ୍ବଲପୁର ଜିଲାର ୪ଟି ବିଧାନସଭା କ୍ଷେତ୍ରରୁ ଦୁଇଟିରେ ଭାଜପା ବିଜୟୀ ହୋଇଥିବା ବେଳେ ଅନ୍ୟ ଦୁଇଟିରେ ପରାଜିତ ହୋଇଛି। ଭାଜପା ପ୍ରତି ଅପେକ୍ଷାକୃତ ଜନସମର୍ଥନ ବଢ଼ିଥିଲେ ମଧ୍ୟ ରେଙ୍ଗାଲି ଓ ରେଢ଼ାଖୋଲରେ ଭାଜପା ଅନ୍ତଃକନ୍ଦଳ ଯୋଗୁ ପରାଜୟ ଭୋଗିଥିବା ଦଳୀୟ କର୍ମୀ ମତ ଦେଉଛନ୍ତି।

ସମ୍ବଲପୁର ବିଧାନସଭା ନିର୍ବାଚନରେ ବିଧାୟକ ଜୟନାରାୟଣ ମିଶ୍ର ଓ ଜିଲା ସଭାପତି ଗିରୀଶ ପଟେଲଙ୍କ ମଧ୍ୟରେ ତିକ୍ତତା ଯୋଗୁ ଦଳ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା ବୋଲି କୁହାଯାଉଛି। ଜୟନାରାୟଣ ସ୍ୱାସ୍ଥ୍ୟଗତ କାରଣରୁ କିଛିଦିନ ସମ୍ବଲପୁରରୁ ଦୂରେଇ ରହିବା ପରେ ଜିଲା ସଭାପତି ଗିରୀଶ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ନିର୍ବାଚନରେ ତାଙ୍କୁ ଟିକେଟ ନ ମିଳିବା ପରେ ସେ ପରୋକ୍ଷରେ ଜୟନାରାୟଣଙ୍କ ବିରୋଧରେ ଲାଗିଥିବା ନେଇ ଜୟଙ୍କ ସମର୍ଥକ ଖୋଲାଖୋଲି ଅଭିଯୋଗ କରୁଛନ୍ତି। ଏନେଇ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିବା କହୁଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ସମୟରେ ଜୟନାରାୟଣ ହାରିବା ନେଇ ଗିରୀଶଙ୍କ ସମର୍ଥକ ଖୋଲାଖୋଲି ପ୍ରଚାର କରୁଥିବା ନେଇ ଜୟଙ୍କ ସମର୍ଥକ କହୁଛନ୍ତି। ତେବେ ନିର୍ବାଚନ ପରେ ଜୟନାରାୟଣଙ୍କ ସମର୍ଥକମାନେ ଏବେ ଜିଲା ସଭାପତିଙ୍କୁ ଖୋଲା ବିରୋଧ କରିବା ଆରମ୍ଭ କରିଛନ୍ତି।



ସମ୍ବଲପୁର କଚେରି ରୋଡ୍‌ସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ତାଲା ପଡିଛି।

ଏକଦା ଗିରୀଶ ପଟେଲ ବିଧାୟକ ଜୟନାରାୟଣଙ୍କ ଏକାନ୍ତ ଅନୁଗତ ରହିଥିଲେ। ପୌର ନିର୍ବାଚନରେ ଅନେକ ଦାବିଦାରଙ୍କୁ ଛାଡ଼ି ଗିରୀଶଙ୍କୁ ପୌରାଧ୍ୟକ୍ଷ କରାଇଥିଲେ ଜୟନାରାୟଣ। କେଁ ଆରମ୍ଭ ହୋଇଥିଲା ଯେତେବେଳେ ନିର୍ବାଚନ ପୂର୍ବରୁ ଝିଅ ଶୁଭଶ୍ରୀଙ୍କୁ ରାଜନୀତିରେ ପ୍ରବେଶ କରାଇ ନିଜର ଉତ୍ତରାଧିକାରୀ ଭାବେ ଠିଆ କରିବାକୁ ଜୟନାରାୟଣ ଚେଷ୍ଟା କରୁଥିବା ବେଳେ ଜିଲା ସଭାପତି ପଟେଲ ଏହାକୁ ବିରୋଧ କରିବା ସହ ଭାଜପାରେ ପରିବାରବାଦ ଚାଲେ ନାହିଁ ବୋଲି ଖୋଲାଖୋଲି ମନ୍ତବ୍ୟ ଦେଇଥିଲେ। ଏପରିକି ଗିରୀଶଙ୍କ ସମର୍ଥକ ଶୁଭଶ୍ରୀଙ୍କୁ ମଧ୍ୟ ବିରୋଧ କରିଥିଲେ। ଏହାପରଠାରୁ ଉଭୟଙ୍କ ସମର୍ଥକମାନଙ୍କ ମଧ୍ୟରେ ଟଣାଓଟରା ସ୍ଥିତି ଲାଗି ରହିଛି। ନିର୍ବାଚନ ପରେ ଗିରୀଶଙ୍କୁ ଭାଜପା ଜିଲା ସଭାପତି ପଦରୁ ହଟାଇବା ପାଇଁ ଜୟଙ୍କ ସମର୍ଥକ ଗୋଷ୍ଠୀ ଉଦ୍ୟମ ଚଳାଇଛନ୍ତି। ଏବେ ବିପରୀତ ପରିସ୍ଥିତିରେ ଜୟନାରାୟଣ ସିଧାସଳଖ ଗିରୀଶଙ୍କୁ ଆକ୍ଷେପ କରୁ ନ ଥିଲେ ବି ତାଙ୍କର ଝିଅ ଶୁଭଶ୍ରୀ ଏବଂ ସମର୍ଥକମାନେ ବିରୋଧ କରୁଛନ୍ତି। ଶୁକ୍ରବାର ଉଭୟ ଗୋଷ୍ଠୀଙ୍କ ବିବାଦ ସୀମା ଟପି ଯାଇଥିଲା। କଚେରି ରୋଡ ସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ଥିବା ସଭାପତି ଗିରୀଶଙ୍କ ପ୍ରକୋଷ୍ଠରେ ଲାଗିଥିବା ତାଲା ଭାଙ୍ଗି ବିଧାୟକ ଜୟନାରାୟଣଙ୍କ ଝିଅ ଶୁଭଶ୍ରୀ ନିଜ ଦଖଲକୁ ନେଇଥିବା ଦେଖିବାକୁ ମିଳିଥିଲା। ଶୁଭଶ୍ରୀ ନିଜ ସମର୍ଥକଙ୍କ ସହ ସଭାପତିଙ୍କ ପ୍ରକୋଷ୍ଠରେ ବୈଠକ କରିବା ପରେ ଅନ୍ୟ ଏକ ତାଲା ପକାଇ ଚାବିକୁ ନିଜ ସମର୍ଥକମାନଙ୍କ ହାତରେ ଦେଇଥିବା ଜଣାପଡିଛି। ଏହି ଘଟଣାକୁ ନେଇ ଭାଜପା ଜିଲା ସଭାପତି ପଟେଲ କହିଛନ୍ତି ଏହା ଦୁର୍ଭାଗ୍ୟଜନକ ଘଟଣା। ଦେହଖରାପ ଯୋଗୁ ସେ କିଛିଦିନ ହେବ ଘରେ ବିଶ୍ରାମ ନେଉଛନ୍ତି। ଭାଜପା ଏକ ଶୃଙ୍ଖଳିତ ଦଳ, ଏଭଳି ବିଶୃଙ୍ଖଳା ଗ୍ରହଣୀୟ ନୁହେଁ। ମୁଁ ଦଳରେ ୪୨ ବର୍ଷ ହେବ ରହିଛି। ଦଳ ପାଇଁ କାମ କରିଆସିଛି। ଏହାସହ ଗିରୀଶ କହିଛନ୍ତି ଯେ ଶୁଭଶ୍ରୀ ଏବେ ଦଳର କୌଣସି ପଦରେ ନାହାନ୍ତି। ଘଟଣା ବିଷୟରେ କେନ୍ଦ୍ର ଏବଂ ରାଜ୍ୟ ନେତୃତ୍ୱଙ୍କୁ ଅବଗତ କରାଇଥିବା କହିଛନ୍ତି।

ଅନ୍ୟପକ୍ଷରେ ଶୁଭଶ୍ରୀ କହିଛନ୍ତି, ଗିରୀଶ ଗତ ନିର୍ବାଚନରେ ଦଳ ବିରୋଧୀ କାମ କରିଥିଲେ। ଅନ୍ୟ ଦଳ ପାଇଁ ଭୋଟ ପ୍ରଚାର କରୁଥିବା ପ୍ରମାଣ ରହିଥିବା ସହିତ ରାଜ୍ୟ ସଭାପତିଙ୍କୁ ବିଧାୟକ ଜୟନାରାୟଣ ଅଭିଯୋଗ କରିସାରିଛନ୍ତି। ନିର୍ବାଚନ ପରେ ଜିଲା ସଭାପତି ଆଉ ନିୟମିତ ଜିଲା କାର୍ଯ୍ୟାଳୟକୁ ଆସୁନାହାନ୍ତି ବୋଲି ଶୁଭଶ୍ରୀ କହିଛନ୍ତି।

ଏହା ମଧ୍ୟ ଆଲୋଚନା ହେଉଛି ଯେ, ଯେତେବେଳେ ବିଜେଡି ସରକାର ଥିଲା ଭାଜପାର ଅନେକ ନେତା ମୁହଁ ଖୋଲୁ ନ ଥିବା ବେଳେ ସେତେବେଳେ ଜୟନାରାୟଣ ବିରୋଧୀ ଦଳ ନେତା ଭାବେ ବିଭିନ୍ନ ପ୍ରସଙ୍ଗ ଉଠାଇ ଶାସକ ଦଳକୁ ହଇରାଣରେ ପକାଉଥିଲେ। ହେଲେ ତାଙ୍କ ଭଳି ଜଣେ ବରିଷ୍ଠ ନେତାଙ୍କୁ ନୂଆ ସରକାରରେ ମନ୍ତ୍ରୀ ପଦ ମିଳିଲା ନାହିଁ।

> ■ନିର୍ବାଚନ ବେଳେ ଗିରୀଶ ଦଳ ବିରୋଧୀ କାର୍ଯ୍ୟ କରିଛନ୍ତି: ଜୟଙ୍କ ସମର୍ଥକ
>
> ■ଶୁଭଶ୍ରୀ ଏବେ ଦଳର କୌଣସି ପଦରେ ନାହାନ୍ତି: ଗିରୀଶ

## ଓଡ଼ିଶାରେ ୟୁଏଇର କନ୍‌ସୁଲେଟ ଖୋଲିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୨୯।୬(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଦୁଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା ଶନିବାର ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡ୍ଡାଙ୍କ ସହିତ ଓଡ଼ିଶାର ବିଭିନ୍ନ ସ୍ୱାର୍ଥ ସମ୍ବଳିତ ପ୍ରସ୍ତାବ ଉପରେ ଆଲୋଚନା କରିଛନ୍ତି। ଜୟଶଙ୍କରଙ୍କ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ୟୁଏଇର କନ୍‌ସୁଲେଟ ଖୋଲିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଦୁବାଇରେ ଓଡ଼ିଶାର ଅନେକ ଲୋକ କାମ କରୁଥିବାରୁ ଓ ଦୁବାଇ ସହିତ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ପାଇଁ ଏହା ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି। ଓଡ଼ିଶାର ୮ ଜଣ ବ୍ୟକ୍ତି ଦୁବାଇରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଓ ରାଜ୍ୟକୁ ଫେରିପାରୁ ନ ଥିବା କଥା ଉଠାଇ ଏଥିରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସହଯୋଗ କାମନା କରିଛନ୍ତି। ଏସବୁ ସମ୍ପର୍କରେ ଗୁରୁତ୍ୱ ଦିଆଯାଇ ଆଶୁ ପଦକ୍ଷେପ ନିଆଯିବ ବୋଲି ଜୟଶଙ୍କର ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବିକାଶ ଉପରେ ମଧ୍ୟ ଆଲୋଚନା ହୋଇଛି। ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟର ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ରରେ ଗଲ୍ଫ କୋର୍ସ ପ୍ରତିଷ୍ଠା, ରାଜ୍ୟରେ ନୌବାଣିଜ୍ୟ କେନ୍ଦ୍ର ପ୍ରତିଷ୍ଠା ଏବଂ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ କେନ୍ଦ୍ର ଖୋଲିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ବିଶେଷକରି ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦ୍ୱାରା ଜାପାନ ଓ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଓ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ପାଇବ ବୋଲି ବୈଠକରେ ଆଶାପ୍ରକାଶ କରାଯାଇଛି। ନୌବାଣିଜ୍ୟ କେନ୍ଦ୍ର ପାଇଁ କେନ୍ଦ୍ର ସରକାର ଏକ ବିଶେଷଜ୍ଞ ଟିମ୍ ପଠାଇବାକୁ ନିଷ୍ପତ୍ତି ହୋଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସହିତ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ରାଜ୍ୟର ଯେଉଁସବୁ ଜିଲାରେ ମେଡିକାଲ କଲେଜ ଖୋଲାଯାଇ ନାହିଁ, ସେଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସେହିପରି ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ଖୋଲିବା ସହିତ ଭୁବନେଶ୍ୱରସ୍ଥିତ ଏମ୍ସର ସମ୍ପ୍ରସାରଣ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହଯୋଗ କାମନା କରିଛନ୍ତି। ବୈଠକରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବା ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବା ଉପରେ ମଧ୍ୟ ଆଲୋଚନା ହୋଇଛି। ଏହା ଓଡ଼ିଶାର ଗରିବ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ପାଇଁ ଖୁବ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀମାନଙ୍କୁ ଭେଟିବା ପୂର୍ବରୁ ପୂର୍ବାହ୍ନରେ ରାଜଘାଟଠାରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସମାଧିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗାନ୍ଧିଜୀଙ୍କ ଆଦର୍ଶ ଯୁଗ ଯୁଗ ପାଇଁ ସାରା ବିଶ୍ୱକୁ ପ୍ରେରଣା ଯୋଗାଇବ। ବାଜପେୟୀ ଭାରତର ଗଣତନ୍ତ୍ରର ସୁରକ୍ଷା ଓ ଆଧୁନିକ ଭାରତ ଗଠନ କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ସ୍ମରଣୀୟ ହୋଇ ରହିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୨୦୨୯ ପରେ ରହିବେନି ଭୂମିହୀନ: ସୁରେଶ ପୂଜାରୀ

**ସରଣ୍ଡା, ୨୯।୬(ଯୁଧିଷ୍ଠିର ମହାପାତ୍ର)**

୨୦୨୯ ସୁଦ୍ଧା ଓଡ଼ିଶାରେ ଆଉ କେହି ଭୂମିହୀନ ରହିବେ ନାହିଁ। ଯେଉଁ ଗରିବଙ୍କ ପାଖରେ ଜମିବାଡ଼ି ନାହିଁ, ସେହି ସମସ୍ତଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯିବ। ରାଜସ୍ୱ ସମ୍ପର୍କୀୟ ସମସ୍ତ ସମସ୍ୟାର ସମାଧାନ ଅତିଶୀଘ୍ର ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ପ୍ରକାଶ କରିଛନ୍ତି। ବରଗଡ଼ ଜିଲା ଅତାବିରା ବ୍ଲକର ଗୋଡ଼ଭଗା ଏବଂ ଅତାବିରାରେ ମନ୍ତ୍ରୀ ପୂଜାରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ଅବସରରେ ସେ ଏହା କହିଥିଲେ। ମନ୍ତ୍ରୀ ଆହୁରି କହିଥିଲେ, ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟର ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନଗୁଡିକୁ ନିଜସ୍ୱ ଜମି ପଟ୍ଟା ପ୍ରଦାନ କରାଯିବ। ପୂର୍ବାହ୍ନ ୧୧ଟାରେ ପ୍ରଥମେ ଗୋଡ଼ଭଗା ସମଲେଶ୍ୱରୀ ମନ୍ଦିରରେ ମଧୁସୂଦନ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଗୋଡ଼ଭଗା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଯୋଗଦେଇ ପୂଜାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେଠାରୁ ଏକ ବାଇକ୍ ରାଲିରେ ରାଜସ୍ୱ ମନ୍ତ୍ରୀ ପୂଜାରୀ ଓ ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦଙ୍କୁ ଏକ ଶୋଭାଯାତ୍ରାରେ ଅତାବିରା ଅଣାଯାଇଥିଲା। ଅଗ୍ରସେନ ଭବନରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ ଭୋଇଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତାବିରାର ଓକିଲ ସଂଘ, ବରିଷ୍ଠ ନାଗରିକ ସଂଘ, ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ, କୋଶଳ ପୂର୍ବତନ ସୈନିକ ସଂଘ, ଦୁର୍ଗା ମନ୍ଦିର କମିଟି, ଫଟୋଗ୍ରାଫର ସଂଘ, ମାରୱାଡି ସମାଜ, ବ୍ରାହ୍ମଣ ସମାଜ, ଜନକଲ୍ୟାଣ କୁଳିତା ସମାଜ, ମୁସଲିମ ସମାଜ, ପ୍ଲେୟାର୍ସ କ୍ଲବ, ଆଞ୍ଚଳିକ ସାହିତ୍ୟ ପରିଷଦ, ଜାଗୃତି ମହିଳା ମୋର୍ଚ୍ଚା, ଅତାବିରା ଗ୍ରାମ୍ୟ କମିଟି, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କାୱା ଓ କାକା ସଂଘ, ବଜରଙ୍ଗ ଦଳ, ବ୍ୟବସାୟୀ ସଂଘ, ଭାଜପା ପକ୍ଷରୁ ପାହାଡ଼ଶ୍ରୀଗିଡା, କାଠଡେରା, କୁଲୁଣ୍ଡା, କାଦୋବାହାଲ, ଅତାବିରା ନଗର ମଣ୍ଡଳ ଓ ଭେଡେନ ବ୍ଲକର ପପଙ୍ଗା, ସଂକୀର୍ଣ୍ଣା, ଭେଡେନ ମଣ୍ଡଳ, ଭାଜପା ଯୁବ ମୋର୍ଚ୍ଚା, ଭାଜପା ମହିଳା ମୋର୍ଚ୍ଚା ଆଦି ସଙ୍ଗଠନର ସଦସ୍ୟମାନେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ରାଜସ୍ୱ ମନ୍ତ୍ରୀ ପୂଜାରୀ ଓ ଅତାବିରା ବିଧାୟକ ମହାନନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଭୟ ସଭା ମଞ୍ଚରେ ବରିଷ୍ଠ ଭାଜପା ନେତା ସୁରେଶ୍ୱର ଶତପଥି ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ମହିଳା ମୋର୍ଚ୍ଚା ନେତ୍ରୀ ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



ଅତାବିରାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ଖାଲିହେଲା ବଲେ ବଲେ ଢାବା

**ଯାଜପୁର/କାଏମା,୨୯।୬**
**(ହର୍ଷବର୍ଦ୍ଧନ ବେହେରା/ଶିବପ୍ରସାଦ ମହାନ୍ତି)**

ଯାଜପୁର ଜିଲା ଧର୍ମଶାଳା ଭବନ ନିକଟ 'ବଲେ ବଲେ' ଢାବା ଓ ଲଜ୍‌ରେ ମଉଜ ମଜଲିସ ଅଭିଯୋଗ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ବିଭିନ୍ନ ସରକାରୀ ଅନୁଦାନରେ ନିର୍ମିତ ଏହି ଶୀତତାପ ନିୟନ୍ତ୍ରିତ ଢାବାରେ ଅନେକ ଅନୈତିକ କାର୍ଯ୍ୟ ହେଉଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏହି ଚର୍ଚ୍ଚିତ ଢାବାକୁ ଜଣେ ଅଭିନେତ୍ରୀ ତଥା ବିଜେଡି ନେତ୍ରୀ ଓ ତାଙ୍କ ସ୍ୱାମୀଙ୍କ ଦ୍ୱାରା ପରିଚାଳନା ହେଉଥିଲା ବୋଲି ଲୋକେ କହୁଛନ୍ତି।

ସୂଚନା ଅନୁସାରେ, ଉକ୍ତ ଢାବାରେ ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ନୋଟିସ ଲାଗିବା ପରେ ଏହାକୁ ଶନିବାର କେତେଜଣ ଲୋକ ଖାଲି କରୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଏହି ଢାବା ସମ୍ପର୍କରେ ସଙ୍ଗିନ ଅଭିଯୋଗ ଆଣି ବିଜେଡି ନେତା ତଥା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ବିଜେଡି ନେତ୍ରୀ ଏଲିନା ଦାସଙ୍କ ଉପରକୁ ନିଶାନା କରିଛନ୍ତି। ଏଠାରେ ଅନୈତିକ କାର୍ଯ୍ୟ ହେଉଥିବାବେଳେ ଏହା ବିଜେଡି ନେତାଙ୍କ କବ୍‌ଜାରେ ଥିବାରୁ ପୋଲିସ ମଧ୍ୟ ଯାଞ୍ଚ କରିବାକୁ ସାହସ ଜୁଟାଉ ନ ଥିଲା ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏନେଇ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି କିଛିଦିନ ତଳେ ନବନିର୍ବାଚିତ ବିଧାୟକ ହିମାଂଶୁ ଶେଖର ସାହୁ ବିଡିଓଙ୍କୁ ପଚାରିଥିଲେ। ଏହାପରେ ବ୍ଲକ ପ୍ରଶାସନ ପକ୍ଷରୁ ଢାବା ଖାଲି କରିବାକୁ ନୋଟିସ୍ ହୋଇଛି। ବ୍ଲକର ରାଜସ୍ୱ ଆଦାୟ ଲକ୍ଷ୍ୟରେ



ସରକାରୀ ଅର୍ଥରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଧର୍ମଶାଳା ଭବନ ନିର୍ମାଣ ହୋଇଥିଲା। ପ୍ରଥମେ ଏହାକୁ ସାରୋଇ ଗ୍ରାମର ହେମନ୍ତ ଜେନା ବାର୍ଷିକ ୪ ଲକ୍ଷ ୧୦ ହଜାର ଟଙ୍କାରେ ୧୦ ବର୍ଷ ପାଇଁ ଲିଜ୍ ନେଇଥିଲେ। ପରେ ଏହି ଭବନ ପରିସରରେ ବିଳାସପୂର୍ଣ୍ଣ ଢାବା ଓ ଲଜ୍ ଗଢ଼ିଉଠିଥିଲା। ତେବେ ହେମନ୍ତ ୨୦୨୦ରୁ ୬ ଲକ୍ଷ ୫ ହଜାର ଟଙ୍କା ବାକି ରଖିଛନ୍ତି, ଯାହାକୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ତିନୋଟି ଚିଠି ହୋଇଥିଲେ ସୁଦ୍ଧା ସେ ବକେୟା ଟଙ୍କା ପୈଠ କରିନାହାନ୍ତି ବୋଲି ସୂଚନା ମିଳିଛି। ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଧର୍ମଶାଳା ଭବନକୁ ଲିଜ୍‌ରେ ଦିଆଯାଇଥିବା କହୁଛନ୍ତି। କିନ୍ତୁ ଢାବାର ପରିଚାଳନା କିଏ କରୁଥିଲେ ସେ ସମ୍ପର୍କରେ ବିଡିଓ ବଳ କିଛି ଜାଣିନାହାନ୍ତି ବୋଲି କହୁଛନ୍ତି। ବିଧାୟକ ହିମାଂଶୁ ଶେଖର ସାହୁ ଧର୍ମଶାଳାବାସୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ଭବନର ଲିଜ୍ ତୁରନ୍ତ ବାତିଲ କରାଯିବାକୁ ଦାବି କରିବା ସହ ଷ୍ଟାଡିୟମ, ଧର୍ମଶାଳା କ୍ଲବ, ସିଭିକ୍ ସେଣ୍ଟର୍, ବିଜୁ ଗ୍ରାମୀଣ ବଜାର ଗୃହର ନିଲାମ ପ୍ରକ୍ରିୟା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉ କି, ୭୦ଲକ୍ଷ ଟଙ୍କା ସରକାରୀ ଅନୁଦାନରେ ନିର୍ମିତ ଧର୍ମଶାଳା ଭବନର ବଲେ ବଲେ ଢାବାର ଗୁପ୍ତ ମାଲିକ ଶନିବାର ସାମଗ୍ରୀ ହଟାଇବା ଆରମ୍ଭ କରିଛନ୍ତି। ଏହି ଚର୍ଚ୍ଚିତ ଢାବାର ମାଲିକଙ୍କୁ ନେଇ ବ୍ଲକ ପ୍ରଶାସନ ଭୁଆଁ ବୁଲାଉଛି ବୋଲି ଅଭିଯୋଗ ଉଠିଛି। ଏପରି କି ନିର୍ମାଣ ଦାୟିତ୍ୱରେ ଥିବା ଜନୈକ କନିଷ୍ଠ ଯନ୍ତ୍ରୀ ଢାବା ନିର୍ମାଣ ପରେ ପ୍ରଶାସନକୁ ହସ୍ତାନ୍ତର କରି ନ ଥିବା କୁହାଯାଉଛି। ପ୍ରଭାବଶାଳୀ ନେତାମାନଙ୍କୁ ଖସାଇବା ଉଦ୍ୟମ କରୁଥିବା ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯିବ ବୋଲି ଚର୍ଚ୍ଚା ହେଉଛି। ଧର୍ମଶାଳା ବିଡିଓ ବଳ କରିଥିବା ନୋଟିସରେ ଦର୍ଶାଇଛନ୍ତି ଯେ ଲୋକମାନଙ୍କ ଲଗାତର ଅଭିଯୋଗ ପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ଏଠାରେ ପ୍ରଶ୍ନ ଉଠୁଛି କାହା ଚାପରେ ଏହି ବେଆଇନ କାର୍ଯ୍ୟ ଚାଲିଥିଲା ? ଢାବା ବନ୍ଦ କରିବାକୁ ହୋଇଥିବା ନୋଟିସରେ କାହାରି ନାମ ଦର୍ଶାଯାଇନାହିଁ। ଏହି ଚର୍ଚ୍ଚିତ ଢାବା ଚଳାଉଥିବା ବ୍ୟକ୍ତି କିଏ ଓ ଢାବା ସିଲ୍ ପରେ ସାମଗ୍ରୀ କିଏ ନେଉଛି ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏଭଳି ବେଆଇନ କାରବାରରେ ପ୍ରଶାସନ କାହିଁକି ଆଜି ପର୍ଯ୍ୟନ୍ତ ଏତଲା ଦେଉନାହିଁ ବୋଲି ଚର୍ଚ୍ଚା ହେଉଛି। ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବିଜେଡି ନେତ୍ରୀ ଏଲିନାଙ୍କ ମତାମତ ନେବାକୁ ତାଙ୍କୁ ଯୋଗାଯୋଗ କରଯାଇଥିଲେ ମଧ୍ୟ ହେଁ ସେମାନେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

# ହାପି ମାନ୍‌ସୁନ୍ ...









**ଦୀର୍ଘଦିନ ଖରା ଓ ଗରମରେ ହନ୍ତସନ୍ତ ହେଉଥିବା ଜୀବଜଗତକୁ ମୌସୁମୀର ଆଗମନ, କରିଛି କିଛି ମାତ୍ରାରେ ଆଶ୍ୱସ୍ତ। ହେଲେ ବର୍ଷାଦିନେ ବାହାରକୁ ଯିବାଠାରୁ ଆରମ୍ଭ କରି ଏଦିନେ ଉପୁଜୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଯୁବପିଢ଼ିଙ୍କର ବଢ଼ିଛି ଟେନ୍‌ସନ୍। ଏମିତିରେ କେତେକ ଦିଗ ପ୍ରତି ସତର୍କ ରହିଲେ ଫିଟ୍ ରହିବା ସହ ନେଇପାରିବେ ମନ୍‌ସୁନ୍‌ର ଭରପୂର ମଜା...**

ଆରମ୍ଭ ହୋଇଯାଇଛି ବର୍ଷା ଦିନ। ଏଦିନେ ପାଠପଢ଼ା କିମ୍ବା ଜବ୍ ପାଇଁ ପ୍ରତିଦିନ ବାହାରକୁ ଯାଉଥିବା ଯୁବପିଢ଼ି ଫିଟ୍‌ନେସ୍‌କୁ ନେଇ ବିଭିନ୍ନ ଦିଗ ପ୍ରତି ବିଶେଷ ସଜାଗ ହେବା ଆବଶ୍ୟକ...



**ବଢ଼ାନ୍ତୁ ରୋଗ ପ୍ରତିରୋଧକ ଶକ୍ତି:**
- ବର୍ଷାଦିନେ ଉପୁଜୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ବା ସିଜନାଲ୍ ଇଫେକ୍ଟିଭ୍ ଡିସ୍‌ଅର୍ଡରଠାରୁ ନିଜକୁ ଦୂରେଇ ରଖିବା ଲାଗି ଖାଦ୍ୟପେୟ ପ୍ରତି ବିଶେଷ ଦୃଷ୍ଟି ଦିଅନ୍ତୁ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ଭିଟାମିନ୍ ଡି'ର ତତ୍ତ୍ୱ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଏଦିନେ ଶରୀର ପାଇଁ ବେଶ୍ ଜରୁରୀ। ଏଥିପାଇଁ ମାଛ ଖାଆନ୍ତୁ। ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଋତୁଭିତ୍ତିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ।

**ଗାଡ଼ି ଚଳାଉଥିଲେ ରୁହନ୍ତୁ ସତର୍କ:** ବର୍ଷା ବେଳେ ନିହାତି ଆବଶ୍ୟକ ଯେପରି ଜବ୍ କିମ୍ବା କ୍ଲାସ୍ ଅବା ଅନ୍ୟ ଜରୁରୀ କାର୍ଯ୍ୟ ନ ଥିଲେ ଆଦୌ ବାହାରନ୍ତୁ ନାହିଁ। ଗାଡ଼ି ଚଳାଉଥିବା ବେଳେ ହଠାତ୍ ବିଜୁଳି, ଘଡ଼ଘଡ଼ି ଆରମ୍ଭ ହୋଇଯାଏ। ତେବେ ଆଗକୁ ନ ଯାଇ ଆଶ୍ରୟ ଲାଗି ତୁରନ୍ତ ନିକଟରେ ଥିବା କୌଣସି ଘର, ହୋଟେଲ୍ ଆଦିକୁ ଚାଲି ଯାଆନ୍ତୁ।



- ପାଣିରେ ଗାଡ଼ି ଜୋର୍‌ରେ ଚଳାନ୍ତୁ ନାହିଁ, ନଚେତ୍ ଗାଡ଼ି ଟାୟାର୍ ଖସିବା କିମ୍ବା ପାଣିରେ ଖାଲ, ଢିପ ଜଣାପଡୁ ନ ଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

**ପାଖରେ ରଖନ୍ତୁ ଆବଶ୍ୟକ ସାମଗ୍ରୀ:** ବର୍ଷା ପାଗରେ ବାହାରକୁ ଯାଉଥିଲେ ପାଖରେ ଛତା, ରେନିକୋଟ୍ ଆଦି ସହିତ ଏକ ସେଟ୍ ଡ୍ରେସ୍, ଟାୱେଲ୍ ଆଦି ରଖନ୍ତୁ। ଯଦି କୌଣସି କାରଣରୁ ଓଦା ହୋଇଯା'ନ୍ତି ତେବେ ତୁରନ୍ତ ଓଦା ପୋଷାକ ବଦଳରେ ଏସବୁ ପିନ୍ଧି ଦିଅନ୍ତୁ। ନଚେତ୍ କେବଳ ଥଣ୍ଡା, ଜ୍ୱର ନୁହେଁ ବରଂ ଓଦାରେ ଅଧିକ ସମୟ ରହିବା ଦ୍ୱାରା ଭାଇରସ୍ ସଂକ୍ରମଣ ଏବଂ ଫଙ୍ଗାଲ୍ ଇନ୍‌ଫେକ୍ସନ୍‌ର ଭୟ ବେଶି। ସେହିପରି ପାଖରେ କିଛି ଶୁଖିଲା ଖାଦ୍ୟ ଓ ପାଣି ବୋତଲ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ।

**ଷ୍ଟ୍ରିଟ୍‌ଫୁଡ୍‌ଠୁ ଦୂରେଇ ରୁହନ୍ତୁ:** ରାସ୍ତା କଡ଼ରେ ଛୋଟ ଛୋଟ ହୋଟେଲ, ରେଷ୍ଟୁରାଣ୍ଟରେ ବିକ୍ରୟ ହେଉଥିବା ବିଭିନ୍ନ ପ୍ରକାରର ଛଣାଛଣି ଏବଂ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ପ୍ରାୟ ସଭିଙ୍କୁ ଆକୃଷ୍ଟ କରିଥାଏ। ବିଶେଷକରି ଯୁବପିଢ଼ି ଏଭଳି ଖାଦ୍ୟ ଅଧିକ ଖାଉଥିବା ଦେଖିବାକୁ ମିଳିଥାଏ। ହେଲେ ବର୍ଷାଦିନେ ନାଳକଡ଼ ବା ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଥିବା ଷ୍ଟ୍ରିଟ୍‌ଫୁଡ୍ ଷ୍ଟଲ୍‌ରୁ ଖାଦ୍ୟ ଖାଇବା ଅସ୍ୱାସ୍ଥ୍ୟକର। କାରଣ ଏଥିରେ ବ୍ୟବହୃତ ନିମ୍ନମାନର ସାମଗ୍ରୀ, ଅପରିଷ୍କାର ପାଣି ସହ ଖାଦ୍ୟରେ ମାଛି ବସିବା ଏବଂ ଝାଡ଼ା, ବାନ୍ତି ଭଳି ପେଟରୋଗର ମୁଖ୍ୟ କାରଣ।

**କ୍ଷତିକାରକ ହୋଇପାରେ ମୋବାଇଲ୍:** ବର୍ଷା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ଦ୍ୱାରା ପାଣି ସଂସ୍ପର୍ଶରେ ଆସି ନଷ୍ଟ ହୋଇଯିବାର ଆଶଙ୍କା ରହିଛି। କେବଳ ଏତିକି ନୁହେଁ ବିଜୁଳି, ଘଡ଼ଘଡ଼ି ହେଉଥିବା ସମୟରେ ମୋବାଇଲ୍‌ରେ କଥା ହେଉଥିଲେ ବିଜୁଳି କରେଣ୍ଟ ସଂସ୍ପର୍ଶରେ ଆସି ମୋବାଇଲ ଫାଟିବା କିମ୍ବା ବ୍ୟବହାରକାରୀଙ୍କ କାନର ଅଡିଓ ସେନ୍‌ସରି ନର୍ଭସ୍ ସିଷ୍ଟମ ଖରାପ ହୋଇ ସାରା ଜୀବନ ଲାଗି ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ରହିଛି। ତେବେ ଇୟର କିମ୍ବା ହେଡ୍ ଫୋନ୍ ଲଗାଇ କଥା ହେଲେ କିଛି ଅସୁବିଧା ନାହିଁ ବୋଲି ଅନେକେ ଭାବନ୍ତି। ହେଲେ ଏହା ମଧ୍ୟ ସେତିକି ବିପଦପୂର୍ଣ୍ଣ। ତେଣୁ ଏ ସମୟରେ ଆଦୌ ମୋବାଇଲ୍ ବ୍ୟବହାର କରନ୍ତୁ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଘଡ଼ଘଡ଼ି ମାରୁଥିବା ସମୟରେ ମୋବାଇଲ୍ ଫୋନ୍‌ରେ କଥା ହେବାଠାରୁ ଦୂରେଇ ରୁହନ୍ତୁ। ଏହାର ଡାଟା ଅନ୍ ଥିଲେ ଅଫ୍ କରନ୍ତୁ, ଚାର୍ଜରେ ବସିଥିଲେ ତୁରନ୍ତ କାଢ଼ିଦିଅନ୍ତୁ।





## ଏ ସପ୍ତାହର ପ୍ରଶ୍ନ

୧- ନିକଟରେ 'ଭାରତ ସେଣ୍ଟର ଅଫ୍ ଅଲିମ୍ପିକ୍ ରିସର୍ଚ୍ଚ ଆଣ୍ଡ ଏଜୁକେଶନ୍' ........... ଠାରେ ପ୍ରତିଷ୍ଠା କରାଯାଇଛି ?
୨- ଆଫ୍ରିକାନ୍ ସ୍ୱାଇନ୍ ଫିଭର ଏକ ........... ଜନିତ ରୋଗ ?
୩- ୧୭ ବର୍ଷରୁ କମ୍ ଏସିଆନ୍ ରେସ୍‌ଲିଂ ଚାମ୍ପିୟନ୍‌ଶିପ୍ ୨୦୨୪ରେ ଭାରତୀୟ ଖେଳାଳି ..........ଟି ପଦକ ହାସଲ କରିପାରିଛନ୍ତି ?
୪- ଖାଲୁବାର ୱାର୍ ମେମୋରିଆଲ୍ ମ୍ୟୁଜିୟମ୍ ........... ଠାରେ ଅବସ୍ଥିତ ?
୫- ୱାର୍ଲ୍ଡ ୟୁଏଫ୍‌ଓ ଡେ' ......... ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ଭାରତ
୨ ଉତ୍ତରପ୍ରଦେଶ
୩ ଗିରିରାଜ୍ ସିଂ ସିରୋହି
୪ ଚାରୁ ନିବେଦିତା
୫ ବେଙ୍ଗ

## ଉତ୍ତରଦାତା



ପ୍ରଦୀପ କୁମାର ନାଏକ
ବଲାଙ୍ଗୀର



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବୃହତ୍ତମ ୱାଟରପାର୍କ

୧. ଚିମେଲଙ୍ଗ୍ ୱାଟରପାର୍କ.................................... ଚାଇନା
୨. କ୍ୟାରିବିନ୍ ବେ.................................... ଦକ୍ଷିଣ କୋରିଆ
୩. ନୋଆସ୍ ଆର୍କ ୱାଟରପାର୍କ.................. ୱିସ୍କନ୍‌ସିନ୍ ଡେଲ୍ସ, ଆମେରିକା
୪. ସିଆମ୍ ପାର୍କ.................................... ଟେନେରିଫ୍, ସ୍ପେନ୍
୫. ଆକ୍ୱାଭେଞ୍ଚର୍ ୱାଟରପାର୍କ .................................... ଦୁବାଇ
୬. ୱାଟରୱାର୍ଲ୍ଡ ଥିମ୍‌ଡ ୱାଟରପାର୍କ.................. ଆୟିଆ ନାପା, ସାଇପ୍ରସ୍
୭. ୱେଟ୍ ଆଣ୍ଡ ୱାଇଲ୍ଡ ଗୋଲ୍ଡ କୋଷ୍ଟ ............. ଗୋଲ୍ଡ କୋଷ୍ଟ, ଅଷ୍ଟ୍ରେଲିଆ
୮. ଆକ୍ୱାଟିକା ଅର୍ଲାଣ୍ଡୋ .................................... ଅର୍ଲାଣ୍ଡୋ, ଆମେରିକା
୯. ସନ୍‌ୱେ ଲାଗୁନ୍ ............................ ପେଟାଲିଂ ଯାୟା, ମାଲେସିଆ
୧୦. ଟ୍ରପିକାଲ୍ ଆଇଲାଣ୍ଡ ରିସୋର୍ଟ ...................... କ୍ରଉସ୍ନିକ୍, ଜର୍ମାନୀ



## ୟୁଥ୍ ଆଲର୍ଟ

# ରେନିଡେ' ଫୁଟ୍‌ୱେର କିଣୁଥିଲେ...



**ଆଉଟ୍‌ଫିଟ୍‌କୁ ମ୍ୟାଚ୍ କରିବା ଭଳି ବିଭିନ୍ନ ପ୍ରକାରର ଫୁଟ୍‌ୱେର୍ କଲେକ୍ସନ ରଖିବା ଅଧିକାଂଶ ଯୁବପିଢ଼ିଙ୍କ ପସନ୍ଦ। ହେଲେ ବର୍ଷାଦିନେ ଚପଲ କିଣିବା ବେଳେ କେବଳ ଫ୍ୟାଶନ ନୁହେଁ, ବରଂ ସୁରକ୍ଷା ପ୍ରତି ମଧ୍ୟ ସଜାଗ ରହିବା ଗୁରୁତ୍ୱପୂର୍ଣ୍ଣ। ତେଣୁ ରେନିସୁଜ୍ କିଣିବା ପୂର୍ବରୁ ଜାଣିରଖନ୍ତୁ କିଛି କଥା...**

- ମାର୍କେଟ୍‌ରେ ମିଳୁଥିବା କଲରଫୁଲ୍ ୱାଟରପ୍ରୁଫ୍ ଚପଲ ଦେଖିବାକୁ ଖୁବ୍ ଆକର୍ଷଣୀୟ, ହେଲେ ସବୁ ପିନ୍ଧିବା ବେଳେ ଯେ କମ୍ଫର୍ଟେବଲ୍ ଲାଗିବ ତାହା ଠିକ୍ ନୁହେଁ। କାରଣ କେତେକ ରବର ଏବଂ ପ୍ଲାଷ୍ଟିକ୍ ଚପଲ ବର୍ଷାରେ ପିନ୍ଧିଲେ ନଷ୍ଟ ହୁଏ ନାହିଁ ସତ, ହେଲେ ଏଥିରେ ଗୋଡ଼ ଖସି ପଡ଼ିଯିବାର ଆଶଙ୍କା ଥାଏ। ତେଣୁ ଚପଲ କିଣିବା ବେଳେ ତାହା ଯେପରି ଅଧିକ ଚିକ୍କଣ ବା ଖସଡ଼ା ହୋଇ ନ ଥିବ ଏବଂ ଗ୍ରିପ୍ ଠିକ୍ ଭାବେ ରହୁଥିବ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ତେଣୁ କିଣିବା ପୂର୍ବରୁ ଭଲ ଭାବେ ଚେକ୍ କରିନିଅନ୍ତୁ।
- ବର୍ଷାଦିନେ ଚପଲ ସାମାନ୍ୟ ଖସିବାମାତ୍ରେ ଅନେକଙ୍କର ଗୋଇଠି ମୋଡ଼ି ହୋଇଯିବା ସମସ୍ୟା ଦେଖାଦିଏ। ତେଣୁ ଗୋଇଠିକୁ ଭଲ ଭାବେ ସପୋର୍ଟ ଦେଉଥିବା ଭଳି ଚପଲ କିଣନ୍ତୁ।
- ଏଦିନେ ଅଧିକ ଟାଇଟ୍ ଜୋତା କିଣନ୍ତୁ ନାହିଁ। କାରଣ ଏଭଳି ଜୋତା ପିନ୍ଧିଲେ ପାଦ ଅଧିକ ସମୟ ଓଦା ରହିଥାଏ। ଫଳରେ ଆଙ୍ଗୁଠି ଫାଙ୍କଗୁଡ଼ିକରେ ପାଣି ରହି ପାଣିଖିଆ ଏବଂ ଫଙ୍ଗାଲ ଇନ୍‌ଫେକ୍ସନ ଦେଖାଦେଇଥାଏ।
- ଏଦିନେ ହାଇ ହିଲ୍ ଚପଲ କିଣିବା ମଧ୍ୟ ଆଦୌ ଠିକ୍ ନୁହେଁ। କାରଣ ବର୍ଷା ପାଣିରେ ଖାଲ, ଢିପ ସବୁ ସ୍ଥାନ ଏକାପରି ଲାଗୁଥିବାରୁ ଗୋଡ଼ ମୋଡ଼ି ହୋଇଯିବା, ପଡ଼ିଯିବା କିମ୍ବା ଅନ୍ୟ ଅଘଟଣ ଘଟିବାର ଆଶଙ୍କା ରହିଛି। ଏହା ବଦଳରେ ଚାଲିବାରେ ସୁବିଧା ହେବା ଭଳି ସ୍ଲିପର ଅବା ରେନି ଶୁଜ୍ ପିନ୍ଧନ୍ତୁ।
- ଏଦିନେ ଲେଦର, ଜିନ୍ସ, କାନ୍‌ଭାସ୍ ଭଳି ଜୋତା ଆଦୌ ପିନ୍ଧନ୍ତୁ ନାହିଁ। କାରଣ ବର୍ଷା ପାଣି ଲାଗି ଏହା ନା କେବଳ ଶୀଘ୍ର ନଷ୍ଟ ହୋଇଯିବାର ଆଶଙ୍କା ରହିଛି ବରଂ ସହଜରେ ନ ଶୁଖିବା କାରଣରୁ ଥଣ୍ଡା ଜ୍ୱର ଭଳି ସମସ୍ୟା ସୃଷ୍ଟି କରିଥାଏ।



## ଜାଣନ୍ତୁ ଦୁନିଆ

# ଇନ୍‌ଷ୍ଟାଗ୍ରାମ୍

**ଇନ୍‌ଷ୍ଟାଗ୍ରାମ୍ ବର୍ତ୍ତମାନ ପିଲାଠୁ ବୟସ୍କଙ୍କ ପର୍ଯ୍ୟନ୍ତ ସବୁବର୍ଗରେ ବେଶ୍ ଲୋକପ୍ରିୟତା ହାସଲ କରିଛି। ସମଗ୍ର ପୃଥିବୀରେ ଏହାର ପ୍ରାୟ ୨.୪ ବିଲିଅନ୍ ଉପଭୋକ୍ତା ରହିଥିବା ବେଳେ ଏହା ସର୍ବାଧିକ ଡାଉନ୍‌ଲୋଡ୍ ହେଉଥିବା ସୋସିଆଲ୍ ମିଡିଆ ଆପ୍ ଭାବେ ଦ୍ୱିତୀୟ ସ୍ଥାନରେ ରହିଛି। ଜାଣନ୍ତୁ ଏହା ସମ୍ପର୍କରେ କିଛି ତଥ୍ୟ...**

- ୨୦୨୩ ରିପୋର୍ଟ ମୁତାବକ ସମଗ୍ର ପୃଥିବୀରେ ସର୍ବାଧିକ ୟୁଜର୍ ବେସ୍ ଥିବା ଦେଶ ଭାବେ ଭାରତ (୩୨୬.୬ ମିଲିୟନ) ପ୍ରଥମ ସ୍ଥାନରେ ରହିଛି। ଏହା ବ୍ୟତୀତ ଆମେରିକା, ତୁର୍କୀ, ଇଂଲଣ୍ଡ, ବ୍ରାଜିଲ୍ ଏବଂ ଋଷିଆ ହେଉଛି ପୃଥିବୀର ସର୍ବାଧିକ ଇନ୍‌ଷ୍ଟାଗ୍ରାମ୍ ବ୍ୟବହାର କରୁଥିବା ଦେଶ। ତେବେ ଏଥିରେ ୧୮ରୁ ୨୪ ବର୍ଷ ବୟସ୍କ ଯୁବପିଢ଼ିଙ୍କ ସଂଖ୍ୟା ସର୍ବାଧିକ।
- ଇନ୍‌ଷ୍ଟାଗ୍ରାମ୍ ୨୦୧୦ ଅକ୍ଟୋବର ୬ ତାରିଖରେ ଆରମ୍ଭ କରାଯାଇଥିଲା।
- ଏହାର ନାମ 'ଇନ୍‌ଷ୍ଟାଣ୍ଟ କ୍ୟାମେରା' ଏବଂ 'ଟେଲିଗ୍ରାମ୍' ଦୁଇଟି ଶବ୍ଦରୁ ଉଦ୍ଧୃତ କରାଯାଇଛି।
- ଏହାର କୋ-ଫାଉଣ୍ଡର କେଭିନ୍ ସିଷ୍ଟ୍ରୋମ୍ ୨୦୧୦, ଜୁଲାଇ ୧୬ରେ ସର୍ବପ୍ରଥମେ ଏକ କୁକୁରର ଫଟୋ ଏଥିରେ ପୋଷ୍ଟ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏଥିରେ ୫୦ ବିଲିଅନ୍‌ରୁ ଊର୍ଦ୍ଧ୍ୱ ଫଟୋ ଶେୟାର କରାଯାଇସାରିଛି। ତେବେ ଏଥିରେ ମାତ୍ର ଗୋଟିଏ ମିନିଟ୍‌ରେ ପ୍ରାୟ ୬୬,୦୦୦ ଫଟୋ ଶେୟାର କରାଯାଇଥାଏ।
- ଇନ୍‌ଷ୍ଟାଗ୍ରାମ୍‌ରେ ସବୁଠୁ ଅଧିକ ଅପ୍‌ଲୋଡ୍ କରାଯାଉଥିବା ଫଟୋ ହେଉଛି ସେଲ୍‌ଫି। ଅର୍ଥାତ୍ ବର୍ତ୍ତମାନ ସୁଦ୍ଧା ଏଥିରେ ୩୧୦ ମିଲିୟନ୍‌ରୁ ଊର୍ଦ୍ଧ୍ୱ କେବଳ ସେଲ୍‌ଫି ଅପ୍‌ଲୋଡ୍ କରାଯାଇଛି।
- ଏକ ଗବେଷଣା ରିପୋର୍ଟ ମୁତାବକ ଏଥିରେ ଥିବା ସମସ୍ତ ଆକାଉଣ୍ଟ ମଧ୍ୟରୁ ପ୍ରାୟ ୮% ହେଉଛି ଫେକ୍।
- ୨୦୧୨ରେ ଫେସ୍‌ବୁକ୍ ଏହାକୁ କିଣିନେଇଥିଲା। ସେତେବେଳେ ଏଥିରେ ମାତ୍ର ୩୦ ମିଲିୟନ୍ ୟୁଜର୍ ଥିଲେ।



- ୨୦୧୩ରେ ଏଥିରେ ଭିଡିଓ ପୋଷ୍ଟ ଅପ୍ସନ ଆରମ୍ଭ କରାଯାଇଥିଲା। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ମାତ୍ର ୨୪ ଘଣ୍ଟା ମଧ୍ୟରେ ୟୁଜର୍‌ମାନଙ୍କ ଦ୍ୱାରା ୫ ମିଲିୟନ୍ ଭିଡିଓ ପୋଷ୍ଟ କରାଯାଇଥିଲା।
- ଇନ୍‌ଷ୍ଟାଗ୍ରାମ୍‌ରେ ବ୍ୟବହାର କରାଯାଉଥିବା ସବୁଠୁ ଲୋକପ୍ରିୟ ହାସ୍ ଟ୍ୟାଗ୍ ହେଉଛି #love।




# କୋହଲି, ବୁମ୍‌ରା ଶ୍ରେଷ୍ଠ



ପ୍ଲେୟର ଅଫ୍ ଦି ମ୍ୟାଚ୍ ବିରାଟ କୋହଲି।

ହେନ୍‌ରିଚ୍ କ୍ଲାସେନ୍ ୨୭ ବଲ୍‌ରୁ ୫୨ (୨ ଚୌକା, ୫ ଛକା), କ୍ୱିଣ୍ଟନ ଡିକକ୍ ୩୯ ଓ ଟ୍ରିଷ୍ଟନ ଷ୍ଟବ୍ସ ୩୧ ରନକରି ଦକ୍ଷିଣ ଆଫ୍ରିକା ପାଇଁ ଆଶା ସଞ୍ଚାର କରିଥିଲେ। ମାତ୍ର ଯଶପ୍ରୀତ୍ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା, ଅର୍ଶଦୀପ ସିଂ ଚମତ୍କାର ବୋଲିଂକରି ମ୍ୟାଚର ମୋଡ଼ ବୁଲାଇ ଦେଇଥିଲେ। ବିଭିନ୍ନ ସମୟରେ ମ୍ୟାଚ ନାଟକୀୟ ମୋଡ଼ ନେଇଥିବାବେଳେ ଭାଗ୍ୟଲକ୍ଷ୍ମୀ ଭାରତକୁ ସହାୟ ହୋଇଥିଲେ। ହାର୍ଦ୍ଦିକ ସର୍ବାଧିକ ୩ଟି, ବୁମ୍‌ରା ଓ ଅର୍ଶଦୀପ ୨ଟି ଲେଖାଏ ଏବଂ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ। ଭାରତର ଏହି ବିଜୟ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ପାଇଁ ହୋଇଛି ଉପଯୁକ୍ତ ଭେଟି। କୋଚ୍‌ଭାବେ ଏହା ଥିଲା ଦ୍ରାବିଡ୍‌ଙ୍କର ଶେଷ ମ୍ୟାଚ। ସୁଖଦ ଅନୁଭୂତି ସହ ନିଜ କୋଚିଂ କ୍ୟାରିୟରର ଅନ୍ତ ଘଟାଇଲେ ମୋଷ୍ଟ ଡିପେଣ୍ଡେବଲ ରାହୁଲ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା। ପ୍ରଥମ ଓଭରରେ ଭାରତର ଆରମ୍ଭ ଭଲ ହୋଇଥିଲେ ହେଁ ଦ୍ୱିତୀୟ ଓଭରରେ ୨ ବଲ୍ ବ୍ୟବଧାନରେ ୨ଟି ଉଇକେଟ ନେଇ ଶକ୍ତ ଝଟକା ଦେଇଥିଲେ ତାରକା ସ୍ପିନର କେଶବ ମହାରାଜ। ସେ ପ୍ରଥମ ଓଭରର ୪ର୍ଥ ବଲ୍‌ରେ ରୋହିତ (୯ ରନ) ଓ ୬ଷ୍ଠ ବଲ୍‌ରେ ରିଷଭ ପନ୍ତ(୦)ଙ୍କୁ ଆଉଟ କରିଥିଲେ। ଟି୨୦ ସ୍ପେଶାଲିଷ୍ଟ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ମାତ୍ର ୩ ରନକରି ଆଉଟ ହେବା ଭାରତକୁ ବ୍ୟାକ୍‌ଫୁଟ୍‌ରେ ରଖିଥିଲା। ମାତ୍ର ୩୪ ରନ୍‌ରେ ଟପ୍ ଅର୍ଡରର ୩ ବ୍ୟାଟର ଆଉଟ ହେବାରୁ କୋହଲିଙ୍କ କାନ୍ଧକୁ ଆସିଥିଲା ବିରାଟ ଦାୟିତ୍ୱ। ନିରାଶ କରି ନ ଥିଲେ କିଙ୍ଗ୍ କୋହଲି। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରି ନ ପାରି ସମାଲୋଚିତ ହୋଇ ଆସୁଥିବା କୋହଲି ଠିକ୍ ସମୟରେ ଖେଳିଥିଲେ ସ୍ମରଣୀୟ ଇନିଂସ। ସେ ଓ ଅକ୍ଷର ପଟେଲ ୪ର୍ଥ ଉଇକେଟରେ ୭୨ ରନ ଯୋଗକରି ଇନିଂସ ସମ୍ଭାଳିଥିଲେ। ୩୧ ବଲ୍‌ରୁ ୧ ଚୌକା ଓ ୪ ଛକା ସହାୟତାରେ ୪୭ ରନକରି ଅକ୍ଷର ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ପରିସ୍ଥିତି ଦୃଷ୍ଟିରୁ ଇନିଂସ ଆରମ୍ଭରେ ଧିମା ରହିଥିବା କୋହଲି ଶେଷଭାଗରେ ବିସ୍ଫୋରକ ବ୍ୟାଟିଂକରି ଭାରତ ସ୍କୋରକୁ ୧୫୦ ଅତିକ୍ରମ କରାଇଥିଲେ। ୬୯ ବଲ୍‌ରୁ ୬ ଚୌକା ଓ ୨ ଛକା ସହାୟତାରେ ସେ ୭୬ ରନ ସ୍କୋର କରି ଭାରତର ସମ୍ମାନ ରଖିଥିଲେ। ଚଳିତ ଟୁର୍ନାମେଣ୍ଟରେ ଏହା ଥିଲା ତାଙ୍କର ପ୍ରଥମ ଅର୍ଦ୍ଧଶତକ। ଶିବମ୍ ଦୁବେ ଛୋଟ ଇନିଂସ ଖେଳିଥିଲେ ହେଁ ଭାରତ ପାଇଁ ତାହା ବେଶ୍ ଉପାଦେୟ ହୋଇଥିଲା। ସେ ୧୬ ବଲ୍‌ରୁ ୨୭ (୩ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ଶେଷ ଓଭରରେ ଏନ୍‌ରିଚ୍ ନର୍ଜେ ଦୁବେ ଏବଂ ରବୀନ୍ଦ୍ର ଜାଡେଜା (୨)ଙ୍କ ଉଇକେଟ ନେବାରୁ ଭାରତ ସ୍କୋର ୧୭୬ ରନ୍‌ରେ ସୀମିତ ରହିଯାଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ କେଶବ ମହାରାଜ ଓ ଏନ୍‌ରିଚ୍ ନର୍ଜେ ୨ଟି ଲେଖାଏ ଏବଂ ମାର୍କୋ ଜାନସେନ ଓ କାଗିଶୋ ରାବାଡ଼ା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ସର୍ବାଧିକ ରନ୍

| ଖେଳାଳି | ମ୍ୟାଚ୍ | ଇନିଂସ | ଆଭରେଜ୍ | ରନ୍ |
|---|---|---|---|---|
| ରେହମାନୁଲ୍ଲା ଗୁରବାଜ | ୮ | ୮ | ୩୫.୧୨ | ୨୮୧ |
| ରୋହିତ ଶର୍ମା | ୮ | ୮ | ୩୬.୭୧ | ୨୫୭ |
| ଟ୍ରାଭିସ୍ ହେଡ୍ | ୭ | ୭ | ୪୨.୫୦ | ୨୫୫ |
| କ୍ୱିଣ୍ଟନ୍ ଡିକକ୍ | ୯ | ୯ | ୨୭.୦୦ | ୨୪୩ |
| ଇବ୍ରାହିମ୍ ଜଦ୍ରାନ୍ | ୮ | ୮ | ୨୮.୮୮ | ୨୩୧ |

## ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ-କ-କ୍ଲାସେନ-ବୋ-ମହାରାଜ-୯
କୋହଲି-କ-ରାବାଡା-ବୋ-ଜାନସେନ-୭୬
ରିଷଭ ପନ୍ତ-କ-ଡି'କକ୍-ବୋ-ମହାରାଜ-୦
ସୂର୍ଯ୍ୟକୁମାର-କ-କ୍ଲାସେନ-ବୋ-ରାବାଡା-୩
ଅକ୍ଷର ପଟେଲ-ରନଆଉଟ (ଡି'କକ୍)-୪୭
ଶିବମ ଦୁବେ-କ-ମିଲର-ବୋ-ନୋର୍ଜେ-୨୭
ହାର୍ଦ୍ଦିକ ପାଣ୍ଡ୍ୟା-ନଟଆଉଟ-୫
ଜାଡେଜା-କ-ମହାରାଜ-ବୋ-ନୋର୍ଜେ-୨
ଅତିରିକ୍ତ-୭
ମୋଟ: (୨୦ ଓଭର, ୭ଉଇକେଟ) ୧୭୬।
ଉଇକେଟ ପତନ: ୧/୨୩, ୨/୨୩, ୩/୩୪, ୪/୧୦୬, ୫/୧୬୩, ୬/୧୭୪, ୭/୧୭୬।

**ବୋଲିଂ (ଦକ୍ଷିଣ ଆଫ୍ରିକା)**
ମାର୍କୋ ଜାନସେନ ୪-୦-୪୯-୧
କେଶବ ମହାରାଜ ୩-୦-୨୩-୨
କାଗିସୋ ରାବାଡା ୪-୦-୩୬-୧
ଏଡେନ ମାରକ୍ରମ ୨-୦-୧୬-୦
ଏନ୍‌ରିଚ ନୋର୍ଜେ ୪-୦-୨୬-୨
ଟାବ୍ରେଜ ଶାମ୍‌ସି ୩-୦-୨୬-୦

**ଦକ୍ଷିଣ ଆଫ୍ରିକା ଇନିଂସ**
ରିଜା ହେଣ୍ଡ୍ରିକ୍ସ-ବୋ-ବୁମ୍‌ରା-୪
ଡି'କକ୍-କ-କୁଲଦୀପ-ବୋ-ଅର୍ଶଦୀପ-୩୯
ମାରକ୍ରମ-କ-ପନ୍ତ-ବୋ-ଅର୍ଶଦୀପ-୪
ଟ୍ରିଷ୍ଟାନ ଷ୍ଟବ୍ସ-ବୋ-ଅକ୍ଷର-୩୧
କ୍ଲାସେନ-କ-ପନ୍ତ-ବୋ-ପାଣ୍ଡ୍ୟା-୫୨
ମିଲର-କ-ସୂର୍ଯ୍ୟକୁମାର-ବୋ-ପାଣ୍ଡ୍ୟା-୨୧
ଜାନସେନ-ବୋ-ବୁମ୍‌ରା-୨
କେଶବ ମହାରାଜ- ନଟଆଉଟ-୨
ରାବାଡା-କ-ସୂର୍ଯ୍ୟକୁମାର-ବୋ-ହାର୍ଦ୍ଦିକ-୪
ନୋର୍ଜେ-ନଟଆଉଟ-୧
ଅତିରିକ୍ତ: ୯
ମୋଟ (୨୦ ଓଭର, ୮ଉଇକେଟ) ୧୬୯।
ଉଇକେଟ ପତନ: ୧/୭, ୨/୧୨, ୩/୭୦, ୪/୧୦୬, ୫/୧୫୧, ୬/୧୫୬, ୭/୧୬୧, ୮/୧୬୮।

**ବୋଲିଂ (ଭାରତ)**
ଅର୍ଶଦୀପ ସିଂ ୪-୦-୨୦-୨
ଯଶପ୍ରୀତ ବୁମ୍‌ରା ୪-୦-୧୮-୨
ଅକ୍ଷର ପଟେଲ ୪-୦-୪୯-୧
କୁଲଦୀପ ଯାଦବ ୪-୦-୪୫-୦
ହାର୍ଦ୍ଦିକ ପାଣ୍ଡ୍ୟା ୩-୦-୨୦-୩
ରବୀନ୍ଦ୍ର ଜାଡେଜା ୧-୦-୧୨-୦।

## ସର୍ବାଧିକ ଉଇକେଟ

| ଖେଳାଳି | ମ୍ୟାଚ୍ | ଓଭର | ଆଭରେଜ | ଉଇକେଟ |
|---|---|---|---|---|
| ଫଜଲ୍ଲକ ଫାରୁକି | ୮ | ୨୫.୨ | ୯.୪୧ | ୧୭ |
| ଅର୍ଶଦୀପ ସିଂ | ୮ | ୩୦ | ୧୨.୬୫ | ୧୭ |
| ଯଶପ୍ରୀତ୍ ବୁମରା | ୮ | ୨୯.୪ | ୮.୨୭ | ୧୫ |
| ଆନରିଚ୍ ନର୍ଜେ | ୯ | ୩୫ | ୧୩.୪୦ | ୧୫ |
| ରଶିଦ୍ ଖାଁ | ୮ | ୨୯ | ୧୨.୭୯ | ୧୪ |

## ମୁଖ୍ୟ ଆଇସିସି ଇଭେଣ୍ଟ ଟି୨୦ ବିଶ୍ୱକପ: ସର୍ଭେ

ବ୍ରିଜ୍‌ଟାଉନ୍,୨୯।୬(ପି.ଟି.)

ଟି୨୦ ବିଶ୍ୱକପକୁ ବର୍ତ୍ତମାନ ଆଇସିସିର ମୁଖ୍ୟ ଇଭେଣ୍ଟ ଭାବରେ ବିବେଚନା କରାଯାଉଛି। ୱାର୍ଲ୍ଡ କ୍ରିକେଟ ଆସୋସିଏଶନ(ଡବ୍ଲ୍ୟୁସିଏ) ପକ୍ଷରୁ ଅନୁଷ୍ଠିତ ଏକ ସର୍ଭେରେ ଏହି ତଥ୍ୟ ସାମ୍ନାକୁ ଆସିଛି। ପୂର୍ବରୁ ଦିନିକିଆ କ୍ରିକେଟ ବିଶ୍ୱକପକୁ ଏହି ମାନ୍ୟତା ମିଳୁଥିଲା। ୨୦୧୯ରେ ଡବ୍ଲ୍ୟୁସିଏ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ଦିନିକିଆ କ୍ରିକେଟ ବିଶ୍ୱକପକୁ ୮୫ ପ୍ରତିଶତ ଖେଳାଳି ମୁଖ୍ୟ ଇଭେଣ୍ଟ ଭାବରେ ଗ୍ରହଣ କରିଥିବା ବେଳେ ୧୫ ପ୍ରତିଶତ ଟି୨୦ ବିଶ୍ୱକପକୁ ମୁଖ୍ୟ ଇଭେଣ୍ଟ କହିଥିଲେ। ତେବେ ୨୦୨୪ରେ ହୋଇଥିବା ସର୍ଭେରେ ଉଭୟ ଦିନିକିଆ ବିଶ୍ୱକପ ଓ ଟି୨୦ ବିଶ୍ୱକପକୁ ୫୦ ପ୍ରତିଶତ ଭୋଟ ମିଳିଛି। ୨୬ ବର୍ଷରୁ କମ୍ ବୟସର ଖେଳାଳି ମାନେ ଟି୨୦ କ୍ରିକେଟ ବିଶ୍ୱକପକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ସର୍ଭେରେ ଭାରତ, ପାକିସ୍ତାନ ଓ ଆଫଗାନିସ୍ତାନ କ୍ରିକେଟ ଫ୍ୟାନଙ୍କ ମତାମତ ନିଆଯାଇନାହିଁ।

ପ୍ରଥମ ପୃଷ୍ଠାରୁ...

## ଭାରତ ଜିତିଲା ...

ଭାବାବେଗକୁ ସମ୍ବରଣ କରିପାରି ନ ଥିଲେ। ଅଧିକାଂଶ ଖେଳାଳି ଭାବପ୍ରବଣ ହୋଇ ପଡ଼ିଥିବାବେଳେ ଟିମ୍ ଇଣ୍ଡିଆର ଆରମ୍ଭ ହୋଇଥିଲା ବିଜୟ ଉତ୍ସବ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକାର ଆଇସିସି ଟ୍ରଫି ଜିତିବାର ପ୍ରତୀକ୍ଷା ପୁଣି ବଢ଼ିଛି। ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ଏହି ଦଳ ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି।

ପିଚ୍ ଓ ପରିବେଶକୁ ଦୃଷ୍ଟିରେ ରଖି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ କରିଥିଲା। ୧୭୭ ରନ ବିଜୟ ଲକ୍ଷ୍ୟନେଇ ଦକ୍ଷିଣ ଆଫ୍ରିକା ଏକଦା ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ ହେଁ ୨୦ ଓଭରରେ ୮ ଉଇକେଟ ହରାଇ ୧୬୯ ରନ୍‌ରେ ସୀମିତ ରହିଲା।



ବିଶ୍ୱକପ ଫାଇନାଲର ଟସ୍ ପୂର୍ବରୁ ମ୍ୟାଚ୍ ରେଫରିଙ୍କ ସହିତ ଉଭୟ ଦଳର ଅଧିନାୟକ।



ଶଟ୍ ଖେଳିବା ଅବସରରେ ଅକ୍ଷର ପଟେଲ।

# ମହିଳା ହକି କୋଚିଂ କ୍ୟାମ୍ପ: ୩୩ ଖେଳାଳି ମନୋନୀତ

ବେଙ୍ଗାଲୁରୁ, ୨୯।୬(ପି.ଟି.)

ସ୍ଥାନୀୟ ସାଇ ସେଣ୍ଟରଠାରେ ସୋମବାରଠାରୁ ଦୁଇ ମାସ ଧରି ଅନୁଷ୍ଠିତ ହେବାକୁଥିବା ଟ୍ରେନିଂ କ୍ୟାମ୍ପ ପାଇଁ ହକି ଇଣ୍ଡିଆ ତରଫରୁ ଏକ ୩୩ ଜଣିଆ ଭାରତୀୟ ମହିଳା ସମ୍ଭାବ୍ୟ ଗ୍ରୁପ୍ ଘୋଷଣା ହୋଇଛି। ଭାରତୀୟ ଦଳ ଲଣ୍ଡନ ଓ ଆଣ୍ଟୱେର୍ପରେ ଏହାର ସମସ୍ତ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍ ମ୍ୟାଚଗୁଡ଼ିକ ହାରି ଫେରିବା ପରେ କିଛି ସମୟ ପାଇଁ ଛୁଟିରେ ରହିଥିଲା। ଭାରତ ଗତ ମାସରେ ଆଣ୍ଟୱେର୍ପଠାରେ ବେଲଜିୟମ ଓ ଆର୍ଜେଣ୍ଟିନା ବିପକ୍ଷ ସମସ୍ତ ୪ଟି ମ୍ୟାଚରେ ପରାସ୍ତ ହୋଇଥିଲା। ଲଣ୍ଡନରେ ସେମାନେ ଜର୍ମାନୀ (୧-୩) ଓ ଗ୍ରେଟ୍ ବ୍ରିଟେନ (୨-୩)ଠାରୁ ହାରିଯାଇଥିଲେ। ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି, ଆମେ ନିକଟରେ ପ୍ରୋ-ଲିଗ୍‌ର ୟୁରୋପ ଲେଗ୍ ପାଇଁ ନିକଟରେ ଆଣ୍ଟୱେର୍ପ ଓ ଲଣ୍ଡନ ଗସ୍ତ କରିଥିଲୁ। ଫଳାଫଳ ଆମ ସପକ୍ଷରେ ଯାଇ ନ ଥିଲେ ମଧ୍ୟ ଏକ ଦଳ ହିସାବରେ ଆମେ ଅନେକ କିଛି ଶିକ୍ଷା ଲାଭ କରିପାରିଛୁ। ଭାରତୀୟ ମହିଳା ହକି ଦଳ ଭବିଷ୍ୟତରେ ଏକ ଶକ୍ତିଶାଳୀ ଦଳ ହୋଇ ଉଭା ହେବ ଏନେଇ ସେ ଦୃଢ ନିଶ୍ଚିତ। ଏହି କ୍ୟାମ୍ପ ଅଗଷ୍ଟ ୩୧ରେ ଶେଷ ହେବ।

### ସମ୍ଭାବ୍ୟ ଖେଳାଳି ତାଲିକା

ଗୋଲକିପର: ସବିତା, ବିଚୁଦେବୀ ଖାରିବାମ, ବନସାରୀ ସୋଲାଙ୍କି, ମାଧୁରୀ କିଣ୍ଡୋ। ଡିଫେଣ୍ଡର: ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ, ମୋନିକା, ରୋପନୀ କୁମାରୀ, ମହିମା ଚୌଧାରୀ, ଜ୍ୟୋତି ଛେତ୍ରୀ ଓ ପ୍ରୀତି। ମିଡ୍‌ଫିଲ୍ଡର: ସଲିମା ଟେଟେ, ମାରିନା ଲାଲରମଘାରୀ, ବୈଷ୍ଣବୀ ବିଥଲ ଫାଲ୍‌କେ, ନେହା, ଜ୍ୟୋତି, ଏଡୁଲା ଜ୍ୟୋତି, ବଲଜିତ କୌର, ମନୀଷା ଚୌହାନ, ଅକ୍ଷତ ଆବାସୋ ଢେକାଲେ, ଅଜମୀନା କୌର। ଫରୱାର୍ଡ: ସୁନେଲିତା ଟପ୍ପୋ, ମମ୍‌ତାଜ ଖାନ୍, ଲାଲରେମସିଆମି, ସଙ୍ଗୀତା କୁମାରୀ, ଦୀପିକା, ଶର୍ମିଳା ଦେବୀ, ନବନୀତ କୌର, ଦୀପିକା ସୋରେଙ୍ଗ, ପ୍ରୀତି ଦୁବେ, ବନ୍ଦନା କାଟାରିୟା, ଋତୁଜା ଦାଦାସୋ ପିସାଲ।

# ପ୍ରଜ୍ଞାନନ୍ଦ-ଗୁକେଶ ଗେମ୍ ଡ୍ର

ବୁଖାରେଷ୍ଟ(ରୋମାନିଆ), ୨୯।୬(ପି.ଟି.)

ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ସୁପରବେଟ୍ କ୍ଲାସିକ ଚେସ୍ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ନିଜ ଦେଶର ଡି. ଗୁକେଶଙ୍କ ବିପକ୍ଷ ଗେମ୍ ଡ୍ର ରଖିବା ଦ୍ୱାରା ମିଳିତ ଅଗ୍ରଣୀ ଲାଭରୁ ବଞ୍ଚିତ ହୋଇଛନ୍ତି। ଏପ୍ରିଲରେ ଗତ କ୍ୟାଣ୍ଡିଡେଟ୍ ଟୁର୍ନାମେଣ୍ଟରେ ଗୁକେଶଙ୍କଠାରୁ ହାରିଯିବା ପରେ ଚଳିତ ବର୍ଷରୁ ସ୍କୋରକୁ ସମାନସ୍ତରକୁ ଆଣିବା ଲାଗି ପ୍ରଜ୍ଞାନନ୍ଦଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ ଥିଲା। ମାତ୍ର ଗୁକେଶ ଗେମ୍‌କୁ ଡ୍ର' ରଖି ତାହା କରାଇ ଦେଇ ନ ଥିଲେ। ୧୦ଜଣ ଖେଳାଳିଙ୍କୁ ନେଇ ଏହି ଡବଲ ରାଉଣ୍ଡ-ରବିନ ଟୁର୍ନାମେଣ୍ଟର ୩ ଦିନ ମଧ୍ୟରେ ପ୍ରଥମ ଥର ସମସ୍ତ ୫ଟି ଗେମ୍ ଡ୍ର' ରହିଛି। ଅଳ୍ପକେ ବିଜୟ ହାସଲରୁ ବଞ୍ଚିତ ହୋଇଥିବା ଅନ୍ୟ ଜଣେ ଖେଳାଳି ମାକ୍ସିମ ଭାଚିର-ଲାଗ୍ରେଭ ତାଙ୍କ ଫ୍ରେଞ୍ଚ ଟିମ୍‌ମେଟଙ୍କ ବିପକ୍ଷ ଗେମ୍ ଡ୍ର ରଖିଛନ୍ତି। ସମସ୍ତ ଗେମ୍ ଡ୍ର ରହିବାରୁ ଅଗ୍ରଣୀ ପୋଜିଶନରେ କୌଣସି ପରିବର୍ତ୍ତନ ଘଟିନାହିଁ। ଗୁକେଶ ଆମେରିକାର ଫାବିଆନୋ କାରୁଆନାଙ୍କ ସହ ପୂର୍ବଭଳି ମିଳି ଅଗ୍ରଣୀ ରହିଛନ୍ତି। କାରୁଆନା ଉଜବେକିସ୍ତାନର ନୋଦିରବେକ୍ ଅବଦୁସାତ୍ତୋରୋଭଙ୍କ ବିପକ୍ଷ ଗେମ୍ ଅମୀମାଂସିତ ଭାବେ ଶେଷ କରିଛନ୍ତି। ଦୁଇ ଲିଡର ଖେଳାଳିଙ୍କ ପଏଣ୍ଟ ସଂଖ୍ୟା ୨ ରହିଛି। ଭାଚିର ଲାଗ୍ରେଭ, ପ୍ରଜ୍ଞାନନ୍ଦ, ଅଲିରେଜା, ୱେସ୍‌ଲି ସୋ, ଆନିଶ ଗିରି ଓ ନେପମନିଆଚି ପ୍ରତ୍ୟେକ ୧.୫ ପଏଣ୍ଟ ସହ ମିଳିତ ତୃତୀୟ ରହିଛନ୍ତି।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ଜୁନ୍ ୩୦, ୨୦୨୪ | Bhubaneswar, Sunday, June 30, 2024

# ଆସୁଛି ପ୍ୟାରିସ ଅଲିମ୍ପିକ୍ସ

**ଶେଷ ହୋଇଛି ଟି୨୦ କ୍ରିକେଟ ବିଶ୍ୱକପ୍। ଜର୍ମାନୀ ଓ ଆମେରିକାରେ ଚାଲିଛି ବିଶ୍ୱର ଅନ୍ୟ ଦୁଇ ବଡ଼ ପ୍ରତିଯୋଗିତା ୟୁରୋ କପ୍ ଓ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟ। ଏପରି ଏକ ସନ୍ଧିକ୍ଷଣରେ ବିଶ୍ୱର ସବୁଠାରୁ ବଡ଼ ପ୍ରତିଯୋଗିତା ଅଲିମ୍ପିକ୍ସକୁ ନେଇ ଉତ୍ସୁକତା ବଢ଼ିବାରେ ଲାଗିଛି। ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଫ୍ରାନ୍ସର ପ୍ୟାରିସରେ ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା କ୍ରମେ ପାଖେଇ ଆସୁଥିବାବେଳେ 'ଧରିତ୍ରୀ' ପକ୍ଷରୁ ଆରମ୍ଭ ହୋଇଛି ଅବଗଣନା। ଏହି ସ୍ତମ୍ଭରେ ଅଲିମ୍ପିକ୍ସ ଇତିହାସ, ଅତୀତ ରେକର୍ଡ, ବର୍ତ୍ତମାନର ଅପ୍‌ଡେଟ୍ ଆଦି ସ୍ଥାନ ପାଇବ।**

ଶେଷ ହୋଇଛି ଟି୨୦ କ୍ରିକେଟ ବିଶ୍ୱକପ୍। ଜର୍ମାନୀ ଓ ଆମେରିକାରେ ଚାଲିଛି ବିଶ୍ୱର ଅନ୍ୟ ଦୁଇ ବଡ଼ ପ୍ରତିଯୋଗିତା ୟୁରୋ କପ୍ ଓ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟ। ଏପରି ଏକ ସନ୍ଧିକ୍ଷଣରେ ବିଶ୍ୱର ସବୁଠାରୁ ବଡ଼ ପ୍ରତିଯୋଗିତା ଅଲିମ୍ପିକ୍ସକୁ ନେଇ ଉତ୍ସୁକତା ବଢ଼ିବାରେ ଲାଗିଛି। ଆସୁଛି କ୍ରୀଡ଼ା ମହାକୁମ୍ଭ ପ୍ୟାରିସ ଅଲିମ୍ପିକ୍ସ। ଏହି ମେଗା ପ୍ରତିଯୋଗିତା ଫ୍ରାନ୍ସର ପ୍ୟାରିସରେ ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥର ଅଲିମ୍ପିକ୍ସରେ ୩୨ଟି କ୍ରୀଡ଼ାର ୩୨୯ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ପାଖାପାଖି ୧୦,୫୦୦ ଆଥ୍‌ଲେଟ ସମ୍ମିଳିତ ହେବେ। ପ୍ରତିଯୋଗିତାର ମୁଖ୍ୟ ଭେନ୍ୟୁ ହେଉଛି ପ୍ୟାରିସ। ଏହା ବ୍ୟତୀତ ଅନ୍ୟ ୧୬ଟି ସହରର ୩୩ଟି ଭେନ୍ୟୁରେ ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ। ୨୬ ତାରିଖରେ ହେବାକୁଥିବା ଉଦ୍‌ଘାଟନୀ ସମାରୋହକୁ ପ୍ରଥମଥର ପାଇଁ ପାରମ୍ପରିକ ଷ୍ଟାଡିୟମ ବାହାରେ କରିବାକୁ ନିଷ୍ପତ୍ତି ହୋଇଛି। ୭୭୭ କିଲୋମିଟର (୪୮୩ ମାଇଲ) ବିଶିଷ୍ଟ ସିଏନ ନଦୀରେ ଉଦ୍‌ଘାଟନୀ ସମାରୋହ ହେବ ଆଗାମୀ ଅଲିମ୍ପିକ୍ସର ମୁଖ୍ୟ ଆକର୍ଷଣ।

**ପ୍ୟାରିସ ଅଲିମ୍ପିକ୍ସ**

PARiS 2024

**ଆଉ ୨୬ ଦିନ**

୨୦୧୭ ସେପ୍ଟେମ୍ବର ୧୩ରେ ପେରୁର ଲିମାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ୧୩୧ତମ ଅଧିବେଶନରେ ପ୍ୟାରିସ ଅଲିମ୍ପିକ୍ସ ଆୟୋଜନ ଅଧିକାର ପାଇଥିଲା। କେତେକ ସହର ସେମାନଙ୍କ ଦାବିଦାରୀକୁ ପ୍ରତ୍ୟାହାର କରି ନେବା ପରେ କେବଳ ପ୍ୟାରିସ ଓ ଲସ୍ ଏଞ୍ଜେଲ୍ସ ଦୌଡ଼ରେ ରହିଥିଲେ। ଫଳରେ ଆଇଓସି ଏହି ଦୁଇ କ୍ୟାଣ୍ଡିଡେଟ୍ ସହରକୁ ଯଥାକ୍ରମେ ୨୦୨୪ ଓ ୨୦୨୮ ସମର ଅଲିମ୍ପିକ୍ସ ଆୟୋଜନ ଅଧିକାର ପ୍ରଦାନ କରିଥିଲା। ଏହା ନିର୍ବିବାଦରେ ଗ୍ରହଣୀୟ ହୋଇଥିଲା। ପୂର୍ବରୁ ୧୯୦୦ ଓ ୧୯୨୪ରେ ପ୍ୟାରିସରେ ଅଲିମ୍ପିକ୍ସ ଆୟୋଜିତ ହୋଇଥିଲା। ତେଣୁ ଇତିହାସରେ ଦ୍ୱିତୀୟ ସହରଭାବେ ପ୍ୟାରିସ ତୃତୀୟ ଥର ପାଇଁ ଏହି ମେଗା ପ୍ରତିଯୋଗିତାକୁ ଆୟୋଜନ କରିବାକୁ ଯାଉଛି। କେବଳ ଲଣ୍ଡନରେ ୩ ଥର (୧୯୦୮, ୧୯୪୮, ୨୦୧୨) ଅଲିମ୍ପିକ୍ସ ଅନୁଷ୍ଠିତ ହୋଇଛି। ପ୍ୟାରିସ ଅଲିମ୍ପିକ୍ସରେ 'ବ୍ରେକ୍ ଡ୍ୟାନ୍ସିଂ' କ୍ରୀଡ଼ା ଡେବ୍ୟୁ କରିବ। ସେହିପରି ସ୍କେଟବୋର୍ଡିଂ, ସ୍ପୋର୍ଟ୍ସ କ୍ଲାଇମ୍ବିଂ ଓ ସର୍ଫିଙ୍ଗ୍ ପୁଣି ପ୍ରତ୍ୟାବର୍ତ୍ତନ କରିଛି। ଭାରୋତ୍ତୋଳନରୁ ୪ଟି ଇଭେଣ୍ଟ ବାଦ୍ ଦିଆଯାଇଥିବାବେଳେ କାନୋଇଂରେ ୨ଟି ସ୍ପ୍ରିଣ୍ଟ ଇଭେଣ୍ଟ ସ୍ଥାନରେ ୨ଟି ସ୍ଲାଲୋମ ଇଭେଣ୍ଟକୁ ସ୍ଥାନିତ କରାଯାଇଛି। ଆଇଓସି ସଭାପତି ଥୋମାସ ବାକ୍‌ଙ୍କ କାର୍ଯ୍ୟକାଳରେ ଏହାହେବ ଶେଷ ଅଲିମ୍ପିକ୍ସ। ଅଲିମ୍ପିକ୍ସରେ ଏଥର ଭାରତର ୧୦୩ ପ୍ରତିଯୋଗୀ ୨୬ଟି ଇଭେଣ୍ଟରେ ଭାଗନେବାର କାର୍ଯ୍ୟକ୍ରମ ରହିଛି।



କଟକରେ ଶନିବାର ଜାତୀୟ ଟାଏକୋଣ୍ଡୋ ଉଦ୍‌ଘାଟନ ଅବସରରେ ପିଲାମାନଙ୍କ ଗହଣରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଏମ୍‌ପି ଭର୍ତ୍ତୃହରି ମହତାବ।

### ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମ୍‌ରେ ଜାତୀୟ ଟାଏକୋଣ୍ଡୋ ଉଦ୍‌ଘାଟିତ

# ୨୨ ରାଜ୍ୟରୁ ଭାଗନେଲେ ୭୨୩ ପ୍ରତିଯୋଗୀ

**କଟକ,୨୯।୬ (କାର୍ତ୍ତିକ ସାହୁ)**

ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଇଣ୍ଡିଆ ଟାଏକୋଣ୍ଡୋ ଆନୁକୂଲ୍ୟରେ ୩ୟ ଜୁନିୟର(କ୍ୟୁରୋଗୀ ଏବଂ ପୁମ୍‌ସେ) ଓ ସିନିୟର(ପୁମ୍‌ସେ) ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ଦେଶର ୨୨ ରାଜ୍ୟରୁ ୭୨୩ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗୀମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଓଡ଼ିଶା କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଚାମ୍ପିୟନ୍‌ଶିପ୍‌କୁ ଶନିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରତିଯୋଗୀମାନଙ୍କ ମନୋବଳ ବୃଦ୍ଧି କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ଇଣ୍ଡିଆ ଟାଏକୋଣ୍ଡୋ ସଭାପତି ନାମଦେବ ସିର୍ଗାଓଙ୍କର, ୱାର୍ଲ୍ଡ ଟାଏକୋଣ୍ଡୋ ସଂଯୋଜକ କିଆରସ ବାହାରି, କଟକ ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଓଡ଼ିଶା ଟାଏକୋଣ୍ଡୋ ସଭାପତି ଚିନ୍ମୟ ସାହୁ ଏବଂ ସାଧାରଣ ସମ୍ପାଦକ ଚିନ୍ମୟ ବେହେରା, କଟକ ଟାଏକୋଣ୍ଡୋ ସଭାପତି ପ୍ରସନ୍ନ କୁମାର ରାଉତ, ଭାରତୀୟ ଦଳର କୋଚ ଅମରେନ୍ଦ୍ର ପୃଷ୍ଟି, ଭୁବନେଶ୍ୱର ଟାଏକୋଣ୍ଡୋର ସଭାପତି ସୁଦୀପ୍ତା ନନ୍ଦ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ମୁଖ୍ୟ ଭାବେ ଅନ୍ତର୍ଜାତୀୟ ରେଫରି ଦିନେଶ କୁମାର, ପିଟର ଫର୍ନାଣ୍ଡିଜ, ଜୟଶଙ୍କର ପରିଚାଳନା କରିଥିଲେ। ରବିବାର ଏହାର ଉଦ୍‌ଯାପନୀ ହେବ।



ପ୍ରଥମ ଦିବସରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ।

# ପାରାଗୁଏ ବିପକ୍ଷରେ ବ୍ରାଜିଲ୍‌ର ବୃହତ୍ ବିଜୟ

**ଲାସ ଭେଗାସ,୨୯।୬(ପି.ଟି.)**

ଭିନିସିୟସ ଜୁନିୟରଙ୍କ ଡବଲ ଗୋଲରେ କୋପା ଆମେରିକା ୨୦୨୪ରେ ବ୍ରାଜିଲ ଏହାର ପ୍ରଥମ ବିଜୟ ହାସଲ କରିଛି। କୋଷ୍ଟାରିକା ସହ ଗୋଲ ଶୂନ୍ୟ ଡ୍ର ପରେ ବ୍ରାଜିଲ ୪-୧ ଗୋଲରେ ପାରାଗୁଏକୁ ପରାସ୍ତ କରି ବୃହତ୍ ବିଜୟ ହାସଲ କରିଛି। ବ୍ରାଜିଲ ପକ୍ଷରୁ

**ଭିନିସିୟସ୍ ଜୁନିୟରଙ୍କ ଡବଲ ଗୋଲ**

ଭିନିସିୟସ(୩୫ ଓ ୪୫+୫), ସାଭିଓ(୪୩) ଓ ଲୁକାସ ପାକ୍ୱେଟା(୬୫) ମିନିଟରେ ସ୍କୋର କରିଥିଲେ। ପାରାଗୁଏ ପକ୍ଷରୁ ଓମାର ଅଲ୍‌ଡରେଟ୍ (୪୮) ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ପାରାଗୁଏର ଆଣ୍ଡ୍ରେସ୍ କ୍ୟୁବାସଙ୍କୁ ୮୧ ତମ ମିନିଟରେ ରେଡ୍ କାର୍ଡ ମିଳିଥିଲା। ବ୍ରାଜିଲ୍ ପକ୍ଷରୁ ୱେଣ୍ଡେଲ, ଭିନିସିୟସ ଜୁନିୟର ଓ ଲୁକାସ ପାକ୍ୱେଟାଙ୍କୁ ୟେଲୋ କାର୍ଡ ମିଳିଥିଲା। ପାରାଗୁଏର ଫାବିଆନ୍ ବଲବୁଏନା ଓ ହର୍ନେଷ୍ଟୋ କାବାଲେରୋଙ୍କୁ ୟେଲୋ କାର୍ଡ ମିଳିଥିଲା। ଆଣ୍ଡ୍ରେସ୍ କ୍ୟୁବାସଙ୍କୁ ରେଡ୍ କାର୍ଡ ମିଳିବା ଫଳରେ ଅନ୍ତିମ ମିନିଟରେ ପାରାଗୁଏ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ଗ୍ରୁପ୍ ଡି'ରେ ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି ବ୍ରାଜିଲ।


ଭିନିସିୟସ ଜୁନିୟର

ମ୍ୟାଚ୍ ଆରମ୍ଭରୁ ବ୍ରାଜିଲ ଆକ୍ରମଣ ଆରମ୍ଭ କରିଥିଲା। ଉଭୟ ଦଳର ୬ଟି ଲେଖାଏ ଶଟ୍ ଟାର୍ଗେଟରେ ରହିଥିଲେ ମଧ୍ୟ ବ୍ରାଜିଲ ଗୋଲକିପର ଆଲିସନ୍ ବେକର ଚମତ୍କାର ସେଭ୍ କରିଥିଲେ। ୩୫ ତମ ମିନିଟରେ ଭିନିସିୟସ ପ୍ରଥମ ଗୋଲ ଦେଇଥିଲେ। ଏହାର ୮ ମିନିଟ ମଧ୍ୟରେ ସାଭିଓ ଏକ ଗୋଲ ଦେଇ ଦଳକୁ ୨-୦ରେ ଆଗୁଆ କରିଥିଲେ। ପ୍ରଥମ ହାଫ୍ ଶେଷ ହେବା ପୂର୍ବରୁ ଭିନିସିୟସ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଦଳକୁ ୩-୦ରେ ଆଗୁଆ କରିଥିଲେ। ଦ୍ୱିତୀୟ ହାଫ୍‌ର ଖେଳ ଆରମ୍ଭ ହେବା ପରେ ପ୍ରଥମ ୩ ମିନିଟ ମଧ୍ୟରେ ଓମାର ଅଲ୍‌ଡରେଟ୍ ଏକ ଗୋଲ୍ ଦେଇଥିଲେ। ୬୫ ତମ ମିନିଟରେ ବ୍ରାଜିଲକୁ ଏକ ପେନାଲ୍ଟି କିକ୍ ମିଳିଥିଲା। ଏଥିରୁ ସ୍କୋର କରି ଲୁକାସ ପାକ୍ୱେଟା ବ୍ରାଜିଲକୁ ୪-୧ରେ ବିଜୟୀ କରିଥିଲେ।

# କଲମ୍ବିଆ କ୍ୱାର୍ଟର ଫାଇନାଲରେ

**ଗ୍ଲେନ୍‌ଡେଲ୍,୨୯।୬(ପି.ଟି.)**

କୋଷ୍ଟାରିକାକୁ ୩-୦ ଗୋଲରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି କଲମ୍ବିଆ। କ୍ରମାଗତ ବିଜୟ ସହ ପଏଣ୍ଟ ଟେବୁଲରେ ଏହା ଶୀର୍ଷସ୍ଥାନ ବଜାୟ ରଖିବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ୬୨ ପ୍ରତିଶତ ସମୟ ଏହା ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ଦଳ ପକ୍ଷରୁ ଲୁଇସ୍ ଡିଆଜ୍(୩୧), ଡେଭିନ୍‌ସନ୍ ସାଞ୍ଚେଜ୍(୫୯) ଓ ଜନ୍ କୋର୍ଡୋବା(୬୨) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୩୧ ତମ ମିନିଟରେ କଲମ୍ବିଆକୁ ଏକ ପେନାଲ୍ଟି କିକ୍ ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ଲୁଇସ୍ ଡିଆଜ ଦଳକୁ ୧-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ମାତ୍ର ୩ ମିନିଟ ବ୍ୟବଧାନରେ ଦୁଇଟି ଗୋଲ ଦେଇଥିଲା କଲମ୍ବିଆ। ଡେଭିନ୍‌ସନ୍ ସାଞ୍ଚେଜ୍ ୫୯ ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିବା ବେଳେ ଏହାର ୩ ମିନିଟ ମଧ୍ୟରେ ଜନ୍ କୋର୍ଡୋବା ଆଉ ଏକ ଗୋଲ ଦେଇଥିଲେ। ଏହା ସହ ଲଗାତର ୨୫ ମ୍ୟାଚ୍‌ରେ ଅପରାଜେୟ ଧାରା ବଜାୟ ରଖିଛି କଲମ୍ବିଆ। ଏହା ମଧ୍ୟରେ ଦଳ ୨୦ ବିଜୟ ହାସଲ କରିଥିବା ବେଳେ ୫ ମ୍ୟାଚ୍ ଡ୍ର ରହିଛି।

# ଭାରତର ସର୍ବାଧିକ ଦଳଗତ ସ୍କୋର

**ଚେନ୍ନାଇ,୨୯।୬(ପି.ଟି.)**

ଚେନ୍ନାଇରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଏକମାତ୍ର ମହିଳା ଟେଷ୍ଟରେ କ୍ରିକେଟ ଇତିହାସର ସର୍ବାଧିକ ଦଳଗତ ସ୍କୋର ରେକର୍ଡ ନିଜ ନାମରେ କରିଛି। ଭାରତ ୬ ଉଇକେଟ ହରାଇ ୬୦୩ ରନ୍‌ରେ

**ମହିଳା ଟେଷ୍ଟ**

ଇନିଂସ ଘୋଷଣା କରିଥିଲା। ପୂର୍ବରୁ ସର୍ବାଧିକ ଦଳଗତ ସ୍କୋର ୫୭୫/୯ ଅଷ୍ଟ୍ରେଲିଆ ନାମରେ ରହିଥିଲା। ଷ୍ଟମ୍ପ ଅପସାରଣ ସୁଦ୍ଧା ଦକ୍ଷିଣ ଆଫ୍ରିକା ୪ ଉଇକେଟ ହରାଇ ୨୩୬ ରନ୍ ସଂଗ୍ରହ କରିଛି। ହାତରେ ୬ ଉଇକେଟ ଥାଇ ଭ୍ରମଣକାରୀ ଦଳ ୩୬୭ ରନ୍ ପଛରେ ରହିଛି।

ହରମନ୍‌ପ୍ରୀତ୍ କୌର ୬୯ ରନ୍ କରି ଆଉଟ ହୋଇଥିବା ବେଳେ ରିଚା ଘୋଷ ୮୬ ରନ୍ କରିଥିଲେ। ହରମନ୍‌ପ୍ରୀତ ୧୧୫ ବଲ୍ ଖେଳି ୪ ଚୌକା ସହ ୬୯ ରନ୍ କରିଥିଲେ। ଅନ୍ୟ ପକ୍ଷରେ ୯୦ ବଲ୍‌ରୁ ୮୪ କରିଥିବା ରିଚା ୧୬ ଚୌକା ମାରିଥିଲେ। ଦକ୍ଷିଣ ଆଫ୍ରିକା ମାରିଜେନ୍ କାପ୍‌ଙ୍କ ୬୯* ଓ ସୁନ୍ ଲୁସଙ୍କ ୬୫ ରନ୍ ବଳରେ ୪ ଉଇକେଟ ହରାଇ ୨୩୬ ରନ୍ କରିଛି। ସୁନ୍ ଲୁସ୍ ୧୬୪ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିଲେ। ଅପରାଜିତ ରହିଥିବା ମାରିଜେନ୍ କାପ୍ ୧୨୫ ଖେଳି ୮ ଚୌକା ମାରିଛନ୍ତି। ଭାରତ ପକ୍ଷରୁ ସ୍ନେହ ରାଣା ୩ ଓ ଦୀପ୍ତି ଶର୍ମା ୧ ଉଇକେଟ ନେଇଥିଲେ।



ମହିଳା ଟେଷ୍ଟରେ ପ୍ରଥମ ଥର ବୋଲିଂ ଆକ୍ସନରେ ସ୍ମୃତି ମନ୍ଧାନା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୧୧୫.୧ ଓଭରରେ ୬୦୩/୬(ଶେଫାଳି ବର୍ମା-୨୦୫, ସ୍ମୃତି ମନ୍ଧାନା-୧୪୯, ରିଚା ଘୋଷ-୮୬, ଡେଲମି ଟକର-୨/୧୪୧, ଟୁମି ଶେଖୁଖୁନେ-୧/୭୦, ନାଡିନ୍ ଡି କ୍ଲର୍କ-୧/୭୯)।

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ୭୨ ଓଭରରେ ୨୩୬/୪ (ମାରିଜେନ୍ କାପ୍-୬୯*, ସୁନ୍ ଲୁସ୍-୬୫, ସ୍ନେହ ରାଣା-୩/୬୧, ଦୀପ୍ତି ଶର୍ମା-୧/୪୦)।

# ବାରବାଟୀ ଷ୍ଟାଡିୟମ ନବୀକରଣ କାର୍ଯ୍ୟର ତର୍ଜମା ହେଉଛି: କ୍ରୀଡ଼ାମନ୍ତ୍ରୀ

**କଟକ,୨୯।୬(ଶିଳ୍ପା ପ୍ରିୟଦର୍ଶିନୀ)**

ରାଜ୍ୟ ସରକାର ବାରବାଟୀ ଷ୍ଟାଡିୟମ ନବୀକରଣ କାର୍ଯ୍ୟର ତର୍ଜମା କରୁଛନ୍ତି ବୋଲି ଶନିବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମାଛୁଆ ବଜାରସ୍ଥିତ ସର୍କିଟ ହାଉସ୍‌ଠାରେ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ପୂର୍ବ ସରକାର କ'ଣ ଯୋଜନା କରିଥିଲେ ଏବଂ କ'ଣ କାର୍ଯ୍ୟ ହୋଇଛି ସମସ୍ତ କାମର ତର୍ଜମା କରାଯାଉଛି ଏବଂ ପରେ ନବୀକରଣ କାର୍ଯ୍ୟ ଆରମ୍ଭ କରାଯିବ। ବାରବାଟୀରେ ଅନ୍ତର୍ଜାତୀୟ ମ୍ୟାଚ୍ ହେଉଥିବାବେଳେ ଫାୟାର ସେଫ୍‌ଟି ଲାଇସେନ୍ସ ନ ଥିବା ନେଇ ସେ କହିଛନ୍ତି ଯେ ଯେଉଁ ସବୁ ପାରାମିଟର୍‌ର ଆବଶ୍ୟକ ରହିଛି, ତାହାର ବ୍ୟବସ୍ଥା ଖୁବ୍‌ଶୀଘ୍ର କରାଯିବ। ଏହାସହ ଛାତ୍ରୀମାନେ ସ୍କୁଲ ସ୍ତରରେ ଆତ୍ମରକ୍ଷା ନେଇ ପୂର୍ବ ସରକାର ସମସ୍ତ ବ୍ୟବସ୍ଥା କରିଥିଲେ। କିନ୍ତୁ ତାହା କେତେ ମାତ୍ରାରେ କାର୍ଯ୍ୟକାରୀ ହୋଇଛି ତାହାର ତର୍ଜମା କରାଯିବ ଏବଂ ଆଗାମୀ ଦିନରେ ଝିଅମାନଙ୍କୁ ଆତ୍ମରକ୍ଷା କୌଶଳ ନେଇ କିପରି ବିକାଶ କରିହେବ ସେ କାର୍ଯ୍ୟ କରାଯିବ ବୋଲି ସୁରଜ କହିଛନ୍ତି। ଉକ୍ତ ସର୍କିଟ ହାଉସ୍‌ରେ ଅନ୍ୟ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

# ମୟୂରଭଞ୍ଜ, ଭୁବନେଶ୍ୱର 'ବି'ର ବୃହତ୍ ବିଜୟ

**ଭୁବନେଶ୍ୱର, ୨୯।୬ (ତପନ ସ୍ୱାଇଁ)**

**୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

କଟକର ବିଭିନ୍ନ ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହେବା ପରେ ଡିଏଲ୍‌ଏସ୍ ପଦ୍ଧତିରେ ମୀମାଂସା ହୋଇଛି। ମୟୂରଭଞ୍ଜ ଓ ଭୁବନେଶ୍ୱର 'ବି' ଦଳ ବୃହତ୍ ବିଜୟ ହାସଲ କରିଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚରେ ମୟୂରଭଞ୍ଜ ୨୩୯ ରନରେ ରାୟଗଡ଼ାକୁ ପରାସ୍ତ କରିଛି। ଜୟ କୁମାର (୧୪୨ ରନ)ଙ୍କ ଶତକ ଓ ଲୋକନାଥ ପୃଷ୍ଟି ଓ ମୋହିତ ପ୍ରହରାଜଙ୍କ ଅର୍ଦ୍ଧଶତକ ସହାୟତାରେ ମୟୂରଭଞ୍ଜ ନିର୍ଦ୍ଧାରିତ ୪୫ ଓଭରରେ ୯ ଉଇକେଟ ହରାଇ ୩୩୫ ରନ କରିଥିଲା। ଜବାବରେ ରାୟଗଡ଼ା ୩୬.୩ ଓଭରରେ ମାତ୍ର ୯୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ସାହିଲ ମହନ୍ତ ୪ ଉଇକେଟ ଅକ୍ତିଆର କରିଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ବି' ଡିଏଲ୍‌ଏସ୍ ନିୟମରେ ବୌଦ୍ଧକୁ ୨୩୩ ରନରେ ହରାଇ ଦେଇଛି। ଭୁବନେଶ୍ୱର 'ବି' ୪୫ ଓଭରରେ ୯ ଉଇକେଟ ହରାଇ ୩୩୮ ରନ କରିଥିଲା। ଶତକ ହାସଲକାରୀ ଆୟୁଷ ସୂତାର ୧୬୧ ରନ କରିଥିଲେ। ଜବାବରେ ବୌଦ୍ଧ ୩୮.୫ ଓଭରରେ ୧୦୫ ରନକରି ସମସ୍ତ ଉଇକେଟ ହରାଇଥିଲା। ଡ୍ରିମ୍ସ ଷ୍ଟାଡିୟମରେ ସୁନ୍ଦରଗଡ଼ ଡିଏଲ୍‌ଏସ୍ ପଦ୍ଧତିରେ ୬୦ ରନରେ କିଟ୍ ଦଳକୁ ହରାଇ ଦେଇଛି। ସୁନ୍ଦରଗଡ଼ ୪୨ ଓଭରରେ ୨୦୩ ରନରେ ସମସ୍ତ ଉଇକେଟ ହରାଇଥିବାବେଳେ କିଟ୍ ୩୬.୪ ଓଭରରେ ୧୪୧ରେ ଅଲ୍‌ଆଉଟ ହୋଇଥିଲା। ବିଡ଼ାନାସୀ ପଡ଼ିଆରେ କେନ୍ଦ୍ରାପଡ଼ା ଡିଏଲ୍‌ଏସ୍‌ରେ ୬ ଉଇକେଟରେ ନୂଆପଡ଼ାକୁ ପରାସ୍ତ କରିଛି। ନୂଆପଡ଼ା ୧୭୦ ରନରେ ଅଲ୍‌ଆଉଟ ହୋଇଥିବାବେଳେ କେନ୍ଦ୍ରାପଡ଼ା ୨୪ ଓଭରରେ ୪ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରି ନେଇଥିଲା। ଶିଶିର ପଟ୍ଟନାୟକ(୫୧) ଅର୍ଦ୍ଧଶତକ ହାସଲ କରିଥିଲେ। ସନ୍‌ସାଇନ୍ ପଡ଼ିଆରେ କଟକ 'ଏ' ୧୩୦ ରନରେ ନୟାଗଡ଼କୁ ହରାଇ ଦେଇଛି। ସମ୍ମିତ ବେଜ (୧୦୫)ଙ୍କ ଶତକ ଓ ଚନ୍ଦନ ସାହୁ (୭୩)ଙ୍କ ଅର୍ଦ୍ଧଶତକ ସହାୟତାରେ କଟକ 'ଏ' ୫୦ ଓଭରରେ ୭ ଉଇକେଟ ହରାଇ ୩୨୪ ରନ କରିଥିଲା। ନୟାଗଡ଼ ପୂରା ୫୦ ଓଭର ଖେଳିଥିଲେ ହେଁ ୮ ଉଇକେଟ ହରାଇ ୧୯୪ ରନ କରିବାକୁ ସକ୍ଷମ ହୋଇଥିଲା। ନିମପୁର ଗ୍ରାଉଣ୍ଡରେ ସମ୍ବଲପୁର ଓ ଦେବଗଡ଼ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଥିଲା।



ଜୟ କୁମାର


ଆୟୁଷ ସୂତାର


ସମ୍ମିତ ବେଜ

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ